# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ବୁଧବାର, ମେ ୭/୨୦୨୫ (୧୨ ପୃଷ୍ଠା) | Bhubaneswar, Wednesday, May 7/2025 | Page 12 | ₹ 7.00 | DHENKANAL

୫୧ଶ ଭାଗ ୧୬୧ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 161 | ମୂଲ୍ୟ ₹୭/-




**ଦିବ୍ୟଦର୍ଶିନୀଙ୍କ ଶତକ**

ବଲାଙ୍ଗୀର ବିପକ୍ଷ ଓସିଏ ଆନ୍ତଃ ଜିଲା ମହିଳା ଟି୨୦ ସୁପର ଲିଗ୍‌ରେ ଭୁବନେଶ୍ୱରର ସୁଶ୍ରୀ ଦିବ୍ୟଦର୍ଶିନୀ ଶତକ ହାସଲ କରିଛନ୍ତି।

୧୨

୦୨

**ମେଟ୍ ଗାଲାରେ କିଙ୍ଗ ଖାନ୍‌ଙ୍କ ଡେବ୍ୟୁ**

ପ୍ରତିଷ୍ଠିତ ଫେଶନ୍ ଇଭେଣ୍ଟ 'ମେଟ୍ ଗାଲା ୨୦୨୫'ରେ ଅଭିନେତା ଶାହରୁଖ ଖାନ୍ ନିଜର ସ୍ୱତନ୍ତ୍ର ଅନ୍ଦାଜ ସହ ଡେବ୍ୟୁ କରିଛନ୍ତି।





ଦେଶବ୍ୟାପୀ ବୁଧବାର ସିଭିଲ୍ ଡିଫେନ୍ସ ମକ୍ ଡ୍ରିଲ୍ ହେବାକୁ ଥିବାବେଳେ ଏହାର ଅବ୍ୟବହିତ ପୂର୍ବରୁ ପ୍ରୟାଗରାଜରେ ପ୍ରସ୍ତୁତି ଚାଲିଛି।

# ମୋଦି ପାଇଥିଲେ ଆକ୍ରମଣର ଗୋଇନ୍ଦା ରିପୋର୍ଟ: ଖାର୍ଗେ

**ଏପ୍ରିଲ ୨୨ରେ ଜମ୍ମୁ-କଶ୍ମୀରର ପହଲଗାମ୍‌ସ୍ଥିତ ବୈସରନ୍ ଉପତ୍ୟକାରେ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ୨୬ ହିନ୍ଦୁ ପର୍ଯ୍ୟଟକ ପ୍ରାଣ ହରାଇଥିଲେ। ଏହାର ୩ ଦିନ ପୂର୍ବରୁ ଅର୍ଥାତ୍ ୧୯ ତାରିଖରେ ସମ୍ଭାବ୍ୟ ଆକ୍ରମଣ ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଗୋଇନ୍ଦା ରିପୋର୍ଟ ପ୍ରଦାନ କରାଯାଇଥିଲା। କିନ୍ତୁ ସରକାର ଉକ୍ତ ଗୋଇନ୍ଦା ତଥ୍ୟ ସଶସ୍ତ୍ର ବଳକୁ ନ ଦେବାରୁ ଏତେ ବଡ଼ ଆକ୍ରମଣ ଘଟିଗଲା ବୋଲି ମଙ୍ଗଳବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଅଭିଯୋଗ ଆଣିଛନ୍ତି। ଅନ୍ୟପକ୍ଷେ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢ଼ିବାରେ ଲାଗିଥିବାବେଳେ ଖାର୍ଗେ ଏପରି ଦାୟିତ୍ୱହୀନ ମନ୍ତବ୍ୟ ଦେବା ଅନୁଚିତ। ସେ ଯାହା ଦାବି କରୁଛନ୍ତି ସେନେଇ ପ୍ରମାଣ ଦିଅନ୍ତୁ, ନଚେତ୍ ନିଜ ମନ୍ତବ୍ୟ ପାଇଁ କ୍ଷମା ମାଗନ୍ତୁ ବୋଲି ଭାଜପା କହିଛି।**

**ରାଞ୍ଚି/ନୂଆଦିଲ୍ଲୀ,୬।୫**

କଂଗ୍ରେସ ଅଧ୍ୟକ୍ଷ ତଥା ରାଜ୍ୟ ସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ମଙ୍ଗଳବାର ଝାଡ଼ଖଣ୍ଡର ରାଞ୍ଚିରେ ଆୟୋଜିତ 'ସମ୍ବିଧାନ ବଞ୍ଚାଅ' ରାଲିକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ସରକାର ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ଖାର୍ଗେ କହିଛନ୍ତି, ପହଲଗାମ୍ ଆକ୍ରମଣ ସମ୍ପର୍କରେ ଆଗୁଆ ଗୋଇନ୍ଦା ରିପୋର୍ଟ ମିଳିବା ସତ୍ତ୍ୱେ ସେଠାରେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଅଣଦେଖା କରାଯାଇଥିଲା। ଏପରି କି ପ୍ରଧାନମନ୍ତ୍ରୀଙ୍କ ପ୍ରସ୍ତାବିତ କଶ୍ମୀର ଗସ୍ତ କାର୍ଯ୍ୟକ୍ରମକୁ ମଧ୍ୟ ବାତିଲ କରାଯାଇଥିଲା। ଯଦି ଗୋଇନ୍ଦା ତଥ୍ୟ ଆଧାରରେ ଗସ୍ତ ବାତିଲ କଲେ ତେବେ ସେଠାକୁ ଅଧିକ ସୁରକ୍ଷା ବଳ କାହିଁକି ପଠାଇଲେ ନାହିଁ? ସ୍ଥାନୀୟ ପୋଲିସକୁ କାହିଁକି ସତର୍କ କରାଇଲେ ନାହିଁ? ସମ୍ପୃକ୍ତ ଅଞ୍ଚଳରେ ସୀମା ସୁରକ୍ଷା ବଳ (ବିଏସ୍ଏଫ୍) ଯବାନଙ୍କୁ ମୁତୟନ କରାଯିବା ଆବଶ୍ୟକ ଥିଲା। ସୁରକ୍ଷାରେ ତ୍ରୁଟି ହୋଇଥିବା ବିଷୟ ଏପ୍ରିଲ ୨୪ରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ସରକାର ମାନିଥିଲେ। ଯଦି ସେମାନେ ନିଜ ବିଫଳତା ସ୍ୱୀକାର କରିଥିଲେ, ତେବେ ଏତେ ଲୋକଙ୍କ ପ୍ରାଣହାନି ପାଇଁ ନିଜକୁ ଉତ୍ତରଦାୟୀ କରିବା ଉଚିତ। ଏକ ଖବରକାଗଜ ରିପୋର୍ଟକୁ ଭିତ୍ତିକରି ଖାର୍ଗେ ଏହି ପ୍ରସଙ୍ଗ ଉଠାଇଥିବା କହିଥିଲେ ମଧ୍ୟ ନିଜ ଅଭିଭାଷଣରେ ଉକ୍ତ ସୂତ୍ର ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବେ କିଛି ସ୍ପଷ୍ଟ କରିନାହାନ୍ତି। ଖାର୍ଗେ ଆହୁରି କହିଛନ୍ତି, ପହଲଗାମ୍ ଆକ୍ରମଣକୁ ନେଇ କଂଗ୍ରେସ ରାଜନୀତି କରିବାକୁ



ମଲ୍ଲିକାର୍ଜୁନ ଖାର୍ଗେ

ଚାହୁଁନାହିଁ। ଆକ୍ରମଣରେ ପ୍ରାଣ ହରାଇଥିବା ଲୋକଙ୍କୁ ଯେପରି ନ୍ୟାୟ ମିଳିବ ତାହା ସୁନିଶ୍ଚିତ କରିବା ଏକ ସାମୂହିକ ଉଦ୍ୟମ। ତେଣୁ ଆତଙ୍କବାଦ ପ୍ରସଙ୍ଗରେ ସରକାର ପାକିସ୍ତାନ ଉପରେ ଯାହା କାର୍ଯ୍ୟାନୁଷ୍ଠାନ ନେବେ କଂଗ୍ରେସ ତାକୁ ସମର୍ଥନ କରିବ ବୋଲି ଖାର୍ଗେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ବରିଷ୍ଠ ଭାଜପା ନେତା ରବିଶଙ୍କର ପ୍ରସାଦ ଖାର୍ଗେଙ୍କ ଏହି ମନ୍ତବ୍ୟକୁ ନିନ୍ଦା କରିଛନ୍ତି। ରବିଶଙ୍କର କହିଛନ୍ତି, ଖାର୍ଗେ ଜାତୀୟ ସୁରକ୍ଷା ଉପରେ ବିବାଦୀୟ ମନ୍ତବ୍ୟ ଦେଉଥିବା କଂଗ୍ରେସ ନେତାମାନଙ୍କୁ ନିୟନ୍ତ୍ରଣ କରିବା ପରିବର୍ତ୍ତେ ସେମାନଙ୍କ ଗୋଷ୍ଠୀରେ ସାମିଲ ହୋଇଯାଇଛନ୍ତି। ସେମାନେ ଜାତୀୟ ସୁରକ୍ଷାକୁ ମଜଭୁତ କରିବା କଥା କହି ଏହାକୁ ଦୁର୍ବଳ କରିବାକୁ ଉଦ୍ୟମ ଚଳାଇଛନ୍ତି ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ରବିଶଙ୍କର ସମାଲୋଚନା କରିଛନ୍ତି। ସେହିପରି ଭାଜପା ମୁଖପାତ୍ର ସି.ଆର୍. କେଶବନ୍ କହିଛନ୍ତି, ଖାର୍ଗେ ଯାହା ଦାବି କରୁଛନ୍ତି ସେନେଇ ପ୍ରମାଣ ଦିଅନ୍ତୁ। ନଚେତ୍ ନିଜ ମନ୍ତବ୍ୟ ପାଇଁ କ୍ଷମା ମାଗନ୍ତୁ।

## ୧୩ ସୁଦ୍ଧା ଆଣ୍ଡାମାନ ଛୁଇଁପାରେ ମୌସୁମୀ

**ନୂଆଦିଲ୍ଲୀ,୬।୫**

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସନ୍ତା ୧୩ ତାରିଖ ସୁଦ୍ଧା ଦକ୍ଷିଣ ଆଣ୍ଡାମାନ୍ ସାଗର, ଦକ୍ଷିଣ-ପୂର୍ବ ବଙ୍ଗୋପସାଗରର କେତେକ ଅଞ୍ଚଳ ଏବଂ ନିକୋବର ଦ୍ୱୀପପୁଞ୍ଜ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପୂର୍ବାନୁମାନ କରିଛି। ସ୍ୱାଭାବିକ ସମୟଠାରୁ ସପ୍ତାହେ ପୂର୍ବରୁ ଉପରୋକ୍ତ ଅଞ୍ଚଳରେ ମୌସୁମୀ ପହଞ୍ଚିବା ଆଶା କରାଯାଉଛି ବୋଲି ମଙ୍ଗଳବାର ଅପରାହ୍ନରେ ପାଣିପାଗ ବିଭାଗ କହିଛି। ଆଣ୍ଡାମାନ ସାଗରରେ ମୌସୁମୀ ପହଞ୍ଚିବାର ୧୫ ଦିନ ମଧ୍ୟରେ କେରଳର ଦକ୍ଷିଣ-ପଶ୍ଚିମ ଉପକୂଳ ଛୁଇଁଥାଏ। ଆଣ୍ଡାମାନ୍‌ରେ ସଅଳ ପହଞ୍ଚିବାକୁ ଥିବାରୁ କେରଳରେ ମଧ୍ୟ ଶୀଘ୍ର ମୌସୁମୀ ବର୍ଷା ହେବା ଆଶା କରାଯାଏ।

# କ୍ଷୀରରେ ଅପମିଶ୍ରଣ, ଜୀବନ ସହ ଖେଳ

## ୫୦ ବସ୍ତା ଅପମିଶ୍ରିତ ଦୁଗ୍ଧ ପାଉଡର ଜବତ, ଅଭିଯୁକ୍ତ ଫେରାର

**କମ୍ ଖର୍ଚ୍ଚରେ ଅଧିକ ଲାଭ ଆଶା ରଖି କେତେକ ଲୋକ ଜନସାଧାରଣଙ୍କୁ ଠକୁଛନ୍ତି। ଏପରି କି କ୍ଷୀର ଭଳି ଏକ ଅତ୍ୟାବଶ୍ୟକ ସାମଗ୍ରୀରେ ରାସାୟନିକ ପଦାର୍ଥ ବ୍ୟବହାର କରି ଅନ୍ୟମାନଙ୍କ ଜୀବନ ସହ ଖେଳିବାକୁ ପଛାଉନାହାନ୍ତି। ଅନ୍ୟକେହି ଯେପରି ଜାଣି ନ ପାରିବେ ସେଥିଲାଗି ଏହି ଅପମିଶ୍ରଣ ଓମ୍‌ଫେଡ୍ ଦ୍ୱାରା ପରିଚାଳିତ ଦୁଗ୍ଧ ସଂଗ୍ରହ କେନ୍ଦ୍ରରେ ଚଳାଇଥିଲେ। ଏଭଳି ଏକ ଅପମିଶ୍ରିତ ଗୋଦାମ ଠାବ ହୋଇଛି ଜଗତ୍‌ସିଂହପୁର ଜିଲାରେ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଖାଦ୍ୟ ସୁରକ୍ଷା ଅଧିକାରୀ ମଙ୍ଗଳବାର ବାଲିକୁଦା ବ୍ଲକ ଅନ୍ତର୍ଗତ ତରାସାହିସ୍ଥିତ ଏକ ଦୁଗ୍ଧ ସଂଗ୍ରହ କେନ୍ଦ୍ରରେ ଚଢ଼ାଉକରି ବହୁ ପରିମାଣର ଅପମିଶ୍ରିତ କ୍ଷୀର ଏବଂ ୫୦ ବସ୍ତା ସିନ୍ଥେଟିକ୍ ମିଲ୍କ ପାଉଡର ଜବତ କରିଛନ୍ତି।**



**ଜଗତ୍‌ସିଂହପୁର,୬।୫ (ପ୍ରମୋଦ କୁମାର ନାୟକ)**

ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ଅନ୍ତର୍ଗତ ତରାସାହି ଗ୍ରାମରେ ଓମ୍‌ଫେଡ୍ ଦ୍ୱାରା ପରିଚାଳିତ ଏକ ଦୁଗ୍ଧ ସଂଗ୍ରହ କେନ୍ଦ୍ରରେ ମଙ୍ଗଳବାର ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ଚଢ଼ାଉ କରି କ୍ଷୀରରେ ମିଶ୍ରଣ ପାଇଁ ଲୁଚାଇ ରଖାଯାଇଥିବା ୫୦ ବସ୍ତା(୧୨୫୦ କିଲୋଗ୍ରାମ) ଅପମିଶ୍ରିତ ପାଉଡର୍ ଜବତ କରିଛନ୍ତି। ଏହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ତେବେ ଏତେ ପରିମାଣର ଅପମିଶ୍ରିତ ପାଉଡର କେଉଁ ଉଦ୍ଦେଶ୍ୟରେ ରଖାଯାଇଥିଲା ତା'ର ସ୍ପଷ୍ଟ ସୂଚନା ମିଳି ନ ଥିଲେ ସୁଦ୍ଧା କ୍ଷୀରର ପରିମାଣ ସହ ପାରାମିଟର ବୃଦ୍ଧି ପାଇଁ ବ୍ୟବହାର ହେଉଥିଲା ବୋଲି କୁହାଯାଉଛି। ଏଥିସହ ପନିର୍ ପ୍ରସ୍ତୁତିରେ ଏହି ପାଉଡର୍ ସହାୟକ ହେଉଥିଲା ବୋଲି ଆଲୋଚନା ହେଉଛି। ଜୀବନ ସହ ଖେଳୁଥିବା ଏଭଳି ବ୍ୟକ୍ତିମାନଙ୍କ ବିରୋଧରେ କଠୋର ଦଣ୍ଡବିଧାନ କରିବା ପାଇଁ ବୁଦ୍ଧିଜୀବୀଙ୍କ ପକ୍ଷରୁ ଦାବି ହୋଇଛି।

ଜଗତ୍‌ସିଂହପୁର ଖାଦ୍ୟ ସୁରକ୍ଷା ଅଧିକାରିଣୀ(ଫୁଡ୍ ସେଫ୍ଟି ଅଫିସର) ସମିତା ଦାସଙ୍କ କହିବାନୁସାରେ, ଉପଜିଲାପାଳ ବିଶେଷ ସୂତ୍ରରୁ ଖବର ପାଇ ଚଢ଼ାଉ ପାଇଁ ନିର୍ଦ୍ଦେଶ ଦେଇଥିଲେ। ବାଲିକୁଦା ତହସିଲଦାର, ଆଇଆଇସି ଏବଂ ନିଜେ ଖାଦ୍ୟ ସୁରକ୍ଷା ଅଧିକାରିଣୀ ଉକ୍ତ ଦୁଗ୍ଧ ସଂଗ୍ରହ କେନ୍ଦ୍ରରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ଉକ୍ତ କେନ୍ଦ୍ରର ପରିଚାଳକ ତଥା ମା' ଛତରାଇ ଦୁଗ୍ଧ ସମବାୟ ସମିତି ସମ୍ପାଦକ ଉଲ୍ଲାସ ଦାସ ସେଠାରୁ ଖସି ପଳାଇଯାଇଥିଲେ। ଯାଞ୍ଚ ସମୟରେ ୨୫ କିଲୋଗ୍ରାମ ହିସାବରେ ୪୦ ବସ୍ତା ବିଭିନ୍ନ ବ୍ରାଣ୍ଡର ଅପମିଶ୍ରିତ ପାଉଡର ଗଚ୍ଛିତ ଥିବା ଜଣାପଡ଼ିଥିଲା। ଏହାବାଦ୍ ଆଉ ୧୦ ବସ୍ତାରେ ୨୫ଟି କିଲିକିଆ ପ୍ୟାକେଟ୍ ଥିବା ଜଣାଯାଇଥିଲା। ଏତେ ପରିମାଣର ଅପମିଶ୍ରିତ ପାଉଡର୍ ବ୍ୟବହାର ପାଇଁ ଗଚ୍ଛିତ ରଖାଯିବା ସାଧାରଣ କଥା ନୁହେଁ। ବିଭାଗ ଏହାକୁ ଗମ୍ଭୀରତାର ସହ ନେଇଛି। ନମୁନା ସଂଗ୍ରହ କରାଯାଇ ଷ୍ଟେଟ୍ ଫୁଡ୍ ଟେଷ୍ଟିଂ ଲାବରେଟୋରି ପଠାଯିବ। ତା'ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଦାସ କହିଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇଙ୍କୁ ପଚାରିବାରୁ ସେ କହିଥିଲେ, ବିଶେଷ ସୂତ୍ରରୁ ଖବର ପାଇ ଚଢ଼ାଉ କରାଯାଇଥିଲା। ଉଲ୍ଲାସଙ୍କ ଘର ଆଗରେ ଚଢ଼ାଉ ଟିମ୍‌ର ଗାଡ଼ି ପହଞ୍ଚିବାପରେ ସେ ସନ୍ଦେହ କରି ଖସି ପଳାଇଥିଲେ। ତାଙ୍କୁ ଡାକିବା ପାଇଁ ପରିବାର ଲୋକଙ୍କୁ କୁହାଯାଇଥିଲେ ସୁଦ୍ଧା ସେ ଆସି ନ ଥିଲେ। ପାଉଡର୍ ବସ୍ତାଗୁଡ଼ିକ ତାଙ୍କ ଘର ପାର୍ଶ୍ୱ ଅନ୍ୟ ଜଣେ ବ୍ୟକ୍ତିଙ୍କ ବାରଣ୍ଡାରେ ପଲିଥିନ୍ ଘୋଡ଼ାଇ ରଖିଥିଲେ। ତେବେ ଏତେ ପରିମାଣର ପାଉଡର ଗଚ୍ଛିତ ପଛର ରହସ୍ୟ ଜାଣିବା ପାଇଁ ପୋଲିସର ଆଶ୍ରୟ ନିଆଯିବ ବୋଲି ତରାଇ କହିଛନ୍ତି। କେତେଜଣଙ୍କ କହିବା କଥା ହେଲା, ୧ କିଲୋଗ୍ରାମ ପାଉଡର୍‌ରେ ୧୦ଲିଟର୍ କ୍ଷୀର ହେଉଛି। ଆଉ କେତେଜଣ କହୁଛନ୍ତି କମ୍ କ୍ଷୀରରେ କିଛି ପାଉଡର ମିଶାଯାଇ ପରିମାଣ ବୃଦ୍ଧି କରାଯାଉଛି। ସେହିପରି ପନିରରେ ଏହା ମଧ୍ୟ ବ୍ୟବହାର ହେଉଛି। ତେବେ ପରୀକ୍ଷା ରିପୋର୍ଟ ଆସିଲା ପରେ ବାସ୍ତବରେ ଏହା ଜୀବନ ପ୍ରତି ବିପଦ ସୃଷ୍ଟିକରେ କି ନୁହେଁ ତାହା ସ୍ପଷ୍ଟ ହୋଇଯିବ ବୋଲି ଉପଜିଲାପାଳ କହିଛନ୍ତି। ଅପରପକ୍ଷରେ ଖାଇବା ସୋଡା, ଲୁଣ, ଯୁରିଆ ଓ ରିଫାଇନ ତେଲ ସହ ଉକ୍ତ ନକଲି ପାଉଡର୍ ମିଶାଯାଇ ପ୍ରକୃତ କ୍ଷୀରର ପରିମାଣକୁ ଦ୍ୱିଗୁଣିତ କରି ଦିଆଯାଏ। ଏପରି କି ତାହା ଅପମିଶ୍ରିତ ବୋଲି ଜାଣିବା ସହଜ ହେଉ ନ ଥିବାରୁ ଅସାଧୁ ବ୍ୟକ୍ତିମାନେ ଏହାର ଭରପୂର ଫାଇଦା ଉଠାଉଛନ୍ତି ବୋଲି କେତେଜଣ ଦୁଗ୍ଧ ସମବାୟ ସମିତି ସମ୍ପାଦକ ନାମ ଗୋପନ ରଖି କହିଛନ୍ତି।

## ଦୁର୍ଘଟଣା ପୀଡ଼ିତଙ୍କୁ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ୟାଶ୍‌ଲେସ୍ ଚିକିତ୍ସା

**ନୂଆଦିଲ୍ଲୀ,୬।୫**


ଜରୁରୀ ଚିକିତ୍ସାରେ ଉନ୍ନତି ଆଣିବା ପାଇଁ କେନ୍ଦ୍ର ସରକାର ଏକ ବଡ଼ ପଦକ୍ଷେପ ସ୍ୱରୂପ ଦେଶବ୍ୟାପୀ ସମସ୍ତ ସଡ଼କ ଦୁର୍ଘଟଣା ପୀଡ଼ିତଙ୍କ ପାଇଁ କ୍ୟାଶ୍‌ଲେସ୍ ଚିକିତ୍ସା ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାରେ ଦେଶର ସମସ୍ତ ସରକାରୀ ଓ ଘରୋଇ ହସ୍ପିଟାଲରେ ସଡ଼କ ଦୁର୍ଘଟଣା ପୀଡ଼ିତଙ୍କ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସୁବିଧା ମିଳିବ। ଦୁର୍ଘଟଣା ପରବର୍ତ୍ତୀ ଗୁରୁତ୍ୱପୂର୍ଣ୍ଣ 'ସୁବର୍ଣ୍ଣ ସମୟ'ରେ ଜରୁରୀ ଚିକିତ୍ସା ଯୋଗାଇଦେଇ ଜୀବନ ବଞ୍ଚାଇବା ଉଦ୍ଦେଶ୍ୟରେ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଏହି ଯୋଜନା ଘୋଷଣା କରାଯାଇଛି। ମନ୍ତ୍ରଣାଳୟ କ୍ୟାଶ୍‌ଲେସ୍ ଟ୍ରିଟ୍‌ମେଣ୍ଟ ଅଫ୍ ରୋଡ୍ ଆକ୍ସିଡେଣ୍ଟ ଭିକ୍ଟିମ୍ ସ୍କିମ୍, ୨୦୨୫ ଭାବେ ପୂର୍ବରୁ ଜଣାଶୁଣା ଏହି ଯୋଜନାର ଲକ୍ଷ୍ୟ ହେଲା ତ୍ୱରିତ୍ ଏବଂ ଜରୁରୀ ଚିକିତ୍ସା ମାଗଣାରେ ଯୋଗାଇଦେଇ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା କମାଇବା। ୨୦୨୩ରେ ଭାରତରେ ମୋଟ ୪,୮୦,୦୦୦ ରାସ୍ତା ଦୁର୍ଘଟଣା ହୋଇଥିବାବେଳେ ସେଥିରେ ୧,୭୨,୦୦୦ ଜଣଙ୍କ ଜୀବନ ଯାଇଥିଲା। ତୁରନ୍ତ ଡାକ୍ତରୀ ଚିକିତ୍ସା ମିଳିଥିଲେ ଅନେକଙ୍କ ଜୀବନ ରକ୍ଷା ହୋଇପାରିଥାନ୍ତା। ତେଣୁ ଦୁର୍ଘଟଣାର ଠିକ୍ ପରବର୍ତ୍ତୀ ସୁବର୍ଣ୍ଣ ସମୟରେ ଚିକିତ୍ସା ଯୋଗାଇଦେବା ଉପରେ ନୂଆ ଯୋଜନା ଗୁରୁତ୍ୱ ଦେଉଛି। ଦୁର୍ଘଟଣାର ୭ ଦିନ ମଧ୍ୟରେ ଏହି ସୁବିଧା ଉପଲବ୍ଧ ହେବାକୁ ଥିବାବେଳେ ଏହା ସମସ୍ତେ ପାଇପାରିବେ।


**ଆଜିର ସମ୍ପାଦକୀୟ**

**କଫ୍ ସିରପ୍‌ର ମଜା**


# ମାନବ ବିକାଶ ସୂଚକାଙ୍କ: ଶ୍ରୀଲଙ୍କା ତଳେ ଭାରତ

**ନୂଆଦିଲ୍ଲୀ, ୬।୫**



**ଶୀର୍ଷରେ ଆୟର୍ଲାଣ୍ଡ**

ୟୁନାଇଟେଡ୍ ନେଶନ ଡେଭେଲପ୍‌ମେଣ୍ଟ ପ୍ରୋଗାମ (ୟୁଏନ୍‌ଡିପି) ପକ୍ଷରୁ ମଙ୍ଗଳବାର ଜାରି ହୋଇଥିବା ମାନବ ବିକାଶ ସୂଚକାଙ୍କ(ଏଚ୍‌ଡିଆଇ)ରେ ଭାରତ ୧୯୩ ଦେଶ ମଧ୍ୟରୁ ୧୩୦ତମ ସ୍ଥାନରେ ରହିଛି। ୨୦୨୨ରୁ ୨୦୨୩ ମଧ୍ୟରେ ଭାରତର ଏଚ୍‌ଡିଆଇ ର୍‍ୟାଙ୍କିଙ୍ଗ୍ ୧୩୩ତମ ସ୍ଥାନରୁ ଉନ୍ନୀତ ହୋଇ ୧୩୦ ତମ ସ୍ଥାନରେ ପହଞ୍ଚିଛି। ସେହିପରି ୨୦୨୨ରେ ଭାରତର ଏଚ୍‌ଡିଆଇ ଭାଲ୍ୟୁ ୦.୬୭୬ ଥିବାବେଳେ ୨୦୨୩ରେ ଏହା ବୃଦ୍ଧି ଘଟି ୦.୬୮୫ରେ ପହଞ୍ଚିଛି। ୦.୯୭୨ ଏଚ୍‌ଡିଆଇ ଭାଲ୍ୟୁ ସହ ଏହି ସୂଚକାଙ୍କରେ ଆୟର୍ଲାଣ୍ଡ ସର୍ବୋଚ୍ଚ ସ୍ଥାନ ହାସଲ କରିଛି। ନରୱେ, ସୁଇଜରଲାଣ୍ଡ, ଡେନ୍‌ମାର୍କ ଏବଂ ଜର୍ମାନୀ ଯଥାକ୍ରମେ ଦ୍ୱିତୀୟରୁ ପଞ୍ଚମ ସ୍ଥାନରେ ରହିଛନ୍ତି। ଭାରତର ର୍‍ୟାଙ୍କିଙ୍ଗ୍ ପଡ଼ୋଶୀ ବାଂଲାଦେଶ ସହ ସମାନ ରହିଛି। ସେହିପରି ଦେଶର ଅନ୍ୟ ୩ ପଡ଼ୋଶୀ ଶ୍ରୀଲଙ୍କା, ନେପାଳ ଏବଂ ପାକିସ୍ତାନ ଯଥାକ୍ରମେ ଏହି ସୂଚକାଙ୍କରେ ୮୯, ୧୪୫ ଏବଂ ୧୬୮ତମ ସ୍ଥାନରେ ରହିଛନ୍ତି। ୦.୩୮୮ ଏଚ୍‌ଡିଆଇ ଭାଲ୍ୟୁ ସହ ଦକ୍ଷିଣ ସୁଦାନ ଏହି ସୂଚକାଙ୍କର ସର୍ବନିମ୍ନ ସ୍ଥାନରେ ରହିଛି।

ଏହି ରିପୋର୍ଟ ଅନୁଯାୟୀ, ଭାରତ ମଧ୍ୟମ ମାନବ ବିକାଶ ବର୍ଗରେ ରହିଛି। ଉଚ୍ଚ ମାନବ ବିକାଶ ବର୍ଗରେ ରହିବା ପାଇଁ ଆବଶ୍ୟକ ଏଚ୍‌ଡିଆଇ ଭାଲ୍ୟୁ ୦.୭୦୦ର ଭାରତ ନିକଟତର ହୋଇଛି। ତେବେ ଅସମାନତା ଭାରତର ଏଚ୍‌ଡିଆଇ ଭାଲ୍ୟୁକୁ ୩୦.୭% ପର୍ଯ୍ୟନ୍ତ ହ୍ରାସ କରୁଛି, ଯାହା ଭାରତର ଏଚ୍‌ଡିଆଇ ଭାଲ୍ୟୁକୁ ସର୍ବାଧିକ କ୍ଷତି ପହଞ୍ଚାଉଥିବା ଏହି ରିପୋର୍ଟ କହିଛି। ଭାରତରେ ସ୍ୱାସ୍ଥ୍ୟ ଏବଂ ଶିକ୍ଷା କ୍ଷେତ୍ରରେ ରହିଥିବା ଅସମାନତାରେ ଉନ୍ନତି ଆସିଥିବାବେଳେ ଦେଶରେ ଆୟ ଏବଂ ଲିଙ୍ଗଗତ ଅସମାନତା ଏବେ ମଧ୍ୟ ଜାରି ରହିଛି। ଭାରତର ଶ୍ରମଶକ୍ତିରେ ମହିଳାଙ୍କ ଭାଗୀଦାରି ଏବଂ ରାଜନୈତିକ ପ୍ରତିନିଧିତ୍ୱ ଦୃଷ୍ଟିରୁ ମହିଳାଙ୍କ ସ୍ଥିତି ଏବେ ମଧ୍ୟ ଅନ୍ୟ ଦେଶ ତୁଳନାରେ ଦୁର୍ବଳ ଥିବା ଏହି ରିପୋର୍ଟ କହିଛି। ସେହିପରି ଭାରତରେ ପ୍ରତିବ୍ୟକ୍ତିଙ୍କ ହାରାହାରି ଆୟୁ ୭୧.୭ ବର୍ଷରୁ ୭୨ ବର୍ଷକୁ ବୃଦ୍ଧି ପାଇ ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିବା ଏହି ରିପୋର୍ଟ କହିଛି। ୟୁଏନ୍‌ଡିପି ଇଣ୍ଡିଆର ରେସିଡେଣ୍ଟ ରିପ୍ରେଜେଣ୍ଟେଟିଭ୍ ଆଞ୍ଜେଲା ଲୁସିଗି କହିଛନ୍ତି, ୨୦୨୨ ତୁଳନାରେ ୨୦୨୩ରେ ଭାରତ ଏଚ୍‌ଡିଆଇରେ ଉଲ୍ଲେଖନୀୟ ଅଗ୍ରଗତି କରିଛି। ଏହି ରିପୋର୍ଟ ଏଚ୍‌ଡିଆଇର ପ୍ରମୁଖ ଦିଗଗୁଡ଼ିକରେ ଭାରତର ଉନ୍ନତିକୁ ପ୍ରତିଫଳିତ କରୁଛି। ବିଶେଷ କରି ସ୍କୁଲ୍ ଶିକ୍ଷା, ମୁଣ୍ଡ ପିଛା ଜାତୀୟ ଆୟରେ ଭାରତର ପ୍ରଦର୍ଶନରେ ଉନ୍ନତି ଆସିଥିବା ସେ କହିଛନ୍ତି।

# ୩୩ ପଇସା କମିବ ବିଦ୍ୟୁତ୍ ଦର

**ଭୁବନେଶ୍ୱର,୬।୫(ରବିନାରାୟଣ ଜେନା)**

ଦୀର୍ଘଦିନ ପରେ ରାଜ୍ୟର ଖୁଚୁରା ବିଦ୍ୟୁତ୍ ଉପଭୋକ୍ତାଙ୍କ ପାଇ ଭଲ ଖବର ଶୁଣିବାକୁ ମିଳିଛି। ମଙ୍ଗଳବାର ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆରସି)ଙ୍କ ପକ୍ଷରୁ ଜନଶୁଣାଣି ବେଳେ ବିଦ୍ୟୁତ୍ ଟାରିଫ୍ ୟୁନିଟ୍ ପିଛା ୩୩ ପଇସା କମିବ ବୋଲି ଜଣାପଡ଼ିଛି। ବିଦ୍ୟୁତ୍ ବିତରଣ କମ୍ପାନୀ ଏବଂ ଜନସାଧାରଣଙ୍କ ଯୁକ୍ତି ଶୁଣିବା ପରେ ଆୟୋଗ ଏହି ନିଷ୍ପତ୍ତି ନେଇଛନ୍ତି। ଖୁବ୍‌ଶୀଘ୍ର ଏସଂକ୍ରାନ୍ତରେ ଆୟୋଗଙ୍କ ପକ୍ଷରୁ ସରକାରଙ୍କ ଅନୁମତି ନେବାପରେ ବିଧିବଦ୍ଧ ଘୋଷଣା ହେବ।

ସୂଚନା ଅନୁଯାୟୀ, ଚଳିତବର୍ଷର ଖୁଚୁରା ବିଦ୍ୟୁତ୍ ମୂଲ୍ୟ ନିର୍ଣ୍ଣୟ କରିବାପାଇଁ ଫେବୃଆରୀରେ ହୋଇଥିବା ଜନଶୁଣାଣି ବେଳେ ଓଡ଼ିଶା ପାୱାର ଜେନେରେଶନ କରପୋରେଶନ(ଓପିଜିସି) ଦାଖଲ କରିଥିବା ଦରଖାସ୍ତକୁ ଆୟୋଗ ଫଇସଲା ନ କରି ବିଦ୍ୟୁତ୍ ମୂଲ୍ୟକୁ ଅପରିବର୍ତ୍ତିତ ରଖିଥିଲା। ମଙ୍ଗଳବାର ଓପିଜିସି ଦାଖଲ କରିଥିବା ଟାରିଫ ଦରଖାସ୍ତକୁ ଜନଶୁଣାଣି ପାଇଁ ଗ୍ରହଣ କରିଥିଲା। ଜରୁରୀ କାର୍ଯ୍ୟ ପାଇଁ ଆୟୋଗଙ୍କ ସଭ୍ୟ ଗଜେନ୍ଦ୍ର ମହାପାତ୍ର ଶୁଣାଣି ସମୟରେ ବିରତି ନେଇଥିବା ବେଳେ ଆୟୋଗଙ୍କ ପକ୍ଷରୁ ଅଧ୍ୟକ୍ଷ ପ୍ରଦୀପ କୁମାର ଜେନା ଓ ଅନ୍ୟତମ ସଭ୍ୟ ସୁଶାନ୍ତ ରାୟ ମହାପାତ୍ର ଜନଶୁଣାଣି କରିଥିଲେ। ଓପିଜିସିର ସାଧାରଣ ପରିଚାଳକ ହରେଶ ତ୍ରିପାଠୀ ଦ୍ୱିତୀୟ ପର୍ଯ୍ୟାୟ ପ୍ଲାଣ୍ଟ ପାଇଁ ଗତ ଜନଶୁଣାଣି ସମୟରେ ଅସ୍ଥାୟୀ ଭାବେ ବିଦ୍ୟୁତ୍ ମୂଲ୍ୟ ୟୁନିଟ୍ ପିଛା ୩ ଟଙ୍କା ୪୦




ପଇସା ଅନୁମୋଦନ ସମ୍ପର୍କରେ ସୂଚନା ପ୍ରଦାନକରି ଦରଖାସ୍ତଟିକୁ ଅନୁମୋଦନ ପାଇଁ ଆୟୋଗଙ୍କୁ ନିବେଦନ କରିଥିଲେ।

ଜନଶୁଣାଣି ବେଳେ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଥିଲେ, ଓଡ଼ିଶାର ସମୁଦାୟ ବିଦ୍ୟୁତ୍ ଚାହିଦାର ଏକ-ତୃତୀୟାଂଶ ଭାଗ ଓପିଜିସି ପୂରଣ କରୁଛି। ଓପିଜିସିର ତୃତୀୟ ପର୍ଯ୍ୟାୟ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଗଲେ ଓଡ଼ିଶାର ଅର୍ଦ୍ଧାଧିକ ସିଂହଭାଗ ବିଦ୍ୟୁତ୍ ଚାହିଦା ପୂରଣ କରିବ। ତେଣୁ ଓପିଜିସି ବିଦ୍ୟୁତ୍ ମୂଲ୍ୟ ଉପଭୋକ୍ତା ପଇଠ କରୁଥିବା ଖୁଚୁରା ବିଦ୍ୟୁତ୍ ମୂଲ୍ୟକୁ ଭଲଭାବେ ପ୍ରଭାବିତ କରୁଛି। ଓପିଜିସିରେ ଲୋକଙ୍କ ଅଂଶଧନ ବାବଦକୁ ୪୧୯୨ କୋଟି ଟଙ୍କା ପ୍ରକଳ୍ପରେ ପୁଞ୍ଜିନିବେଶ ହୋଇଥିଲେ ମଧ୍ୟ ଏହାର ସୁଫଳ ଉପଭୋକ୍ତାଙ୍କୁ ମିଳିପାରୁନାହିଁ। ଓପିଜିସିର କୋଇଲା ଖର୍ଚ୍ଚ ଟନ୍ ପିଛା ୧୮୦୦ ଟଙ୍କା ଅସ୍ଥାୟୀ ଭାବେ ଅନୁମୋଦନ ହୋଇଛି। କୋଇଲାର ଏପରି ଅତ୍ୟଧିକ ଅସ୍ଥାୟୀ ମୂଲ୍ୟ ନିରୂପଣ ଉପରେ ଅଭିଯୋଗ ଫର୍ଦ୍ଦ ଦାଖଲ ହୋଇଥିବା ସୂଚନା ଆନନ୍ଦ ଆୟୋଗଙ୍କୁ ଅବଗତ କରିଥିଲେ। ସେ କହିଥିଲେ, ଏହାର ସମାଧାନ ହୋଇଗଲେ ଓପିଜିସି ବିଦ୍ୟୁତ୍ ମୂଲ୍ୟ ୟୁନିଟ୍ ପିଛା ପ୍ରାୟ ୧ ଟଙ୍କା କମ୍ ହୋଇଯିବ, ଯାହାର ସିଧାସଳଖ ଲାଭ ଉପଭୋକ୍ତାଙ୍କୁ ମିଳିବ। ଖୁଚୁରା ବିଦ୍ୟୁତ୍ ମୂଲ୍ୟ ୟୁନିଟ୍ ପିଛା ୩୩ ପଇସା ହ୍ରାସ ଘଟିବ।

**ସଂକ୍ଷେପରେ**

## ୟେମେନ୍ ବନ୍ଦରରେ ଇସ୍ରାଏଲ୍‌ର ବୋମାମାଡ଼

ସାନା,୬।୫

ହୁତି ଆତଙ୍କବାଦୀ ଇସ୍ରାଏଲ୍‌ର ତେଲ୍ ଆଭିଭ୍‌ସ୍ଥିତ ବେନ୍ ଗୁରିଅନ୍ ଏୟାରପୋର୍ଟ ନିକଟରେ ମିଶାଇଲ୍ ମାଡ଼ କରିବାର ଦିନକ ପରେ ଇସ୍ରାଏଲୀ ସେନା ଏହାର ପ୍ରତିଶୋଧ ନେଇଛି। ଇସ୍ରାଏଲ୍ ପକ୍ଷରୁ ସୋମବାର ସନ୍ଧ୍ୟାରେ ୟେମେନ୍‌ର ହୋଦେଇଦାହ ବନ୍ଦରକୁ ଟାର୍ଗେଟ କରି ୩୦ଟି ଯୁଦ୍ଧବିମାନରୁ ବୋମାମାଡ଼ କରାଯାଇଛି। ବନ୍ଦର ଏକ ନିଆଁ ପିଣ୍ଡୁଳାରେ ପରିଣତ ହେବା ସହ ପ୍ରବଳ ଧୂଆଁ ଉଠୁଥିବା ଦେଖିବାକୁ ମିଳିଛି। ଉକ୍ତ ବନ୍ଦର ଦେଇ ଇରାନୀୟ ଅସ୍ତ୍ର ଓ ସାମରିକ ସରଞ୍ଜାମ ଅନ୍‌ସାରଲ୍ଲାହକୁ ଚୋରା ଚାଲାଣ ହେଉଥିଲା ବୋଲି ଇସ୍ରାଏଲ୍ କହିଛି। ବନ୍ଦର ସମେତ ଏକ ସିମେଣ୍ଟ କାରଖାନା କ୍ଷତିଗ୍ରସ୍ତ ହୋଇଥିବାବେଳେ ୨୧ ଜଣ ଆହତ ହୋଇଥିବା ୟେମେନି ଗଣମାଧ୍ୟମ ପକ୍ଷରୁ କୁହାଯାଇଛି।

## ନୂଆ ପୋପ୍ ନିର୍ବାଚନ ପାଇଁ ଆଜି କାର୍ଡିନାଲଙ୍କ ବୈଠକ



ନୂଆଦିଲ୍ଲୀ,୬।୫

ପୋପ୍ ଫ୍ରାନ୍ସିସଙ୍କର ଗତ ଏପ୍ରିଲ ୨୧ରେ ପରଲୋକ ପରେ ନୂଆ ପୋପ୍ ନିର୍ବାଚନ ଲାଗି ବୁଧବାର ଭାଟିକାନ୍ ସିଟିର ସିଷ୍ଟାଇନ୍ ଚାପେଲ୍‌ରେ କାର୍ଡିନାଲମାନଙ୍କ ସଭା ବସିବ। ନିର୍ବାଚନ ପ୍ରକ୍ରିୟାରେ ସର୍ବାଧିକ ୧୩୩ ଜଣ କାର୍ଡିନାଲ। ମଙ୍ଗଳବାରଠାରୁ ସେମାନେ ସିଷ୍ଟାଇନ୍ ଚାପେଲରେ ପହଞ୍ଚିଥିବାବେଳେ ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ସେଠାରେ ରହିବେ। ନିର୍ବାଚନରେ ଗୋପନୀୟତା ପାଇଁ ସମସ୍ତ ମୋବାଇଲ୍ ଫୋନ୍ ସିଗ୍ନାଲକୁ ବୁଧବାର ଅପରାହ୍ନରେ ବ୍ଲକ୍ କରିଦିଆଯିବ। କନ୍‌କ୍ଲେଭ୍ ସମୟରେ ପୂର୍ଣ୍ଣ ଗୋପନୀୟତା ବଜାୟ ରଖିବା ପାଇଁ ସିଷ୍ଟାଇନ୍ ଚାପେଲ ଚାରିପଟେ ସ୍ୱତନ୍ତ୍ର ସିଗ୍ନାଲ ଜାମର ବ୍ୟବହାର କରାଯିବ। ସମସ୍ତ ପ୍ରକାର ଡିଜିଟାଲ ଯୋଗାଯୋଗକୁ ବନ୍ଦ ରଖାଯିବ।

# ଆଜି ମକ୍ ଡ୍ରିଲ୍

# ଆଲର୍ଟରେ ପ୍ରତିରକ୍ଷା ପ୍ରତିଷ୍ଠାନ



ନାଗରିକ ସୁରକ୍ଷା ମକ୍ ଡ୍ରିଲ୍‌ର ଦିନକ ପୂର୍ବରୁ ମଙ୍ଗଳବାର ପ୍ରୟାଗରାଜ ପୋଲିସ ଲାଇନ୍‌ରେ ପୋଲିସ କର୍ମଚାରୀମାନେ ଅଭ୍ୟାସ କରୁଛନ୍ତି।

ନୂଆଦିଲ୍ଲୀ,୬।୫(ପି.ଟି.)

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ସହ ବଢୁଥିବା ଉତ୍ତେଜନାର ଜବାବ ଦେବାକୁ ଯାଇ ଭାରତ ପକ୍ଷରୁ ପ୍ରତିରକ୍ଷା ପ୍ରସ୍ତୁତିକୁ ଜୋର୍‌ଦାର କରାଯାଇଛି। ଏହି କ୍ରମରେ ବୁଧବାର ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପାଖାପାଖି ୩୦୦ ସିଭିଲ୍ ଡିଫେନ୍ସ ଜିଲାରେ ନାଗରିକ ସୁରକ୍ଷା ପ୍ରସ୍ତୁତି ନିମନ୍ତେ ମକ୍ ଡ୍ରିଲ୍ କରାଯିବ। ଆଣବିକ ପ୍ଲାଣ୍ଟ, ସାମରିକ ଘାଟି, ତୈଳ ବିଶୋଧନାଗାର, ଜଳବିଦ୍ୟୁତ୍ ଡ୍ୟାମ୍ ଆଦିକୁ ଆଲର୍ଟରେ ରଖାଯାଇଛି।

ଏହି ଡ୍ରିଲ୍‌ରେ ଏୟାର-ରେଡ୍ ସାଇରନ୍, ନାଗରିକ ତାଲିମ, ବଙ୍କର ପରିଚାଳନା ଆଦି ସାମିଲ ହେବ। ଏଥିରେ ଜିଲାର ବିଭିନ୍ନ ଅଧିକାରୀ, ସିଭିଲ୍ ଡିଫେନ୍ସ ୱାର୍ଡେନ, ସ୍ୱେଚ୍ଛାସେବୀ, ହୋମ୍‌ଗାର୍ଡ, ନ୍ୟାଶନାଲ କ୍ୟାଡେଟ୍ କର୍ (ଏନ୍‌ସିସି), ନ୍ୟାଶନାଲ ସର୍ଭିସ ସ୍କିମ୍ (ଏନ୍‌ଏସ୍‌ଏସ୍), ନେହେରୁ ଯୁବ କେନ୍ଦ୍ର ସଂଗଠନ (ଏନ୍‌ୱାଇକେଏସ୍), ସ୍କୁଲ୍ କଲେଜର ଛାତ୍ରୀଛାତ୍ର ସକ୍ରିୟ ଅଂଶଗ୍ରହଣ କରିବେ। ଏଥିସହ ସରକାରୀ ଓ ଘରୋଇ ଅନୁଷ୍ଠାନର କର୍ମଚାରୀ, ହସ୍ପିଟାଲ କର୍ମଚାରୀ, ରେଲୱେ ଏବଂ ମେଟ୍ରୋ କର୍ମଚାରୀ, ପୋଲିସ, ଅର୍ଦ୍ଧସାମରିକ ଓ ପ୍ରତିରକ୍ଷା ବଳକୁ ମଧ୍ୟ ସାମିଲ କରାଯିବା ପାଇଁ ରାଜ୍ୟ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି। ଅଧିକରୁ ଅଧିକ ଲୋକେ ଯେପରି ସକ୍ରିୟ ଭାବେ ସାମିଲ ହେବେ, ସେଥିପାଇଁ ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା ହୋଇଛି। ସାଧାରଣ ପ୍ରଶାସନିକ ଜିଲାଠାରୁ ସିଭିଲ୍ ଡିଫେନ୍ସ ଜିଲା ଅଲଗା। ଆଣବିକ ପ୍ଲାଣ୍ଟ, ସାମରିକ ଘାଟି, ତୈଳ ବିଶୋଧନାଗାର, ଜଳବିଦ୍ୟୁତ୍ ଡ୍ୟାମ୍ ଆଦି ଥିବା ଅଞ୍ଚଳକୁ ସିଭିଲ୍ ଡିଫେନ୍ସ ଜିଲା ଭାବେ ରାଜ୍ୟ ସରକାର ଚିହ୍ନଟ କରିଥାନ୍ତି।

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ମକ୍ ଡ୍ରିଲ୍ ବେଳେ ଆକାଶମାର୍ଗରୁ ଆକ୍ରମଣଜନିତ ସତର୍କତା ସାଇରନ୍ ବାଜିବ ଏବଂ ନାଗରିକମାନେ ଏହି ସମୟରେ ନିଜକୁ କିପରି ସୁରକ୍ଷିତ ରଖିବେ ସେନେଇ ତାଲିମ ଦିଆଯିବ। ବଙ୍କର ଏବଂ ଟ୍ରେଞ୍ଚକୁ କିପରି ପରିଷ୍କାର କରିବେ ତାହା ମଧ୍ୟ ଶିକ୍ଷା ଦିଆଯିବ। ଏହା ବ୍ୟତୀତ କ୍ରାସ୍-ବ୍ଲାକ୍‌ଆଉଟ୍ ପଦକ୍ଷେପ ସ୍ୱରୂପ ରାତିରେ ଆକ୍ରମଣ ସମୟରେ କିପରି ଆଲୋକ ଲିଭାଇବାକୁ ବା ଖାପ୍‌ସା କରିବାକୁ ହେବ, ତାହା ଶିକ୍ଷା ଦିଆଯିବ, ଯେପରି ଶତ୍ରୁପକ୍ଷ ପାଇଲଟ୍ ଉପରୁ ଉକ୍ତ ଅଞ୍ଚଳକୁ ଦେଖି ନ ପାରିବେ। ମୁଖ୍ୟତଃ ରାସ୍ତାଘାଟ ଆଲୋକ, ଫ୍ୟାକ୍ଟ୍ରି ଆଲୋକ ଏବଂ ଗାଡ଼ିମୋଟର ଆଲୋକ ଉପରେ କଟକଣା ରହିବ। ବିପଦ ଥିବା ଅଞ୍ଚଳରେ ଉଜ୍ଜ୍ୱଳ ବିଜ୍ଞାପନ ସାଇନ୍‌ବୋର୍ଡଗୁଡ଼ିକୁ ହଟାଯିବ। ଗୁରୁତ୍ୱପୂର୍ଣ୍ଣ ପ୍ଲାଣ୍ଟ ଓ ପ୍ରତିଷ୍ଠାନଗୁଡ଼ିକୁ ଘୋଡ଼ାଇବାର ବ୍ୟବସ୍ଥା ହେବା ସହ ଲୋକଙ୍କୁ ସ୍ଥାନାନ୍ତର ଯୋଜନାର ଅଭ୍ୟାସ କରାଯିବ। ଭାରତୀୟ ବାୟୁସେନା ସହ ହଟ୍‌ଲାଇନ୍ ଏବଂ ରେଡିଓ ଯୋଗାଯୋଗ ଲିଙ୍କ୍‌ଗୁଡ଼ିକୁ କାର୍ଯ୍ୟକାରୀ କରାଯିବା ସହ କଣ୍ଟ୍ରୋଲ ରୁମ୍ ଏବଂ ଛାୟା କଣ୍ଟ୍ରୋଲ ରୁମ୍‌ଗୁଡ଼ିକର କାର୍ଯ୍ୟଦକ୍ଷତାର ପରୀକ୍ଷା କରାଯିବ। ନାଗରିକମାନଙ୍କୁ ପାଖରେ ଚିକିତ୍ସା ସାମଗ୍ରୀ, ମହମବତି, ଟର୍ଚ୍ଚ ଏବଂ ପାଖରେ ଜରୁରୀ ଆବଶ୍ୟକତା ପାଇଁ ନଗଦ ଅର୍ଥ ରଖିବାକୁ ପରାମର୍ଶ ଦିଆଯିବ।

### ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ସମୀକ୍ଷା

**୧୯ ସର୍ବାଧିକ ପ୍ରାଥମିକତା ସ୍ଥାନ ଚିହ୍ନଟ**

ନାଗରିକ ସୁରକ୍ଷା ପ୍ରସ୍ତୁତି ଲାଗି ବୁଧବାର ଦେଶବ୍ୟାପୀ ମକ୍ ଡ୍ରିଲ୍ ହେବାକୁ ଯାଉଛି। ଏହା ପୂର୍ବରୁ ମଙ୍ଗଳବାର ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନଙ୍କ ଅଧ୍ୟକ୍ଷତାରେ ଭିଡିଓ କନ୍‌ଫରେନ୍ସ ଜରିଆରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବ ଏବଂ ସିଭିଲ୍ ଡିଫେନ୍ସ ମୁଖ୍ୟମାନେ ଯୋଗ ଦେଇଥିଲେ। ଏହା ବ୍ୟତୀତ ସିଭିଲ୍ ଡିଫେନ୍ସ ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍)ର ମହାନିର୍ଦ୍ଦେଶକ ମଧ୍ୟ ଉପସ୍ଥିତ ଥିଲେ। ଦେଶବ୍ୟାପୀ ସିଭିଲ୍ ଡିଫେନ୍ସ ମକ୍ ଡ୍ରିଲ୍ ପାଇଁ ପ୍ରୋଟୋକଲ୍ ଚୂଡ଼ାନ୍ତ କରିବା ନିମନ୍ତେ ଏହି ବୈଠକ ବସିଥିଲା। ସୁରକ୍ଷା ବ୍ୟବସ୍ଥାରେ ରହିଥିବା ତ୍ରୁଟି ସମ୍ପର୍କରେ ଅଂଶଗ୍ରହଣକାରୀମାନେ ସୂଚାଇଥିଲେ। ଦେଶର ପାଖାପାଖି ୩୦୦ ସ୍ଥାନରେ ନାଗରିକ ସୁରକ୍ଷା ମକ୍ ଡ୍ରିଲ୍ ହେବାକୁ ଥିବାବେଳେ ସେଥିରୁ ସର୍ବାଧିକ ପ୍ରାଥମିକତା ଦିଆଯିବାକୁ ଥିବା ୧୯ଟି ସ୍ଥାନକୁ ଚିହ୍ନଟ କରାଯାଇଛି।

## ଭାରତ ସହ ପ୍ରତିରକ୍ଷା ଚୁକ୍ତିରେ ସଂଶୋଧନ ହୋଇଛି: ମାଲଦ୍ୱୀପ



ମହମ୍ମଦ ମୁଇଜ୍ଜୁ

ନୂଆଦିଲ୍ଲୀ,୬।୫

ମାଲଦ୍ୱୀପ ସାର୍ବଭୌମତ୍ୱ ଏବଂ ସ୍ୱାଧୀନତାରେ ଯେପରି ସାଲିସ୍ କରା ନ ଯିବ, ସେଥିପାଇଁ ଭାରତ ସହ ପ୍ରତିରକ୍ଷା ଚୁକ୍ତିରେ ସଂଶୋଧନ କରାଯାଇଥିବା ଏହାର ପ୍ରତିରକ୍ଷା ମନ୍ତ୍ରୀ ମହମ୍ମଦ ଘାସାନ ମୌମୁନ୍ କହିଛନ୍ତି। ଗତବର୍ଷ ଏକ ଚୁକ୍ତିନାମା ବଳରେ ମାଲଦ୍ୱୀପରେ ପୂର୍ବରୁ ରହିଥିବା ୭୪ ଜଣ ଭାରତୀୟ ସୈନ୍ୟଙ୍କୁ ବିଦା କରାଯାଇଥିଲା। ମାଲଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁ ସୋମବାର ୧୫ ଘଣ୍ଟାର ମାରାଥନ ଖବରଦାତା ସମ୍ମିଳନୀରେ କହିଥିଲେ ଭାରତ ସମେତ ଅନ୍ୟ ଦେଶଗୁଡ଼ିକ ସହ ପୂର୍ବ ସରକାର ବେଳେ ସ୍ୱାକ୍ଷର ହୋଇଥିବା ଚୁକ୍ତିନାମାକୁ ନେଇ ଚିନ୍ତା କରିବାର କିଛି ନାହିଁ। ମଙ୍ଗଳବାର ପାର୍ଲାମେଣ୍ଟ ସଦସ୍ୟମାନେ ଉଠାଇଥିବା ପ୍ରଶ୍ନର ଉତ୍ତର ଦେଇ ମୌମୁନ୍ କହିଛନ୍ତି, ଭାରତ ସହ ଦୀର୍ଘମିଆଦୀ ବନ୍ଧୁତା ପାଇଁ ପୂର୍ବରୁ ସ୍ୱାକ୍ଷରିତ ହୋଇଥିବା ଚୁକ୍ତିରେ ସଂଶୋଧନ ଦେଶର ସାର୍ବଭୌମତ୍ୱ ଓ ସ୍ୱାଧୀନତାର ସୁରକ୍ଷାକୁ ସୁନିଶ୍ଚିତ କରାଯାଇଛି।

## ଆକ୍ରମଣ ଆଶଙ୍କାରେ ପିଓକେ ଲୋକେ ଛାନିଆ

ନୂଆଦିଲ୍ଲୀ,୬।୫

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆଶଙ୍କା କରି ପାକ୍ ଅଧିକୃତ କଶ୍ମୀରର ଜନସାଧାରଣ ଆତଙ୍କିତ ହୋଇଛନ୍ତି। ସେଠାରେ ଏମର୍ଜେନ୍ସି ଭଳି ପରିବେଶ ସୃଷ୍ଟି ହୋଇଛି। ପରିବାରଗୁଡ଼ିକ ସେମାନଙ୍କ ବଙ୍କରକୁ ମଜଭୁତ କରିବା ସହ ସୁରକ୍ଷିତ ସ୍ଥାନକୁ ଯିବା ଯୋଜନା କରୁଛନ୍ତି। ହସ୍ପିଟାଲଗୁଡ଼ିକରେ ଅତ୍ୟାବଶ୍ୟକ ଔଷଧ ମହଜୁଦ ରଖାଯାଉଥିବାବେଳେ ସ୍କୁଲ୍ ପିଲାଙ୍କୁ ଜରୁରୀ ପ୍ରାଥମିକ ଚିକିତ୍ସା ତାଲିମ ଦିଆଯାଉଛି। ତେବେ ଭଗବାନ ଚାହିଁଲେ ସେପରି କିଛି ହେବ ନାହିଁ ବୋଲି ମଜୁଫରାବଦାର ଅଜିମ ଗିଲାନି କହିଛନ୍ତି। ପୂର୍ବରୁ ଏଭଳି ହୋଇଛି। ଯଦି ଭଗବାନ ନ କରନ୍ତି, ତେବେ ସ୍ଥିତି ଖରାପ ହେଲେ ଉଭୟ କଶ୍ମୀରର ଲୋକେ ଅସୁବିଧା ଭୋଗିବେ ବୋଲି ସେ କହିଛନ୍ତି।

ପହଲଗାମ୍ ଆକ୍ରମଣ ପରେ ପାକିସ୍ତାନ ବିଶ୍ୱସ୍ତରରେ ଅଧିକ ଏକଘରିକିଆ ହେବାରେ ଲାଗିଛି। ଏହା କେବଳ ବିଶ୍ୱନୀୟତା ହରାଇନାହିଁ, ବନ୍ଧୁଙ୍କୁ ହରାଇଛି। ସାଉଦି ଆରବ ଏବଂ ୟୁଏଇ ଭଳି ଉପସାଗରୀୟ ଦେଶଗୁଡ଼ିକ ଆତଙ୍କବାଦୀ ଆକ୍ରମଣକୁ ଦୃଢ଼ ନିନ୍ଦା କରିଛନ୍ତି। ଏପରିକି ପାକିସ୍ତାନର ସବୁଦିନିଆ ବନ୍ଧୁ ଚାଇନା ମଧ୍ୟ ମାପିଚୁପି ପ୍ରତିକ୍ରିୟା ଦେଉଛି ଏବଂ ଉତ୍ତେଜନା ହ୍ରାସ ଲାଗି ଉଭୟ ଭାରତ ଓ ପାକିସ୍ତାନକୁ ଅନୁରୋଧ କରିଛି। ବର୍ତ୍ତମାନ ସୁଦ୍ଧା କେବଳ ତୁର୍କୀ ପାକିସ୍ତାନକୁ ସମର୍ଥନ କରିବା ସହ ଏହାର ନୌସେନା ଜାହାଜ ରବିବାର କରାଚୀ ବନ୍ଦରରେ ପହଞ୍ଚିଛି। ଏହା ପୂର୍ବରୁ ତୁର୍କୀ ବାୟୁସେନାର ସି-୧୩୦ ବିମାନ କାରଚୀରେ ପହଞ୍ଚିଥିଲା।

## ପାକିସ୍ତାନକୁ ସମାଲୋଚନା କଲା ୟୁଏନ୍‌ଏସ୍‌ସି

ଜାତିସଂଘ, ୬।୫

ଜମ୍ମୁ-କଶ୍ମୀରରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣକୁ ନେଇ ମିଳିତ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି) ପକ୍ଷରୁ ମଙ୍ଗଳବାର ଡକାଯାଇଥିବା ଏକ ରୁଦ୍ଧଦ୍ୱାର ବୈଠକରେ ପାକିସ୍ତାନକୁ ସମାଲୋଚନା କରାଯାଇଛି। ପହଲଗାମ୍ ଆକ୍ରମଣରେ ଆତଙ୍କବାଦୀ ସଙ୍ଗଠନ ଲସ୍କର-ଇ-ତୋଇବା (ଏଲଇଟି)ର ସମ୍ପୃକ୍ତି ରହିଛି କି ନାହିଁ ସେନେଇ ପାକିସ୍ତାନକୁ ପ୍ରଶ୍ନ କରାଯାଇଛି। ଏହି ବୈଠକରେ ଅନେକ ସଦସ୍ୟ ପହଲଗାମ୍ ଆତଙ୍କବାଦୀ ଆକ୍ରମଣକୁ ଦୃଢ଼ ନିନ୍ଦା କରିବା ସହ ଏନେଇ ଦାୟିତ୍ୱବୋଧର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି କେତେଜଣ ସଦସ୍ୟ ଏହି ବୈଠକରେ ପର୍ଯ୍ୟଟକଙ୍କୁ ସେମାନଙ୍କ ଧାର୍ମିକ ବିଶ୍ୱାସ ଆଧାରରେ ଟାର୍ଗେଟ କରାଯିବାର ପ୍ରସଙ୍ଗ ଉଠାଇଥିଲେ। ପାକିସ୍ତାନ ପକ୍ଷରୁ କରାଯାଉଥିବା ମିଶାଇଲ ପରୀକ୍ଷଣ ଏବଂ ଦେଶର ନେତାମାନେ ପରମାଣୁ ଆକ୍ରମଣ ନେଇ କରୁଥିବା ବୟାନବାଜି ଯୋଗୁ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢୁଛି ବୋଲି ଏହି ବୈଠକରେ ଅନେକ ଦେଶ କହିଥିଲେ।

## ଗୁଜରାଟରେ କାଳବୈଶାଖୀ: ୧୪ ମୃତ

ଅହମଦାବାଦ,୬।୫

ଗୁଜରାଟରେ ମଙ୍ଗଳବାର ଅଦିନିଆ କାଳବୈଶାଖୀ ବର୍ଷା ଓ ପ୍ରବଳ ବେଗରେ ପବନ ବହିବା ଯୋଗୁ ଅନ୍ୟୁନ ୧୪ ଜଣଙ୍କ ମୃତ୍ୟୁ ଘଟିବା ସହ ୧୬ ଜଣ ଆହତ ହୋଇଛନ୍ତି। ଏଥିରେ ୭ ଘର ଭାଙ୍ଗିଥିବାବେଳେ ୨୬ ଜୀବଜନ୍ତୁଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ବର୍ଷା ସାଙ୍ଗକୁ ୬୦ କିଲୋମିଟର ବେଗରେ ପବନ ଆଉ କେତେଦିନ ଲାଗିରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିବାରୁ ସଙ୍କଟ ବଢ଼ିବା ଆଶଙ୍କା କରାଯାଉଛି। ଗତ ୨୪ ଘଣ୍ଟାର ପ୍ରବଳ ବର୍ଷା ପବନରେ ରାଜ୍ୟର ୨୫୩ ତାଲୁକା ମଧ୍ୟରୁ ୧୬୮ଟି କ୍ଷତିଗ୍ରସ୍ତ ହୋଇଛି।

## 'ଜାତିଭିତ୍ତିକ ସଂରକ୍ଷଣ ରେଳ ଡବା ସଦୃଶ'

ନୂଆଦିଲ୍ଲୀ, ୬।୫

**୪ ସପ୍ତାହରେ ମହାରାଷ୍ଟ୍ର ପଞ୍ଚାୟତ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**



ଦେଶରେ ଜାତିଭିତ୍ତିକ ସଂରକ୍ଷଣ ରେଳ ଡବା ସଦୃଶ। ସାଧାରଣତଃ ରେଳ ଡବାରେ ପ୍ରବେଶ କରୁଥିବା ଯାତ୍ରୀମାନେ ଅନ୍ୟମାନଙ୍କୁ ଭିତରକୁ ଯିବା ପାଇଁ ଦେବାକୁ ଚାହାନ୍ତି ନାହିଁ। ଦେଶରେ ଜାତିଭିତ୍ତିକ ସଂରକ୍ଷଣ ବ୍ୟବସ୍ଥାର ଅବସ୍ଥା ଏବେ ଠିକ୍ ସେହିପରି ହୋଇଯାଇଛି ବୋଲି ମହାରାଷ୍ଟ୍ର ପଞ୍ଚାୟତ ନିର୍ବାଚନ ପାଇଁ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ସଂରକ୍ଷଣ ସମ୍ପର୍କିତ ମାମଲାର ଶୁଣାଣିକରି ସୁପ୍ରିମକୋର୍ଟ ଏହି ଟିପ୍ପଣୀ କରିଛନ୍ତି। ମହାରାଷ୍ଟ୍ରରେ ଶେଷ ପଞ୍ଚାୟତ ନିର୍ବାଚନ ୨୦୧୬-୧୭ରେ ହୋଇଥିଲା। ୨୦୨୨ର ବାନ୍ଥିଆ କମିଶନ ରିପୋର୍ଟକୁ ଆଧାରକରି ନିର୍ବାଚନରେ ଓବିସି ବର୍ଗକୁ ସଂରକ୍ଷଣ ଦିଆଯାଉ ବୋଲି ରାଜ୍ୟରେ ବିଭିନ୍ନ ଦଳ ଏବଂ ସଙ୍ଗଠନ ଦାବି କରିଥିଲେ। ଫଳରେ ରାଜ୍ୟରେ ୨୦୧୬ ପରଠାରୁ ପଞ୍ଚାୟତ ନିର୍ବାଚନ ହୋଇପାରି ନ ଥିଲା। ଶୁଣାଣି ସମୟରେ ୪ ସପ୍ତାହ ମଧ୍ୟରେ ମହାରାଷ୍ଟ୍ରରେ ପଞ୍ଚାୟତ ନିର୍ବାଚନ କରାଇବା ପାଇଁ ବିଜ୍ଞପ୍ତି ପ୍ରକାଶ କରିବାକୁ ସର୍ବୋଚ୍ଚ ଅଦାଲତ ମହାରାଷ୍ଟ୍ର ରାଜ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୨ର ବାନ୍ଥିଆ କମିଶନ ରିପୋର୍ଟ ପୂର୍ବରୁ ଓବିସିଙ୍କ ପାଇଁ ନିର୍ବାଚନରେ ରହିଥିବା ସଂରକ୍ଷଣ ବ୍ୟବସ୍ଥା ଏହି ପଞ୍ଚାୟତ ନିର୍ବାଚନରେ ଲାଗୁହେବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

## ସମ୍ପତ୍ତି ତାଲିକା ଘୋଷଣାକଲେ ସୁପ୍ରିମକୋର୍ଟ ବିଚାରପତି

ନୂଆଦିଲ୍ଲୀ,୬।୫

**ସିଜେଆଇ ସଞ୍ଜୀବ ଖାନ୍ନାଙ୍କ ସ୍ଥାୟୀ ଜମା ୫୫.୭୫ ଲକ୍ଷ ଟଙ୍କା**




ସୁପ୍ରିମକୋର୍ଟର ୩୩ ବିଚାରପତିଙ୍କ ମଧ୍ୟରୁ ୨୧ ଜଣ ସୋମବାର ରାତିରେ ସେମାନଙ୍କର ଓ ସେମାନଙ୍କ ଜୀବନସାଥୀଙ୍କ ସମ୍ପତ୍ତି ତାଲିକା ସର୍ବସାଧାରଣରେ ପ୍ରକାଶ କରିଛନ୍ତି। ବିଦାୟୀ ପ୍ରଧାନ ବିଚାରପତି (ସିଜେଆଇ) ସଞ୍ଜୀବ ଖାନ୍ନାଙ୍କ ସ୍ଥାୟୀ ଜମା ପରିମାଣ ୫୫.୭୫ ଲକ୍ଷ ଟଙ୍କା ହୋଇଥିବାବେଳେ ଦକ୍ଷିଣ ଦିଲ୍ଲୀରେ ତାଙ୍କର ୩ ବେଡ୍‌ରୁମ୍ ବିଶିଷ୍ଟ ଡିଡିଏ ଫ୍ଲାଟ୍ ଏବଂ କମନ୍‌ୱେଲ୍‌ଥ କ୍ରୀଡ଼ା ଗ୍ରାମରେ ୨,୪୪୬ ବର୍ଗଫୁଟର ଏକ ୪ ବେଡ୍‌ରୁମ୍ ବିଶିଷ୍ଟ ଫ୍ଲାଟ୍ ରହିଛି। ୧୩ରେ ଅବସର ନେବାକୁଯାଉଥିବା ସିଜେଆଇ ଖାନ୍ନାଙ୍କର ଗୁରୁଗ୍ରାମର ସିସ୍‌ପାଲ ବିହାରରେ ୪ବେଡ୍‌ରୁମ୍ ଫ୍ଲାଟ୍‌ରେ ୫୬% ଶେୟାର ଏବଂ ହିମାଚଳପ୍ରଦେଶର ଡେଲହାଉସିରେ ଘର ଓ ଜମିରେ ଶେୟାର ରହିଛି। ପିପିଏଫରେ ତାଙ୍କର ୧.୦୬ କୋଟି ଟଙ୍କା ଜମା ଥିବାବେଳେ ଜିପିଏଫ୍ ପରିମାଣ ୧,୭୭,୮୯,୦୦୦ ଟଙ୍କା, ଏଲ୍‌ଆଇସି ମନିବ୍ୟାକ୍ ପଲିସି ବାର୍ଷିକ ପ୍ରିମିୟମ୍ ୨୯,୬୨୫ ଟଙ୍କା ଏବଂ ୧୪,୦୦୦ ଟଙ୍କାର ଶେୟାର ରହିଛି। ଅସ୍ଥାବର ସମ୍ପତ୍ତି ମଧ୍ୟରେ ୨୫୦ ଗ୍ରାମ ସୁନା, ୨ କିଲୋଗ୍ରାମ ରୁପା ଏବଂ ୨୦୧୫ରେ ଏକ ମାରୁତି ସ୍ୱିଫ୍ଟ କାର୍ ରହିଛି।

୧୪ରେ ପରବର୍ତ୍ତୀ ସିଜେଆଇ ଭାବେ ଦାୟିତ୍ୱ ନେବାକୁ ଯାଉଥିବା ଜଷ୍ଟିସ୍ ବି.ଆର୍. ଗଭାଇଙ୍କ ୧୯.୬୩ ଲକ୍ଷ ଟଙ୍କାର ବ୍ୟାଙ୍କ ଜମା, ମହାରାଷ୍ଟ୍ରର ଅମରାବତୀରେ ପୈତୃକ ଘର, ମୁମ୍ବାଇର ବାନ୍ଦ୍ରା ଏବଂ ଦିଲ୍ଲୀର ଡିଫେନ୍ସ କଲୋନିରେ ଆପାର୍ଟମେଣ୍ଟ ଏବଂ ଅମରାବତୀ ଓ ନାଗପୁରରେ କୃଷିଜମି ରହିଛି। ତାଙ୍କ ପାଖରେ ଥିବା ସୁନା ପରିମାଣ ୫.୨୫ ଲକ୍ଷ ଟଙ୍କା ହୋଇଥିବାବେଳେ ସ୍ତ୍ରୀଙ୍କ ପାଖରେ ୨୯.୯୦ ଲକ୍ଷ ଟଙ୍କାର ଅଳଙ୍କାର ଓ ୬୧,୩୨୦ ଟଙ୍କା ଜମାରାଶି ରହିଛି। ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କର ଚଣ୍ଡିଗଡ଼ର ସେକ୍ଟର ୧୦ରେ ଘର, ପଞ୍ଚକୁଲାରେ ୧୩ ଏକର ଚାଷଜମି, ଗୁରୁଗ୍ରାମରେ ୩୦୦ ବର୍ଗ ଗଜ ପ୍ଲଟ୍ ରହିଛି। ଜଷ୍ଟିସ୍ ଅଭୟ ଏସ୍ ଓକାଙ୍କର ଠାଣେରେ ଆବାସିକ ଫ୍ଲାଟ, କୃଷିଜମି, ୨୧.୭୬ ଲକ୍ଷ ଟଙ୍କାର ସ୍ଥାୟୀ ଜମା ଏବଂ ୯.୧୦ ଲକ୍ଷ ଟଙ୍କାର ଜମାରାଶି ରହିଛି। ସୁପ୍ରିମକୋର୍ଟରେ ସ୍ୱଚ୍ଛତା ବଢ଼ାଇବା ପାଇଁ ବିଚାରପତିମାନେ ସେମାନଙ୍କ ସମ୍ପତ୍ତି ସର୍ବସାଧାରଣରେ ଘୋଷଣା କରିବା ନିମନ୍ତେ ଏପ୍ରିଲ୍ ୧ରେ ପୂର୍ଣ୍ଣ ଅଦାଲତ ନିଷ୍ପତ୍ତି ନେଇଥିଲା।

**ଫୁରସତ୍**

## ମେଟ୍ ଗାଲାରେ କିଙ୍ଗ୍ ଖାନ୍‌ଙ୍କ ଡେବ୍ୟୁ



ଶାହାରୁଖ ଖାନ୍

**ନ୍ୟୁୟର୍କ:** ବିଶ୍ୱର ସବୁଠାରୁ ପ୍ରତିଷ୍ଠିତ ଫ୍ୟାଶନ୍ ଇଭେଣ୍ଟ ମେଟ୍ ଗାଲା ୨୦୨୫ ସୋମବାର ନ୍ୟୁୟର୍କସ୍ଥିତ ମେଟ୍ରୋ ପଲିଟାନ ମ୍ୟୁଜିୟମ ଅଫ୍ ଆର୍ଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଇଭେଣ୍ଟରେ ଦେଶ ତଥା ବିଶ୍ୱର ଅନେକ ବଡ଼ ସେଲିବ୍ରିଟି ଆସି ସେମାନଙ୍କ ଷ୍ଟାଇଲିଶ୍ ଲୁକ୍‌କୁ ପ୍ରେଜେଣ୍ଟ କରିଥିଲେ। ବଲିଉଡ୍‌ରେ କିଙ୍ଗ୍ ଖାନ୍ ଭାବେ ପରିଚିତ ଶାହାରୁଖ ଖାନ୍ ମେଟ୍ ଗାଲା ୨୦୨୫ରେ ନିଜର ସ୍ୱତନ୍ତ୍ର ଅନ୍ଦାଜ ସହ ଡେବ୍ୟୁ କରିଛନ୍ତି। ସେ ମେଟ୍ରୋ ପଲିଟାନ ମ୍ୟୁଜିୟମ ଅଫ୍ ଆର୍ଟରେ ପହଞ୍ଚିବା ମାତ୍ରେ ତାଙ୍କୁ ସେଠାରେ ଉପସ୍ଥିତ ପ୍ରଶଂସକ ଜୋର୍‌ସୋରରେ ସ୍ୱାଗତ କରିଥିଲେ। ଏହି ଅନ୍ତର୍ଜାତୀୟ ଫ୍ୟାଶନ୍ ଇଭେଣ୍ଟରେ ବିଭିନ୍ନ ବିଦେଶୀ ଗଣମାଧ୍ୟମକୁ ଶାହରୁଖ କହିଛନ୍ତି, ମେଟ୍ ଗାଲା ୨୦୨୫ରେ ଡେବ୍ୟୁକରି ସେ ବହୁତ ଖୁସି ଅନୁଭବ କରୁଛନ୍ତି। ଏହି ଇଭେଣ୍ଟ ପାଇଁ ପ୍ରସିଦ୍ଧ ଫ୍ୟାଶନ ଡିଜାଇନର ସବ୍ୟସାଚୀ ମୁଖାର୍ଜୀ ତାଙ୍କର ଲୁକ୍‌କୁ ଡିଜାଇନ୍ କରିଥିବା ସେ କହିଛନ୍ତି। ଶାହାରୁଖ କହିଛନ୍ତି, ସେ ଖୁବ୍ କମ୍ ରେଡ୍ କର୍ପେଟ ଇଭେଣ୍ଟରେ ନଜରକୁ ଆସନ୍ତି। ତେଣୁ ଏଠାକୁ ଆସିବା ପାଇଁ ସେ ନର୍ଭସ ଥିଲେ। ତେବେ ଏବେ ସେ ଉତ୍ସାହିତ ଅଛନ୍ତି। ଶାହାରୁଖଙ୍କ ବ୍ୟତୀତ ମେଟ୍ ଗାଲା ୨୦୨୫ରେ ନିଜ ଜଲୱା ଦେଖାଇଥିବା ଅନ୍ୟ ଭାରତୀୟମାନେ ହେଉଛନ୍ତି ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଜୋନାସ୍, କିଆରା ଆଡ଼ଭାନୀ, ଗାୟକ ତଥା ଅଭିନେତା ଦିଲ୍‌ଜିତ ଦୋସାଞ୍ଜ ଏବଂ ବିଶିଷ୍ଟ ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ଝିଅ ଈଶା ଅମ୍ବାନୀ।

## ବିମାନ ଦୁର୍ଘଟଣାରୁ ବର୍ତ୍ତି କୁମ୍ଭୀର ସମ୍ମୁଖରେ ଫସିଲେ

**୩୬ ଘଣ୍ଟା ପରେ ପାଇଲଟ୍ ଓ ୪ ଯାତ୍ରୀ ସୁରକ୍ଷିତ ଉଦ୍ଧାର**

ସୁକ୍ରେ



ବେଳେବେଳେ ମଣିଷ ଗୋଟିଏ ସମସ୍ୟାରୁ ମୁକ୍ତି ପାଇବା ମାତ୍ରେ ତୁରନ୍ତ ଆଉ ଏକ ସମସ୍ୟାରେ ଫସିଯାଇଥାଏ। ଦକ୍ଷିଣ ଆମେରିକୀୟ ଦେଶ ବଲିଭିଆରେ କେତେଜଣ ଯାତ୍ରୀଙ୍କ ସହ ଠିକ୍ ଏହିପରି ଘଟିଛି। ସେମାନେ ଏକ ବିମାନ ଦୁର୍ଘଟଣାର ଶିକାର ହୋଇଥିଲେ। ସୌଭାଗ୍ୟବଶତଃ ସେମାନଙ୍କ ଜୀବନ ବଞ୍ଚିଯାଇଥିଲା। ତେବେ ବିମାନଟି ଏକ ସନ୍ତସନ୍ତିଆ ଭୂମିରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା, ଯେଉଁଠାରେ ଅନେକ କୁମ୍ଭୀର ଥିଲେ। ବିମାନ ଦୁର୍ଘଟଣାରୁ ବର୍ତ୍ତିଯାଇଥିବା ଏହି ଯାତ୍ରୀମାନେ ସେଠାରେ ୩୬ ଘଣ୍ଟା ଧରି ଫସି ରହିଥିଲେ। ସୋମବାର ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି।

ବିବିସିର ରିପୋର୍ଟ ଅନୁଯାୟୀ, ଗତ ଶନିବାର ବଲିଭିଆର ଏମାଜୋନାସ୍ ଅଞ୍ଚଳରେ ଏହି ଆଶ୍ଚର୍ଯ୍ୟଜନକ ଘଟଣା ଘଟିଥିଲା। ଏକ ଛୋଟ ବିମାନ ଉତ୍ତର ବଲିଭିଆର ବୋରେସ୍‌ରୁ ତ୍ରିନିଦାଦ ଯାଉଥିବା ବେଳେ ଏହା ହଠାତ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ପାଇଲଟ ବିମାନଟିକୁ ଏକ ସନ୍ତସନ୍ତିଆ ଭୂମି ଅଞ୍ଚଳରେ ଜରୁରୀ ଅବତରଣ କରାଇଥିଲେ। ବିମାନରେ ଥିବା ୫ ଜଣ ସୌଭାଗ୍ୟବଶତଃ ବଞ୍ଚିଯାଇଥିଲେ। ସେମାନଙ୍କ ମଧ୍ୟରେ ଜଣେ ଶିଶୁ, ୩ ମହିଳା ଏବଂ ୨୯ ବର୍ଷୀୟ ପାଇଲଟ୍ ଥିଲେ। ତେବେ ସେମାନେ କୁମ୍ଭୀର ଥିବା ଉକ୍ତ ସନ୍ତସନ୍ତିଆ ଭୂମିରେ ୩୬ ଘଣ୍ଟା ଧରି ଫସି ରହିଥିଲେ। ଏମାଜୋନାସରେ କାର୍ଯ୍ୟରତ ଜଣେ ସ୍ଥାନୀୟ ଅଧିକାରୀ କହିଛନ୍ତି, ଶନିବାର ହଠାତ୍ ବଲିଭିଆର ବେନି ରାଜ୍ୟରୁ ଏହି ବିମାନ ରାଡାରରୁ ଅଦୃଶ୍ୟ ହୋଇଯାଇଥିଲା। ବହୁ ଖୋଜାଖୋଜି ପରେ ମତ୍ସ୍ୟଜୀବୀମାନେ ସୋମବାର ଏମାଜୋନାସର ଏକ ସନ୍ତସନ୍ତିଆ ଭୂମିରେ ଏହି ବିମାନଟିକୁ ଦେଖିବାକୁ ପାଇଥିଲେ। ଏହାପରେ ବିମାନର ପାଇଲଟ ଏବଂ ଫସି ରହିଥିବା ଅନ୍ୟ ୪ ଯାତ୍ରୀଙ୍କୁ ଉଦ୍ଧାର କରିବା ପାଇଁ ରେସ୍କ୍ୟୁ ଅପରେଶନ ଆରମ୍ଭ ହୋଇଥିଲା। ହେଲିକପ୍ଟର ମାଧ୍ୟମରେ ସେମାନଙ୍କୁ ସେଠାରୁ ଉଦ୍ଧାର କରାଯାଇଥିଲା। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଉକ୍ତ ସନ୍ତସନ୍ତିଆ ଭୂମିରେ ବିମାନର ମାତ୍ର ଅଳ୍ପ କିଛି ଫୁଟ ଦୂରରେ ଅନେକ କୁମ୍ଭୀର ରହିଥିଲେ। ବିମାନରୁ ନିରନ୍ତର ଇନ୍ଧନ ବହୁଥିବାରୁ ବୋଧହୁଏ କୁମ୍ଭୀରମାନେ ପାଇଲଟ ଏବଂ ଅନ୍ୟ ୪ ଯାତ୍ରୀଙ୍କୁ ଆକ୍ରମଣ କଲେ ନାହିଁ ବୋଲି ସେ କହିଛନ୍ତି।




# ଗାଁ ମାଟିରେ କ୍ରୀଡ଼ାତନ୍ତ୍ରର ଶିଳାନ୍ୟାସ

■ ସୂର୍ଯ୍ୟବଂଶୀ ସୂରଜ



୨୦୨୩ରେ ମୁମ୍ବାଇଠାରେ ଅନୁଷ୍ଠିତ ୧୪୧ତମ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟିର ଅଧିବେଶନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜର ଅଭିଭାଷଣରେ କହିଥିଲେ କ୍ରୀଡ଼ା ଆମ ସମାଜ, ସଭ୍ୟତା ଏବଂ ସଂସ୍କୃତି ସହିତ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ। ବୈଦିକ ଯୁଗଠାରୁ ଆରମ୍ଭ କରି ବେଦପୁରାଣ ଏବଂ ଗ୍ରନ୍ଥ-ଉପନିଷଦ ପର୍ଯ୍ୟନ୍ତ ସବୁଠି କ୍ରୀଡ଼ାର କଳା, କୌଶଳ, ବୈଶିଷ୍ଟ୍ୟ ଏବଂ ମହତ୍ତ୍ୱ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଧନୁର୍ବିଦ୍ୟା, ଅଶ୍ୱାରୋହ, ସନ୍ତରଣ, କୁସ୍ତି ଭଳି ଅନେକ କ୍ରୀଡ଼ା ହେଉଛି ଆମ ସଭ୍ୟତାର ଏକ ଅବିଚ୍ଛେଦ୍ୟ ଅଂଶ। ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ପକ୍ଷରୁ କରାଯାଇଥିବା ପ୍ରତ୍ନତାତ୍ତ୍ୱିକ ଖନନ ରିପୋର୍ଟ ଆଧାରରେ ଗୁଜରାଟର ଧୋଲାବୀରା ଏବଂ ହରିୟାଣାର ରାଖୀଗଢ଼ୀଠାରେ ପ୍ରାୟ ୫୦୦୦ ବର୍ଷ ପୂର୍ବେ ବିଶାଳ ଷ୍ଟାଡିୟମ ଥିବାର ସନ୍ଧାନ ମିଳିବା ଏବଂ ସେହି ଷ୍ଟାଡିୟମରେ ହଜାର ହଜାର ଦର୍ଶକଙ୍କ ବସିବା ଲାଗି ବ୍ୟବସ୍ଥା ଥିବା ପ୍ରାଚୀନ ସମୟରୁ କ୍ରୀଡ଼ା ସଂସ୍କୃତି ପ୍ରତି ରହିଥିବା ଆମର ଭଲପାଇବାକୁ ପ୍ରଦର୍ଶିତ କରିଥାଏ। କ୍ରୀଡ଼ା କେବଳ ଜିତିବା କିମ୍ବା ହାରିବାର ପ୍ରତିଯୋଗିତା ନୁହେଁ ବରଂ ଏହା ଆମକୁ ଜୀବନରେ ଏକ ନୂତନ ଅନୁଭବ ତଥା ଅନୁଶାସନର ପାଠ ମଧ୍ୟ ପଢ଼ାଇଥାଏ। ଦେଶଦୁନିଆକୁ ସଂଯୋଗ କରୁଥିବା ଆମର ଏହି କ୍ରୀଡ଼ା ସଂସ୍କୃତି ଆମ ମଧ୍ୟରେ 'ବସୁଧୈବ କୁଟୁମ୍ବକମ୍'ର ଭାବନାକୁ ସଶକ୍ତ କରିବା ସହିତ ଶାନ୍ତି, ସୌହାର୍ଦ୍ଦ୍ୟ, ବିକାଶ ଏବଂ ପ୍ରଗତିର ବାର୍ତ୍ତା ପ୍ରଦାନ କରିଥାଏ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଆମ ଦେଶ ଏବଂ ଆମ ରାଜ୍ୟକୁ ବିଶ୍ୱ ମାନଚିତ୍ରରେ ଏକ କ୍ରୀଡ଼ାହବ୍ ଭାବେ ଚିତ୍ରିତ କରାଇବା ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ। ଓଡ଼ିଶାରେ ତୃଣମୂଳସ୍ତରରେ କ୍ରୀଡ଼ା ଭିତ୍ତିଭୂମି ଏବଂ କ୍ରୀଡ଼ା ପ୍ରତିଭାର ବିକାଶ ନିମନ୍ତେ ଓଡ଼ିଶାର ୩୧୪ ବ୍ଲକରେ ବ୍ଲକସ୍ତରୀୟ ଷ୍ଟାଡିୟମ ନିର୍ମାଣ ହେବ। ସମଗ୍ର ଓଡ଼ିଶାରେ ଏହି ବ୍ଲକସ୍ତରୀୟ ଷ୍ଟାଡିୟମ ନିର୍ମାଣ ନିମନ୍ତେ ସରକାରଙ୍କ ତରଫରୁ ୪୧୨୪ କୋଟି ଟଙ୍କାର ବ୍ୟୟବରାଦ ମଧ୍ୟ କରାଯାଇଛି।

ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମିକୁ ଓଡ଼ିଶାର ପ୍ରତିଟି ବ୍ଲକରେ ପହଞ୍ଚାଇବା ଲକ୍ଷ୍ୟରେ ବ୍ଲକସ୍ତରୀୟ ଷ୍ଟାଡିୟମର ରୂପରେଖ ପ୍ରସ୍ତୁତ କରାଯାଇଛି। ବ୍ଲକସ୍ତରୀୟ ଷ୍ଟାଡିୟମ କ୍ରୀଡ଼ା ପ୍ରତିଭାଙ୍କ ପାଇଁ ଏକ କ୍ରୀଡ଼ା ନର୍ସରି ଭାବେ କାର୍ଯ୍ୟ କରିବ। ଷ୍ଟାଡିୟମରେ ଫୁଟବଲ୍ ଏବଂ କ୍ରିକେଟ ଗ୍ରାଉଣ୍ଡ, ଆଥ୍ଲେଟିକ୍ ଟ୍ରାକ୍, ଥ୍ରୋ ଏରିଆ, ଜମ୍ପ ଏରିଆ, ଭଲିବଲ୍ କୋର୍ଟ ଆଦିର ନିର୍ମାଣ କରାଯିବ। ଏଥିସହିତ ବିଭିନ୍ନ ଦେଶୀୟ ବା ଆଞ୍ଚଳିକ କ୍ରୀଡ଼ା ଯଥା ଖୋଖୋ, କବାଡ଼ି ଆଦି ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ରହିବା ସହିତ ସ୍ଥାନୀୟ କ୍ରୀଡ଼ା ସଂସ୍କୃତିକୁ ମଧ୍ୟ ପ୍ରାଧାନ୍ୟ ଦିଆଯିବ। ଷ୍ଟାଡିୟମରେ ଇନ୍‌ଡୋର ହଲ୍‌ର ମଧ୍ୟ ନିର୍ମାଣ କରାଯିବ। ଇନ୍‌ଡୋର ହଲ୍‌ରେ ବ୍ୟାଡମିଣ୍ଟନ କୋର୍ଟ, ଟେବୁଲ ଟେନିସ, ଜିମ୍ନାଷ୍ଟିକ, ଭାରୋତ୍ତୋଳନ ଆଦି କ୍ରୀଡ଼ା ନିମନ୍ତେ ଆବଶ୍ୟକୀୟ ଭିତ୍ତିଭୂମି ପ୍ରଦାନ କରାଯିବ।

ତୃଣମୂଳ ସ୍ତରରେ କ୍ରୀଡ଼ା ଭିତ୍ତିଭୂମିର ଅଭାବ ରହିଥିବା ଖବର ଖବରକାଗଜର ପୃଷ୍ଠା ବିମଣ୍ଡନ କରୁଥିଲା ସତ, କିନ୍ତୁ ପୂର୍ବ ସରକାରଙ୍କ ସମୟରେ ଏହି ଦିଗରେ କିଛି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯାଇ ନ ଥିଲା। ତୃଣମୂଳସ୍ତରରେ କ୍ରୀଡ଼ା ଭିତ୍ତିଭୂମି ଏବଂ ପ୍ରତିଭାର ବିକାଶ ହୋଇପାରିଲେ ହିଁ ପ୍ରକୃତରେ କ୍ରୀଡ଼ାର ବିକାଶ ହୋଇପାରିବ। ଏହି ଲକ୍ଷ୍ୟରେ ଆମେ ସରକାରକୁ ଆସିବାର ମାତ୍ର ୧୦ ମାସ ସମୟ ମଧ୍ୟରେ ଓଡ଼ିଶାର ପ୍ରତ୍ୟେକ ବ୍ଲକରେ ଷ୍ଟାଡିୟମ ନିର୍ମାଣ କରିବା ପାଇଁ ୪,୧୨୪ କୋଟି ଟଙ୍କାର ବ୍ୟୟ ମଞ୍ଜୁରୀକୁ କ୍ୟାବିନେଟରେ ପାରିତ କରିଥିଲୁ ଏବଂ ଏଥିସହିତ ଅଦ୍ୟାବଧି ବ୍ଲକସ୍ତରୀୟ ଷ୍ଟାଡିୟମ ପ୍ରକଳ୍ପର ଭିତ୍ତିପ୍ରସ୍ତର ମଧ୍ୟ ସ୍ଥାପନ ହୋଇସାରିଛି। ସରକାରଙ୍କ ଏହି ଐତିହାସିକ ନିଷ୍ପତ୍ତି ଆଜି ଓଡ଼ିଶାର କ୍ରୀଡ଼ା ସମାଜକୁ ପ୍ରେରିତ କରିଛି।

ତୃଣମୂଳ ସ୍ତରରେ କ୍ରୀଡ଼ାର ବିକାଶ ନିମନ୍ତେ ନିକଟ ଅତୀତରେ ଓଡ଼ିଶାର ୩୦ଟି ଜିଲାରେ ୩୦ଟି ଖେଲୋ ଇଣ୍ଡିଆ ସେଣ୍ଟରର ମଧ୍ୟ ଉଦ୍‌ଘାଟନ କରାଯାଇଛି। ଜିଲାଗୁଡ଼ିକରେ ଖେଲୋ ଇଣ୍ଡିଆ ସେଣ୍ଟରର ପରିଚାଳନା ନିମନ୍ତେ ସରକାରଙ୍କ ତରଫରୁ ବାର୍ଷିକ ୫ ଲକ୍ଷ ଟଙ୍କାର ଅନୁଦାନ ରାଶି ପ୍ରଦାନ କରାଯିବ। ଏଥିସହିତ ରାଜ୍ୟରେ ପ୍ରଥମ ଥର ପାଇଁ ଆୟୋଜନ କରାଯାଉଥିବା ସିଏମ୍-ଟ୍ରଫି (ଅଣ୍ଡର-୧୫) ଫୁଟବଲ୍ ଚାମ୍ପିୟନଶିପ୍ ସମସ୍ତ ଜିଲାରେ ଅନୁଷ୍ଠିତ ହୋଇସାରିଛି। ଏହାର ଆୟୋଜନ ଦ୍ୱାରା ନିଶ୍ଚିତ ଭାବରେ ଓଡ଼ିଶାରେ ଯୁବ କ୍ରୀଡ଼ାପ୍ରତିଭାର ବିକାଶ ହୋଇପାରିଛି।

ରାଜ୍ୟରେ କ୍ରୀଡ଼ା ଏବଂ କ୍ରୀଡ଼ାବିତ୍‌ମାନଙ୍କ ବିକାଶ କରିବା ହିଁ ଆମର ପ୍ରାଥମିକ ଲକ୍ଷ୍ୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ୨୦୩୬ରେ ଭାରତରେ ଅଲିମ୍ପିକ୍ସ ଗେମ୍ସ ଆୟୋଜନ ହେବାର ଲକ୍ଷ୍ୟ ରଖାଯାଇଛି। ଏଥିସହିତ ବିକଶିତ ଓ ସମୃଦ୍ଧ ଓଡ଼ିଶା-୨୦୩୬ ଗଠନର ଲକ୍ଷ୍ୟ ସହିତ ବିଶ୍ୱ କ୍ରୀଡ଼ା ଜଗତରେ ଓଡ଼ିଶାକୁ କ୍ରୀଡ଼ା ରାଜଧାନୀ ରୂପେ ପରିଗଣିତ କରାଇବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି।

ବିଗତ ଦିନରେ ଓଡ଼ିଶାରେ କଳିଙ୍ଗ ସୁପର କପ୍ ଫୁଟବଲ୍ ଟୁର୍ନାମେଣ୍ଟ, ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍, ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ, ଜାତୀୟ ସନ୍ତରଣ ଓ ଆଥ୍ଲେଟିକ୍ସ ଟୁର୍ନାମେଣ୍ଟ ଆଦି ବିଭିନ୍ନ ଜାତୀୟ ଏବଂ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନ ହେବା ସହିତ ଆଗାମୀ ଦିନରେ ଭାରତର ପ୍ରଥମ ୱାର୍ଲ୍ଡ ଆଥ୍ଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍ ଓଡ଼ିଶାରେ ଆୟୋଜନ କରାଯିବାର ଯୋଜନା ରହିଛି। ସେହିପରି ଭାବେ ନ୍ୟାଶନାଲ ଗେମ୍ସଠାରୁ ନେଇ ପ୍ୟାରିସ ଅଲିମ୍ପିକ୍ସ ପର୍ଯ୍ୟନ୍ତ ଆମ ଓଡ଼ିଶାର କ୍ରୀଡ଼ାବିତ୍‌ମାନେ ପଦକ ହାସଲ କରି ଓଡ଼ିଶା ପାଇଁ ଗୌରବ ଅର୍ଜନ କରିଛନ୍ତି।

**କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ, ଓଡ଼ିଶା ସରକାର**



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଗସ୍ତ ଅବସରରେ ମଙ୍ଗଳବାର ପୂର୍ବାହ୍ନରେ ମଣ୍ଡୁଆ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠ ସମ୍ମୁଖରେ ଟ୍ରକ୍ ମାଲିକ ସଂଘର ଆମ୍ବୁଲାନ୍ସ ଓ ମହାଯାତ୍ରା ଗାଡ଼ିକୁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି। ନିକଟରେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, ତେଲକୋଇ ବିଧାୟକ ଡ. ଫକୀର ନାୟକ, ଜିଲା ଟ୍ରକ୍ ମାଲିକ ସଂଘର ସାଧାରଣ ସମ୍ପାଦକ ପ୍ରଦୀପ ବାରିକ ଉପସ୍ଥିତ ଅଛନ୍ତି।

## ଇନ୍‌ଫର୍ମର ସନ୍ଦେହ: ନାଏବ ସରପଞ୍ଚଙ୍କ ଗଳା କାଟି ହତ୍ୟା

ମାଲକାନଗିରି,୬।୫(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍‌ମା ଜିଲା ତାର୍ଲାବେଡାରେ ଇନ୍‌ଫର୍ମର ସନ୍ଦେହରେ ମାଓବାଦୀମାନେ ସୋମବାର ରାତିରେ ନାଏବ ସରପଞ୍ଚ ମୁଚାକି ରାମାଙ୍କୁ ଗଳାକାଟି ହତ୍ୟା କରିଛନ୍ତି। ସୂଚନା ଅନୁଯାୟୀ, ସୋମବାର ମଧ୍ୟରାତ୍ରିରେ କେତେଜଣ ସଶସ୍ତ୍ର ମାଓବାଦୀ ତାର୍ଲାବେଡା ଗ୍ରାମକୁ ଯାଇ ନାଏବ ସରପଞ୍ଚ ମୁଚାକିଙ୍କ ଘରେ ପଶି ତାଙ୍କୁ ଘରୁ ଉଠାଇନେଇଥିଲେ। ପରେ ନିକଟସ୍ଥ ଜଙ୍ଗଲରେ ତାଙ୍କ ଗଳା କାଟି ନିର୍ମମ ଭାବେ ହତ୍ୟା କରିଥିଲେ। ପରେ ମୁଚାକିଙ୍କ ମୃତଦେହ ଗ୍ରାମ ପ୍ରବେଶ ଦ୍ୱାରରେ ଫୋପାଡ଼ି ପଳାଇଯାଇଥିଲେ। ସୁକ୍‌ମା ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୁଚାକିଙ୍କ ମୃତଦେହ ଜବତ କରିବା ସହ ଉକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନ ଜୋର୍‌ଦାର କରିଛି।

## ହାତୀ ଆକ୍ରମଣରେ ମହିଳା ମୃତ

ସୁନ୍ଦରଗଡ଼,୬।୫(ଜୟ ନାରାୟଣ ମେଣ୍ଟୁଲି)

ସୁନ୍ଦରଗଡ଼ ବନଖଣ୍ଡ ସଦର ରେଞ୍ଜ ଅନ୍ତର୍ଗତ କରମଡିହି ଗୀତପଡ଼ାରେ ମଙ୍ଗଳବାର ସକାଳ ପ୍ରାୟ ୭ଟାରେ ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ଜଣକ ହେଲେ ମେରିମାଇକେଲ ଟେଟେ (୬୪)। ସଦର ଥାନା ପୋଲିସ ମହିଳାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି। ଡିଏଫ୍‌ଓ ପ୍ରଦୀପ ମିରାସେଙ୍କ ସୂଚନା ମୁତାବକ, ସଦର ଫରେଷ୍ଟ ରେଞ୍ଜର ସାତପାର୍ଲିଆ ଜଙ୍ଗଲକୁ ତିନି ଚାରି ଜଣ ମହିଳା କେନ୍ଦୁପତ୍ର ତୋଳିବାକୁ ଯାଇଥିଲେ। ସେମାନଙ୍କ ମଧ୍ୟରୁ ଟେଟେଙ୍କୁ ଦନ୍ତାହାତୀ ଶୁଣ୍ଢରେ ଟେକି କଚାଡ଼ି ଦେବାରୁ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ହାତୀକୁ ଘଉଡ଼ାଇବା ସହ ହାତୀର ଗତିବିଧି ଉପରେ ବନ ବିଭାଗ ନଜର ରଖିଛି। ଏ ନେଇ ସଦର ଥାନା ପୋଲିସ (ନଂ.୧୯/୨୫) ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତା ଜଣକ ବିଧବା ଥିବା ବେଳେ ତାଙ୍କର ଏକ ମାତ୍ର ଝିଅଙ୍କୁ ସରକାରଙ୍କ ପକ୍ଷରୁ ଆବଶ୍ୟକ କ୍ଷତି ପୂରଣ ପ୍ରଦାନ କରାଯିବ ବୋଲି ଡିଏଫ୍‌ଓ ମିରାସେ ସୂଚନା ଦେଇଛନ୍ତି।

# ମମତାଙ୍କ ପଦକ୍ଷେପକୁ ଓଡ଼ିଶାରୁ ଜୋର୍‌ଦାର ବିରୋଧ

**ଦୀଘା ଜଗନ୍ନାଥ ମନ୍ଦିର ବିବାଦ**

- ବୟକଟ୍ ପୁରୀ କହି ଅଧିକ ପ୍ରଚାର କରୁଛନ୍ତି: ଉପମୁଖ୍ୟମନ୍ତ୍ରୀ
- ମମତାଙ୍କୁ ଓଡ଼ିଶା ଆସିଲେ ପ୍ରବଳ ବିରୋଧ କରାଯିବ: ପଦ୍ମଲୋଚନ
- ମମତାଙ୍କ ଶେଷ ସମୟ ଆସିଗଲାଣି: ପ୍ରତାପ
- ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ସୁଦର୍ଶନ

ଭୁବନେଶ୍ୱର, ୬।୫ (ସୁନିତ୍ ମିଶ୍ର)

ଦୀଘାଠାରେ ଜଗନ୍ନାଥ ମନ୍ଦିର ନିର୍ମାଣ ଏବଂ ଏହାର ନାମ ଜଗନ୍ନାଥ ଧାମ ବୋଲି ଦିଆଯିବା ଘଟଣାକୁ ନେଇ ଜୋର୍ ଧରିଛି ରାଜନୀତି। ଓଡ଼ିଶା ସରକାରଙ୍କ ବରିଷ୍ଠ ମନ୍ତ୍ରୀ ଏବଂ ଭାଜପା ବିଧାୟକ ଓ ଏମ୍‌ପିମାନେ ଏହି ଘଟଣାକୁ ନେଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ଅନ୍ୟପଟେ ଜଗନ୍ନାଥ ମନ୍ଦିର ନାମକୁ ଜଗନ୍ନାଥ ଧାମ ଦିଆଯାଇପାରିବ ନାହିଁ ବୋଲି ଓଡ଼ିଶାରୁ ସ୍ୱର ଉଠିଥିଲା। ଏହାପରେ କିଛି ସମୟ ପାଇଁ ଜଗନ୍ନାଥ ଧାମ ବୋଲି ଯେଉଁ ଲେଖା ଥିଲା ତାହା ଉଠାଇ ଦିଆଯାଇଥିଲା। ହେଲେ ସୋମବାର ବିଳମ୍ବିତ ରାତିରେ ପୁଣି ଥରେ ଦୀଘା ଜଗନ୍ନାଥ ମନ୍ଦିରଠାରେ ତା'ର ନାଁ ଜଗନ୍ନାଥ ଧାମ ବୋଲି ସ୍ଥାୟୀ ଭାବେ ଲେଖାଯାଇଛି, ଯାହାକୁ ନେଇ ରାଜନୀତି ଜୋର୍ ଧରିବାରେ ଲାଗିଛି। ଅନ୍ୟପଟେ ପଶ୍ଚିମବଙ୍ଗରୁ ଆରମ୍ଭ ହୋଇଥିବା ବୟକଟ୍ ପୁରୀ ସମ୍ବନ୍ଧିତ ଟ୍ୟାଗ୍ ଲାଇନକୁ ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରବଳ ବର୍ଷିଛନ୍ତି।

ପ୍ରଭାତୀ ଏହି ପ୍ରସଙ୍ଗରେ କହିଛନ୍ତି, ପୁରୀ ଏପରି ଏକ ଜାଗା ଯାହାର ପ୍ରଚାରପ୍ରସାରର ଆବଶ୍ୟକତା ନ ଥାଏ। ବୟକଟ୍ ପୁରୀ ଟ୍ୟାଗ୍‌ଲାଇନ ଆରମ୍ଭ କରିବା ଦ୍ୱାରା ପୁଣି ଥରେ ପୁରୀ ଚର୍ଚ୍ଚାକୁ ଆସିଛି। ଯାହାଙ୍କ ପାଖରେ ଜଗନ୍ନାଥ ଏବଂ ତାଙ୍କ ଆଶୀର୍ବାଦ ହୋଇଛି ସେମାନଙ୍କୁ ବୟକଟ୍, ଧମକ, ନାଲିଆଖି କିଛି କରିପାରିବ ନାହିଁ। ସରକାର, ଗଜପତି ମହାରାଜା, ମୁକ୍ତିମଣ୍ଡପ ଏହା ଉପରେ ସବୁକିଛି ସ୍ପଷ୍ଟ କରିଛନ୍ତି। ଜଗନ୍ନାଥଙ୍କ ସଂସ୍କୃତିକୁ ନେଇ ବାରମ୍ବାର ଏପରି ମମତା ବାନାର୍ଜୀ କରିବା ଏହା ତାଙ୍କର ଶୋଭନୀୟ ଆଚରଣ ନୁହେଁ ବୋଲି ପ୍ରଭାତୀ କହିଛନ୍ତି।

ଭାଜପା ବିଧାୟକ ପଦ୍ମଲୋଚନ ପଣ୍ଡା କହିଛନ୍ତି, ପୁରୀ ଆସିଲେ ମମତା ବାନାର୍ଜୀଙ୍କୁ ଆମେ ପୂରାଇ ଦେବୁନାହିଁ, ବିରୋଧ କରାଯିବ। ସାରା ଓଡ଼ିଶାର ସାଢେ ୪ କୋଟି ଲୋକ ତାଙ୍କୁ ବିରୋଧ କରିବୁ। ପୁରୀ ହେଉଛି ଜଗନ୍ନାଥ ଧାମ। ଦୀଘାରେ ଜଗନ୍ନାଥ ମନ୍ଦିର କରିବାରେ ଅସୁବିଧା ନାହିଁ, ହେଲେ ତା'ର ନାଁ ଜଗନ୍ନାଥ ଧାମ ଦେଇପାରିବେନାହିଁ ବୋଲି ସେ କହିଛନ୍ତି।

ଭାଜପା ଏମ୍‌ପି ପ୍ରତାପ ଷଡ଼ଙ୍ଗୀ କହିଛନ୍ତି, ହିମାଳୟରେ ଯାଇ ମୁଣ୍ଡ ବାଡ଼େଇଲେ ମୁଣ୍ଡ ଫାଟିଯିବ ସିନା ପର୍ବତ ଗଡ଼ିପଡ଼ିବନାହିଁ। ମମତା ଦିଦି ତାଙ୍କ ଔକାତ ଜାଣିନାହାନ୍ତି। ଓଡ଼ିଶାରେ ଜଗନ୍ନାଥଙ୍କୁ ଅପମାନିତ କରି ଏଠାରୁ ଗୋଟିଏ ସରକାରର ପତନ ହେଲା। ଦାରୁ ଉପରେ ଶୋଇ ଫଟୋ ଛାଡ଼ିଲେ ପୂର୍ବ ସରକାରଙ୍କ ମନ୍ତ୍ରୀ। ମମତାଙ୍କର ସେମିତି ଗୋଟିଏ ଶେଷ ସମୟ ଆସିଗଲାଣି। ଜଗନ୍ନାଥଙ୍କୁ ଅସମ୍ମାନକଲେ ମାନେ ତାଙ୍କର ପତନ ଅନିବାର୍ଯ୍ୟ। ମମତା ଦିଦି ଯାହା କହିଦେଲେ କ'ଣ ସେଇଟା ଧାମ ହୋଇଯିବ କି, ସେମିତି ହୁଏ ନାହିଁ। ପୃଥିବୀରେ ବହୁ ଜଗନ୍ନାଥ ମନ୍ଦିର ଅଛି, ହେଲେ ପୁରୀ ହେଉଛି ଜଗନ୍ନାଥ ଧାମ। ଯାହା ପାଖରେ ଟଙ୍କା ଅଛି ସେ କ'ଣ ଆଉ ଗୋଟିଏ ଧାମ କରିଦେବେ। ମମତାଙ୍କ ଶେଷ ସମୟ ଆସିଗଲାଣି ବୋଲି ପ୍ରତାପ କହିଛନ୍ତି।

ଅନ୍ୟପଟେ ଜ୍ୟୋତିର୍ମଠ ଶଙ୍କରାଚାର୍ଯ୍ୟ ଅଭିମୁକ୍ତେଶ୍ୱରାନନ୍ଦ ସରସ୍ୱତୀ ମଧ୍ୟ ଏହି ଘଟଣାକୁ ବିରୋଧ କରିଛନ୍ତି। ଦୀଘା ପାଇଁ ଧାମ ଶବ୍ଦ ଠିକ୍ ନୁହେଁ , ଏହା କେବଳ ଗୋଟିଏ ସ୍ଥାନରେ ରହିପାରିବ ତାହା ହେଉଛି ପୁରୀ ବୋଲି ସେ କହିଛନ୍ତି। ସେହିପରି ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଏହି ପ୍ରସଙ୍ଗ ନେଇ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ଦୀଘାରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରାଯିବା ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ଯେଉଁପରି ତା'ର ନାଁ ଜଗନ୍ନାଥ ଧାମ ବୋଲି ପ୍ରଚାର କରାଯାଉଛି ତାହା କେବେହେଲେ ଗ୍ରହଣଯୋଗ୍ୟ ନୁହେଁ। ଏହା ଜଗନ୍ନାଥପ୍ରେମୀଙ୍କ ଧର୍ମୀୟ ଭାବନାକୁ ଆଘାତ ପହଞ୍ଚାଉଛି। ଆଉ କେଉଁଠି ଜଗନ୍ନାଥ ଧାମ ହୋଇପାରିବ ନାହିଁ। ଏହା ହିନ୍ଦୁ ସଂସ୍କୃତି ଓ ପରମ୍ପରାକୁ ଆଘାତ ଦେଇଛି। ଏହା ଉପରେ ଉପଯୁକ୍ତ ପଦକ୍ଷେପ ନେବାକୁ ସେ ଅନୁରୋଧ କରିଛନ୍ତି।

## ୧୧୬୪ ଏକର ଜମିରେ ହେବ ପୁରୀ ବିମାନବନ୍ଦର

ଭୁବନେଶ୍ୱର, ୬।୫(ସୁନିତ୍ ମିଶ୍ର)

- ୫୬୩୧ କୋଟି ଟଙ୍କା ଖର୍ଚ୍ଚ ହେବ, ୪୬ ଲକ୍ଷ ଯାତ୍ରୀ ସୁବିଧା ପାଇବେ
- ପ୍ରଧାନମନ୍ତ୍ରୀ, ବେସାମରିକ ବିମାନ ଚଳାଚଳ ମନ୍ତ୍ରୀଙ୍କୁ ଧନ୍ୟବାଦଦେଲେ ମୁଖ୍ୟମନ୍ତ୍ରୀ

ପୁରୀଠାରେ ଗ୍ରୀନ୍‌ଫିଲ୍ଡ ବିମାନବନ୍ଦର ପ୍ରତିଷ୍ଠା କରିବା ଲାଗି କେନ୍ଦ୍ର ସରକାର ନୀତିଗତ ନିଷ୍ପତ୍ତି ନେଇଛନ୍ତି। ଓଡ଼ିଶାରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ କରିବା ପାଇଁ କେନ୍ଦ୍ର ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଶ୍ରୀଜଗନ୍ନାଥ ବିମାନବନ୍ଦର ନାମରେ ନାମିତ ଏହି ମହତ୍ତ୍ୱାକାଂକ୍ଷୀ ଭିତ୍ତିଭୂମି ପ୍ରକଳ୍ପଟି ୫୬୩୧ କୋଟି ଟଙ୍କା ମୂଲ୍ୟରେ ୧୧୬୪ ଏକର ଜମିରେ ବିକଶିତ ହେବ। ଏହାର ନିର୍ମାଣ କାର୍ଯ୍ୟ ୩ଟି ପର୍ଯ୍ୟାୟରେ ହେବ। ଏହା ସମ୍ପୂର୍ଣ୍ଣ ହେବା ପରେ ୪୬ ଲକ୍ଷ ଯାତ୍ରୀଙ୍କୁ ବିମାନ ଯାତାୟାତର ସୁବିଧା ପ୍ରଦାନ କରିବ। ଏହି ବିମାନବନ୍ଦର ଦ୍ୱାରା ରାଜ୍ୟରେ ଆଞ୍ଚଳିକ ସଂଯୋଗୀକରଣ ବୃଦ୍ଧିହେବା ସହ ରାଜ୍ୟରେ ଆର୍ଥିକ ଅଭିବୃଦ୍ଧିକୁ ଏକ ନୂତନ ଗତି ମିଳିବ। ପୁରୀ ସହର ତୀର୍ଥଯାତ୍ରୀ ଓ ପର୍ଯ୍ୟଟକଙ୍କ ପାଇଁ ସୁଗମ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଶା ପ୍ରକାଶ କରିଛନ୍ତି। ଏହି ପଦକ୍ଷେପ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁଙ୍କୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମାଝୀ ଧନ୍ୟବାଦ ଜଣାଇଛନ୍ତି।

## ପୂର୍ବ ସରକାରଙ୍କ ଶ୍ରେୟ: ଶୁଭାଶିଷ

ଭୁବନେଶ୍ୱର, ୬।୫(ସୁନିତ୍ ମିଶ୍ର)

ପୁରୀରେ ଏକ ଗ୍ରୀନ୍‌ଫିଲ୍ଡ ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରତିଷ୍ଠା ପ୍ରସ୍ତାବକୁ କେନ୍ଦ୍ର ସରକାର ଗତ ସୋମବାର ଅନୁମୋଦନ କରିଛନ୍ତି। ହେଲେ ଏହି ବିମାନବନ୍ଦର ପ୍ରତିଷ୍ଠାର ଶ୍ରେୟ ପୂର୍ବ ସରକାରଙ୍କୁ ମିଳିବ ବୋଲି ବିଜେଡି ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ କହିଛନ୍ତି। ଶଙ୍ଖ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଶୁଭାଶିଷ କହିଛନ୍ତି, ଶ୍ରୀକ୍ଷେତ୍ର ପୁରୀକୁ ବିଶ୍ୱର ପର୍ଯ୍ୟଟକଙ୍କ ଆଗମନକୁ ସୁବ୍ୟବସ୍ଥିତ କରିବାକୁ ଗତ ସରକାର ଲକ୍ଷ୍ୟ ରଖିଥିଲେ। ତେଣୁ ୨୦୨୧ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀଠାରେ ଗ୍ରୀନ୍‌ଫିଲ୍ଡ ବିମାନବନ୍ଦର ପ୍ରତିଷ୍ଠା ଲାଗି ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ଏହାପରେ ୨୦୨୩ରେ ଏହି ପ୍ରକଳ୍ପ ଲାଗି ସାଇଟ୍ କ୍ଲିୟରାନ୍ସ ମିଳିଥିଲା। ୧୧୪୬ ଏକର ଜମିକୁ ପ୍ରକଳ୍ପ ଏରିଆ ଭାବେ ଚିହ୍ନଟ କରାଯାଇଥିବା ବେଳେ ୨୫୧ ଏକର ଜମି ଅଧିଗ୍ରହଣ କରାଯାଇଥିଲା। ଏହାଛଡ଼ା ଶ୍ରୀକ୍ଷେତ୍ର ପୁରୀର ସୌନ୍ଦର୍ଯ୍ୟକରଣକୁ ବିଶ୍ୱସ୍ତରୀୟ କରିବା ପାଇଁ ଶ୍ରୀମନ୍ଦିର କରିଡର ପ୍ରକଳ୍ପ କାମଠାରୁ ଆରମ୍ଭ କରି ବ୍ଲୁ-ଫ୍ଲାଗ୍ ବିଚ୍ ନିର୍ମାଣ ଓ ସ୍ୱର୍ଗଦ୍ୱାରର ନବୀକରଣ ଇତ୍ୟାଦି ସହ ଏହି ବିମାନବନ୍ଦର ପ୍ରତିଷ୍ଠାର ପରିକଳ୍ପନା କରାଯାଇଥିଲା। ରାଜ୍ୟ ସଭା ସଦସ୍ୟ ଭାବେ ମନୋନୀତ ହେବାପରେ ଏହି ବିମାନବନ୍ଦର ପ୍ରତିଷ୍ଠା ଲାଗି ବାରମ୍ବାର ଏ ପ୍ରସଙ୍ଗ ଉଠାଇଥିଲେ ବୋଲି ଶୁଭାଶିଷ କହିଛନ୍ତି।

DSPL-54

ଓଡ଼ିଶା ସରକାର

# ଘୁଷୁରି ଜ୍ୱର
(Classical Swine Fever)

- Classical Swine Fever ଘୁଷୁରି ଠାରେ ଦେଖାଯାଉଥିବା ଏକ ଭୂତାଣୁଜନିତ ସଂକ୍ରାମକ ରୋଗ ।
- ଏହି ରୋଗ ହେଲେ ଘୁଷୁରିମାନେ ସାଧାରଣତଃ ଏକ ରୁ ଦୁଇ ସପ୍ତାହ ମଧ୍ୟରେ ମୃତ୍ୟୁ ମୁଖରେ ପଡିଥାନ୍ତି ।



**ଘୁଷୁରିଙ୍କ ଠାରେ ଦେଖାଯାଉଥିବା ଲକ୍ଷଣ:**

- ଅତ୍ୟଧିକ ଜ୍ୱର ହୋଇଥାଏ
- କାନ, ଗୋଡ଼ ଏବଂ ତଳିପେଟରେ ଲାଲ ବା ବାଦାମି ରଙ୍ଗର ଦାଗ ଦେଖାଯାଏ
- ହଳଦିଆ ରଙ୍ଗର ତରଳ ଝାଡ଼ା ହେବା ସହ ବାନ୍ତି ମଧ୍ୟ ହୋଇଥାଏ
- ଖାଇବା କମିଯିବା ସହ ଘୁଷୁରିମାନେ ବହୁତ ଦୁର୍ବଳ ହୋଇଯାଆନ୍ତି
- ବନ୍ଧ୍ୟାଦୋଷ, ଗର୍ଭପାତ ଏବଂ ସ୍ନାୟୁ ଜନିତ ରୋଗ ମଧ୍ୟ ଦେଖାଯାଏ



**ନିୟନ୍ତ୍ରଣ ପାଇଁ କଣ କରିବେ?**

- ରୋଗାକ୍ରାନ୍ତ ଘୁଷୁରିଙ୍କୁ ସୁସ୍ଥ ଘୁଷୁରିଙ୍କ ଠାରୁ ଅଲଗା ରଖନ୍ତୁ ।
- ପ୍ରାଣିଚିକିତ୍ସକଙ୍କ ପରାମର୍ଶ କ୍ରମେ ଘୁଷୁରିମାନଙ୍କୁ ପ୍ରତିଷେଧକ ଟିକା ଦିଅନ୍ତୁ । ଏହି ଟିକା ପ୍ରାଣିଚିକିତ୍ସାଳୟରେ ମାଗଣାରେ ଉପଲବ୍ଧ ।



ଅଧିକ ସୂଚନା ପାଇଁ ବ୍ଲକ ପ୍ରାଣିଚିକିତ୍ସାଳୟ କିମ୍ବା ଦେୟମୁକ୍ତ ନମ୍ବର 155333 କିମ୍ବା 7205598125 ସହ ଯୋଗାଯୋଗ କରନ୍ତୁ

OIPR-06014/13/0037/2526

ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର
fard.odisha.gov.in

Follow us farddepartment farddepartment farddepartment farddept

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସୁଭଦ୍ରା ଶକ୍ତି କାଫେ ଉଦ୍‌ଘାଟନ, ସ୍ଥାନ: ଆନନ୍ଦବନ, ସମୟ: ସକାଳ ୯ଟା ୧୫।
- ମେଣ୍ଟାଲ ହେଲ୍‌ଥ ଆଣ୍ଡ ୱେଲନେସ୍ ଆୱେରନେସ ସମିଟ୍, ସ୍ଥାନ: ଆଇଟିସି ୱେଲକମ୍ ହୋଟେଲ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଉତ୍କଳ ପ୍ରଶିକ୍ଷିତ ସଂସ୍କୃତ ଶିକ୍ଷକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ରେଡକ୍ରସ୍ ଭବନ, ସମୟ: ମଧ୍ୟାହ୍ନ ୧୨ଟା ୩୦।

## କଟକ
- କଟକ ଜିଲା କଂଗ୍ରେସ ପକ୍ଷରୁ ଜିଲା ଶ୍ରମ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ଖପୁରିଆ, ନୂଆପଡ଼ା, କଟକ, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍କଳ ସାହିତ୍ୟ ସମାଜର ୧୨୩ତମ ପ୍ରତିଷ୍ଠା ଦିବସ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର
- ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ବରିହା, ସିମୁଳିଆ, ସମୟ: ଦିବସବ୍ୟାପୀ।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ନୂଆବଜାର ପରିବା ମାର୍କେଟ୍, ବାଲେଶ୍ୱର, ସମୟ: ସକାଳ ୮ଟା।
- ଖଇରା ପଞ୍ଚାୟତ ସମିତି ବୈଠକ, ସ୍ଥାନ: ପଞ୍ଚାୟତ ସମିତି ସଭାଗୃହ, ସମୟ: ସକାଳ ୯ଟା।
- ମକଡ୍ରିଲ୍ କାର୍ଯ୍ୟକ୍ରମ, ସ୍ଥାନ: ବାଲେଶ୍ୱର ସହର, ସମୟ: ଅପରାହ୍ନ ୪ଟା।

## ଭଦ୍ରକ
- ଶ୍ରୀ ହନୁମାନଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଟିଲୋ, ବନ୍ତ, ସମୟ: ସକାଳ ୯ଟା।
- ମା' ଯୋଗେଶ୍ୱରୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ବାର୍ଷିକ ଉତ୍ସବ, ସ୍ଥାନ: ରତାଙ୍ଗ ଗ୍ରାମ, ବସୁଦେବପୁର, ସମୟ: ପୂର୍ବାହ୍ନ ୯ ଟା।
- ନୂତନ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ଖେମପୁର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ ଟା।
- ଜଗବନ୍ଧୁ ମେମୋରିଆଲ ଆନ୍ତଃ ରାଜ୍ୟ ଦିବାରାତ୍ର ଫୁଟବଲ ମ୍ୟାଚ୍ ୩ ୟ ଦିବସ, ସ୍ଥାନ: ଏବି ହାଇସ୍କୁଲ ପରିସର, ବାସୁଦେବପୁର, ସମୟ: ସନ୍ଧ୍ୟା ୭ ଟା।
- ମକ୍‌ଡ୍ରିଲ, ସ୍ଥାନ: ବାତ୍ୟାଶ୍ରୟ ସ୍ଥଳ, ଦୋସିଙ୍ଗା, ଚାନ୍ଦବାଲି, ସମୟ: ଅପରାହ୍ନ ୪ ଟା।
- ମକ୍‌ଡ୍ରିଲ, ସ୍ଥାନ: ବାତ୍ୟାଶ୍ରୟ ସ୍ଥଳ, ଚନ୍ଦିନୀପାଳ, ଚାନ୍ଦବାଲି, ସମୟ: ଅପରାହ୍ନ ୪ ଟା।

## କେନ୍ଦୁଝର
- ଜଳପୁରୁଷଙ୍କ କେନ୍ଦୁଝର ଗସ୍ତ, ସ୍ଥାନ: ଗୋନାଶିକା, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୧ଟା ୩୦।

## ମୟୂରଭଞ୍ଜ
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ଆଧ୍ୟାତ୍ମିକ ପତ୍ରିକା ମହାବାହୁ ପ୍ରକାଶନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ:ଉଦଳା ବରିଷ୍ଠ ନାଗରିକ ସଂଘ ସଭାଗୃହ, ସମୟ: ଅପରାହ୍ନ ୪ଟା।

## ଗଞ୍ଜାମ
- ସିଭିଲ ଡିଫେନ୍ସ ମକ୍‌ଡ୍ରିଲ, ସ୍ଥାନ:ଗୋପାଳପୁର ବନ୍ଦର ଓ ଛତ୍ରପୁର ଆଇଆରଇଏଲ, ସମୟ: ଅପରାହ୍ନ ୪ଟା।

## ଗଜପତି
- ଜିଲା ପରିଷଦ ବୈଠକ, ସ୍ଥାନ: ପାରଳାଖେମୁଣ୍ଡି ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ସକାଳ ୮ଟା ୩୦।

## ଢେଙ୍କାନାଳ
- ସାମ୍ଭାବ୍ୟ ଯୁଦ୍ଧକୁ ନେଇ ମକଡ୍ରିଲ, ସ୍ଥାନ: ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।
- ଜିଲାରେ ଏ-୧ ଗ୍ରେଡ୍ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଜିଲା ଶିକ୍ଷା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା ୩୦।

## କେନ୍ଦ୍ରାପଡ଼ା
- ସମ୍ଭାବ ଯୁଦ୍ଧ ମୁକାବିଲା ପାଇଁ ମକ୍ ଡ୍ରିଲ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା, ସମୟ: ଅପରାହ୍ନ ୪ଟା।
- ଚିତ୍ରୋତ୍ପଳା ମହୋତ୍ସବ, ସ୍ଥାନ: ହରିଦାସପୁର, ବେତାରୀ, ଗରଦପୁର, ସମୟ: ସନ୍ଧ୍ୟା ୬ଟା।
- ମା' ମହିପାଳିନୀ ମନ୍ଦିରର ବାର୍ଷିକ ଉତ୍ସବ ଓ ରାମଚରିତ ମାନସ ପାରାୟଣ, ସ୍ଥାନ: ମହୀପାଳ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- ଶ୍ରୀଶ୍ରୀ ସିଦ୍ଧ ମହାବୀର ହନୁମାନ ଜୀଉଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉପଲକ୍ଷେ ଯଜ୍ଞୋତ୍ସବ, ସ୍ଥାନ: ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତର ବ୍ରହ୍ମଣଦା, ସମୟ: ସକାଳ ୬ଟା୧୦ମିନିଟ୍।
- ମା ମଙ୍ଗଳା ମନ୍ଦିରର ୧୩ ତମ ବାର୍ଷିକ ପ୍ରତିଷ୍ଠା ଯଜ୍ଞୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ : ଭିକିପୁର ଗ୍ରାମ ମନ୍ଦିର ପରିସର, ସମୟ : ସନ୍ଧ୍ୟା ୭ଟା।

## ନୟାଗଡ଼
- ୪୨ ମୌଜା ମହିଳା ମଣ୍ଡଳ ଉତ୍ସବ, ସ୍ଥାନ: ଖଣ୍ଡପଡା ବ୍ଲକ ଗୋପିନାଥପୁର ଶୁଳିଆ ଠାକୁରାଣୀ, ସମୟ: ପ୍ରାତଃ ୪ଟା ।
- ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞର ସପ୍ତମ ଦିବସ, ସ୍ଥାନ: ନୟାଗଡ ବ୍ଲକ ଗୋବିନ୍ଦପୁର ବିଜେ ସୋମନାଥ ଦେବଙ୍କ ପୀଠ, ସମୟ: ପ୍ରାତଃ ୫ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ଅଷ୍ଟମ, ସ୍ଥାନ:ଖଣ୍ଡପଡା ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଲଡୁବାବାଙ୍କ ଚନ୍ଦନଯାତ୍ରା ଅଷ୍ଟମ ଦିବସ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ଅଷ୍ଟମ ଦିବସ, ସ୍ଥାନ:ନୟାଗଡ ପୁରୁଣା ସହର ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ରଘୁନାଥଙ୍କ ଚନ୍ଦନଯାତ୍ରାର ଅଷ୍ଟମ ଦିବସ, ସ୍ଥାନ:ଓଡଗାଁ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା ।
- ମଦନମୋହନଙ୍କ ଚନ୍ଦନ ଯାତ୍ରାର ଅଷ୍ଟମ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୧ଟା।
- ଚନ୍ଦନଯାତ୍ରାର ଅଷ୍ଟମ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା।
- ଚାଚେରି ଭୋଗଖିଆର ପ୍ରସ୍ତୁତି ବୈଠକ, ସ୍ଥାନ:ଡାକବଙ୍ଗଳା କଣ୍ଟିଲୋ, ସମୟ: ଅପରାହ୍ନ ୩ଟା।

## ରାୟଗଡ଼ା
- ରାୟଗଡାରେ କାର୍ଯ୍ୟରତ ସାମ୍ବାଦିକଙ୍କ ପକ୍ଷରୁ ସ୍ୱର୍ଗତ ସାମ୍ବାଦିକ ରାଜୀବ ଲୋଚନ ପଣ୍ଡାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଶୋକସଭା, ସ୍ଥାନ: ସଂସ୍କୃତି ଭବନ, ରାୟଗଡା, ସମୟ: ସକାଳ ୯ଟା ୩୦ ।
- ଜିଲାସ୍ତରୀୟ ଦିଶା ବୈଠକ, ସ୍ଥାନ: ରାୟଗଡା ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସିଭିଲ ଡିଫେନ୍ସ ମକ୍ ଡ୍ରିଲ, ସ୍ଥାନ: ରାୟଗଡା ସହର ଓ ଉପକଣ୍ଠ ଅଞ୍ଚଳ, ସମୟ: ଅପରାହ୍ନ ୪ଟା।
- ମା' ମୁତ୍ୟାଲାମା ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଅବସରରେ ପୌରାଣିକ ନାଟକ ରାମାୟଣ କାର୍ଯ୍ୟକ୍ରମ, ସ୍ଥାନ: କୋଲନରା, ସମୟ: ରାତି ୯ଟା।

## ନବରଙ୍ଗପୁର
- କିନ୍ନର ସମ୍ପ୍ରଦାୟ ପକ୍ଷରୁ ବହୁଚରା ମାତାଙ୍କ ଷୋହଳ ପୂଜା, ସ୍ଥାନ: ଉମରକୋଟ ଗୁଲିପାଟଣା, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- ମା' ମୁତ୍ୟାଲୁମାଙ୍କ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ, ସ୍ଥାନ: ପୋଲିସ କଲୋନୀସ୍ଥିତ ଅସ୍ଥାୟୀ ମଣ୍ଡପ କୋରାପୁଟ, ସମୟ: ସକାଳ ୬ଟା।
- ସିପିଆଇ ଓ ୟୁଥ ଆସୋସିଏସନର ଶୋଭାଯାତ୍ରା, ସାଧାରଣ ସଭା, ସ୍ଥାନ:ଆରଟିଓ କାର୍ଯ୍ୟାଳୟ ପଡିଆ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ମକ୍‌ଡ୍ରିଲ କାର୍ଯ୍ୟକ୍ରମ, ସ୍ଥାନ: କୋରାପୁଟ ସଦର ମହକୁମା, ସମୟ: ଅପରାହ୍ନ ୪ଟା।

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା ।
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା ।
- ବିଭିନ୍ନ ଦାବି ପୂରଣ ନେଇ କର୍ମଚାରୀ ସଂଘର ଆନ୍ଦୋଳନ, ସ୍ଥାନ : ଜେଏସଡବ୍ଲୁ ବିପିଏସଏଲ ମୁଖ୍ୟ ଫାଟକ, ସମୟ : ଅପରାହ୍ନ ୧ଟା ୩୦ ।
- ଜିଲା ପ୍ରଶାସନ ପକ୍ଷରୁ ଡିଫେନ୍ସ ମକ୍ ଡ୍ରିଲ, ସ୍ଥାନ : ଲକ୍ଷ୍ମୀ ଟକିଜ ଛକରୁ କ୍ଷେତରାଜପୁର, ସମୟ : ଅପରାହ୍ନ ୪ଟା ।

## ବଲାଙ୍ଗୀର
- ଅସୀ ଚାଳନା ର୍ୟାଙ୍କିଙ୍ଗ୍ ପ୍ରତିଯୋଗିତା, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା ।

## ରାଉରକେଲା
- ଗ୍ରୀଷ୍ମକାଳୀନ କ୍ରୀଡ଼ା ପ୍ରଶିକ୍ଷଣ ଶିବିର ସମାରୋହ ଶୁଭାରମ୍ଭ, ସ୍ଥାନ: ଇସ୍ପାତ ଷ୍ଟାଡିୟମ, ସମୟ: ସକାଳ ୮ଟା।
- ନାଗରିକ ପ୍ରତିରକ୍ଷା ମକ୍ ଡ୍ରିଲ୍, ସ୍ଥାନ: ଉଦିତନଗର ଖେଳ ପଡିଆ, ସମୟ: ଅପରାହ୍ନ ୪ଟା।

## ସୁନ୍ଦରଗଡ଼
- ତହସିଲଦାରଙ୍କୁ ଚକୁଳି ପଞ୍ଚାୟତ କୃଷକ ସଙ୍ଗଠନର ଦାବିପତ୍ର ପ୍ରଦାନ,ସ୍ଥାନ:ତହସିଲ କାର୍ଯ୍ୟାଳୟ, ଅତାବିରା,ସମୟ: ସକାଳ ୯ଟା।
- ବୈଶାଖମେଳାରେ ବିଶ୍ୱଶାନ୍ତି ମହାଯଜ୍ଞ, କଳସ ଅଧିବାସ,ସ୍ଥାନ: ନୃସିଂହନାଥ ମନ୍ଦିର, ପାଇକମାଳ,ସମୟ: ସନ୍ଧ୍ୟା ୫ଟା।
- ଗୁରୁ ଭଗବାନ ସାହୁଙ୍କ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ଏ.ଇ.ଏମ୍ ପବ୍ଲିକ ସ୍କୁଲ, ବରଗଡ଼, ସମୟ: ସନ୍ଧ୍ୟା ୬ଟା।

## କଳାହାଣ୍ଡି
- ସାମୂହିକ ମକ୍‌ଡ୍ରିଲ କାର୍ଯ୍ୟକ୍ରମ, ସ୍ଥାନ: ଜୁନାଗଡ଼ ହାଇସ୍କୁଲ ପଡିଆ, ସମୟ: ସକାଳ ୯ଟା।
- ଭାଜପା କାର୍ଯ୍ୟକର୍ତ୍ତା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଦଳୀୟ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ
- ଜିଲାସ୍ତରୀୟ ରାଜସ୍ୱ ବୈଠକ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ବୌଦ୍ଧ, ସମୟ: ସକାଳ ୯ଟା।

## ଦେବଗଡ଼
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ବୀରମହାରାଜପୁର ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ ସଭାଗୃହ, ସମୟ: ସକାଳ ୮ଟା।
- ଡୁଙ୍ଗୁରିପାଲି ଦିଗଶିରା ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀରେ ସାଧାରଣ ବୈଠକ, ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ପରିସର, ସମୟ: ସମୟ ୯ ଟା।
- ତରଭା ବ୍ଲକ ମରାଡୁଗୋଛାରେ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: ତେଲନଦୀ କୂଳରୁ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୪ଟା।
- ଅଲେଖ ମହିମା ଅଖଣ୍ଡ ବ୍ରହ୍ମଯଜ୍ଞର ଶୁଭାରମ୍ଭ, ସ୍ଥାନ: ସୁବର୍ଣ୍ଣପୁର ସହର ଝୁପୁଡିପଡା ସ୍ଥିତ ଅଲେଖ ମହିମା ମଠ, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ସୋସେଙ୍ଗ ପଞ୍ଚାୟତ ଦେଓସିଲ ଗାଁ, ସମୟ: ସକାଳ ୯ଟା ୩୦।
- ନାମଯଜ୍ଞ ଅବସରରେ ଭଣ୍ଡାରା କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ସୋସେଙ୍ଗ ପଞ୍ଚାୟତ ଦେଓସିଲ ଗାଁ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ସିନାପାଲି ବ୍ଲକ କରନବାହାଲି ପଞ୍ଚାୟତ କୁଳିଆଡୋଙ୍ଗରୀ ଗାଁ, ସମୟ: ସକାଳ ୮ଟା ୧୫।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଆରମ୍ଭ, ସ୍ଥାନ: କୋମନା ବ୍ଲକ ପଲସିପାଣି ପଞ୍ଚାୟତ କାଶିପଲା ଗାଁ, ସମୟ: ଅପରାହ୍ନ ୨ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଦିନଟି ଯାତ୍ରା, ବ୍ୟବସାୟ, ପରିବହନ, ସାଂଗଠନିକ ଆଲୋଚନା ପାଇଁ ବହୁତ ଭଲ। କର୍ମକ୍ଷେତ୍ରରେ କେତେକ ବ୍ୟତିକ୍ରମ ଲାଗି ରହିବା କାରଣରୁ ଟେନ୍ସନ ପିଛା ଛାଡ଼ିବ ନାହିଁ। ପରିବାରର ଆବଶ୍ୟକତାଜନିତ ଖର୍ଚ୍ଚ ବୃଦ୍ଧି ପାଇବ। କ୍ରୀଡ଼ା, ସାହିତ୍ୟ କ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ ଏବଂ ପ୍ରଶଂସିତ ମଧ୍ୟ ହେବେ।

**ବୃଷ** ଆଜି ଯେଉଁ କାମରେ ହାତ ଦେବେ ସବୁ କିଛି ସହଜ ଓ ସୁବିଧାରେ ସମ୍ପନ୍ନ ହେବ। ସାମୂହିକ କାମରେ ବନ୍ଧୁଙ୍କ ସହଯୋଗ ଆପଣଙ୍କୁ ଭାବ ବିଭୋର କରାଇବ। ପିଲାଙ୍କ ରୁଗ୍‌ଣ ସ୍ୱାସ୍ଥ୍ୟ ସକାଶେ ଚିନ୍ତିତ ହେବେ। ଆନୁଷ୍ଠାନିକ, ମାଙ୍ଗଳିକ କିମ୍ବା ମନୋରଞ୍ଜନ କାର୍ଯ୍ୟରେ ଅଂଶ ଗ୍ରହଣ କରି ପ୍ରଶଂସିତ ହେବେ।

**ମିଥୁନ** ପ୍ରାପ୍ୟ ଅର୍ଥ ସକାଶେ ଆପଣଙ୍କୁ ଆଜି ବହୁତ ଯୁକ୍ତିତର୍କ କରିବାକୁ ପଡ଼ିପାରେ। ପରିବାରରେ ମନୋମାଳିନ୍ୟ ଦୂରେଇବା ପାଇଁ ପ୍ରଯତ୍ନ କଲେ ସଫଳତା ମିଳିବାର ଆଶା ରହିଛି। ଅକସ୍ମାତ୍ କର୍ମକ୍ଷେତ୍ରରେ ସହକର୍ମୀଙ୍କ ଦ୍ୱାରା ଖୁସି ଖବର ମିଳିବ। ପଡ଼ୋଶୀଙ୍କ ସହ ଦୀର୍ଘ ଦିନର ଶତ୍ରୁତା ବିବାଦର କାରଣ ହୋଇପାରେ।

**କର୍କଟ** ଅତ୍ୟଧିକ କର୍ମଜଞ୍ଜାଳ ମଧ୍ୟରେ ମାନସିକ ଚାପ ବୃଦ୍ଧି ପାଇବାର ଆଶଙ୍କା ରହିଛି। ଦିନ ମଧ୍ୟରେ ଉଗ୍ରତା ଓ କେତେବେଳେ ପୁଣି ପ୍ରଶାନ୍ତି ସମୟାନୁକ୍ରମେ ପରିସ୍ଥିତି ଅନୁଯାୟୀ ଅନୁଭୂତ ହେବ। ଆନୁଷ୍ଠାନିକ କାମରେ ନିଜ ମୁଣ୍ଡ ଉପରକୁ ଦାୟିତ୍ୱ ନେଇ ପଶ୍ଚାତ୍ତାପ କରିବାକୁ ପଡ଼ିପାରେ। ଦୂରଯାତ୍ରାରେ ଫେରିବା ବାଟରୁ ମୂଲ୍ୟବାନ ଦ୍ରବ୍ୟ ଆଣିପାରନ୍ତି।

**ସିଂହ** ବିଭିନ୍ନ କାର୍ଯ୍ୟବ୍ୟସ୍ତତା ମଧ୍ୟରେ ମନ ମାନ୍ଦା ରହିଲେ ମଧ୍ୟ ବନ୍ଧୁଙ୍କ ଆଶ୍ୱାସନାରୁ ମନ ବଦଳିଯିବ। ଦିନଚର୍ଯ୍ୟାରେ ବିରୁଦ୍ଧାଚରଣ କରୁଥିବା ବ୍ୟକ୍ତିଟି ଦୋଷାରୋପ କରି ସମସ୍ୟାକୁ ବଢ଼ାଇ ଦେବେ। ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ଦୂରଯାତ୍ରା କରିବାକୁ ପଡ଼ିପାରେ। ନିକଟ ସମ୍ପର୍କୀୟମାନେ ଅସହଯୋଗ ମନୋଭାବ ପୋଷଣ କରିବେ।

**କନ୍ୟା** ପରିସ୍ଥିତିର ଫାଇଦା ଉଠାଇବାକୁ ଯାଇ ବନ୍ଧୁଙ୍କ ଆଲୋଚନାରେ ସମର୍ଥନ ଦେଇପାରନ୍ତି। ନୂତନ ଗାଡ଼ି କ୍ରୟରେ ବିଳମ୍ବଜନିତ ଅସୁବିଧା ଅନୁଭବ କରିବେ। ଅପେକ୍ଷା କରିବାକୁ କହିଥିଲେ ମଧ୍ୟ ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହେବେ। ସେବା ମନୋଭାବରୁ ସାମାଜିକ କ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ତୁଳା** ଆଜି ଆର୍ଥିକ, ପାରିବାରିକ ଏବଂ ଜମିଜମା ସମ୍ବନ୍ଧୀୟ କାମରେ ସଫଳତା ପାଇବେ। ବନ୍ଧୁଙ୍କ ସମ୍ମୁଖରେ ଅସୁବିଧାକୁ ପ୍ରକାଶ ନ କରି କେବଳ ମାନସିକ କଷ୍ଟ ପାଇପାରନ୍ତି। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ି ବଢ଼ି ଯିବ କିନ୍ତୁ ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କର୍ମ ମୁଖର ହେବେ। ସ୍ୱାସ୍ଥ୍ୟ ସମସ୍ୟା ସଙ୍ଗକୁ କାର୍ଯ୍ୟହାନି ଦୁଶ୍ଚିନ୍ତାର କାରଣ ହେବ।

**ବିଛା** ବନ୍ଧୁ ସମ୍ମୁଖରେ ମନର ଭାବକୁ ପରିପ୍ରକାଶ କରିବାରେ ପଛେଇଯିବେ। ସମ୍ପର୍କୀୟଙ୍କ ଭଲ କରିବାକୁ ଯାଇ ନିଜେ ହିଁ କ୍ଷତିରେ ପଡ଼ିବେ। ବ୍ୟବସାୟ ଓ ବାଣିଜ୍ୟରେ ଆୟ ବହୁମୁଖୀ ହେବ କିନ୍ତୁ ଖର୍ଚ୍ଚ ମଧ୍ୟ କିଛି କମିବାର ନାହିଁ। ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବା ସହ ବୌଦ୍ଧିକ ବିକାଶରୁ ବୁଦ୍ଧିଜୀବୀଙ୍କ ପ୍ରଶଂସା ଭାଜନ ହେବେ ।

**ଧନୁ** ଅତୀତ କଥାକୁ ବାରମ୍ବାର ମନେ ପକାଇଲେ ଅସ୍ଥିରତା ଭିତରେ ସମୟ କଟିବ। ଅସଂଯମ ଜୀବନଚର୍ଯ୍ୟାରୁ ଅନ୍ୟମନସ୍କ କିମ୍ବା ଅସାବଧାନତାଜନିତ ସମସ୍ୟାଗ୍ରସ୍ତ ହୋଇପାରନ୍ତି। ସ୍ୱାର୍ଥ ସାଧନ ପରିପ୍ରେକ୍ଷୀରେ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ପାରିବାରିକ ଜୀବନ କେତେକାଂଶରେ ଭଲ ରହିବାରୁ ଆଶ୍ୱସ୍ତି ଲାଭ କରିବେ।

**ମକର** ସଫଳତା ଓ ବିଫଳତାର ଦୋଛକିରେ ରହି ମାନସିକ ଚାପଗ୍ରସ୍ତ ହେବେ। ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକକୁ ସାମ୍ନା କରି ଆଶା ପୂରଣରେ ସଫଳ ହେବେ। ସତ୍‌ସଙ୍ଗ, ପ୍ରବଚନ, ପ୍ରତିଯୋଗିତାରେ ସଫଳତା ପାଇପାରନ୍ତି। ଆଜିର ଯାତ୍ରାରେ ନିକଟ ସମ୍ପର୍କୀୟ କିମ୍ବା ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ।

**କୁମ୍ଭ** ପରିବାରର କେତେକ ଅସଜଡ଼ା କାମକୁ ନେଇ ବ୍ୟସ୍ତତା କାରଣରୁ ମାନସିକ ଶାନ୍ତି ହରାଇପାରନ୍ତି। ଈର୍ଷାପରାୟଣ ବ୍ୟକ୍ତିଙ୍କ ପ୍ରତି ସତର୍କ ରହିବା ଭଲ ହେବ। ସରକାରୀ ସ୍ତରରେ କୌଣସି ସୁବିଧା ସୁଯୋଗକୁ ନେଇ ପଡ଼ୋଶୀଙ୍କଠାରୁ ଖବର ପାଇ ଖୁସି ହେବେ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।

**ମୀନ** ପରିବାର ଓ କର୍ମକ୍ଷେତ୍ରକୁ ସଜାଡ଼ିବାରେ ସମର୍ଥ ହେବେ ଏବଂ ଅଭିଳଷିତ କର୍ମ ସମ୍ପାଦନ ହେବ। ବନ୍ଧୁଙ୍କ ନିମନ୍ତ୍ରଣ ପାଇ ବାହାରକୁ ଯିବାକୁ ପଡ଼ିପାରେ। ସମାଲୋଚନା, ବିତର୍କ, ପ୍ରଶାସନ, ରାଜନୀତି, ସଂଗଠନ କ୍ଷେତ୍ରରୁ ସୁଫଳ ମିଳିବ। ପରିସ୍ଥିତି ପ୍ରତି ସଚେତନ ନ ହୋଇ କାମ କଲେ ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି।

ଆଜି ମେ ୭ ତାରିଖ, ବୈଶାଖ ଶୁକ୍ଳ ଦଶମୀଯୁକ୍ତ ଏକାଦଶୀ ବୁଧବାର। ରାଶିନକ୍ଷତ୍ର- ପୂର୍ବାଫାଲଗୁନୀ/ସିଂହ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ବ୍ରତୋପନୟନ, ବିଦ୍ୟାରମ୍ଭ ଓ ବିବାହ ପାଣିଗ୍ରହଣ ପାଇଁ ଶୁଭଦିନ। ଦିବା ଘ.୦୫.୧୮ମି. ଗତେ ଘ.୦୭.୦୦ମି. ମଧ୍ୟେ, ଘ.୧୦.୦୭ମି. ଗତେ ଘ.୧୧.୧୭ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ. ୧୧.୪୩ମି. ଗତେ ଘ.୦୧.୧୯ମି. ମଧ୍ୟେ ରାହୁ କାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଧରି ନ ପାଇଲି ମନକୁ**
**ଦଣ୍ଡେ ପାଇଁ କି ପଣତ ପାରିଲି,**
**କଳଙ୍କ ରଖିଲି କୁଳକୁ ।**

କ୍ଷଣିକ ଆବେଗର ବଶବର୍ତ୍ତୀ ହୋଇ କିଛି ବ୍ୟକ୍ତି ଅବୈଧ ସମ୍ପର୍କ ବା ଚୋରା ପ୍ରୀତିରେ ଲିପ୍ତ ରହିଥାନ୍ତି। ତେବେ ଏହା ଯେ କେବଳ ଅନୈତିକ ତାହା ନୁହେଁ ବରଂ ପାପ କହିଲେ କିଛି ଭୁଲ୍ ହେବ ନାହିଁ। ଯୌବନାବସ୍ଥାରେ ମନକୁ ସଂଯତ ବା ଆୟତ୍ତରେ ରଖିପାରି ନ ଥିବା ଜଣେ ବିଟପୀ ନାରୀର ଏ ନେଇ ମନରେ ଅନୁଶୋଚନା ରହିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଧାନ ହାଣ୍ଡିକ କୁଟେଇବ**
**ହଳଦୀ କଠୁଆକୁ ବଟେଇବ**
**ତେବେ ଯାଇ ଝିଅ ପଠେଇବା।**

ନାରୀର ଜୀବନ ଚିତ୍ର। ଆଗକାଳରେ ନାରୀ ଶିକ୍ଷା, ଲେଖା ପଢ଼ାରେ ନ ଥିଲା। କାଟିବା, କୁଟିବା, ବାଟିବା, ରାନ୍ଧିବା, ବାଢ଼ିବା ବୋହୂ ହେବାକୁ ଯଥେଷ୍ଟ ଥିଲା। ବୋହୂ ଆଣିବାକୁ ବୋହୂ ବାପଘରକୁ ଯାଇଥିବା ଲୋକର ଶାଶୁକୁ ଖବର ଦିଆଯିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜି ୧୨ ଜିଲାରେ ସୁରକ୍ଷା ମକ୍‌ଡ୍ରିଲ୍



ମକ୍‌ଡ୍ରିଲ ପାଇଁ ବରମୁଣ୍ଡା ଫାୟାରଷ୍ଟେଶନ ପଡ଼ିଆରେ ମଙ୍ଗଳବାର ଓସ୍‌ଡମା ପକ୍ଷରୁ ପ୍ରସ୍ତୁତି ଚାଲିଛି। (ଫଟୋ: ବିକାଶ ନାୟକ)

## ଅପରାହ୍ନ ୪ଟାରେ ବାଜିବ ସାଇରନ୍

ଭୁବନେଶ୍ୱର,୬।୫(ସତ୍ୟଜିତ ରାଉତ)

ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିକୁ ଦୃଷ୍ଟିରେ ରଖାଯାଇ ବୁଧବାର ଅପରାହ୍ନ ୪ଟାରେ ଦେଶବ୍ୟାପୀ ସିଭିଲ୍ ଡିଫେନ୍ସ (ନାଗରିକ ପ୍ରତିରକ୍ଷା) ମକ୍‌ଡ୍ରିଲ୍ କରାଯିବ। ଓଡ଼ିଶାରେ ୧୨ଟି ଜିଲା ସମ୍ବେଦନଶୀଳ ତାଲିକାଭୁକ୍ତ ହୋଇଥିବାବେଳେ ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି। ଏହି ଜିଲାଗୁଡ଼ିକ ହେଲା ଅନୁଗୋଳ (ତାଳଚେର), ଖୋର୍ଦ୍ଧା(ଭୁବନେଶ୍ୱର), ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଗଞ୍ଜାମ, ଜଗତ୍‌ସିଂହପୁର(ପାରାଦୀପ), ଢେଙ୍କାନାଳ, ପୁରୀ, କୋରାପୁଟ ଏବଂ ସୁନ୍ଦରଗଡ଼ (ରାଉରକେଲା)। ପ୍ରଥମ ବର୍ଗରେ ତାଳଚେର ରଖାଯାଇଥିବାବେଳେ ଦ୍ୱିତୀୟ ବର୍ଗରେ ବାଲେଶ୍ୱର, କୋରାପୁଟ, ଭୁବନେଶ୍ୱର, ଗୋପାଳପୁର, ହୀରାକୁଦ, ପାରାଦୀପ, ରାଉରକେଲା ଏବଂ ତୃତୀୟ ବର୍ଗରେ ଭଦ୍ରକ, ଢେଙ୍କାନାଳ, ଜଗତ୍‌ସିଂପୁର, କେନ୍ଦ୍ରାପଡ଼ାକୁ ରଖାଯାଇଛି। ଶତ୍ରୁ ଆକ୍ରମଣ ବେଳେ କେମିତି ସାଧାରଣ ଲୋକେ ନିଜକୁ ସୁରକ୍ଷିତ ରଖିବେ, ଆକ୍ରମଣ ବେଳେ କେଉଁ ନିରାପଦ ସ୍ଥାନକୁ ଯିବେ, ଯୁଦ୍ଧ ପରର କ୍ଷୟକ୍ଷତି ଉଦ୍ଧାର କେମିତି ହେବ ଆଦିକୁ ନେଇ ମକ୍‌ଡ୍ରିଲ୍ କରାଯିବା ସହ ଲୋକଙ୍କୁ ପ୍ରଶିକ୍ଷଣ ଦିଆଯିବ। ୧୨ଟି ଜିଲାରେ ଥିବା ବାତ୍ୟା ଆଶ୍ରୟସ୍ଥଳ ଓ ଅନ୍ୟାନ୍ୟ ସ୍ଥାନରେ ମକ୍‌ଡ୍ରିଲ୍‌ର ବ୍ୟବସ୍ଥା ହୋଇଛି। କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନ ରାଜ୍ୟଗୁଡ଼ିକ ସହ ମକ୍‌ଡ୍ରିଲ୍ ପରିଚାଳନା ସମ୍ପର୍କିତ ବୈଠକ କରିଥିଲେ। ଏପଟେ ଜିଲାପାଳମାନଙ୍କ ସହ ଭର୍ଚ୍ଚୁଆଲ୍ ଜରିଆରେ ଏକ ଉଚ୍ଚସ୍ତରୀୟ ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଅଧ୍ୟକ୍ଷତା କରି କହିଥିଲେ, ଏହି ପ୍ରସ୍ତୁତି ୭ ତାରିଖରୁ ଆରମ୍ଭହୋଇ ସପ୍ତାହ ଯାଏ ଚାଲିବ। ୭ ତାରିଖର ପ୍ରସ୍ତୁତି ନିର୍ଦ୍ଦିଷ୍ଟ ସହରାଞ୍ଚଳ ଓ ଉପକୂଳାଞ୍ଚଳରେ କରାଯିବ। ଶତ୍ରୁ ବିମାନ ଆକ୍ରମଣ କଲେ ସାଇରନ୍ ବଜାଇ ଲୋକଙ୍କୁ ସତର୍କ କରାଯିବ। ଏହି ସାଇରନ୍ ଲମ୍ବାସମୟ ଧରି ବାଜିବ। ୭ ତାରିଖ ଅପରାହ୍ନ ୪ଟା ବେଳେ ସାଇରନ୍ ବାଜିବ। ସାଇରନ୍ ବାଜିବା ପରେ ଜନସାଧାରଣ କଂକ୍ରିଟ ଛାତଥିବା ଘର ଭିତରକୁ ଚାଲିଯିବେ। ଦିନବେଳେ ପରୀକ୍ଷା କରାଯାଉଥିବାରୁ ଅନ୍ଧକାରର ଆବଶ୍ୟକ ପଡ଼ିବ ନାହିଁ। ଏନେଇ ଜିଲା କର୍ତ୍ତୃପକ୍ଷଙ୍କୁ ବସ୍ତି ଅଞ୍ଚଳ ପାଇଁ ନିର୍ଦ୍ଦିଷ୍ଟ ଆଶ୍ରୟସ୍ଥଳୀ ନିର୍ଦ୍ଧାରଣ କରିବାକୁ କୁହାଯାଇଛି। ଥରେ ଆକ୍ରମଣର ପ୍ରଭାବ ସରିଗଲେ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀମାନେ ପୁଣି ଲମ୍ବା ସାଇରନ୍ ବଜାଇବେ, ଯାହା ସୂଚିତ କରିବ ଯେ ଶତ୍ରୁ ବିମାନ ଫେରିଗଲା। ଏହାପରେ ବେସାମରିକ ପ୍ରତିରକ୍ଷା, ଏନ୍‌ସିସି, ଏନ୍‌ଏସ୍‌ଏସ୍ ଏବଂ ସ୍ଥାନୀୟ ସ୍ୱେଚ୍ଛାସେବୀମାନେ ଆହତ ବ୍ୟକ୍ତିମାନଙ୍କୁ ଡାକ୍ତରଖାନା ନେବାର ବ୍ୟବସ୍ଥା କରିବେ। ବୁଧବାର ସୁଦ୍ଧା ରାଜ୍ୟ ଓ ଜିଲାସ୍ତରରେ ନିୟନ୍ତ୍ରଣ କକ୍ଷମାନ କରାଯିବ। ଜେନେଭା ଚୁକ୍ତି ଅନୁସାରେ ବେସାମରିକ ପ୍ରତିରକ୍ଷା ଓ ରେଡ୍‌କ୍ରସ ସଂସ୍ଥା ଯୁଦ୍ଧରେ ଅଂଶୀଦାର ନୁହନ୍ତି। ସେମାନଙ୍କ ଉପରେ କୌଣସି ଆକ୍ରମଣ କରାଯାଇପାରିବନାହିଁ। ଜିଲା ମାଜିଷ୍ଟ୍ରେଟ୍‌ମାନେ ବେସାମରିକ ପ୍ରତିରକ୍ଷାର ନିୟନ୍ତ୍ରକ ଭାବେ କାମ କରନ୍ତି। ତେଣୁ ଜନସାଧାରଣଙ୍କ ପାଇଁ ସବୁ ସେବା ବେସାମରିକ ପ୍ରତିରକ୍ଷା ସଂସ୍ଥା ଅଧୀନରେ ଚାଲିବ। ସେମାନେ ଖାଦ୍ୟ, ଜଳଯୋଗାଣ, ବିଦ୍ୟୁତ୍, ସ୍ୱାସ୍ଥ୍ୟସେବା ଇତ୍ୟାଦି ସବୁ ବେସାମରିକ ପ୍ରତିରକ୍ଷା ସଂସ୍ଥା ପକ୍ଷରୁ ସଂଯୋଜନା କରାଯିବ। ଜିଲା ମାଜିଷ୍ଟ୍ରେଟ୍‌ମାନେ ବିଭିନ୍ନ ସେବାର ମୁଖ୍ୟଙ୍କୁ ଏଥିପାଇଁ ବେସାମରିକ ପ୍ରତିରକ୍ଷା ୱାର୍ଡେନ୍ ଭାବେ ନିଯୁକ୍ତି ଦେବେ। ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସାହୁ ଜିଲାପାଳମାନଙ୍କୁ ଏସ୍‌ପିଙ୍କ ସହ ସମନ୍ୱୟ ରକ୍ଷାକରି ନାଗରିକ ପ୍ରତିରକ୍ଷା ଅଭ୍ୟାସ ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଓସ୍‌ଡମା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କମଳ ଲୋଚନ ମିଶ୍ର, ୧୨ ଜିଲାର ଜିଲାପାଳ, ଏସ୍‌ପି ଏବଂ ଜିଲା ଆପାତ୍‌କାଳୀନ ଅଧିକାରୀମାନେ ଯୋଗଦେଇଥିଲେ।

ଅନ୍ୟପକ୍ଷରେ ଭୁବନେଶ୍ୱରରେ ମକ୍‌ଡ୍ରିଲ୍ ପାଇଁ ବ୍ୟବସ୍ଥା କରାଯାଇଛି। ମଙ୍ଗଳବାର ବରମୁଣ୍ଡାସ୍ଥିତ ଅଗ୍ନିଶମ ଓ ବିପତ୍ତି ନିସ୍ତାର ପ୍ରତିଷ୍ଠାନ(ଓଏଫ୍‌ଡିଆର୍‌ଏ)ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଗ୍ନିଶମ ଡିଆଇଜି ଉମାଶଙ୍କର ଦାଶ କହିଛନ୍ତି, ସରକାରଙ୍କ ନିର୍ଦ୍ଦେଶକ୍ରମେ ସିଭିଲ୍ ଡିଫେନ୍ସ ଅର୍ଗାନାଇଜେଶନ୍ ନେତୃତ୍ୱରେ ପୋଲିସ, ଅଗ୍ନିଶମ, ବିଭିନ୍ନ ସ୍ୱେଚ୍ଛାସେବୀ ଏହି ମକ୍‌ଡ୍ରିଲରେ ଅଂଶଗ୍ରହଣ କରିବେ। ବୁଧବାର କେବଳ ବୋମା ବର୍ଷଣକୁ ନେଇ ମକ୍‌ଡ୍ରିଲ୍ କରାଯିବ। ଏହି ମକ୍‌ଡ୍ରିଲ୍ ଏକ ପ୍ରସ୍ତୁତି ହୋଇଥିବାବେଳେ ଏଥିରେ ଭୟଭୀତ ନ ହୋଇ ଜନସାଧାରଣ ସହଯୋଗ କରିବାକୁ ଡିଆଇଜି ନିବେଦନ କରିଛନ୍ତି।

# ଦୁର୍ଦ୍ଦିନରେ ଥିବା ସମ୍ବିଧାନର ସୁରକ୍ଷା ଆବଶ୍ୟକ: ଭକ୍ତ

## ଅନୁଗୋଳରେ କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶ

ଅନୁଗୋଳ,୬।୫(ମାନସ ବିଶ୍ୱାଳ)



ଅନୁଗୋଳରେ ଅନୁଷ୍ଠିତ ସମ୍ବିଧାନ ବଞ୍ଚାଅ ସମାବେଶରେ ମଞ୍ଚାସୀନ ପିସିସି ସଭାପତିଙ୍କ ସମେତ ଅନ୍ୟ ବରିଷ୍ଠ ନେତୃବୃନ୍ଦ।

ଅନୁଗୋଳ ଜିଲା କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ସଭାଘର ପରିସରରେ ସମ୍ବିଧାନ ବଞ୍ଚାଅ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଯୋଗଦେଇ ଭାରତବର୍ଷର ସମ୍ବିଧାନ ବର୍ତ୍ତମାନ ବହୁ ଦୁର୍ଦ୍ଦିନ ଦେଇ ଗତି କରୁଥିବାରୁ ଏହାର ସୁରକ୍ଷା ଅତି ଆବଶ୍ୟକ ହୋଇପଡିଥିବା ମତବ୍ୟକ୍ତ କରିଥିଲେ।

ଭକ୍ତ କହିଥିଲେ, ଭାରତୀୟ ସମ୍ବିଧାନକୁ ବଞ୍ଚାଇବାକୁ ପ୍ରତ୍ୟେକ ଭାରତୀୟ ଆଗକୁ ଆସିବା ଉଚିତ। ବହୁ ଘାତ ପ୍ରତିଘାତ ଦେଇ ଭାରତବର୍ଷ ସ୍ୱାଧୀନତା ଲାଭ କରିଥିଲା ଓ ଡ. ଆମ୍ବେଡକରଙ୍କ ଅକ୍ଳାନ୍ତ ପରିଶ୍ରମରେ ଯେଉଁ ବିଶ୍ୱବନ୍ଦିତ ଭାରତ ସମ୍ବିଧାନ ପ୍ରଣୟନ କରାଯାଇଛି ତାହାର ସୁରକ୍ଷା ପାଇଁ ପ୍ରତ୍ୟେକ ଭାରତୀୟ ସଙ୍କଳ୍ପବଦ୍ଧ। କେନ୍ଦ୍ର ସରକାରଙ୍କ ବିଫଳତାକୁ ଜଣାଇବାକୁ ଯାଇ ଆଜି ଦେଶ ଏକ ଯୁଦ୍ଧର ଆହ୍ୱାନକୁ ସାମ୍ନା କରିବାକୁ ଯାଉଛି। ଦେଶ ଭିତର ଓ ବାହାର ଆଜି ସୁରକ୍ଷିତ ନୁହେଁ। ଦେଶବାସୀ ଦରବୃଦ୍ଧି ଓ ସରକାରଙ୍କ ବିଭିନ୍ନ ଶୋଷଣର ଶିକାର ହୋଇଛନ୍ତି। ରାଜ୍ୟରେ ନାରୀଙ୍କ ସୁରକ୍ଷା ସମ୍ପୂର୍ଣ୍ଣ ଭୁଶୁଡି ଯାଇଥିବା ବେଳେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ। ସରକାର ୧୦ ମାସ ମଧ୍ୟରେ ଜନତାଙ୍କୁ ଦେଇଥିବା ପ୍ରତିଶ୍ରୁତି ଆଜି ସମ୍ପୂର୍ଣ୍ଣ ରୂପେ ପ୍ରତାରଣାରେ ପରିଣତ ହୋଇଛି। ରାଜ୍ୟବାସୀ ଡବଲ ଇଞ୍ଜିନ ସରକାରର କାର୍ଯ୍ୟକୁ ଜାଣି ସାରିଲେଣି। ଆଗାମୀ ଦିନରେ ସେମାନେ ତାହାର ଉଚିତ ଜବାବ ଦେବେ ବୋଲି ପିସିସି ସଭାପତି ପ୍ରକାଶ କରିଥିଲେ। ଏହି ଅବସରରେ ଅନୁଗୋଳ ଜିଲା କଂଗ୍ରେସ ସଭାପତି ଅମ୍ବିକା ପ୍ରସାଦ ଭଞ୍ଜଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ସ୍ଥାନୀୟ କଂଗ୍ରେସ ଭବନଠାରୁ ଶୋଭାଯାତ୍ରାରେ ବାହାରି ସଭାଘର ପରିସରରେ ପହଞ୍ଚିଥିଲେ। ଏହି ଶୋଭାଯାତ୍ରାରେ ପ୍ରଦେଶ କଂଗ୍ରେସ କମିଟି ସଭାପତି, ପୂର୍ବତନ ମନ୍ତ୍ରୀ ନଗେନ୍ଦ୍ର ପ୍ରଧାନ, ପୂର୍ବତନ ମନ୍ତ୍ରୀ ଅମରନାଥ ପ୍ରଧାନ ଓ ବହୁ କଂଗ୍ରେସ ନେତା, କର୍ମୀ ସାମିଲ ହୋଇଥିଲେ। ପୂର୍ବତନ ମନ୍ତ୍ରୀ ଅମରନାଥ ପ୍ରଧାନ ଜାତିଭିତ୍ତିକ ଜନଗଣନା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଚିନ୍ତାଧାରାକୁ କେନ୍ଦ୍ର ବିଳମ୍ବରେ ହେଲେ ମଧ୍ୟ ଗ୍ରହଣ କରିବାକୁ ବାଧ୍ୟ ହୋଇଥିବା କହିଥିଲେ। ପୂର୍ବତନ ମନ୍ତ୍ରୀ ନଗେନ୍ଦ୍ର ପ୍ରଧାନ ନାରୀମାନେ ଅସୁରକ୍ଷିତ ଓ ବର୍ତ୍ତମାନର ସରକାର ସେମାନଙ୍କୁ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ଅସମର୍ଥ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା ସଭାପତି ସଂଗ୍ରାମ ମିଶ୍ର, ଅଖିଳ ଭାରତୀୟ ମହିଳା କଂଗ୍ରେସ ସମ୍ପାଦିକା ସସ୍ମିତା ବେହେରା, ଲଲାଟେନ୍ଦୁ ଦାସ, ବିଜୟାନନ୍ଦ ଚାଉଳିଆ, ଅନିମା ମିଞ୍ଜ, ଲୁଲୁ ପାଣିଗ୍ରାହୀ, ପ୍ରଦ୍ୟୁମ୍ନ ସାହୁ, ସବିତା ଧୀର, କେଶବ ଭୂତିଆ, ରାଜକିଶୋର ସାହୁ, ନରୋତ୍ତମ ନାୟକ, ହିମାଂଶୁ ଚାଉଳିଆ, ଶାନ୍ତି ବେହେରା, ସୁବ୍ରତ ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମକ୍‌ଡ୍ରିଲ୍

## ଯୁଦ୍ଧ ସ୍ଥିତିର ମୁକାବିଲା ପ୍ରସ୍ତୁତି

ତାଳଚେର,୬।୫ (ମନୋଜ ନନ୍ଦ)/ ଅନୁଗୋଳ (ମାନସ ବିଶ୍ୱାଳ)

ଜମ୍ମୁକଶ୍ମୀରରେ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧ ଆଶଙ୍କା ସୃଷ୍ଟି ହୋଇଛି। ତେଣୁ ଯୁଦ୍ଧ ସ୍ଥିତିର ମୁକାବିଲା କିପରି କରାଯିବ ସେ ନେଇ ତାଳଚେର ବେସାମରିକ ପ୍ରତିରକ୍ଷା ସଙ୍ଗଠନ ପକ୍ଷରୁ ଗତ ୧ ତାରିଖ ଠାରୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜାରି ରହିଛି। ଏହି କ୍ରମରେ ଆସନ୍ତା ୭ ତାରିଖ ବୁଧବାର ବେସାମରିକ ପ୍ରତିରକ୍ଷା ସଙ୍ଗଠନ ପକ୍ଷରୁ ତାଳଚେର ଉପଜିଲାପାଳଙ୍କ ଅଫିସ ପରିସରରେ ଏକ ମକ୍‌ଡ୍ରିଲ ଅନୁଷ୍ଠିତ ହେବ। ଯୁଦ୍ଧ ପରିସ୍ଥିତି ସୃଷ୍ଟି ହେଲେ ନାଗରିକମାନଙ୍କ ଧନ ଜୀବନ ସହ ଆସବାବପତ୍ରର ସୁରକ୍ଷା କିପରି ହୋଇପାରିବ ସେ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ସହ ଯୁଦ୍ଧ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ବେସାମରିକ ପ୍ରତିରକ୍ଷା ସଙ୍ଗଠନର ମୁଖ୍ୟ କାଳନ୍ଦୀ ସାହୁ ସୂଚନା ଦେଇଛନ୍ତି। ତାଳଚେରରେ ଭାରିଜଳ ପ୍ରକଳ୍ପ, ସମସ୍ତ କୋଇଲା ଖଣି ଉଦ୍ୟୋଗ, ତାପଜ ବିଦ୍ୟୁତ୍ କେନ୍ଦ୍ର ସହ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ରହିଥିବାରୁ ତାଳଚେର ସିଭିଲ ଡିଫେନ୍ସକୁ ଏ ବିଭାଗରେ ସାମିଲ କରାଯାଇଥିବା ସୂଚନା ରହିଛି। ସେହିପରି ଏହି ମକ୍‌ଡ୍ରିଲରେ ଜିଲା ନିୟନ୍ତ୍ରଣ କକ୍ଷ ସ୍ଥାପନ ହେବା ସହିତ ଏୟାର ରେଡ୍ ଓ୍ୱାର୍ଣ୍ଣିଂ ସାଇରନକୁ ସକ୍ରିୟ କରାଯିବ। ଉନ୍ନତ ସ୍ଥାନାନ୍ତରଣ ନିମନ୍ତେ ଜନସାଧାରଣଙ୍କୁ ଅଭ୍ୟାସ କରାଯିବ। ଅଗ୍ନି ନିବାରଣ ଓ ଉଦ୍ଧାରକାର୍ଯ୍ୟ ପାଇଁ ସ୍ୱେଚ୍ଛାସେବୀମାନଙ୍କୁ କ୍ରିୟାଶୀଳ କରାଯିବ। ଅତିରିକ୍ତ ଜିଲାପାଳ, ତାଳଚେର ଉପଜିଲାପାଳ, ଶିଳ୍ପାନୁଷ୍ଠାନର ସୁରକ୍ଷା ଅଧିକାରୀ ଓ ସେମାନଙ୍କ ପ୍ରତିନିଧି, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ସ୍ୱାସ୍ଥ୍ୟ ଅଧିକାରୀ, ଆରକ୍ଷୀ ବାହିନୀ, ଅଗ୍ନିଶମ ଅଧିକାରୀ, ଏବଂ ସ୍ୱେଚ୍ଛାସେବୀମାନେ କାର୍ଯ୍ୟକ୍ରମରେ ସାମିଲ ହେବେ ବୋଲି ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଜିତ ସାହୁ ସୂଚନା ଦେଇଛନ୍ତି।

# ଆଇନଶୃଙ୍ଖଳା ନେଇ ପ୍ରଶ୍ନ ଉଠାଇଲେ ମହେଶ

## ମୃତ ବିଶ୍ୱଜିତ ନାଏକଙ୍କ ପରିବାରକୁ ଭେଟିଲେ

ତାଳଚେର,୬।୫(ମନୋଜ ନନ୍ଦ)

ତାଳଚେର ବ୍ଲକ କଲିୟାରୀ ଥାନା ଦେଉଳବେଡ଼ା ଅଞ୍ଚଳରୁ ନିଖୋଜ ଥିବା ଯୁବକ ବିଶ୍ୱଜିତ ନାଏକ (୨୩)ଙ୍କ ମୃତଦେହ ଶିବରାମପୁର ଜଙ୍ଗଲରୁ ସୋମବାର ପୋଲିସ ଜବତ କରିଥିବା ବେଳେ ମଙ୍ଗଳବାର ତାଙ୍କ ପରିବାରକୁ ଭେଟିଛନ୍ତି ବିଜେଡି ଏସ୍‌ସି ସେଲ୍ ଆବାହକ ତଥା ଢେଙ୍କାନାଳର ପୂର୍ବତନ ଏମ୍‌ପି ମହେଶ ସାହୁ। ମୃତ ବିଶ୍ୱଜିତଙ୍କ ଦେଉଳବେଡ଼ାସ୍ଥିତ ଘରେ ପହଞ୍ଚି ତାଙ୍କ ମାତା, ପିତା ଓ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ଘଟଣାର ତଦନ୍ତ ତ୍ୱରାନ୍ୱିତ କରି ଯଥାଶୀଘ୍ର ଦୋଷୀଙ୍କୁ ଧରିବା ପାଇଁ ସାହୁ ପୋଲିସ ଅଧିକାରୀଙ୍କ ସହ ଫୋନ ମାଧ୍ୟମରେ କଥା ହୋଇଥିଲେ। ତାଳଚେରରେ ଜଣେ ଦଳିତ ଆଦିବାସୀ ଝିଅଙ୍କୁ ହତ୍ୟା ଘଟଣା ପରେ ପୁଣି ଏକ ଗରିବ ଦଳିତ ଅନୁସୂଚିତ ଜାତି ବର୍ଗର ଯୁବକଙ୍କୁ ଘରୁ ଡାକିନେଇ ହତ୍ୟା କରାଯିବା ଭଳି ଘଟଣା ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ରାଜ୍ୟର ନୂଆ ସରକାର ଲୋକଙ୍କ ସରକାର ବୋଲି ଯେତେ ଚିତ୍କାର କଲେ ମଧ୍ୟ ପାରିବା ପଣିଆ ଏହି ସବୁ ଘଟଣାରୁ ପଦାରେ ପଡିଯାଇଛି ବୋଲି ସାହୁ ପ୍ରକାଶ କରିଛନ୍ତି।

# ମହାତ୍ମା ଗାନ୍ଧୀଙ୍କ ଆଗମନ ସ୍ମୃତି ଦିବସ ପାଳନ

ଅନୁଗୋଳ,୬।୫(ମାନସ ବିଶ୍ୱାଳ)

ଅନୁଗୋଳ ସହର ଉପକଣ୍ଠ ରାଣୀଗୋଡ଼ା ହନୁମାନ ଛକ ନିକଟସ୍ଥ ଗୋଷ୍ଠୀକେନ୍ଦ୍ରଠାରେ ମହାତ୍ମା ଗାନ୍ଧୀ ମେମୋରିଆଲ ଟ୍ରଷ୍ଟ ରାଣୀଗୋଡ଼ା ଆନୁକୂଲ୍ୟରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ମହାତ୍ମା ଗାନ୍ଧୀଙ୍କ ଅନୁଗୋଳ ଆଗମନର ୯୨ ତମ ସ୍ମୃତିଦିବସ ପାଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ସଭାପତି ରମେଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମେଜର ଧନେଶ୍ୱର ଦାସ, ମୁଖ୍ୟବକ୍ତା ଭାବେ ଡ. ଅକ୍ଷୟ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ଜିଲା ଉତ୍କଳ ସମ୍ମିଳନୀ ସଭାପତି ପ୍ରଧାପକ ବିଶ୍ୱରଞ୍ଜନ ପ୍ରଧାନ, ଅଧାପକ ରଞ୍ଜନ କୁମାର ସାହୁ, ବରିଷ୍ଠ ସଦସ୍ୟ ଦାମୋଦର ଦାସ, ନୀର ସାହୁ ପ୍ରମୁଖ ଯୋଗଦେଇ ୧୯୩୪ ମସିହା ମେ ୬ରେ ମହାତ୍ମା ଗାନ୍ଧୀଙ୍କ ଆଗମନ ଦିବସରେ ଘଟିଯାଇଥିବା ଘଟଣାବଳୀ ଓ ଉପସ୍ଥିତ ଜନ ସାଧାରଣଙ୍କ ଭାବାବେଗ ଉପରେ ଆଲୋକପାତ କରିଥିଲେ। ନିମନ୍ତ୍ରିତ ଅତିଥି ଭାବେ ତ୍ରେତାନନ୍ଦ ସାମନ୍ତ, ଗିରୀଶ ଚନ୍ଦ୍ର ବେହେରା, ପୁରୁଷୋତ୍ତମ ସିଂହ ସାମନ୍ତ, ପ୍ରଧାନ ଶିକ୍ଷକ ନିରୋଦ କୁମାର ସେନାପତି ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଗତ ଦଶମ ବୋର୍ଡ ପରୀକ୍ଷାରେ କୃତୀ ଛାତ୍ରୀ ଆଲିସା ସାହୁଙ୍କୁ ମେମୋରିଆଲ ଟ୍ରଷ୍ଟ ତରଫରୁ ସମ୍ମାନିତ କରାଯାଇଥିଲା। ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସିଂସାମନ୍ତ ମଞ୍ଚ ସଂଯୋଜନା କରିଥିଲେ। ଭଗବାନ ମହାପାତ୍ର, ଆଦିକନ୍ଦ ସିଂହ ସାମନ୍ତ, କିଶୋର ଚନ୍ଦ୍ର ଦେହୁରୀ, ତ୍ରିପୁର ବିଶ୍ୱାଳ, ଶ୍ରୀପତି ମହାପାତ୍ର, କୁମୁଦ ଦାସ, ଅର୍ଜ୍ଜୁନ ସାହୁ, ଅଶୋକ ସିଂହ, ଗୋକୁଳ ସାମନ୍ତ, ଦୁର୍ଯ୍ୟୋଧନ ବାରିକ, ସୁଗ୍ରୀବ ସାମନ୍ତ, ସାର୍ତ୍ତୁକ ଦେହୁରୀ, ସୁମନ୍ତ ସାହୁ, ହେମନ୍ତ ବିଶ୍ୱାଳ, ଅଜିତ ବିଶ୍ୱାଳ, ଦୁହିତା ସାସମଲ, ଲିଲି ସାହୁ, ଦମୟନ୍ତୀ ସାସମଲ, ଶାନ୍ତିଲତା ବେହେରା, ରିନା ବିଶ୍ୱାଳ, ସବିତା ବେହେରା, ଲାବନ ସାସମଲ, ପରେଶ ନାୟକ, ବୀରେନ୍ଦ୍ର ସାହୁ ଉପସ୍ଥିତ ଥିଲେ। ନୀର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଉପାନ୍ତ ଲୋକଙ୍କ ସମସ୍ୟା ବୁଝିଲେ ଅଧିକାରୀ

ପାଲଲହଡ଼ା,୬।୫(ଦିବ୍ୟଜ୍ୟୋତି ଦାଶ)

ପାଲଲହଡ଼ା ଉପଜିଲାପାଳ ରବୀନ୍ଦ୍ର କୁମାର ପଟେଲଙ୍କ ନେତୃତ୍ୱରେ ସୋମବାର ଏକ ପ୍ରଶାସନିକ ଟିମ୍ ଉପାନ୍ତ ଅଞ୍ଚଳ ନଗିରା ଏବଂ ବରଡ଼ିହ ପଞ୍ଚାୟତର ବିଭିନ୍ନ ଗାଁକୁ ଗସ୍ତକରି ଲୋକଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଆଦିବାସୀ ଅଧ୍ୟୁଷିତ ଏହି ପଞ୍ଚାୟତର ପାନୀୟଜଳ ସମସ୍ୟା ଓ ଯୋଗାଯୋଗ ପାଇଁ ମୋବାଇଲ ଫୋନର ସମସ୍ୟା ଥିବା ଜାଣିବାକୁ ପାଇଥିଲେ। ପାନୀୟ ଜଳର ସ୍ଥାୟୀ ସମାଧାନ ପର୍ଯ୍ୟନ୍ତ ଟ୍ୟାଙ୍କର ମାଧ୍ୟମରେ ଲୋକଙ୍କୁ ପାନୀୟ ଜଳ ଯୋଗାଣ ପାଇଁ ଉପଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ଏହି ୨ପଞ୍ଚାୟତରେ ବିଏସ୍‌ଏନ୍‌ଏଲ୍ ପକ୍ଷରୁ ମୋବାଇଲ ଟାୱାର ନିର୍ମାଣ କରାଯାଇଥିଲେ ମଧ୍ୟ ଏହା କାର୍ଯ୍ୟକ୍ଷମ ହୋଇ ପାରୁନାହିଁ। ଏହାକୁ କିପରି ଭାବେ ଶୀଘ୍ର କାର୍ଯ୍ୟକ୍ଷମ କରାଯାଇ ପାରିବ ସେ ନେଇ ପଟେଲ ବିଏସ୍‌ଏନ୍‌ଏଲ୍ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଗସ୍ତ ସମୟରେ ଅନ୍ୟମାନଙ୍କ ମଧ୍ୟରେ ବିଡିଓ ନିଶାନ ମିଶ୍ର, ଗ୍ରାମ୍ୟ ଜଳ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ବିଶ୍ୱନାଥ ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ଶୀତଳଷଷ୍ଠୀ ପାଇଁ ପ୍ରସ୍ତୁତି ବୈଠକ


ଶିବ ମନ୍ଦିର ପରିସରରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକ।

ବଇଣ୍ଡା, ୬।୫(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ହଣ୍ଡପା ଶିବ ମନ୍ଦିରରେ ଚଳିତ ମାସରେ ଶୀତଳ ଷଷ୍ଠୀ ଅନୁଷ୍ଠିତ ହେବ। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ସୋମବାର ଶିବ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ପ୍ରଦୀପ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପ୍ରଫୁଲ୍ଲ କୁମାର ପ୍ରଧାନ, ସଂସାର ସ୍ୱାଇଁ, ସାଧୁ ଚରଣ ସାହୁ, ଗଗନ ଅମାନ୍ତ, ଅର୍ଜ୍ଜୁନ କୁମାର ସ୍ୱାଇଁ, ସହଦେବ ପ୍ରଧାନ, ଅକ୍ଷୟ କୁମାର ପ୍ରଧାନ, ତରୁଣ କୁମାର ସାହୁ, ମନୋଜ କୁମାର ବେହେରାଙ୍କ ସମେତ ସମସ୍ତ ଗ୍ରାମବାସୀ ଯୋଗଦେଇଥିଲେ। କିଭଳି ଧୁମଧାମରେ ଶିବ ବିବାହ ହେବ ସେ ନେଇ ଆଲୋଚନା କରାଯାଇଥିଲା। ଚଳିତବର୍ଷ ପାଇଁ ବର ପିତା ଭାବେ କମଳ ଲୋଚନ ସାମଲ ଓ କନ୍ୟା ପିତା ଭାବେ ନଗେନ୍ କୁମାର ସାହୁଙ୍କୁ ଚୟନ କରାଯାଇଥିଲା।

# ମହିଳା-ଯୁବ-ଛାତ୍ର ସଙ୍ଗଠନର ବିକ୍ଷୋଭ

ଅନୁଗୋଳ,୬।୫(ମାନସ ବିଶ୍ୱାଳ)

ଅନୁଗୋଳ ଜିଲା କଣିହାଁ ବ୍ଲକ ଲୋଧାଝରୀ ଗାଁର ସୁଭଦ୍ରା ପଦିଲଙ୍କୁ ବୀଭତ୍ସ ଭାବେ ହତ୍ୟା କରାଯିବା ଘଟଣାରେ ଅପରାଧୀମାନଙ୍କୁ ତୁରନ୍ତ ଗିରଫ କରି କଠୋର ଦଣ୍ଡବିଧାନ କରିବାକୁ ଦାବି କରାଯାଇଛି। ଏହି ଦାବି ନେଇ ମଙ୍ଗଳବାର ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ (ଏଆଇଏମ୍‌ଏସ୍‌ଏସ୍), ଯୁବ ସଙ୍ଗଠନ (ଏଆଇଡିୱାଇଓ) ଏବଂ ଛାତ୍ର ସଙ୍ଗଠନ (ଏଆଇଡିଏସ୍‌ଓ) ପକ୍ଷରୁ ମିଳିତ ଭାବେ ଅନୁଗୋଳ ସହରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ ଶିଶୁ କନ୍ୟା, ଛାତ୍ରୀ, ଯୁବତୀ ସର୍ବୋପରି ମହିଳାମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା, ଅପରାଧ ଘଟିବାର ମୂଳ ଉତ୍ସ ମାଦକ ଦ୍ରବ୍ୟ, ଡ୍ରଗସ୍, ବ୍ରାଉନ ସୁଗାର ସମେତ ଅଶ୍ଳୀଳତା, ଅପସଂସ୍କୃତିର ପ୍ରସାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ଦାବି କରି ଏହି ବିକ୍ଷୋଭ କରାଯାଇଥିଲା। ସ୍ଥାନୀୟ ଗୋପବନ୍ଧୁ ପାର୍କ ଠାରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ରାଜାଛକ ଠାରେ ପହଞ୍ଚିଥିଲା। ସେଠାରେ ମହିଳାନେତ୍ରୀ ସରୋଜିନୀ ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ବିକ୍ଷୋଭରେ ଏଆଇଏମ୍‌ଏସ୍‌ଏସ୍‌ର ରାଜ୍ୟ ସଭାନେତ୍ରୀ ସ୍ୱୟଂପ୍ରଭା ନାୟକ, ପ୍ରତିମା ବେହେରା, ଡିୱାଇଓ ରାଜ୍ୟ ସଭାପତି ମାନସ ପାଳ, ଭରତ ନାଏକ, ଜ୍ୟୋସ୍ନା ସାମଲ, ଡିଏସ୍‌ଓ ସଙ୍ଗଠକ ନାରାୟଣ ନାୟକ ଓ ସରୋଜିନୀ ବେହେରା ପ୍ରମୁଖ ବକ୍ତବ୍ୟ ରଖି ଯୁବତୀ ନିଖୋଜ ହେବା ପରେ ରେଳବାଇ ପୋଲିସର ତଦନ୍ତରେ ଅବହେଳାକୁ ନିନ୍ଦା କରିବା ସହ ତୁରନ୍ତ ଅପରାଧୀମାନଙ୍କୁ ଗିରଫ କରି ଦୃଷ୍ଟାନ୍ତମୂଳକ ଶାସ୍ତି ଦେବାକୁ ଦାବି କରିଥିଲେ। ପରେ ମହିଳା ସଭାନେତ୍ରୀ ସ୍ୱୟଂପ୍ରଭା ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲାପାଳ ଏବଂ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ସଙ୍ଗଠକ ନିରଞ୍ଜନ ନାୟକ, ମଳୟ ବେହେରା, ପବିତ୍ର ମହାକୁଡ, ଉଲ୍ଲାସ ମୁଦୁଲି, ଲମ୍ବୋଦର ପଣ୍ଡା, ସୁରୁଚି ପ୍ରଧାନ, ନିରୁପମା ନାୟକ ପ୍ରମୁଖ ସାମିଲ ଥିଲେ।

# ଅପରାଧୀଙ୍କୁ କଠୋର ଦଣ୍ଡ ଦାବି

ପବିତ୍ରନଗର,୬।୫(ନିରୋଜ ପ୍ରଧାନ)

କଣିହାଁ ବ୍ଲକ ଲୋଧାଝରୀ ଗ୍ରାମର ସୁଭଦ୍ରା ପଦିଲଙ୍କୁ ହତ୍ୟା କରିଥିବା ସମସ୍ତ ଅପରାଧୀଙ୍କୁ ଅବିଳମ୍ବେ ଗିରଫ କରି କଠୋର ଦଣ୍ଡ ପ୍ରଦାନ ଦାବିରେ ଛାତ୍ର ସଙ୍ଗଠନ ଏଆଇଡିଏସ୍‌ଓ, ଯୁବ ସଙ୍ଗଠନ ଏଆଇଡିୱାଇଓ ଏବଂ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ କଣିହାଁ ବ୍ଲକ୍ କମିଟି ପକ୍ଷରୁ ମଙ୍ଗଳବାର ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆନ୍ଦୋଳନକାରୀ କଣିହାଁ ଗାନ୍ଧୀ ମଣ୍ଡପଠାରୁ ଶୋଭାଯାତ୍ରାରେ ବାହାରି କଣିହାଁ ବଜାର ପରିକ୍ରମା କରି ବ୍ଲକ୍ ଅଫିସ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସଭାରେ ନାରୀ ନେତ୍ରୀ ପ୍ରଗତିବାଳା ନାୟକ ସଭାପତିତ୍ୱ କରିଥିଲେ। ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଓଡ଼ିଶା ରାଜ୍ୟ କମିଟି ସଦସ୍ୟ ଜୟସେନ ମେହେର, କଣିହାଁ ଆଞ୍ଚଳିକ କମିଟି ସମ୍ପାଦକ ପ୍ରହ୍ଲାଦ ଚନ୍ଦ୍ର ସାହୁ, ଡିଏସ୍‌ଓ ଜିଲା ସଭାପତି ପରମାନନ୍ଦ ସାହୁ, ଡିୱାଇଓ ଜିଲା ସମ୍ପାଦକ କୈଳାସ ଚନ୍ଦ୍ର ସାହୁ, ମହିଳା ସାଂସ୍କୃତିକ ସଙ୍ଗଠନ ବ୍ଲକ ସମ୍ପାଦିକା ମିନତୀ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଏବଂ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଉଦ୍ଦେଶ୍ୟରେ କଣିହାଁ ଥାନା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ଶାଳଗଣ୍ଡି, ଚଉକାଠ ଜବତ

ପବିତ୍ରନଗର,୬।୫(ନିରୋଜ ପ୍ରଧାନ)


କଣିହାଁ ବନାଞ୍ଚଳ ବଡ଼ତ୍ରିବିଡ଼ା ପଞ୍ଚାୟତ ଛେଳିଆ ଗ୍ରାମ ନାଳଠାରୁ ମଙ୍ଗଳବାର କଣିହାଁ ବନ ବିଭାଗ ୪ଟି ଶାଳଗଣ୍ଡି ଓ ୨୫ ପିସ୍ ଚଉକାଠ ଜବତ କରିଛି। କେତେଜଣ ଦୁର୍ବୃତ୍ତ ଚୋରା ଶାଳକାଠ ରଖିଥିବା ସୂଚନାପାଇ କଣିହାଁ ରେଞ୍ଜ ଅଧିକାରୀ ନୀଳାଦ୍ରିନାଥ ସାହୁଙ୍କ ସହଯୋଗରେ ଏକ ଟିମ୍ ଚଢ଼ାଉ କରିଥିଲା। ମୋଟ ୨୬ ସିଫ୍ଟ କାଠ ଜବତ କରାଯାଇଥିବା ରେଞ୍ଜ ଅଧିକାରୀ ସାହୁ କହିଛନ୍ତି। ଦୀପକ କୁମାର ସେଠୀ, ରଞ୍ଜନ ପ୍ରଧାନ, ଧ୍ରୁବ ସାହୁ, ସଂସାର ସାହୁ, ପବିତ୍ର ପ୍ରଧାନ ଓ ପ୍ରଶାନ୍ତ ପ୍ରଧାନ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

## ଯୁବତୀଙ୍କୁ ଅପହରଣ ପରେ ହତ୍ୟା ଘଟଣା

# ମୃତାଙ୍କ ପରିବାରକୁ ଭେଟିଲା ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

ଅନୁଗୋଳ,୬।୫(ମାନସ ବିଶ୍ୱାଳ)/ ପବିତ୍ରନଗର (ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ଲୋଧାଝରୀ ଗାଁର ଦଳିତ ଯୁବତୀ ସୁଭଦ୍ରା ପଦିଲଙ୍କୁ ଅପହରଣ ପରେ ହତ୍ୟା ଘଟଣାରେ ଦୋଷୀଙ୍କୁ ଶୀଘ୍ର ଧରାଯିବା ସହିତ ଉଚିତ ଦଣ୍ଡ ବିଧାନ ନିମନ୍ତେ ଦାବି କରିଛି ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍। ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ଏହି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ମୃତ ଯୁବତୀଙ୍କ ପରିବାରକୁ ଭେଟି ସମବେଦନା ଜଣାଇଥିଲା। ପରେ ଅନୁଗୋଳ ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନଙ୍କୁ ସାକ୍ଷାତ କରି ଦୋଷୀଙ୍କୁ ଯଥାଶୀଘ୍ର ଧରି ଉଚିତ ଦଣ୍ଡ ବିଧାନ ନିମନ୍ତେ ଦାବି କରିଥିଲା। ଏହି ପ୍ରତିନିଧି ମଣ୍ଡଳୀରେ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ଏମ୍‌ପି ରାଜଶ୍ରୀ ମଲ୍ଲିକ, ମହିଳା କମିଶନର ପୂର୍ବତନ ଅଧ୍ୟକ୍ଷା ଲୋପାମୁଦ୍ରା ବକ୍ସିପାତ୍ର, ବିଜେଡି ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାର, ଅନୁଗୋଳ ଜିଲା ବିଜେଡି ସଭାପତି ତଥା ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଢେଙ୍କାନାଳର ପୂର୍ବତନ ଏମ୍‌ପି ମହେଶ ସାହୁ, ଛେଣ୍ଡିପଦାର ପୂର୍ବତନ ବିଧାୟକ ସୁଶାନ୍ତ ବେହେରା, ପାଲଲହଡ଼ାର ପୂର୍ବତନ ବିଧାୟକ ମୁକେଶ କୁମାର ପାଳ, ଅନୁଗୋଳର ପୂର୍ବତନ ବିଧାୟକ ରଜନୀକାନ୍ତ ସିଂହ ଓ ଅନ୍ୟ ବରିଷ୍ଠ ନେତା ସାମିଲ ଥିଲେ।


ଅନୁଗୋଳ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରୁଛି ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍।

# ଏସ୍‌ପିଙ୍କୁ ସାକ୍ଷାତ କଲା ଭାଜପା ପ୍ରତିନିଧିମଣ୍ଡଳୀ


ଅନୁଗୋଳ ଏସ୍‌ପିଙ୍କୁ ଭେଟିବାକୁ ଆସିଥିବା ଭାଜପା ପ୍ରତିନିଧିମଣ୍ଡଳୀ।

ଅନୁଗୋଳ,୬।୫(ମାନସ ବିଶ୍ୱାଳ)

ଅନୁଗୋଳ ଜିଲା କଣିହାଁ ବ୍ଲକ ଲୋଧାଝରୀ ଗ୍ରାମର ଯୁବତୀ ସୁଭଦ୍ରା ପଦିଲଙ୍କ ହତ୍ୟା ଘଟଣାରେ ଦୋଷୀମାନଙ୍କୁ ତୁରନ୍ତ ଗିରଫ ସହ କଠୋର ଦଣ୍ଡରେ ଦଣ୍ଡିତ କରିବାକୁ ମଙ୍ଗଳବାର ଭାଜପା ପକ୍ଷରୁ ଦାବି କରାଯାଇଛି। ଅନୁଗୋଳ ଜିଲା ଭାଜପା ସଭାପତି ଯଯାତି ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଅନୁଗୋଳ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନଙ୍କୁ ଭେଟି ଆଲୋଚନା କରିଛି। ଅପରାଧୀଙ୍କୁ ତୁରନ୍ତ ଗିରଫ କରିବା ସହ ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ କରିବା, ତାଳଚେର ରୋଡ୍ ଷ୍ଟେଶନଠାରେ ଏକ ଫାଣ୍ଡି ସ୍ଥାପନ ଓ ଅଟୋ ସଂଘର ରେଜିଷ୍ଟ୍ରେଶନ ପାଇଁ ଏସ୍‌ପିଙ୍କୁ ଭାଜପା ପ୍ରତିନିଧି ମଣ୍ଡଳୀ ଜଣାଇଛି। ଦୁଇଦିନ ମଧ୍ୟରେ ଅପରାଧୀଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି ପ୍ରକାଶ କରିଥିବା ପ୍ରତିନିଧିମଣ୍ଡଳୀ ସୂଚନା ଦେଇଛି। ଉକ୍ତ ପ୍ରତିନିଧିମଣ୍ଡଳୀରେ ଜିଲା ସଭାପତି ପଟ୍ଟନାୟକଙ୍କ ସମେତ ପ୍ରାକ୍ତନ ଜିଲା ସଭାପତି ଦିଲେଶ୍ୱର ପ୍ରଧାନ, ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ, ଜିଲା ଉପସଭାପତି ସୁଜାତା ଦାସ ଓ ଚୌଧୁରୀ ପ୍ରଧାନ, ଜିଲା କୋଷାଧ୍ୟକ୍ଷ ବିଶ୍ୱଜିତ ମିଶ୍ର, କୃଷକ ମୋର୍ଚ୍ଚା ସଭାପତି ବିଜୟ ମାଝୀ, ଦିଲୀପ ଦାସ, ଜିଲା ପରିଷଦ ସଦସ୍ୟ ଯଶୋବନ୍ତ ବେହେରା ଓ ମୀରା ଗଡ଼ନାୟକ, ନମିତା ଦଳବେହେରା, ବୁଲୁ ପ୍ରଧାନଙ୍କ ସମେତ ବହୁ ପଦାଧିକାରୀ ସାମିଲ ହୋଇଥିଲେ।

# ଅଭିଯୁକ୍ତଙ୍କ ପାଇଁ ଲଢ଼ିବେନି ତାଳଚେର ଓକିଲ

ତାଳଚେର,୬।୫ (ମନୋଜ ନନ୍ଦ)

ଅନୁଗୋଳ ଜିଲା କଣିହାଁ ବ୍ଲକ ଲୋଧାଝରୀ ଗାଁର ଦଳିତ ଯୁବତୀ ସୁଭଦ୍ରା ପଦିଲଙ୍କ ହତ୍ୟା ମାମଲାରେ ଅଭିଯୁକ୍ତମାନଙ୍କ ପାଇଁ ତାଳଚେର ଓକିଲ ସଂଘର କୌଣସି ସଦସ୍ୟ ମାମଲା ଲଢ଼ିବେ ନାହିଁ। ଏ ନେଇ ତାଳଚେର ବାର୍ ଆସୋସିଏଶନର ଏକଜିକ୍ୟୁଟିଭ ବଡି ମିଟିଂରେ ନିଷ୍ପତ୍ତି ନିଆଯାଇଥିବା ମଙ୍ଗଳବାର ବାର୍ ପକ୍ଷରୁ ନୋଟିସରେ କୁହାଯାଇଥିବା ସଭାପତି ସନ୍ତୋଷ କୁମାର ସାହୁ ଓ ସମ୍ପାଦକ ମାନସ ବାଇ ସୂଚନା ଦେଇଛନ୍ତି।

DSPL-55

ଖରାଦିନେ ଏ.ସି.ର ସଠିକ ବ୍ୟବହାର କରି ବିଦ୍ୟୁତ୍ ବିଲ୍ କମ୍ କରନ୍ତୁ, ଏବଂ ପରିବେଶକୁ ସୁରକ୍ଷିତ ରଖନ୍ତୁ

- ବି.ଇ.ଇ. (BEE)ପଞ୍ଚ ତାରକା (5 STAR) ବିଶିଷ୍ଟ ଶକ୍ତି ଦକ୍ଷତା ସମ୍ପନ୍ନ ଏ.ସି. ବ୍ୟବହାର କରନ୍ତୁ ।
- ଏ.ସି.ର ଫିଲ୍ଟରକୁ ନିୟମିତ ଭାବରେ ସଫା କରନ୍ତୁ ।
- ଏ.ସି.ର ତାପମାତ୍ରା ସର୍ବନିମ୍ନ ୨୪°C ରଖନ୍ତୁ । ଏ.ସି.ର ତାପମାତ୍ରା ୧°C ବୃଦ୍ଧି କଲେ ୬% ବିଦ୍ୟୁତ୍ ସଞ୍ଚୟ ହୁଏ ।
- ଅତି ଆବଶ୍ୟକତା ନଥିଲେ ଏ.ସି. ଚଲାନ୍ତୁ ନାହିଁ ।

୨୬°

ଅଧିକ ତାରକା ଅଧିକ ସଞ୍ଚୟ

୧ ୟୁନିଟ୍ ଶକ୍ତି ସଞ୍ଚୟ,୨ ୟୁନିଟ୍ ଶକ୍ତି ଉତ୍ପାଦନ ସହ ସମାନ

ଶକ୍ତି ବିଭାଗ, ଓଡିଶା ସରକାର
ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ) ତଥା ପ୍ରମୁଖ ବିଦ୍ୟୁତ ନିରୀକ୍ଷକ

OIPR-04066/13/0023/2526

> ଯଦି କୌଣସି ସମସ୍ୟା ଆସେ– ତେବେ ତା'ସମ୍ବନ୍ଧେ ବିକ୍ଷିପ୍ତ ଭାବେ ମୁଣ୍ଡ ନ ଖେଳାଇ ଯଦି ଶୁଭେଚ୍ଛାର ଅଭୀପ୍ସା ନେଇ ଏକ ଶୁଭସଂକଳ୍ପ ପାଇଁ ପ୍ରୟୋଜନ ବୋଧ ସହିତ ନୀରବ ଓ ଶାନ୍ତଭାବେ ଅପେକ୍ଷା କର – ତେବେ ସମାଧାନ ଖୁବ୍‌ଶୀଘ୍ର ଆସିଥିବା– ଏବଂ ତୁମେ ନୀରବ ଥିବାରୁ ତାହା ଶୁଣିବାକୁ ସମର୍ଥ ହେବ। **–ଶ୍ରୀମା**

# କଫ୍ ସିରପ୍‌ର ମଜା

ଔଷଧର ବ୍ୟବସାୟିକ ଲାଭ ତୁଳନାରେ ମଣିଷ ଜୀବନ ଗୌଣ ହୋଇଗଲାଣି। ଯେଉଁ ଔଷଧ ଘାତକ, ତାହା ଉପରେ କାହାରି ଦୃଷ୍ଟି ନ ରହିଲା ଭଳି ମନେହେଉଛି। ଓଡ଼ିଶାରେ ବିଶେଷକରି ସମ୍ବଲପୁରରୁ ବାରମ୍ବାର ଜବତ ହେଉଥିବା କଫ୍ ସିରପ୍ ଏହା ପ୍ରମାଣ କରୁଛି। ମେ ୫ ତାରିଖରେ ସମ୍ବଲପୁର ପୋଲିସ ସହରର ବିଭିନ୍ନ ସ୍ଥାନରୁ ୫,୦୧୧ଟି କଫ୍ ସିରପ୍ ବୋତଲ ଜବତ କରିବା ସହ ୧୦ ଜଣଙ୍କୁ ଗିରଫ କରିଛି। ଏହାର ଦିନକ ପୂର୍ବରୁ ଅର୍ଥାତ୍ ମେ ୪ ତାରିଖରେ ବରଗଡ଼ ପୋଲିସ ୮୩୧ଟି କଫ୍ ସିରପ୍ ବୋତଲ ଜବତ କରି ୨ ଜଣଙ୍କୁ ଗିରଫ କରିଥିଲା। ଏମାନେ ସମସ୍ତେ ଓଡ଼ିଶାର। କିନ୍ତୁ ପଶ୍ଚିମବଙ୍ଗ ହାୱଡ଼ାରୁ ଏମାନେ କଫ୍ ସିରପ୍ ଆଣି ସମ୍ବଲପୁରର ବିଭିନ୍ନ ସ୍ଥାନରେ ବିକ୍ରି କରିଥା'ନ୍ତି ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ସମ୍ବଲପୁରରେ ଏହା ପ୍ରଥମ ଘଟଣା ନୁହେଁ। ଅତୀତରେ ମଧ୍ୟ ବିପୁଳ ପରିମାଣରେ କଫ୍ ସିରପ୍ ଜବତ ହୋଇଛି। ଚଳିତବର୍ଷ ଫେବୃଆରୀ ୧୦ରେ ସମ୍ବଲପୁରରୁ ୧୨୮୭ ବୋତଲ ସିରପ୍ ଜବତ ହୋଇଥିଲା। ଏହା ସହ ୯ ଅକ୍ଟୋବର ୨୦୨୩ରେ ୫ ହଜାରରୁ ଅଧିକ ଏବଂ ୨୫ ମାର୍ଚ୍ଚ ୨୦୨୪ରେ ପାଖାପାଖି ୧୬ ହଜାର କଫ୍ ସିରପ୍ ବୋତଲ ଜବତ ହେବା ବେଧଡ଼କ ବେଆଇନ କାରବାରକୁ ସୂଚିତ କରୁଛି। ଦେଖିବାକୁ ଗଲେ ସମ୍ବଲପୁର କଫ୍ ସିରପ୍‌ର ପେଣ୍ଠ ପାଲଟିଗଲାଣି। ଏବେ ସମ୍ବଲପୁରରୁ ମୁଖ୍ୟତଃ କୋରାକ୍ସ ଓ ୱିନ୍ସିରେକ୍ସ କଫ୍ ସିରପ୍ ଜବତ ହେଉଛି। ବିନା ପ୍ରେସ୍‌କ୍ରିପ୍‌ସନରେ ଏସବୁ ବିକ୍ରି କରାଯାଇପାରିବ ନାହିଁ। କିନ୍ତୁ ଚୋରାରେ ଏହାକୁ ମାଦକ ଦ୍ରବ୍ୟ ଅର୍ଥାତ୍ ନିଶା ଦ୍ରବ୍ୟ ଭାବେ ବିକ୍ରି କରାଯାଉଛି। ପୂର୍ବରୁ ବଲାଙ୍ଗୀରରେ ନକଲି ଔଷଧ ପ୍ରସ୍ତୁତକର୍ତ୍ତାମାନେ ସକ୍ରିୟ ଥିଲେ। ଏବେ ବାହ୍ୟ ରାଜ୍ୟଠାରୁ ଅସଲି ଔଷଧ କିଣି ଆଣି ମାଦକ ଦ୍ରବ୍ୟ ଭାବେ ବିକ୍ରି କରିବାରେ ନୂଆ ଗ୍ୟାଙ୍ଗ ଗଢ଼ି ଉଠିଲାଣି। ଏଥିସହିତ ନିଶା ସେବନକାରୀମାନେ ବିନା ପ୍ରେସ୍‌କ୍ରିପ୍‌ସନରେ ଏହିସବୁ କଫ୍ ସିରପ୍ କିଣି ନେଇଯାଉଛନ୍ତି। ଏହିସବୁ ସିରପ୍ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ, ବିଶେଷକରି ପିଲାମାନଙ୍କ ପାଇଁ ଘାତକ।

ସମ୍ବଲପୁରରୁ ଜବତ ହେଉଥିବା କଫ୍ ସିରପ୍ ମାମଲାରେ ବେଆଇନ କାରବାରରେ ଜଡ଼ିତ ଲୋକଙ୍କୁ କେବଳ ଗିରଫ କରାଗଲେ ଏହାର ସମାଧାନ ବାଟ ବାହାରିବା କଷ୍ଟକର। ଏଠାରେ କୁହାଯାଇପାରେ ଯେ, କୌଣସି ରାଜ୍ୟ ସରକାର କଠୋରତମ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ମଧ୍ୟ କିଛି ପରିବର୍ତ୍ତନ ଦେଖାଯିବ ନାହିଁ। ଯେଉଁ ଔଷଧ କାରଖାନାରେ ଏସବୁ କାଶ ଔଷଧ ନିର୍ମିତ ହେଉଛି, ସେଠାରେ କୌଣସି ବେଆଇନ କାର୍ଯ୍ୟ ହେଉଥିବାର ପ୍ରମାଣ ମିଳିବା ଅସମ୍ଭବ। ଏହି ଉପଦ୍ରବକୁ ରୋକିବା ପାଇଁ ପୋଲିସର ଭୂମିକା ଅତ୍ୟନ୍ତ ଅର୍ଥହୀନ। କାରଣ ପୋଲିସ କିଛି କରିପାରିବ ନାହିଁ। ଗୋଟିଏ ପଟେ ନିଶାସକ୍ତଙ୍କ ମଧ୍ୟରେ ସଚେତନତା ଜାଗ୍ରତ କରିବା ସହିତ ଅନ୍ୟପଟେ ଡ୍ରଗ୍ ଇନ୍ସପେକ୍ଟରମାନଙ୍କ ଦ୍ୱାରା କଡ଼ାକଡ଼ି ନିରୀକ୍ଷଣ କରାଇବା ଏକମାତ୍ର ବାଟ ବୋଲି କୁହାଯାଇପାରିବ। କାଶ ରୋକିବା ପାଇଁ ଔଷଧର ଚାହିଦା ରହିବା ସ୍ୱାଭାବିକ। ସମସ୍ୟାଟି ଉପୁଜୁଛି ଯେତେବେଳେ ତାହାର ବଦ୍‌ଉପଯୋଗ ହେଉଛି। ଭାରତରେ ତିଆରି ହେଉଥିବା କଫ୍ ସିରପ୍‌ର ଇତିହାସ ବିଦେଶରେ ମଧ୍ୟ ବଦନାମ ଅର୍ଜନ କରିଛି। ଉଦାହରଣ ସ୍ୱରୂପ, ୨୦୨୨ରେ ଗାମ୍ବିଆରେ, ଭାରତର ହରିୟାଣାରେ ଉତ୍ପାଦିତ କଫ ସିରପ୍ ସେବନ କରି ୭୦ ଜଣ ପିଲାଙ୍କର କିଡ୍‌ନୀ ନଷ୍ଟ ହେବା ସହ ମୃତ୍ୟୁ ଘଟିବା ଖବର ସାମ୍ନାକୁ ଆସିଥିଲା। ପରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏସବୁ ସିରପ୍‌ର ଗୁଣବତ୍ତା ମାନ ପୂରଣ କରୁ ନ ଥିବା ଦର୍ଶାଇଥିଲା। ତଥାପି ଏହାର ଉତ୍ପାଦନ ଓ ଯୋଗାଣ ଉପରେ ଅଙ୍କୁଶ ଲାଗିପାରୁନାହିଁ। କେବଳ କଫ୍ ସିରପ୍ ନୁହେଁ, ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟରେ ବିଷାକ୍ତ ଔଷଧ ବେଆଇନ ଭାବେ ବିକ୍ରି ହେଉଛି। ଗତବର୍ଷ ଶେଷାର୍ଦ୍ଧରେ ଦି ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ (ଡିସିଜିଆଇ) ବା ଭାରତୀୟ ଔଷଧ ମହାନିରୀକ୍ଷକ ୧୬ଟି ଔଷଧକୁ ବିଷାକ୍ତ ଘୋଷଣା କରିଥିଲା। ଉଲ୍ଲେଖନୀୟ ଯେ, ବିଷାକ୍ତ ଘୋଷିତ ୧୬ଟି ଔଷଧ ମଧ୍ୟରେ ରକ୍ତଚାପକୁ ନିୟନ୍ତ୍ରଣରେ ରଖୁଥିବା ଗ୍ଲେନ୍‌ମାର୍କର ଟେଲ୍‌ମା ଏଚ୍ ଓ ପିତ୍ତକୋଷ ପଥର ଚିକିତ୍ସାରେ ବ୍ୟବହୃତ ସନ୍‌ଫାର୍ମାର ଉର୍ସୋକୋଲ ୩୦୦ ରହିଥିଲା। ତେବେ ଦୁଇ ବୃହତ୍ ଭାରତୀୟ କମ୍ପାନୀର ଔଷଧ ନିୟାମକର ଗୁଣବତ୍ତା ଓ ସୁରକ୍ଷା ମାନକ ପୂରଣ ନ କରିପାରିବାକୁ ନେଇ ଆଶଙ୍କା ପ୍ରକାଶ ପାଇଥିଲା। ଏହା ବ୍ୟତୀତ ସେପ୍ଟେମ୍ବର ୨୦୨୩ରେ ଭାରତର ଶୀର୍ଷ ରେଗୁଲେଟର କୁହାଯାଉଥିବା ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେଶନ ଦ୍ୱାରା ଦେଶରେ ବିକ୍ରି ହେଉଥିବା ନକଲି କ୍ୟାନ୍‌ସର ଓ ଲିଭର ମେଡିସିନ ଉପରେ ସତର୍କତା ଜାରି କରାଯାଇଥିଲା। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ମଧ୍ୟ ଏ ସମ୍ପର୍କରେ ଚିନ୍ତା ପ୍ରକଟ କରିଥିଲା। ଉତ୍ପାଦିତ ଔଷଧଗୁଡ଼ିକୁ ସ୍ୱୀକୃତି ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା ନିୟାମକ ସଂସ୍ଥାମାନେ କଡ଼ା ଯାଞ୍ଚ ଓ ପଦକ୍ଷେପ ନେଲେ ହୁଏତ ଔଷଧଗୁଡ଼ିକର ଗୁଣବତ୍ତା ରକ୍ଷା ହୋଇପାରନ୍ତା। କିନ୍ତୁ ସ୍ୱାଭାବିକ ଭାବେ ବିପୁଳ ଅର୍ଥ ଅର୍ଜନ କରୁଥିବା ଔଷଧକମ୍ପାନୀଗୁଡ଼ିକ ସରକାରୀ ଯାଞ୍ଚ ସଂସ୍ଥାମାନଙ୍କୁ ଯଥେଷ୍ଟ ଖୁସି କରି ରଖିଥା'ନ୍ତି। ତେଣୁ ସମ୍ବଲପୁରରେ ମୁଣ୍ଡ ଟେକିଥିବା କଫ୍ ସିରପ୍‌ର ମନ୍ଦ ବ୍ୟବହାରକୁ ଅଟକାଇବା ଅତ୍ୟନ୍ତ କଷ୍ଟକର କାର୍ଯ୍ୟ ଭାବେ ମନେହେଉଛି।

# ରେକର୍ଡ ମାୟାରେ ବାୟା



ନିରଞ୍ଜନ ସାହୁ

ରେକର୍ଡ କରିବାର ନିଶା ଗୋଟିଏ ଗଢ଼ିବାର ନିଶା ନା ଭାଙ୍ଗିବାର, ତାହା ଅନେକ ସମୟରେ ଏକ ପ୍ରଶ୍ନବାଚୀ ପାଲଟିଯାଏ। ନୂଆ ରେକର୍ଡ ହେଉ ହେଉ ପୁରୁଣାଟି ଆପେ ଆପେ ଭାଙ୍ଗିଯାଏ, ତାକୁ ଭାଙ୍ଗିବାକୁ ପଡ଼େନି। ସେଇଆକୁ ଲକ୍ଷ୍ୟ କରି ବୋଧହୁଏ, କେବେ କବିଙ୍କ ଲେଖନୀରୁ ଝରି ଆସିଥିଲା ହୃଦୟଗ୍ରାହୀ ପଦଟିଏ– 'ଏକର ବିନାଶେ ଆରେକ ପ୍ରକାଶେ ଏତ ସୃଷ୍ଟି ନିତ୍ୟ ବିଧି।'

ଏବେ ଖୁବ୍ ନିକଟରେ ଗୋଟିଏ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି ଆମେରିକାର ଡିମୋକ୍ରାଟ ଦଳର ସିନେଟର କୋରୀ ବୁକର– ସେ ବିନା ବିରାମରେ ପଚିଶ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ସିନେଟରେ ଭାଷଣ ଦେଇ ନିଜ ନାଁରେ ଯୋଡ଼ିଛନ୍ତି ଏଇ କୀର୍ତ୍ତି। ଏକାଦିକ୍ରମେ କହିଲେ, ଯଦିଓ ବୁଝାଏ ସେ ଏକୁଟିଆ ହିଁ କହୁଥିଲେ, ତା' ନୁହେଁ ମଝିରେ ମଝିରେ ତାଙ୍କୁ କିଛି ପ୍ରଶ୍ନ ପଚରା ଯାଉଥିଲା ଓ ତା'ର ସେ ଉତ୍ତର ଦେଉଥିଲେ। ଅର୍ଥାତ୍ ମଝିରେ ମଝିରେ ଟିକିଏ ନିଃଶ୍ୱାସ ନେବାକୁ ତାଙ୍କୁ ଆପେ ଆପେ ଫୁରୁସତ୍ ମିଳିଯାଉଥିଲା ସେଇ କ୍ରମରେ। ଅବଶ୍ୟ ତାଙ୍କ ଦେଶର ଆଇନ ସେମିତି କରିବାକୁ ଅନୁମତି ରହିଛି। ତାଙ୍କ ଆଗରୁ ଷ୍ଟର୍ମ ଥର୍ମାଣ୍ଡଙ୍କ ନାଁରେ ସେଇ ରେକର୍ଡଟି ଥିଲା, ଯିଏ କି ୧୯୫୭ରେ ଚବିଶଘଣ୍ଟା ଅଠର ମିନିଟ୍ ଭାଷଣ ଦେଇ ରେକର୍ଡ ସୃଷ୍ଟି କରିଥିଲେ।

ରେକର୍ଡ କହିଲେ, ସାଧାରଣ ଭାବରେ ଗୋଟାଏ ଧାରଣା ରହିଛି, ଏକ ବିଶେଷ ସ୍ୱୀକୃତିର ତାହା ହେଲା ଯେମିତି କେହି ଜଣେ ଅସାଧାରଣ କୀର୍ତ୍ତିର ଅଧିକାରୀ ହେଲେ ତାଙ୍କୁ 'ରେକର୍ଡ କଲେ' ବୋଲି କୁହାଯାଏ। ତାଙ୍କ ଉପରେ ଫୁଲ ବର୍ଷାହୁଏ, କେବେ ପୁରସ୍କାର ମିଳେ, ଅନେକ ଲୋକଙ୍କର ନଜର ତାଙ୍କ ଉପରେ ପଡ଼େ। ଅନେକ ରେକର୍ଡ ନିତିଦିନ ତିଆରି ହୁଏ ସେମିତି ରେକର୍ଡ ନିଶା ଏତେ ବଢ଼ିଯାଇଛି ଯେ ସଂପୃକ୍ତ କାମଟି ଉପଯୋଗୀ କି ନୁହେଁ ତାକୁ ବୁଝିବାକୁ ଆଜି ଯେମିତି କାହାରି ବେଳ ନାହିଁ।

କେହି ଜଣେ ଜମି କିଣିଲା ପରେ ତାକୁ ନିଜ ନାଁରେ କରେଇ ନିଅନ୍ତି– ଯାହାକୁ ଦାଖଲ ଖାରଜ କୁହାଯାଏ। ଅର୍ଥାତ୍ ପୁରୁଣା ମାଲିକଙ୍କ ନାଁ ଖାରଜ ହୁଏ ଏବଂ ନୂଆ କ୍ରେତାଙ୍କ ନାଁ ସେଇ ଦରଜ ହୁଏ। ଏଥିରୁ ଆମେ ଅନୁମାନ କରିପାରିବା ରେକର୍ଡ ଅର୍ଥ କିଛି ଉଲ୍ଲେଖଯୋଗ୍ୟ କୃତି ନୁହେଁ ବରଂ ଯେତେ ମାମୁଲି ଜିନିଷ ଲେଖା ହୋଇ ରହିଲେ ତାହା ରେକର୍ଡ ପର୍ଯ୍ୟାୟଭୁକ୍ତ ସେଇ ଦୃଷ୍ଟିରୁ ଆମମାନଙ୍କ ମନଭିତରେ ରହିଥିବା ଧାରଣା ହୁଏତ ସଂଶୋଧନ ସାପେକ୍ଷ।

ଆଗରୁ ଗୋଟିଏ କଥା ଗାଁ ଗହଳିରେ ପ୍ରଚଳିତ




ଥିଲା– ସେଇଟି ହେଲା– ମନ୍ଦିର ତୋଳିଲେ ନାଁ, ବାଟରେ ଝାଡ଼ାଗଲେ ବି ନାଁ। ଅର୍ଥାତ୍ ଭଲ କାମ କଲେ ତାହା ନଥିରେ ଚଢ଼େ ଖରାପ କାମରେ ବି। ଅବଶ୍ୟ ପାଠକେ ବୁଝିବା କଥା, ପ୍ରଥମଟି ହେଲା ନାଁ କରିବା ଆଉ ଦ୍ୱିତୀୟଟି ହେଲା ନାଁ ପକେଇବା ; ଉଭୟରେ ଯଦିଓ ନାଁ ଶବ୍ଦଟି ରହିଛି ପ୍ରଥମଟିରେ ଏହାର ବ୍ୟବହାର ଏକ ସକାରାତ୍ମକ କ୍ଷେତ୍ରର ଉପଲବ୍ଧି ଏବଂ ଦ୍ୱିତୀୟ କ୍ଷେତ୍ରରେ ତାହା ଏକ ନକାରାତ୍ମକ ଟିପ୍ପଣୀ, ଯାହା ଆଣିଦିଏ ଅପଯଶ। ମାତ୍ର ଆଜିକାଲି ଲୋକମାନେ ଯାହା ହେଲେ ବି ଗୋଟେ ଆପଣେଇବା ଚାହାନ୍ତି।

ଆଜିକାଲିର ଯୁବ ପିଢ଼ିଙ୍କ ଭିତରେ ଏକ ପ୍ରବଣତା ସୃଷ୍ଟି ହୋଇଛି ଯେମିତି ଯେନତେନ ପ୍ରକାରେଣ ତାଙ୍କର ରେକର୍ଡ ଦରକାର। ଆଉ ସେମିତି ସାର୍ଟିଫିକେଟ ବାଣ୍ଟିବାପାଇଁ ଅନୁଷ୍ଠାନ ମାନଙ୍କର ବି ଅଭାବ ନାହିଁ, ଯେମିତି ଗିନିଜ ବୁକ୍ ଅଫ୍ ରେକର୍ଡସ, ଲିମକା ବୁକ୍ ଅଫ୍ ରେକର୍ଡସ, ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ ଇତ୍ୟାଦି।


ରେକର୍ଡ କହିଲେ, ଆମ ଭିତରୁ ଯେମିତି କେହି ମନେ ପକେଇ ଦିଏ– କିଛି ଗୋଟାଏ ପରୀକ୍ଷା ହେଉଥିବ ଯିଏ ସବୁଠୁ ବେଶି ନମ୍ବର ରଖିଲା, ତାକୁ କୁହାଯାଏ ସିଏ ରେକର୍ଡର ଅଧିକାରୀ କିମ୍ବା ଗୋଟିଏ ସ୍ପୋର୍ଟସ କମ୍ପିଟିସନ୍ ହେଉଥିଲେ ଯିଏ ସର୍ବୋତ୍ତମ ସ୍ଥାନ ଅଧିକାର କରେ ସିଏ ହୁଏ ରେକର୍ଡର ଅଧିକାରୀ। କ୍ରିକେଟ ଆଜିକାଲି ଯୁବପିଢ଼ିଙ୍କ ମନ ଭିତରେ ଯେମିତି ପଶିଯାଇଛି ଯେ ଗୋଟିଏ ଆଇ.ପି.ଏଲ୍. ମ୍ୟାଚ ଦେଖିବାକୁ ହଜାର ହଜାର କିଲୋମିଟର ଯାଇ ତାହା ଦେଖିବାକୁ ନିଜ ନିଜ ଭିତରେ ପ୍ରତିଯୋଗିତା ଚାଲିଛି। କ୍ରିକେଟ ଏତେ ଅଧିକ ଲୋକପ୍ରିୟ ହେବାର ଆଉ ଗୋଟିଏ ବିଶେଷ କାରଣ ହେଲା ସେଥିରେ ରେକର୍ଡ ସଂଖ୍ୟା ଅନ୍ୟ ଯେକୌଣସି ଖେଳଠୁ ଅଧିକ। ବଲ୍‌ଟିଏ ବୋଲିଂ ହେବା ମାତ୍ରେ ରେକର୍ଡରେ ତାହା ଯୋଡ଼ି ହୋଇଯାଏ। ଏମିତି କି ଗୋଟିଏ ଇନିଂସ ଭିତରେ କିଏ କେତୋଟି ଚାରି ବା ଛଅ ମାରିଲା ତାକୁ ନେଇ ବି ରେକର୍ଡ।

ଆଉ ଯେଉଁ ରେକର୍ଡ ଦେବାପାଇଁ ସଂସ୍ଥାମାନେ ଅଛନ୍ତି ସେମାନେ ଯୁବପିଢ଼ିଙ୍କ ମନ ଆଉ ମଗଜକୁ ଠିକ୍ ତଉଲିଥାନ୍ତି। ଧରନ୍ତୁ ଆପଣ ଲିମ୍‌କା ବୁକ୍ ଅଫ୍ ରେକର୍ଡସ୍‌କୁ ଜଣେଇଲେ ଆପଣ ବିଧାମାରି ଗୋଟିଏ ମିନିଟ୍‌ରେ ସର୍ବାଧିକ ପଇଡ଼ ଫଟେଇ ପାରିବେ– ଆପଣଙ୍କୁ ଗୋଟିଏ ଭିଡିଓ ପଠେଇବା ପାଇଁ ସେମାନେ କହିପାରନ୍ତି ଏବଂ ଆପଣ ତାଙ୍କର ନିୟମ ମୁତାବକ ଦେୟ ଡିପୋଜିଟ୍ କଲେ ତାଙ୍କ ତରଫରୁ ପର୍ଯ୍ୟବେକ୍ଷକ ନିର୍ଦ୍ଦିଷ୍ଟ ଦିନରେ ଆପଣଙ୍କ ପ୍ରସ୍ତାବିତ ସ୍ଥାନରେ ପହଞ୍ଚିଯିବେ। ଆପଣ ଯେଉଁ କଳା ପ୍ରଦର୍ଶନ କରିବେ ତା'ର ଭିଡିଓ କରିବା ସହିତ ଆପଣଙ୍କୁ ଗୋଟିଏ ସାର୍ଟିଫିକେଟ ଧରେଇ ଦେବେ। ଅର୍ଥାତ୍ ଆପଣ ବିଧାମାରି ମିନିଟରେ ଏତେ ସଂଖ୍ୟକ ପଇଡ଼ ଫଟେଇଛନ୍ତି। ଅଦ୍ଭୁତ ରକମର ଖେଳକୁ ଏଇ ପର୍ଯ୍ୟାୟରେ ଗ୍ରହଣ କରାଯାଇପାରେ– ଯାହାର କୌଣସି ଠିକଣା କି ପରିଭାଷା ଖେଳ ଜଗତରେ ନାହିଁ– ମାତ୍ର ଆପଣ ଗୋଟିଏ ରେକର୍ଡର ଅଧିକାରୀ ହେଲେ ବୋଲି ପରିଗଣିତ ହେବେ, ଯାହାର କୌଣସି ଉପଯୋଗିତା ନାହିଁ। ଯାହାର ସାମାଜିକ ଯଥାର୍ଥ ନାହିଁ, ସେପରି ରେକର୍ଡ ବା ପ୍ରଶଂସାପତ୍ରର କିଛି ଆବଶ୍ୟକତା ଅଛି କି ? ଯେମିତି କିଏ ମିନିଟିଏ ସମୟରେ ଶହେପାଞ୍ଚ ଅଣ୍ଡା ଗିଳିଲା, କିଏ ଏକ ଗୋଡ଼ିଆ ହୋଇ ଦେଢ଼ଦିନ ଠିଆ ହେଲା ଇତ୍ୟାଦି।

ବହୁ ପ୍ରାଚୀନ କାଳରେ ଭଗବାନଙ୍କ ନିକଟରେ ଲୋକେ ନିଜର ସନ୍ତାନ ସନ୍ତତିଙ୍କ ପାଇଁ କିଛି ଯାଚା କଲାବେଳେ ଶ୍ଳୋକ ପାଠ କରୁଥିଲେ। 'ଆୟୁ ଦେହୀ ଯଶୋ ଦେହୀ ଦେହୀ ମେ ଗଣନାୟକ', ଅର୍ଥାତ୍ କେବଳ ଆୟୁଷ ଦେଲେ ତାହା କୌଣସି କାମକୁ ନୁହେଁ ଯଦି ସେଇ ସମୟ ଭିତରେ ମଣିଷ ଯଶର ଅଧିକାରୀ ନ ହେଲା। ମନେପଡୁଛି ପୁତନାଙ୍କ ମୁହଁରେ ଅବତାରଣା କରାଯାଇଥିବା ଏକ ସଂସ୍କୃତ ଶ୍ଳୋକର ଅର୍ଥ– ଯେଦିଓ ପୃଥିବୀ ତୁଳନାରେ ପୃଥିବୀରେ ଥିବା ପର୍ବତ ସାନ ମାତ୍ର ଶବ୍ଦତତ୍ତ୍ୱ ଅନୁସାରେ ତାହା ପୃଥିବୀଠାରୁ ଭାରୀ କାରଣ ପର୍ବତକୁ କୁହାଯାଏ ମହୀଧର। ପର୍ବତକୁ ନିଜର ଅଙ୍ଗୁଳିରେ ଟେକି ଧରିଥିଲେ ବୋଲି ଶ୍ରୀକୃଷ୍ଣଙ୍କୁ କୁହାଯାଏ ଗୋବର୍ଦ୍ଧନଧାରୀ। ହେଲେ ସେଇ ଶ୍ରୀକୃଷ୍ଣଙ୍କୁ ପୁତନା ଯେହେତୁ ନିଜର ସ୍ତନପାନ କଲାବେଳେ ସ୍ତନାଗ୍ରରେ ଟେକି ଦେଇଥିଲା ସେଇ କ୍ରମରେ ସେ କହୁଛି ମୋତେ ଶ୍ରୀକୃଷ୍ଣଙ୍କଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ମନେକରାଯିବା କଥା ମାତ୍ର ସତରେ ତାହା ହେଲା କି ତାହା ଥିଲା ଏକ ଘୃଣ୍ୟକାମ। ସେ ଆସିଥିଲା କଂସର ନିର୍ଦ୍ଦେଶରେ ଶ୍ରୀକୃଷ୍ଣଙ୍କୁ ବଧ କରିବାପାଇଁ। ତେଣୁ ତାହାର ସାମୟିକ କର୍ମ ପାଇଁ ତାଙ୍କୁ ଜୀବନ ସାରା ଲଜ୍ଜା ସହିବାକୁ ହେଲା। ସଂକ୍ଷିପ୍ତରେ କହିଲେ ଯେଉଁ କାମ କଲେ ଜଣେ ଯଶପ୍ରାପ୍ତି କରେ ତାହାସିନା ଯୁବପିଢ଼ିଙ୍କର ଧେୟ ହୁଅନ୍ତା। ତୁଚ୍ଛା ରେକର୍ଡ ଖାଲି ପୁତନାର ଦୀର୍ଘଶ୍ୱାସ ସିନା– ଏଇଆ କ'ଣ ମନେରଖିବେ ଆଜିର ଯୁବସମାଜ।

**ମୋ: ୯୪୩୮୪୮୨୯୧୧**

# ଶିକ୍ଷା ବନାମ ସାକ୍ଷରତା



ଈପ୍ସିତା ମହାନ୍ତି

୧୯୮୬ରେ ପ୍ରଥମ ଥର ପାଇଁ 'ସମସ୍ତଙ୍କ ପାଇଁ ଶିକ୍ଷା'ର ନାରା (ସ୍ଲୋଗାନ) ଦିଆଯାଇଥିଲା। ଯାହା ଏଯାଏ ଶୁଭୁଛି। ଏହା ନୂଆ ନୁହେଁ। ଏପ୍ରିଲ ୨୦୨୫ରେ ଅର୍ଥାତ୍ ଶିକ୍ଷାବର୍ଷ ୨୦୨୫-୨୬ରୁ ଆମ ରାଜ୍ୟରେ ନୂତନ ଶିକ୍ଷାନୀତି ୨୦୨୦ କାର୍ଯ୍ୟକାରୀ ହୋଇଛି। ଏଥିପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ସମସ୍ତଙ୍କ ପାଇଁ ଶିକ୍ଷା ଉପଲବ୍ଧ ହେବା ଉଚିତ, ସମସ୍ତେ ଶିକ୍ଷିତ ହେବା ଉଚିତ ଏକଥା ଭାରତର ସମ୍ବିଧାନରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି। ଶିକ୍ଷାର ସାର୍ବଜନୀନକରଣ ହେବା ଉଚିତ। କିନ୍ତୁ ଏସବୁର ଉଦ୍ଦେଶ୍ୟ କ'ଣ ? ଶିକ୍ଷା କ'ଣ ଲୋକମାନଙ୍କୁ ପଢ଼ିବା ଏବଂ ଲେଖିବାର କ୍ଷମତା ଦେବ ? ଅବା ଶିକ୍ଷା ଦ୍ୱାରା ଲୋକଙ୍କ ମଧ୍ୟରେ ଏପରି କିଛି ଶକ୍ତି ଜାଗ୍ରତ ହେବ, ଯଦ୍ଦ୍ୱାରା ସେମାନେ ଦୁର୍ବଳ ଅନୁଭବ କରିବେ ନାହିଁ ଏବଂ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ଅନୁଭବ କରିବା ପରିବର୍ତ୍ତେ ନିଜ ମଧ୍ୟରେ ଭିନ୍ନ ଏକ ଶକ୍ତି ଜାଗ୍ରତ କରିପାରିବେ ? ବାସ୍ତବରେ ଶିକ୍ଷା ସେହି ଶକ୍ତିକୁ ଜାଗ୍ରତ କରିଥାଏ, ଗୁଣକୁ ଅର୍ଜିତ କରିବା ସହିତ ବିକଶିତ କରିଥାଏ। ଶିକ୍ଷାର ମୂଳ ଉଦ୍ଦେଶ୍ୟ ହେଉଛି ଜାଗ୍ରତ କରିବା। କୌଣସି ନୂତନତ୍ୱ ଆଣିବା ପରିବର୍ତ୍ତେ ଶିକ୍ଷା ବ୍ୟକ୍ତିର ଅନ୍ତର୍ନିହିତ ଶକ୍ତିକୁ ବିକଶିତ କରିଥାଏ। କିନ୍ତୁ କିଭଳି ଏବଂ କେତେ ବିକାଶ ଘଟିବ ତାହା ନୂତନ ଶିକ୍ଷାନୀତିର ଶିକ୍ଷା ବ୍ୟବସ୍ଥା ଉପରେ ନିର୍ଭର।

ଯେତେବେଳେ ଆମେ ଶିକ୍ଷା ଓ ଶିକ୍ଷିତ ପ୍ରସଙ୍ଗ ଉପରେ ଆଲୋଚନା କରୁ ସେତେବେଳେ କୃଷକ ପ୍ରଶ୍ନ କରେ ଏଥିରୁ ମୁଁ କି ଲାଭ ପାଇବି ! ମହିଳାମାନେ ପଚାରନ୍ତି ଏଥିରୁ ଆମକୁ କି ଲାଭ ମିଳିବ ! ଯେଉଁମାନେ ଚାଷ କରିବା ଜାଣନ୍ତି, ସେମାନେ ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇ ପାରନ୍ତି । ନିଜ ପାଇଁ ଆୟ କରିପାରନ୍ତି। ପଢ଼ିବା ଏବଂ ଲେଖିବା ଯେ ସେମାନଙ୍କୁ କୌଣସି ବିଶେଷ ଲାଭ ପ୍ରଦାନ କରିବ ! ଶିକ୍ଷା ସେମାନଙ୍କୁ ନୂତନ ସୂଚନା ଦେବ ! ଏଥିରୁ ସେମାନେ କିଛି ନୂଆ ଶିଖିବେ ! ନୂତନ ଆଲୋକ ପାଇବେ ! ଆମେ ଏପରି ପ୍ରଶ୍ନର ଉତ୍ତର ହଁରେ ଦେବାକୁ ଅସମର୍ଥ। ଆମେ କେବଳ ଏହା କହିଥାଉ ଯେ ପଢ଼ିବା ଏବଂ ଲେଖିବା ଦ୍ୱାରା ଅନ୍ଧକାର ଦୂର ହେବ। ଯଦି ଆମେ କିଛି ଲେଖାପଢ଼ା ଶିଖିଯିବା ତେବେ ପୂର୍ବ ତୁଳନାରେ ଆମେ ଉନ୍ନତତର ହୋଇଯିବା। 'କ-ଖ-ଗ' ଅର୍ଥାତ୍ ବହିର କିଛି ଅକ୍ଷର ପଢ଼ିଦେଲେ ଯେ ପୂର୍ବାପେକ୍ଷା ଉନ୍ନତତର ହୋଇଯିବା ଏକଥାର ମର୍ମ ଏଯାଏ ବୁଝି ହୁଏନି। ଶିକ୍ଷା ଯେ ପର୍ଯ୍ୟନ୍ତ ସୁପ୍ତ ଥିବା ଶକ୍ତିକୁ ଜାଗ୍ରତ ନ କରାଇଛି ସେ ପର୍ଯ୍ୟନ୍ତ କୌଣସି ବ୍ୟକ୍ତିର ଗୁଣଗୁଡ଼ିକ ବିକଶିତ ହେବନାହିଁ।

ଏହାକୁ ଶିକ୍ଷା କୁହାଯାଇ ପାରିବ ନାହିଁ। ନିଜ ସମସ୍ୟାର କିପରି ବିଶ୍ଳେଷଣ କରିବ, ସମାଧାନର ପନ୍ଥା କିପରି ଖୋଜିବ, ସାମୂହିକ ଭାବରେ ଏହାର ସମାଧାନ କିପରି କରାଯିବ – ଏହି ବିଷୟଗୁଡ଼ିକ ଉପରେ ଶିକ୍ଷା ଯେ ପର୍ଯ୍ୟନ୍ତ ଆଲୋଚନା ନ କରିଛି, ଯେ ପର୍ଯ୍ୟନ୍ତ ଏହା ଲୋକଙ୍କୁ ସାମୂହିକ ଭାବରେ ବଞ୍ଚିବାକୁ ଶିଖାଏ ନାହିଁ ଏବଂ ସାମୂହିକ ଭାବରେ ନିଜ ଶକ୍ତି ଜାଗ୍ରତ କରିବାକୁ ଲକ୍ଷ୍ୟ ରଖି ନାହିଁ, ସେ ପର୍ଯ୍ୟନ୍ତ ଆଗକୁ ବଢ଼ିବା ସମ୍ଭବ ନୁହେଁ।

ସର୍ବଶିକ୍ଷା ନିଜେ ଅତିବ୍ୟାପକ। ବ୍ୟକ୍ତି ତଥା ସମାଜର ପରିବର୍ତ୍ତନ ତଥା ଜାଗୃତି ପାଇଁ ସର୍ବଶିକ୍ଷା ଅଭିଯାନ ଆବଶ୍ୟକ। ସାକ୍ଷରତା ବିଷୟରେ ଜନସଚେତନତା ସୃଷ୍ଟି କରିବାକୁ ପଡ଼ିବ। ଲୋକଙ୍କ ଶକ୍ତି ଜାଗ୍ରତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସାକ୍ଷରତା ଅଭିଯାନ ବିଷୟରେ ଆଲୋଚନା କରିବା ପୂର୍ବରୁ, ପ୍ରଥମେ ସାକ୍ଷରତା



କ'ଣ ଜାଣିବା ଆବଶ୍ୟକ। ସାକ୍ଷରତାର ଅର୍ଥ ହେଉଛି ସମାଜର ଯେଉଁମାନେ ଲେଖାପଢ଼ା ଜାଣନ୍ତି ନାହିଁ, ଶିକ୍ଷାର ଆଲୋକଠାରୁ ଦୂରରେ ଅଛନ୍ତି ସେମାନଙ୍କୁ ସାକ୍ଷର କରିବା। ସମାଜକୁ ବୁଝିବା ପାଇଁ ସାକ୍ଷରତା ହିଁ ନୂତନ ଦର୍ଶନ ପ୍ରଦାନ କରେ। ସମସ୍ୟାଗୁଡ଼ିକୁ ବୁଝିବା ପାଇଁ ଏହା ମାର୍ଗଦର୍ଶନ କରେ। ଏହା ଏକ ଅର୍ଥପୂର୍ଣ୍ଣ କର୍ତ୍ତବ୍ୟ, ଯାହାଦ୍ୱାରା ନିଜ ଭାବନାକୁ ଆମେ ଠିକ ଭାବରେ ପ୍ରକାଶ କରନ୍ତି। ନିରକ୍ଷର ବ୍ୟକ୍ତିର ବୁଝିବା ଏବଂ ବିଚାର କରିବା ଶକ୍ତି ଅପେକ୍ଷାକୃତ କମ୍ ହୋଇଥାଏ। ଦ୍ରୁତ ଗତିରେ ଦୌଡ଼ି ଚାଲୁଥିବା ଆଜିର ଏହି ଦୁନିଆରେ ଆନୁଷ୍ଠାନିକ ଶିକ୍ଷାର ଅଭାବରେ କାଗଜପତ୍ର ଏବଂ ଅନଲାଇନ ଦୁନିଆରୁ ସୁରକ୍ଷା ମିଳିବ ନାହିଁ। ଅନ୍ୟର ସାହାଯ୍ୟ ସହଯୋଗରେ ହିଁ ସେ ଏହି ବଳୟ ମଧ୍ୟରୁ ବାହାରି ପାରିବ।

ସାକ୍ଷରତା କେବଳ ଅକ୍ଷର ଏବଂ ସଂଖ୍ୟାର ଖେଳ ନୁହେଁ। ଏହା ମାଧ୍ୟମରେ ଏକସଙ୍ଗେ ଅନେକ ମାର୍ଗ ଖୋଲିଯାଏ। ସାମାଜିକ ଏବଂ ଭାବଗତ ଏକତା, ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟ, ଛୋଟ ପରିବାରର ଧାରଣା, ପରିବେଶର ସୁରକ୍ଷା ଏବଂ ମହିଳାଙ୍କ ସମାନତା ଏସବୁ ଏହାର ଅଂଶ ବିଶେଷ। ସଂଖ୍ୟା ଓ ଅକ୍ଷରର ସମାହାର ହେଉଛି ଆଲୋକ ଜଗତ। ଆଲୋକ ବିସ୍ତାରିତ ହେଲେ କୌଣସି କୋଣ ଅନ୍ଧକାର ରହିବ ନାହିଁ। ମାର୍ଚ୍ଚ ୧୯୯୦ରେ ଥାଇଲାଣ୍ଡର ଜୋମଟିନ ନାମକ ସଂସ୍ଥା ଏକ ବିଶ୍ୱ ସମ୍ମିଳନୀ ଆୟୋଜନ କରିଥିଲା। ଏହାର ବିଷୟ କ୍ଷେତ୍ର ଥିଲା ଅତି ବ୍ୟାପକ। ଶିଶୁମାନଙ୍କ ପାଇଁ ପ୍ରାକ ପ୍ରାଥମିକ, ବାଳକ ବାଳିକାଙ୍କ ପାଇଁ ପ୍ରାଥମିକ ଏବଂ ଯୁବକ, ପ୍ରୌଢ଼ମାନଙ୍କ ପାଇଁ ସାକ୍ଷରତା ଓ ଦକ୍ଷତା କୌଶଳ ତାଲିମ ବିଷୟରେ ଅନେକ କଥା ଗୋଟିଏ ମଞ୍ଚରେ କୁହାଯାଇଥିଲା, ଶୁଣାଯାଇଥିଲା ଏବଂ ଚିନ୍ତା କରାଯାଇଥିଲା।

ବିକାଶର ପ୍ରଥମ ସର୍ତ୍ତ ହେଉଛି ଶିକ୍ଷା। ଶିକ୍ଷା ପାଇଁ ହିଁ ମାନବ ଆଜି ଶ୍ରେଷ୍ଠ ସମ୍ବଳ। ଶିକ୍ଷା କ୍ଷେତ୍ରରେ ଯାହା ବି ଖର୍ଚ୍ଚ ହୁଏ ତାହା ମାନବଙ୍କ ପାଇଁ ଖର୍ଚ୍ଚ ହୁଏ। ଏକ କାରଖାନାରେ ମେଶିନ (ଯନ୍ତ୍ରପାତି) ସ୍ଥାପନ କରାଯାଏ। ସେଥିରୁ ଯାହା ଉତ୍ପାଦିତ ହୁଏ ତାହା ଆମ କାମରେ ଆସେ। କିନ୍ତୁ ଶିକ୍ଷା ମାଧ୍ୟମରେ ଆମେ ମାନବଙ୍କ ଉପରେ ଅଧିକ କିଛି ଖର୍ଚ୍ଚ କରି ଦେଶକୁ ଏଭଳି ଏକ ସଂସାଧନ ଦେବାକୁ ପ୍ରୟାସ କରିବା ଉଚିତ, ଯାହା ବିକାଶକୁ ତ୍ୱରାନ୍ୱିତ କରିପାରିବ। ଏହି ଲକ୍ଷ୍ୟରେ ଦେଶର କୋଟି କୋଟି ପୁରୁଷ ଏବଂ ମହିଳାଙ୍କୁ ସାକ୍ଷର କରି ସେମାନଙ୍କୁ ଜାତୀୟ ବିକାଶର ଅଂଶୀଦାର କରିବା ଉଦ୍ଦେଶ୍ୟରେ ରାଷ୍ଟ୍ରୀୟ ସାକ୍ଷରତା ମିଶନକୁ ଜନ ଅଭିଯାନ ରୂପରେ ଆରମ୍ଭ କରାଯାଇଛି।

୨୦୩୦ ସୁଦ୍ଧା ସମ୍ପୂର୍ଣ୍ଣ ସାକ୍ଷରତାର ଲକ୍ଷ୍ୟ ହାସଲ ଉପରେ ନୂତନ ଶିକ୍ଷା ନୀତି ଗୁରୁତ୍ୱ ଦେଇଛି। ଲୋକଙ୍କୁ ବ୍ୟବହାରିକ ଜ୍ଞାନ କୌଶଳ ବିଷୟରେ ଶିକ୍ଷା ଦେବା ଉଭୟ ଶିକ୍ଷା ଏବଂ ସାକ୍ଷରତାର ପ୍ରୟାସ ହେବା ଉଚିତ। ସମସ୍ତଙ୍କ ପାଇଁ ଏହା ଏକ ବିଚାରଯୋଗ୍ୟ ବିଷୟ। ଏପରି କୌଶଳ ଲୋକଙ୍କୁ ଦୈନନ୍ଦିନ ଜୀବନରେ ସାହାଯ୍ୟ କରିବ ଏବଂ ସହଜରେ ସେମାନେ ନିଜ ଗୋଡ଼ରେ ଠିଆ ହୋଇପାରିବେ। ଲେଖିବା ଏବଂ ପଢ଼ିବା ଏକ ବ୍ୟବହାରିକ କୌଶଳ। ଏହି କୌଶଳ ବିନା ଜୀବନ ଜଟିଳ ହୋଇଯାଏ। ନିରକ୍ଷର ସହ ଅଧାରୁ ପ୍ରାଥମିକ ଶିକ୍ଷା ଛାଡୁ ଥିବା ବ୍ୟକ୍ତି ଅଶିକ୍ଷାର ବଳୟ ମଧ୍ୟରେ ରହିଯାଏ। ସମାଜ ସେମାନଙ୍କୁ ନୀଚ ଦୃଷ୍ଟିରେ ଦେଖେ। ସେମାନଙ୍କ ବ୍ୟକ୍ତିଗତ ବିକାଶ ପଥରେ ଅନେକ ବାଧା ସୃଷ୍ଟି ହୁଏ। ଶେଷରେ ପ୍ରଶ୍ନ ଉଠୁଛି ଶିକ୍ଷା ଏବଂ ସାକ୍ଷରତାର ଅର୍ଥ ସମାନ କି ? ନିଷ୍ପତ୍ତି ଆପଣଙ୍କର।

**ବୈପାରୀଗୁଡ଼ା, କୋରାପୁଟ**
**ମୋ:୬୩୭୦୬୭୯୪୦୫**

## ଏଇ ଭାରତରେ

ମଧ୍ୟପ୍ରଦେଶର ଗୋପାଳ ଭାଲୱାଲ ରାଜଗଡ଼ର ମୋହନପୁର କଲୋନିରେ ଥିବା ସରକାରୀ ସମନ୍ୱିତ ମଧ୍ୟଇଂରାଜୀ ସ୍କୁଲରେ ଶିକ୍ଷକ ଅଛନ୍ତି। ତାଙ୍କ କର୍ତ୍ତବ୍ୟ କେବଳ ଶିକ୍ଷାଦାନରେ ସୀମିତ ରହିନାହିଁ, ବରଂ ସେ ପିଲାଙ୍କୁ ପଢ଼ାଇବା ସହ ସ୍କୁଲର ପାରିପାର୍ଶ୍ୱିକ ପରିବେଶର ଉନ୍ନତିକରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ୨୦୧୮ରେ ମୋହନପୁର କଲୋନିରେ ସରକାରୀ ସମନ୍ୱିତ ମଧ୍ୟଇଂରାଜୀ ସ୍କୁଲ୍ ପ୍ରତିଷ୍ଠା ହୋଇଥିଲା। ଆରମ୍ଭରୁ ଏହି ସ୍କୁଲକୁ ଅଧିକ ପିଲା ଆସୁ ନ ଥିଲେ। ସ୍କୁଲରେ ମାତ୍ର ୨୩ ପିଲା ଥିଲେ। ସ୍କୁଲ୍‌ର ସ୍ଥିତି ମଧ୍ୟ ସେତେ ଭଲ ନ ଥିଲା। ଶ୍ରେଣୀଗୃହସବୁ ଅନ୍ଧାରିଆ ରହୁଥିଲା। ଏଭଳି ସ୍ଥିତି ଦେଖି ସ୍କୁଲକୁ ଆକର୍ଷଣୀୟ କରିବା ସକାଶେ ଭାଲୱାଲ ସରକାରୀ ଅନୁଦାନକୁ ଅପେକ୍ଷା ନ କରି ନିଜ ପକେଟରୁ ଟଙ୍କା ଖର୍ଚ୍ଚ କରି ସ୍କୁଲରେ ରଙ୍ଗ ଦେଇଥିଲେ। ପରେ ସ୍କୁଲ ପରିସରରେ ଏକ ବଗିଚା ସହ ଜଳଯୋଗାଣର ବ୍ୟବସ୍ଥା କରିଛନ୍ତି। ସେ ମଧ୍ୟ ସେଠାରେ ଏକ ପାଠାଗାର କରିଛନ୍ତି। ଭାଲୱାଲଙ୍କ ଏଭଳି ପ୍ରଚେଷ୍ଟା ଦେଖି ପିଲାମାନେ ଅଧିକ ସଂଖ୍ୟାରେ ନାମ ଲେଖାଇବା ଆରମ୍ଭ କରିଦେଲେ। ବର୍ତ୍ତମାନ ଉକ୍ତ ସ୍କୁଲରେ ପିଲାସଂଖ୍ୟା ୧୦୦ରେ ପହଞ୍ଚିଛି।

## ୫୦ ବର୍ଷ ତଳର ଧରିତ୍ରୀ

**୭ ମେ ୧୯୭୬**

- ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଯାଉଥିବା ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ହଂସୁଆ ପୋଲର ଭିତ୍ତିପ୍ରସ୍ତର ସ୍ଥାପନ।
- ଭାରତର ପୂର୍ବତନ ପ୍ରଧାନ ବିଚାରପତି କେ. ସୁବାରାଓଙ୍କ ୭୪ ବର୍ଷ ବୟସରେ ପରଲୋକ।
- କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. କରଣ ସିଂହ ବିଶ୍ୱ ସ୍ୱାସ୍ଥ୍ୟ ସମ୍ମିଳନୀ ମନୋନୟନ କମିଟିର ଚେୟାରମ୍ୟାନ ଭାବେ ନିର୍ବାଚିତ।

## ଚିରନ୍ତନୀ

ପରାଣ–ରସାଳସେ
ରୂପର ମୋହବଶେ
ହୋଇଲା ଉଦେ ଯେଉଁ ପୀରତି
ଭାବର ଭାଷା–ଜାଲେ
ଲୁଚାଇ ସେ ଆବେଗ
ରଚିଲି କବିତାର କୀରତି।
–(ବ୍ୟାଖ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | | | | | | | |
| 3 | | | 9 | | | 6 | | |
| 6 | 9 | | | 8 | | 1 | | |
| 4 | | | | | | | 8 | |
| | | | 5 | 6 | | 4 | | |
| | 8 | 2 | 1 | | | | | |
| | 7 | | | | | | 6 | |
| | | | | | 5 | 8 | 1 | 2 |
| | | 3 | | | 4 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 9 | 1 | 7 | 3 | 8 | 5 | 2 | 4 |
| 2 | 4 | 5 | 1 | 9 | 6 | 7 | 3 | 8 |
| 8 | 7 | 3 | 2 | 5 | 4 | 9 | 6 | 1 |
| 1 | 3 | 2 | 4 | 6 | 7 | 8 | 9 | 5 |
| 9 | 5 | 8 | 3 | 1 | 2 | 6 | 4 | 7 |
| 4 | 6 | 7 | 9 | 8 | 5 | 2 | 1 | 3 |
| 3 | 8 | 4 | 6 | 7 | 9 | 1 | 5 | 2 |
| 5 | 2 | 9 | 8 | 4 | 1 | 3 | 7 | 6 |
| 7 | 1 | 6 | 5 | 2 | 3 | 4 | 8 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶାସନରେ ଅପରାଧୀ ନେତା

ମହାଶୟ,

ମାଙ୍କଡ଼ ହାତରେ ଶାଳଗ୍ରାମ ଭଳି ଏତେ ବଡ଼ ଦେଶର ଶାସନଭାର ନେତାମାନେ ସମ୍ଭାଳୁଛନ୍ତି। ଦେଖିବାକୁ ଏମାନଙ୍କ ମଧ୍ୟରେ ଅନେକ ଅପରାଧରେ ଜଡ଼ିତ ଥିଲେ ମଧ୍ୟ ନିର୍ବାଚିତ ହୋଇଛନ୍ତି। ବହୁ ସମୟରେ ଭୋଟ ପୂର୍ବରୁ ଦଳଗୁଡ଼ିକ ଅପରାଧୀଙ୍କୁ ଟିକେଟ ନ ଦେବା ଲାଗି କହୁଥିଲେ ବି ତାହା ସମ୍ଭବ ହେଉନାହିଁ। କଳେବଳେ କୌଶଳେ ସେମାନେ ପଶିଆସୁଛନ୍ତି। ଜଣାପଡ଼େ ଯେ, ବିଭିନ୍ନ ଅସତ୍ ଉପାୟରେ ହିଁ କ୍ଷମତା ଦଖଲ ଚାଲିଛି। କଳେ ବଳେ ଆସନ ଦଖଲ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। କେବଳ ଶାସକ ଦଳ ନୁହେଁ ଅନ୍ୟ ଦଳମାନଙ୍କରେ ଅପରାଧୀମାନେ ରହିଛନ୍ତି। ଖବରରୁ ଜଣାପଡୁଛି, ଶାସକ ଦଳରେ ଆପରାଧିକ ମାମଲା ଥିବା ବ୍ୟକ୍ତିଙ୍କ ସଂଖ୍ୟା ଅଧିକ। ଜାଣିବା ସହଜ ଯେ ଭାରତ ଭଳି ଏକ ସର୍ବୋତ୍କୃଷ୍ଟ ଗଣତନ୍ତ୍ର ଦେଶରେ ଅପରାଧୀ ନେତାଙ୍କୁ ସ୍ଥାନ ଦେବା ଠିକ୍ ନୁହେଁ।

**–ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମଦ ଜବତ, ଜଣେ ଗିରଫ

ବଈଣ୍ଡା,୬।୫(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ପୋଲିସ ସୋମବାର ବ୍ରାହ୍ମଣୀପାଲି ଗ୍ରାମରେ ଚଢାଉ କରି ସୁବାସ ପ୍ରଧାନଙ୍କ ଘରୁ ୭ ଲିଟର ପାଉଚ ମଦ ଜବତ କରିବା ସହ ତାଙ୍କୁ ଗିରଫ କରିଛି। ପୋଲିସ ନମ୍ବର ୧୨୨/୨୫ରେ ଏକ ମାମଲା ରୁଜୁ କରିଛି। ସୁବାସ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ପୋଲିସ ଚଢାଉ କରିଥିଲା।

# ଚାଳକ ଗିରଫ, ବାଇକ୍ ଜବତ

ବଈଣ୍ଡା,୬।୫(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ ଗ୍ରାମରେ ସୋମବାର ରାତିରେ ଠାକୁରଗଡ ପୋଲିସ ପକ୍ଷରୁ ଗାଡ଼ି ମୋଟର ଯାଞ୍ଚ କରାଯାଇଛି। ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଗାଡିକୁ ଯାଞ୍ଚ କରାଯିବା ସମୟରେ ମଦ୍ୟପାନ କରି ବାଇକ୍ ଚଲାଉଥିବା ଅଭିଯୋଗରେ କୁରୁମଟାପ ଗ୍ରାମର ଚିତ୍ତରଞ୍ଜନ ସାହୁଙ୍କୁ ଗିରଫ କରାଯାଇଛି। ତାଙ୍କ ବାଇକ୍‌କୁ ଜବତ କରାଯାଇଛି। ପୋଲିସ ନମ୍ବର ୧୨୮/୨୫ ରେ ଏକ ମାମଲା ରୁଜୁ କରିଛି।

# ବଳାତ୍କାର ପୀଡ଼ିତାଙ୍କୁ ଅପହରଣ ପାଇଁ ସୁପାରି

## ୬ ଗିରଫ, ମୁଖ୍ୟ ଅଭିଯୁକ୍ତ ଫେରାର

ସମ୍ବଲପୁର, ୬।୫ (ପ୍ରମୋଦ ବହିଦାର)



ଜିଲା ପୋଲିସ ମୁଖ୍ୟାଳୟରେ ପୋଲିସ ଦ୍ୱାରା ଗିରଫ ୬ ଅଭିଯୁକ୍ତ।

ସମ୍ବଲପୁର ଜିଲା ଯୁଯୁମୁରା ଥାନା କୁଶାମୁରା ପଞ୍ଚାୟତ ଅଞ୍ଚଳର ଜଣେ ବଳାତ୍କାର ପୀଡ଼ିତା ଆଦିବାସୀ ନାବାଳିକାଙ୍କୁ ଅପହରଣ ଉଦ୍ୟମ ପଣ୍ଡ ହୋଇଛି। ବଳାତ୍କାର ଅଭିଯୁକ୍ତ ୩୦ ହଜାର ସୁପାରି ଦେଇ ପୀଡ଼ିତାଙ୍କୁ ଅପହରଣ ଯୋଜନା କରିଥିଲେ। କୋର୍ଟରେ ତାଙ୍କ ସପକ୍ଷରେ ବୟାନ ଦେବାକୁ ପୀଡ଼ିତାଙ୍କୁ ଚାପ ପ୍ରୟୋଗ ପାଇଁ ଏଭଳି କାର୍ଯ୍ୟ କରିଥିଲେ। ହେଲେ ଠିକଣା ସମୟରେ ପୋଲିସ ପହଞ୍ଚି ଯିବାରେ ଅପହରଣ ଉଦ୍ୟମ ପଣ୍ଡ ହୋଇଥିଲା। ଘଟଣାସ୍ଥଳରୁ ପୋଲିସ ୬ଜଣଙ୍କୁ ଗିରଫ କରିଥିବାବେଳେ ବଳାତ୍କାର ଅଭିଯୁକ୍ତ ଯୁଯୁମୁରାର ନବକିଶୋର ନାଏକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ହୀରାକୁଦ ଅଞ୍ଚଳର ଅଭିଷେକ ପଲାଇ, ବିବେକ ସିନ୍ଧ୍ରିଆ, ବବଲୁ ବେହେରା, ପ୍ରକାଶ ଗଉଡ଼, ରୋହିତ ଛଞ୍ଚାନ୍, କାଲୁ ବାହାଦୁର। ଏମାନଙ୍କ ସହ ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ପୋଲିସ ଜଣେ ନାବାଳକଙ୍କୁ ଧରିଛି। ସେମାନଙ୍କ ନିକଟରୁ ଏକ କାର (ଓଆର୍-୧୫-ଜେ-୫୪୮୮), ଲୁହାଛଡ଼, ପିସ୍ତଲ, ଭୁଜାଲି, ପ୍ଲାଷ୍ଟିକ ରଶି, କଳାରଙ୍ଗର ମୁଖା, ୬ଟି ମୋବାଇଲ ଫୋନ ଏବଂ ନଗଦ ୧୭ ହଜାର ୫୦୦ ଟଙ୍କା ଜବତ ହୋଇଛି। ଏ ନେଇ ଯୁଯୁମୁରା ଥାନାରେ ଭାରତୀୟ ନ୍ୟାୟ ସଂହିତାର ଦଫା ୧୮୯(୨), ୧୪୦(୧), ୨୩୨, ୬୧(୨), ୬୨, ୩୫୧(୨), ୧୧୧(୧)(୩),୧୯୧(୩), ୧୯୦ରେ ଏକ ମାମଲା(ନଂ.୮୭/୨୫) ରୁଜୁ କରି ପୋଲିସ ସମସ୍ତ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ (ଏଏସ୍‌ପି) ପ୍ରକାଶ ଜେମ୍ସ ଟପ୍ପୋ ଏକ ଖବରଦାତା ସମ୍ମିଳନୀରେ ଏହା କହିଥିଲେ।

ଏଏସ୍‌ପି ଟୋପ୍ପୋଙ୍କ ସୂଚନା ଅନୁସାରେ, ଯୁଯୁମୁରା ଥାନା ଅଞ୍ଚଳର ସମ୍ପୃକ୍ତା ନାବାଳିକା ନବକିଶୋରଙ୍କ ଘରେ ଘରୋଇ କର୍ମଚାରୀଭାବେ କାମ କରୁଥିଲେ। ଏହି ସମୟରେ ସେ ସମ୍ପୃକ୍ତା ନାବାଳିକାଙ୍କୁ ବିଭିନ୍ନ ସମୟରେ ଧମକଚମକ ଦେଇ ବଳାତ୍କାର କରିଥିଲେ। ୨୦୨୪ ଜୁନ ୫ ତାରିଖରେ ପୀଡ଼ିତା କୌଶଳକ୍ରମେ ସେଠାରୁ ଖସି ଆସିଥିଲେ। ପୀଡ଼ିତା ତାଙ୍କ ମା'ଙ୍କ ସହ ଯୁଯୁମୁରା ଥାନାରେ ନବକିଶୋରଙ୍କ ନାମରେ ବଳାତ୍କାର ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଏକ ମାମଲା (ନଂ.୧୦୩/୨୪) ରୁଜୁ କରି ପୋଲିସ ନବକିଶୋରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସମ୍ବଲପୁର ପୋକ୍‌ସୋ ଅଦାଲତରେ ବିଚାରାଧୀନ ବଳାତ୍କାର ମାମଲାରେ ସେ ଗିରଫ ହୋଇ ଜେଲରେ ଥିଲେ। ନିକଟରେ ସେ ଜାମିନରେ ଆସିଥିଲେ। ଆସନ୍ତା ୧୪ ତାରିଖରେ ଏହି ମାମଲାର ରାୟ ପ୍ରକାଶ ପାଇବାକୁ ଥିବାରୁ କୌଣସିମତେ ନାବାଳିକାଙ୍କୁ ଅପହରଣ କରି ତାଙ୍କ ସପକ୍ଷରେ ବୟାନ ଦେବାକୁ ଚାପ ପ୍ରୟୋଗ କରିବାକୁ ନବକିଶୋର ଯୋଜନା କରିଥିଲେ।

ସୋମବାର ରାତି ପ୍ରାୟ ୧୦ଟା ୩୦ରେ ନବକିଶୋର ନାଏକ ଦୁଇଟି କାରରେ ଉପରୋକ୍ତ ଅଭିଯୁକ୍ତମାନଙ୍କ ସହିତ ପୀଡ଼ିତାଙ୍କ ଘରକୁ ଯାଇଥିଲେ। ପୀଡ଼ିତା ଓ ତାଙ୍କ ପରିବାର ଲୋକ ସେମାନଙ୍କୁ ଦେଖି ଘର କବାଟ ବନ୍ଦ କରି ପୋଲିସକୁ ଖବର ଦେଇଥିଲେ। ଯୁଯୁମୁରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ମାତ୍ର ନବକିଶୋର ସେଠାରୁ କୌଣସିମତେ ଖସି ପଳାଇଥିଲେ। ଅଭିଯୁକ୍ତମାନଙ୍କୁ ଥାନାକୁ ଆଣି ପଚରାଉଚରା ପରେ ପୀଡ଼ିତା ନାବାଳିକାଙ୍କୁ ଅପହରଣ କରିବା ପାଇଁ ସେମାନଙ୍କୁ ନବକିଶୋର ୩୦ହଜାର ଟଙ୍କା ସୁପାରି ଦେଇଥିଲେ ବୋଲି କହିଥିଲେ। ଅଭିଯୁକ୍ତଙ୍କ କହିବା ଅନୁସାରେ ସେମାନେ ରବିବାର ରାତିରେ ପୀଡ଼ିତାଙ୍କୁ ଅପହରଣ ପାଇଁ ତାଙ୍କ ଗ୍ରାମକୁ ଯାଇଥିଲେ। ମାତ୍ର ପରିବାର ଲୋକ କୌଣସିମତେ ମୁଖ୍ୟ ଅଭିଯୁକ୍ତ ନବକିଶୋରଙ୍କୁ ଚିହ୍ନି ପାରି ଘର କବାଟ ଖୋଲି ନ ଥିଲେ। ଫଳରେ ସେମାନଙ୍କ ପ୍ରଥମ ଅପହରଣ ଉଦ୍ୟମ ବିଫଳ ହୋଇଥିଲା।

# କଳାବାଘ ଶିକାରୀ ଗିରଫ

## ୫ ବାଘନଖ ଜବତ, ବନ୍ଧୁକ ଜବତ

ବାରିପଦା,୬।୫ (ନୀଳାଦ୍ରି ବିହାରୀ ଦଣ୍ଡପାଟ)


ଗିରଫ ଶିକାରୀ ରବୀନ୍ଦ୍ର ନାୟକ

ମୟୂରଭଞ୍ଜ ଜିଲା ଶିମିଳିପାଳ ଜାତୀୟ ଉଦ୍ୟାନରୁ କଳାବାଘ ଶିକାର ଘଟଣାରେ ଦୀର୍ଘଦିନ ଧରି ଫେରାର ଥିବା ଜଣେ ଶିକାରୀଙ୍କୁ ବନ ବିଭାଗ ଗିରଫ ପରେ ସୋମବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ କାଣିକୁଣ୍ଡଳ ଗ୍ରାମର ରବୀନ୍ଦ୍ର ନାୟକ(୨୪)।

ସୂଚନା ଅନୁଯାୟୀ, ଶିମିଳିପାଳରୁ କଳାବାଘ ଶିକାର ଘଟଣାରେ ବନ ବିଭାଗ ତଦନ୍ତ ଚଳାଇଥିଲା। ଏଥିରେ ସଂପୃକ୍ତ ଥିବା ମୁଖ୍ୟ ଅଭିଯୁକ୍ତ ରବୀନ୍ଦ୍ର ଫେରାର ହୋଇଯାଇଥିଲେ। କୋର୍ଟ ପକ୍ଷରୁ ତାଙ୍କ ନାମରେ ଜାମିନବିହୀନ ଗିରଫ ପରୱାନା ମଧ୍ୟ ଜାରି ହୋଇଥିଲା। ତେବେ ରବୀନ୍ଦ୍ର ଗୁଜରାଟରେ ଥିବା ନେଇ ବନ ବିଭାଗର ଗୋଇନ୍ଦା ସଂସ୍ଥା ଓ ଭୋପାଳର ୱାଇଲ୍ଡ ଲାଇଫ କ୍ରାଇମ୍ କଣ୍ଟ୍ରୋଲ ବ୍ୟୁରୋ(ଡବ୍ଲୁସିସିବି) କେନ୍ଦ୍ରୀୟ ଟିମ୍ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲା। ତେବେ ଶିମିଳିପାଳର ନିଜସ୍ୱ ଗୋଇନ୍ଦା ନେଟୱର୍କ ସହାୟତାରେ ରବୀନ୍ଦ୍ରଙ୍କୁ ବନ ବିଭାଗ ଗିରଫ କରିଛି। ତାଙ୍କ ଘରୁ ବାଘ ଶିକାରରେ ବ୍ୟବହୃତ ଗୋଟିଏ ବନ୍ଧୁକ ଓ ୪ଟି ବାଘନଖ ଜବତ ହୋଇଛି। ଏହି ମାମଲାରେ ବନ ବିଭାଗ ଅଦ୍ୟାବଧି ୧୧ ଜଣଙ୍କୁ ଗିରଫ କରିସାରିଲାଣି। ଅନ୍ୟ ୪ ଜଣ ଏବେବି ଫେରାର ରହିଛନ୍ତି। ସେମାନଙ୍କୁ ଧରିବା ପାଇଁ ବନ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଥିବା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପନିର୍ଦ୍ଦେଶକ ସମ୍ରାଟ ଗୌଡ଼ା କହିଛନ୍ତି।

# ଆକ୍ରମଣ ମାମଲାରେ ୪ ଅଭିଯୁକ୍ତ ଗିରଫ

ତାଳଚେର,୬।୫ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେର ଥାନା ବାଘୁଆବୋଲସ୍ଥିତ ଦୋକାନୀ ଧନଞ୍ଜୟ ଯାଦବ (୨୭)ଙ୍କୁ ଗତ ଏପ୍ରିଲ ୪ରେ ଆକ୍ରମଣ ସହ ଲୁଟ୍ କରିଥିବା ଅଭିଯୋଗରେ ତାଳଚେର ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ୱାର୍ଡ ନମ୍ବର ୧୧ର ଅଭୟ ନାଏକ, ରତିକାନ୍ତ ନାଏକ, ରେମୁଆଁର ସତ୍ୟଜିତ ନାଏକ ଓ ଅନ୍ୟଜଣେ ନାବାଳକ। ପୋଲିସ କହିଛି, ଧନଞ୍ଜୟ ଅପରାହ୍ନ ପ୍ରାୟ ୨ଟା ୧୦ରେ ଦୋକାନରେ ଥିବା ସମୟରେ ଅଭିଯୁକ୍ତମାନେ ଦୋକାନ ଭିତରକୁ ପ୍ରବେଶ କରି ୩୬, ୬୫୦ ଟଙ୍କା, ରୁପା ଗହଣା ଏବଂ ଗୋଟିଏ ମୋବାଇଲ ଲୁଟ୍ କରିଥିଲେ। ଏଥିସହ ଦୋକାନୀଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଦରମା, ଜିଏସ୍‌ଟି ଆଳରେ ଅର୍ଥ ହଡ଼ପ ଅଭିଯୋଗ

- କେନ୍ଦୁଝର ଡିଏମ୍‌ଏଫ୍‌ରେ ହେରଫେର
- ରିଲିଜ୍ ହୋଇଛି ଅଧିକ, ଦିଆଯାଇଛି କମ୍

କେନ୍ଦୁଝର/ହାଟଡ଼ିହୀ, ୬।୫ (ନରେଶ ଚନ୍ଦ୍ର ପଟ୍ଟନାୟକ/ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍) ଅନୁଦାନରେ ବ୍ୟାପକ ଆର୍ଥିକ ହେରଫେର ହୋଇଛି। ପୂର୍ବରୁ ବିଭିନ୍ନ ସମୟରେ ଅଭିଯୋଗ ହୋଇଛି। ଏପରିକି ମାମଲା ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ଥିବା ବେଳେ ତଦନ୍ତ ନିର୍ଦ୍ଦେଶ ହୋଇଛି। ଏବେ ପୁଣି ଏକ ଅନିୟମିତତା ସୂଚନା ଅଧିକାର ଆଇନ ବଳରେ ଧରାପଡ଼ିଛି। ଏ ନେଇ ବିଭିନ୍ନ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକଙ୍କୁ ଅଭିଯୋଗ ହୋଇଛି। ଏମ୍‌ପି ଆବଶ୍ୟକ ପନ୍ଥା ଗ୍ରହଣ କରିବା ସହିତ ଜିଲାପାଳଙ୍କ ସହ କଥା ହେବେ ବୋଲି କହିଛନ୍ତି।

ସୂଚନା ଅଧିକାର ଆଇନ ବଳରେ ମିଳିଥିବା ଦସ୍ତାବିଜ ଅନୁସାରେ, କେନ୍ଦୁଝର ଡିଏମ୍‌ଏଫ୍‌ରେ ପିଏମ୍‌ୟୁ (ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ୟୁନିଟ୍) ଭାବେ ଇଆଣ୍ଡୱାଇ ଏଲଏଲପି ନାମକ ଏକ ସଂସ୍ଥା ସହ ୩ ବର୍ଷ ପାଇଁ ଗତ ୭ ଏପ୍ରିଲ ୨୦୨୨ରେ ଏଗ୍ରିମେଣ୍ଟ ହୋଇଥିଲା। ଏଗ୍ରିମେଣ୍ଟ ପରବର୍ତ୍ତୀ ସମୟ ୧୯ ନଭେମ୍ବର ୨୦୨୨ରେ ଅନୁଷ୍ଠିତ ୧୧ତମ ଟ୍ରଷ୍ଟ ବୋର୍ଡ ବୈଠକରେ ଅନୁମୋଦନ ହୋଇନି କି ବଜେଟ ପ୍ରସ୍ତାବ ଆଗତ ହୋଇନି। ଏଗ୍ରିମେଣ୍ଟରେ ୩ ବର୍ଷ ପାଇଁ ଉକ୍ତ ସଂସ୍ଥାର କଣ୍ଟ୍ରାକ୍ଟ ପ୍ରାଇସ୍ ୧୭ କୋଟି ୫ ଲକ୍ଷ ୫୭ ହଜାର ୨୦୦ ଟଙ୍କା ଥିଲା। ସେଥିମଧ୍ୟରୁ ୧୮ ଶତକଡ଼ା ହିସାବରେ ୨ କୋଟି ୬୦ ଲକ୍ଷ ୧୭ ହଜାର ୨୦୦ ଟଙ୍କା ଜିଏସ୍‌ଟି ବାବଦରେ ରହିଛି। ଏଥିସହ ପିଏମ୍‌ୟୁ ଭାବେ କାର୍ଯ୍ୟରତ ଉକ୍ତ ସଂସ୍ଥା ଟିମ୍ ଲିଡର ବିତନ ହାୱଲାଦାରଙ୍କ ମାସିକ ଦରମା ବାବଦରେ ୩ ଲକ୍ଷ ୪୫ ହଜାର ଟଙ୍କା, ୧୮ ଶତକଡ଼ା ଜିଏସ୍‌ଟି ବାବଦରେ ୬୨ ହଜାର ୧୦୦ ଟଙ୍କା ମୋଟ ୪ ଲକ୍ଷ ୭ ହଜାର ୧୦୦ ଟଙ୍କା ଡିଏମ୍‌ଏଫ୍‌ରୁ ରିଲିଜ୍ ହୋଇଛି। କିନ୍ତୁ ପେମେଣ୍ଟ ରିକ୍ୱେଷ୍ଟ ଭାଉଚର କପିରେ ଦରମା ବାବଦରେ ୯୯ ହଜାର ଟଙ୍କା ଏବଂ ଜିଏସ୍‌ଟି ପ୍ରଦାନ ହୋଇ ନ ଥିବା (ଶୂନ)ଉଲ୍ଲେଖ ରହିଛି। ସଂସ୍ଥା ଅଧୀନରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କ କ୍ଷେତ୍ରରେ ଏପରି ସମାନ ଘଟଣା ଘଟିଛି । ଦରମା ଏବଂ ଜିଏସ୍‌ଟି ବାବଦରେ ଉକ୍ତ ସଂସ୍ଥା ଡିଏମଏଫ ଫଣ୍ଡରୁ ଗତ ୨୦୧୭ରୁ ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ ଅନେକ କୋଟି ଟଙ୍କା ଚଲୁ କରିଦେଇଥିବା ନେଇ ଓଡ଼ିଶା ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀ, ଜିଲାପାଳ, ମିନିଷ୍ଟ୍ରି ଅଫ୍ ମାଇନ୍ସ, ପ୍ଲାନିଂ ଆଣ୍ଡ କନଭରଜେନ୍ସ (ପିଆଣ୍ଡସି) ବିଭାଗରେ ଅଭିଯୋଗ ହୋଇଛି। ପିଆଣ୍ଡସି ବିଭାଗର ଆଡିଶନାଲ ସେକ୍ରେଟାରି ପ୍ରଦ୍ୟୁମ୍ନ ମହାକୁଡ଼ କହିଛନ୍ତି, ରିଲିଜ ହୋଇଥିବା ଦରମା ଏବଂ ଜିଏସ୍‌ଟି ଟଙ୍କା ହେରଫେର, ଅନିୟମିତତା ସଂକ୍ରାନ୍ତୀୟ ଅଭିଯୋଗ ମିଳିଛି। ଏ ଦିଗରେ ବିଭାଗୀୟ ପଦକ୍ଷେପ ଆରମ୍ଭ ହୋଇଛି। ଜିଲାପାଳ ବିଶାଲ ସିଂ କହିଛନ୍ତି, ଅଭିଯୋଗ ପାଇଛି, ସେ ଦିଗରେ ଅନୁଧ୍ୟାନ କରାଯିବ।

# ଶମ୍ବର ଶିକାର: ୨ ଗିରଫ, ମାଂସ, ଚମଡ଼ା ଜବତ

ରାଇକିଆ,୬।୫ (ପ୍ରଦୀପ ବେହେରା)


ଗିରଫ ୨ ଅଭିଯୁକ୍ତ

କନ୍ଧମାଳ ଜିଲା ରାଇକିଆ ବ୍ଲକ କରଡ଼ା ରେଞ୍ଜର ପାତ୍ରପୁର ଗ୍ରାମରେ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଚଢାଉ କରାଯାଇ ଶମ୍ବର ଶିକାର ଅଭିଯୋଗରେ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଗ୍ରାମର କାଲୁ ମଲ୍ଲିକ ଏବଂ ଦାରିଙ୍ଗବାଡି ଅଞ୍ଚଳ କୁମ୍ଭାରବାଡି ଗ୍ରାମର ଏସିଆନ ପ୍ରଧାନ। ଉଭୟେ ସୋମବାର ରାତିରେ ଶମ୍ବର ଶିକାର କରିଥିବା ନେଇ କୌଣସି ସୂତ୍ରରୁ ଖବର ପାଇ ବିଭାଗୀୟ ରେଞ୍ଜର ସବନମ ସାହୁଙ୍କ ନିର୍ଦ୍ଦେଶରେ ଗ୍ରାମରେ ଚଢାଉ କରାଯାଇଥିଲା। ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଧରିବା ସହ କର୍ମଚାରୀମାନେ ସେମାନଙ୍କ ନିକଟରୁ ୫ କେଜି ଶମ୍ବର ମାଂସ, ଚମଡା ଜବତ କରିଥିଲେ। ଫରେଷ୍ଟର ଅଜିତ ପ୍ରଧାନଙ୍କ ନେତୃତ୍ୱରେ ଫରେଷ୍ଟ ଗାର୍ଡ ଅକ୍ଷୟ ମଲ୍ଲିକ, ବିକାଶ ମଲ୍ଲିକ, ସ୍ୱାଗତିକା ଗୌଡ, ରବି ଶଙ୍କର ଦିଗାଲ ଏବଂ ସ୍କ୍ୱାଡ ଟିମ ଚଢାଉରେ ସାମିଲ ହୋଇଥିଲେ। ନଂ. ୧୨/୨୫ରେ ଏକ ମାମଲା ରୁଜୁ ହୋଇଛି।

# ଟଙ୍କା ପାଇଁ ପୁଅ ବାଟୁଳି ମାଡ଼ରେ ବାପା ଗୁରୁତର

ଛେଣ୍ଡିପଦା,୬।୫(ଅଜିତ ଧଳ)

ଟଙ୍କା ନ ଦେବାରୁ ପୁଅର ବାଟୁଳି ମାଡ଼ରେ ବାପା ଗୁରୁତର ହୋଇଛନ୍ତି। ଅନୁଗୋଳ ଜିଲା ବାଗଡ଼ିଆ ଥାନା ବାଗଡ଼ିଆ ଗ୍ରାମରେ ମଙ୍ଗଳବାର ଏହି ଘଟଣା ଘଟିଛି। ଗୁରୁତର ଭାସ୍କର ପ୍ରଧାନଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଭାସ୍କର ଘର ସମ୍ମୁଖରେ ବସିଥିବାବେଳେ ପୁଅ ଅଜିତ୍ ପ୍ରଧାନ ଆସି ତାଙ୍କୁ କିଛି ଟଙ୍କା ମାଗିଥିଲେ। ଭାସ୍କର ଟଙ୍କା ଦେବାକୁ ମନା କରିଦେବାରୁ ଅଜିତ ଉତ୍‌କ୍ଷିପ୍ତ ହୋଇ ଗାଳିଗୁଲଜ କରିବା ସହ ବାଟୁଳିରେ ବାପାଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ପରିବାର ପକ୍ଷରୁ ବାଗଡିଆ ଥାନାରେ ଅଭିଯୋଗ କରାଯାଇଛି।

# 'ସ୍ୱାମୀଙ୍କୁ ଛଡ଼ାଇନେବା ଭୟରେ ହାଣିଦେଲି'

## ଜଙ୍ଗଲରୁ ମହିଳାଙ୍କ କ୍ଷତାକ୍ତ ମୃତଦେହ ଜବତ ଘଟଣାର ପର୍ଦ୍ଦାଫାଶ

ଉଦଳା,୬।୫ (ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ବିଦ୍ୟାଧରନଗର ଗ୍ରାମ ଜଙ୍ଗଲରୁ ଜଣେ ମହିଳାଙ୍କ କ୍ଷତାକ୍ତ ମୃତଦେହ ଜବତ ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ଏହି ଘଟଣାରେ ୨ ମହିଳାଙ୍କ ସମେତ ୩ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ସ୍ୱାମୀଙ୍କୁ ଛଡ଼ାଇନେବା ଭୟରେ ତାଙ୍କ ପ୍ରେମିକାଙ୍କୁ କଟୁରିରେ ହାଣି ହତ୍ୟା କରିଥିବା ନେଇ ମୁଖ୍ୟ ଅଭିଯୁକ୍ତ ସ୍ୱୀକାର କରିଥିବା ପୋଲିସ କହିଛି। ପ୍ରକାଶ ଯେ, ଗତ ୪ ତାରିଖରେ ବିଦ୍ୟାଧରନଗର ଗ୍ରାମ୍ୟ ଜଙ୍ଗଲରେ ସେହି ଗ୍ରାମର ମାଦେ ସିଂ(୩୫)ଙ୍କ ମୃତଦେହ କ୍ଷତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇ ଏକ ମାମଲା(ନଂ.୧୦୩/୨୫) ରୁଜୁକରି ତଦନ୍ତ ଜାରି ରଖିଥିଲା। ଘଟଣାର ଖୋଳତାଡ଼ ପରେ ପୋଲିସ ମାଦେ ସିଂଙ୍କୁ ହତ୍ୟାକରିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ମଧ୍ୟରେ ୨ ଜଣ ମହିଳା ରହିଥିବା ବେଳେ ଜଣେ ପୁରୁଷ ଅଛନ୍ତି। ସେମାନେ ହେଲେ ଉକ୍ତ ଗ୍ରାମର ମୁଖ୍ୟ ଅଭିଯୁକ୍ତ ସାବିତ୍ରୀ ସଏ ଏବଂ ସହଯୋଗୀ ଦୁଃଖିଆ ସଏ ଓ ତାଙ୍କ ସ୍ତ୍ରୀ ଜୟନ୍ତୀ ସଏ। ନିଜ ସ୍ୱାମୀଙ୍କୁ ମୃତା ମହିଳାଙ୍କ ପାଖରୁ ବଞ୍ଚାଇବା ପାଇଁ ବାଟରୁ ହଟାଇଦେଇଥିବା କହିଛନ୍ତି ମୁଖ୍ୟ ଅଭିଯୁକ୍ତ ସାବିତ୍ରୀ। ପୋଲିସ ସୂଚନା ଅନୁଯାୟୀ, ଗ୍ରାମରେ ଏକୁଟିଆ ରହୁଥିବା ମୃତା ମାଦେ ସିଂଙ୍କୁ ସାବିତ୍ରୀଙ୍କ ସ୍ୱାମୀ ପ୍ରତାପ ସଏ ଭଲ ପାଉଥିଲେ। ପ୍ରତାପଙ୍କୁ ନିଜ ପାଖରେ ରଖିବାକୁ ଚେଷ୍ଟା କରିଥିଲେ ମାଦେ । ଏହାକୁ ନେଇ ପୂର୍ବରୁ ମାଦେ ଏବଂ ସାବିତ୍ରୀଙ୍କ ମଧ୍ୟରେ ବଚସା ହୋଇଥିଲା। ସ୍ୱାମୀ ପ୍ରତାପଙ୍କ ପାଖରୁ ଦୂରେଇ ରହିବା ପାଇଁ ମାଦେଙ୍କୁ ବାରମ୍ବାର ଚେତାବନୀ ଦେଇଥିଲେ ମୁଖ୍ୟ ଅଭିଯୁକ୍ତ ସାବିତ୍ରୀ। ହେଲେ ମାଦେ ତାହା ନ ଶୁଣିବାରୁ ଶେଷରେ ଗତ ଶନିବାର ସନ୍ଧ୍ୟାରେ ମାଦେ ସୋନ ଡ୍ୟାମ୍ ନିକଟରେ ବସିଥିବା ବେଳେ ସାବିତ୍ରୀ ହଠାତ୍ ସେଠାରେ ପହଞ୍ଚିଥିଲେ। ସାବିତ୍ରୀଙ୍କୁ ଦେଖି ମାଦେ ସେଠାରୁ ଦୌଡ଼ି ପଳାଉଥିବା ବେଳେ ଏକ ଧାରୁଆ କଟୁରିରେ ମାଦେଙ୍କ ବେକକୁ ହାଣି ସାବିତ୍ରୀ ହତ୍ୟା କରିଥିଲେ । ହତ୍ୟା ପରେ ଗ୍ରାମର ଦୁଃଖିଆ ସଏ ଏବଂ ତାଙ୍କ ସ୍ତ୍ରୀ ଜୟନ୍ତୀଙ୍କୁ ଡାକି ମୃତଦେହ ନେଇ ଜଙ୍ଗଲରେ ଫିଙ୍ଗିଦେଇ ଆସିଥିଲେ। ପୋଲିସ ଘଟଣାର ତଦନ୍ତକରି ୩ ଜଣଙ୍କୁ ଗିରଫ ପରେ ମଙ୍ଗଳବାର ମଧ୍ୟାହ୍ନ ସାଢେ ୧୨ଟା ସମୟରେ କୋର୍ଟ ଚାଲାଣ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ କଟୁରିକୁ ପୋଲିସ ଜବତ କରିଛି।

## ମା'ବାପାଙ୍କ ଭୁଲ୍ ପାଇଁ ଜେଲ ଗଲେ ୩ ଶିଶୁ

ଉଦଳା,୬।୫(ସନ୍ତୋଷ କୁମାର ବାଛିନୀ)- ଦୁନିଆ କ'ଣ ଭଲ ଭାବେ ଜାଣି ନ ଥିବା ୩ ଶିଶୁ ମା' ବାପାଙ୍କ ଭୁଲ୍ ପାଇଁ ଜେଲ ହାଜତକୁ ଯାଇଛନ୍ତି। ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ବିଦ୍ୟାଧରନଗର ଗ୍ରାମର ମାଦେ ସିଂଙ୍କୁ କଟୁରିରେ ହାଣି ହତ୍ୟା କରିବା ଅଭିଯୋଗରେ ସାବିତ୍ରୀ ସଏ ଏବଂ ତାଙ୍କ ସହଯୋଗୀ ଦୁଃଖିଆ ସଏ ଏବଂ ସ୍ତ୍ରୀ ଜୟନ୍ତୀ ଜେଲ ଯାଇଛନ୍ତି। ମୁଖ୍ୟ ଅଭିଯୁକ୍ତ ସାବିତ୍ରୀଙ୍କ ୨ ବର୍ଷର ପୁଅ ଏବଂ ଦୁଃଖିଆଙ୍କ ୪ ବର୍ଷର ଝିଅ ଓ ୩ ବର୍ଷର ପୁଅ ମଧ୍ୟ ମା' ବାପାଙ୍କ ସହ ଜେଲ ଯାଇଥିବା ସୂଚନା ମିଳିଛି।


झारखण्ड सरकार
पेयजल एवं स्वच्छता विभाग

ई-प्रोक्योरमेन्ट सूचना (प्रथम आमंत्रण)
ई-निविदा सूचना संख्या - (धनबाद) 06/2025-26
तिथि – 05-05-2025 (शुद्धि पत्र)

इस कार्यालय द्वारा विज्ञापित ई-प्रोक्योरमेन्ट निविदा सूचना संख्या-06/2025-26 (PR No-351154 Drinking water and Sanitation(25-26):D में आंशिक संशोधन किया जाता है, जो निम्नप्रकार से है-

1. वेबसाईट पर निविदा प्रकाश की तिथि-02.05.2025 के स्थान पर 07.05.2025 पढ़ा जाये।
2. निविदा प्राप्ति (ऑन लाईन) की अन्तिम तिथि-13.05.2025 के स्थान पर 16.05.2025 पढ़ा जाये।
3. निविदा का मूल्य एवं अग्रधन राशि ऑन लाईन जमा करने का अंतिम तिथि-13.05.2025 के स्थान पर 16.05.2025 पढ़ा जाये।
4. तकनीकी बीड खोलने की तिथि-14.05.2025 के स्थान पर 17.05.2025 पढ़ा जाये।

नोट :- अन्य सभी जानकारी तथा शर्तें पूर्ववत रहेंगें।

(मयंक कुमार भगत) कार्यपालक अभियंता
पेयजल एवं स्वचछता यांत्रिक प्रमंडल,धनबाद
PR 351766 (Drinking Water and Sanitation)25-26*D

ପୂର୍ବ ତଟ ରେଳପଥ

(1)ଟେଣ୍ଡର ସଂ.eT-M-LM-GRI-PUI-34-2025
କାର୍ଯ୍ୟର ନାମ : ଦୁଇ ବର୍ଷ ଅବଧି ନିମନ୍ତେ ପୁରୀ କୋଚିଙ୍ଗ୍ ଡିପୋର ଟ୍ରେନ୍ ନଂ. 18477/78, 18425/26 (ଗ୍ରୁପ୍-I)ର ବେଡ୍ ରୋଲ୍ ଲିନେନ୍ ଗୁଡ଼ିକର ଯାନ୍ତ୍ରୀକୃତ ସଫେଇ (Mechanized Washing)।
ବିଜ୍ଞାପିତ ମୂଲ୍ୟ : ₹ 7,69,66,137.84, EMD : ₹ 5,34,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 11,800/-

(2)ଟେଣ୍ଡର ସଂ.eT-M-PURI-CCTV-35-2025
କାର୍ଯ୍ୟର ନାମ : ଏକ ବର୍ଷ ଅବଧି ନିମନ୍ତେ ପୁରୀ କୋଚିଙ୍ଗ୍ ଡିପୋର LHB କୋଚ୍‌ଗୁଡ଼ିକରେ ପ୍ରଦାନ କରାଯାଇଥିବା କ୍ଲୋଜ୍‌ଡ ସର୍କିଟ୍ ନିରୀକ୍ଷଣ ପ୍ରଣାଳୀ (CCTV)ର ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି କାର୍ଯ୍ୟର ଆଉଟ୍‌ସୋର୍ସିଙ୍ଗ୍।
ବିଜ୍ଞାପିତ ମୂଲ୍ୟ : ₹ 1,44,23,036.16, EMD : ₹ 2,22,100/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 5,900/-

ଶେଷ ହେବା ଅବଧି : 24 ମାସ (କ୍ରମ ସଂ. 1 ପାଇଁ) ଓ 12 ମାସ (କ୍ରମ ସଂ. 2 ପାଇଁ)।
ବିଡ୍ ଆରମ୍ଭ ହେବା ତାରିଖ : 07.05.2025 (କ୍ରମ ସଂ. 1 ପାଇଁ) ଓ 08.05.2025 (କ୍ରମ ସଂ. 2 ପାଇଁ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 21.05.2025, 1300 ଘଟିକାରେ (କ୍ରମ ସଂ. 1 ପାଇଁ) ଏବଂ 22.05.2025, 1500 ଘଟିକାରେ (କ୍ରମ ସଂ. 2 ପାଇଁ)।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।
ସିନିୟର କୋଚିଙ୍ଗ୍ ଡିପୋ ଅଧିକାରୀ / ପୁରୀ
PR-97/Q/25-26

Government of India
Government of India
Ministry of Skill Development & Entrepreneurship
Directorate General of Training (DGT)
Skill India
कौशल भारत-कुशल भारत

CITS ADMISSION NOTICE - SESSION 2025-26

Admission to courses under Craft Instructor Training Scheme (CITS) at National Skill Training Institutes (NSTIs) and Institute of Training of Trainers (ITOTs) for the academic session 2025-26 will be made through All India Common Entrance Test (AICET), scheduled to be held on 25.06.2025. Applications are invited for Computer based Test (online) on www.nimionlineadmission.in from the eligible candidates w.e.f. from 08.05.2025 to 28.05.2025 to appear in the entrance test at various centers across the country.
For more details : www.nimionlineadmission.in

Last date to submit the applications 28.05.2025

CBC 63101/11/0001/2526

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED a young and dynamic SALES EXECUTIVE
for selling Automotive Battery based in PURI & BHUBANESWAR for a reputed Distributor.
Interested candidates may send resumes to
email ID: tbsa.bbsr@gmail.com
Call -7008713919

ରୋଷେଇ ପାଇଁ ସ୍ତ୍ରୀ ଲୋକ ଆବଶ୍ୟକ
ଭୁବନେଶ୍ୱର ଟଙ୍କପାଣି ରୋଡରେ ରହିବାର ସୁବିଧା ଅଛି। ଘରେ ରୋଷେଇ କରିବାକୁ ସ୍ତ୍ରୀ ଲୋକ ଦରକାର।
- ଯୋଗାଯୋଗ -
9437357532 / 8917516693

REQUIRED
ONE DRIVER and ONE COOK (Female)
Lodging and Fooding arrangements is ours only for Bhubaneswar.
9338675380, 7894505580

WANTED
Applications are invited for temporary appointment for Jr. Steno, Data Entry Operator, Accounts Assistant, Accounts Officer and Assistant Secretary in the office of Odisha State Bar Council, Cuttack. For details visit the official website of Odisha State Bar Council :
www.odishabarcouncil.org

OFFICE OF THE EXECUTIVE ENGINEER
Road Construction Department,
Road Division, Daltonganj.

e-Procurement Short Tender Notice 2nd Call
e-Tender Ref No.- 2/RCD/Daltonganj/2025-26/414
Dated:- 05.05.2025

| | | |
|---|---|---|
| 1. | Name of Work | IRQP Work of Chiyanki-Rajwadih ByPass (Total Length - 6.00 Km.) Road for the year 2023-24. |
| 2. | Estimated Cost | Rs. 4,78,31,835.21 (Rupees Four Crore Seventy Eight Lacs Thirty One Thousand Eight Hundred Thirty Five and Twenty One Paise) Only. |
| 3. | Bid Security (Amount) | Rs. 4,78,500.00 (Rupees Four Lacs Seventy Eight Thousand Five Hundred) Only. |
| 4. | Time of Completion | 04 Months |
| 5. | Date of Publication of Tender on Website | 08.05.2025, 10:30 AM |
| 6. | Last Date/Time of Online Bid Submission | 22.05.2025, 12:00 Noon |
| 7. | Date and Time of Bid opening | 23.05.2025, 12.30 PM |
| 8. | Bid (Tender Fee & EMD) Submission Address | Cost of bidding document (for a non refundable fee) & Bid security as indicated shall be payable online through http://jharkhandtenders.gov.in |
| 9. | Name & address of officer Inviting tender | Executive Engineer, R.C.D., Road Division, Daltonganj.06562-225019 |
| 10. | E-mail Id | eercdmedini-jhr@nic.in |
| 11. | Helpline number of e Procurement cell | 0651-2401010 |

Note : Estimated amount may vary.
For further details can be seen on website http://jharkhandtenders.gov.in.
Executive Engineer
Road Construction Department
Road Division, Daltonganj.
PR 351750 (Road)25-26*D

# କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶ

ଢେଙ୍କାନାଳ,୬।୫(ରତନ ନାୟକ)

ଢେଙ୍କାନାଳ ଜିଲ୍ଲା କଂଗ୍ରେସ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟା ସାଢେ ୬ଟାରେ ଗୋପବନ୍ଧୁ ଟାଉନହଲଠାରେ ସମ୍ବିଧାନ ବଞ୍ଚାଅ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ଯୋଗଦେଇ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ କହିଲେ ଯେ, ଦେଶର ସମ୍ବିଧାନକୁ ସୁରକ୍ଷିତ ରଖିବା ପାଇଁ କଂଗ୍ରେସ ପକ୍ଷରୁ ସଂଗ୍ରାମ ଆରମ୍ଭ ହୋଇଛି। ରାହୁଲ ଗାନ୍ଧୀ ସମଗ୍ର ଭାରତ ବର୍ଷରେ ବୁଲି ସମ୍ବିଧାନ ମାଧ୍ୟମରେ ଜନସାଧାରଣଙ୍କ ଦୁଃଖ ଓ ସମସ୍ୟା ଶୁଣିଥିଲେ। ଏହାପରେ ସେ ସମ୍ବିଧାନକୁ ଧରି ପାର୍ଲାମେଣ୍ଟରେ ମଧ୍ୟ ଗର୍ଜିଥିଲେ। ଜାତିଗତ ଜନଗଣନା ପାଇଁ ଯେତେବେଳେ ସେ ପ୍ରଶ୍ନ ଉଠାଇଥିଲେ, ସେତେବେଳେ ରାହୁଲଙ୍କୁ ରୋକିବା ପାଇଁ ଚେଷ୍ଟା କରାଯାଇଥିଲା। ଦେଶର ୯୪ ପ୍ରତିଶତ ଲୋକଙ୍କ ସ୍ୱର ରାହୁଲ ଗାନ୍ଧୀ ହୋଇଛନ୍ତି। ଭାଜପା ସରକାର ସମ୍ବିଧାନକୁ ଶେଷ କରିବା ପାଇଁ ଷଡଯନ୍ତ୍ର କରିଥିଲେ। ସେଥିପାଇଁ ଗତ ନିର୍ବାଚନରେ ୨୦୦ ଆସନ ହରାଇଲେ। ଲୋକତନ୍ତ୍ର ତଥା ଗଣତନ୍ତ୍ରରେ ଯେଉଁଠି ଲୋକ ଶକ୍ତିଶାଳୀ, ସେମାନେ ହିଁ ଭାରତର ଭାଗ୍ୟବିଧାତା। ସମ୍ବିଧାନକୁ ଶକ୍ତିଶାଳୀ କରିବା ପାଇଁ ଦେଶ ଏକଜୁଟ ହେବାକୁ ରାହୁଲ ଗାନ୍ଧୀ ଆହ୍ୱାନ ଦେଇଛନ୍ତି ବୋଲି ପିସିସି ସଭାପତି କହିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ଶ୍ରୀକାନ୍ତ ଜେନା କହିଲେ ଯେ, ଭଲ ସମ୍ବିଧାନ ଖରାପ ଲୋକ ହାତରେ ପଡିଲେ ଏହା ଅସୁରକ୍ଷିତ ହୋଇଯିବ। ସ୍ୱାଧୀନତା ପରଠାରୁ ରାହୁଲ ଗାନ୍ଧୀ ଏକମାତ୍ର ନେତା, ଯିଏକି କନ୍ୟାକୁମାରୀ ଠାରୁ ଜାମ୍ମୁକାଶ୍ମୀର, ମଣିପୁର ଠାରୁ ଗୁଜୁରାଟ ପଦଯାତ୍ରା କରି ଭାରତ ବର୍ଷର ସବୁ ବର୍ଗର ଲୋକମାନଙ୍କର ଦୁଖ ଓ ସମସ୍ୟାକୁ ଶୁଣିଥିଲେ। ସମ୍ବିଧାନରେ ଲୋକଙ୍କର ଅଧିକାର ରହିଛି, ହେଲେ ଲୋକେ ସେଥିରୁ ବଞ୍ଚିତ। ଗତ ନିର୍ବାଚନରେ ରାହୁଲ ଗାନ୍ଧୀ ଭାରତବର୍ଷରେ ସମଭାବାପନ୍ନ ଦଳକୁ ଏକାଠି କରି ନିର୍ବାଚନ ଲଢିଥିଲେ। ଯେଉଁଥିରେ କି ଭାଜପାର ଆସନ ସଂଖ୍ୟା ୨୪୦କୁ ଖସି ଆସିଥିଲା। ଚନ୍ଦ୍ରବାବୁ ନାଇଡୁ ଓ ନୀତିଶ କୁମାରଙ୍କ ସହଯୋଗରେ ସେମାନେ ସରକାର ଗଢିଥିଲେ। ସମ୍ବିଧାନକୁ ସୁରକ୍ଷିତ ରଖିବା ପାଇଁ ସମସ୍ତେ ଏକଜୁଟ ହେବାକୁ ସେ ଆହ୍ୱାନ ଦେଇଥିଲେ। ଏହି ସମାବେଶରେ କଟକ ବାରବାଟୀ ବିଧାୟିକା ସୋଫିଆ ଫିରଦୋଶ, ପୂର୍ବତନ ମନ୍ତ୍ରୀ ନଗେନ୍ଦ୍ର ପ୍ରଧାନ ଓ ସୁରେଶ କୁମାର ରାଉତରାୟ, ବରିଷ୍ଠ ନେତ୍ରୀ ସସ୍ମିତା ବେହେରା, ଶାନ୍ତନୁ ସାହୁ, ସୁସ୍ମିତା ସିଂହଦେଓ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା କଂଗ୍ରେସ ସଭାପତି ସୁନିଲ ଦାଶ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ସମରେନ୍ଦ୍ର ନନ୍ଦ, ବରିଷ୍ଠ ନେତା ବେଣୁଧର ସାହୁ, ସ୍ମିତାରାଣୀ ସାମଲ, ଆଦିତ୍ୟ ମହାପାତ୍ର, ସସମିତା ତାଏବ, ଶୁଭମ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏଥିପୂର୍ବରୁ ସହରସ୍ଥିତ ବାଜିଚୌକଠାରୁ ଏକ ମଶାଲ ଶୋଭାଯାତ୍ରା ସହର ପରିକ୍ରମା କରି ଗୋପବନ୍ଧୁ ଟାଉନହଲଠାରେ ପହଞ୍ଚିଥିଲା।


ସମାବେଶରେ ଯୋଗଦେଇଥିବା କଂଗ୍ରେସର ବରିଷ୍ଠ ନେତୃବୃନ୍ଦ।

# ବ୍ରାଉନସୁଗାର ସହ ପିସ୍ତଲ ଓ ଗୁଳି ଜବତ, ୨ ଗିରଫ

ଢେଙ୍କାନାଳ,୬।୫ (ରତନ ନାୟକ)

ଢେଙ୍କାନାଳ ଜିଲ୍ଲା ସଦର ଥାନା ଭାପୁର ଫାଣ୍ଡି ସାନନବଡ ଗ୍ରାମରୁ ସୋମବାର ସନ୍ଧ୍ୟାରେ ଦୁଇଜଣ ଯୁବକଙ୍କଠାରୁ ୧୭.୩୦ ଗ୍ରାମ ବ୍ରାଉନସୁଗାର, ଗୋଟିଏ ପିସ୍ତଲ ଓ ୪ଟି ଜୀବନ୍ତ ଗୁଳି ସହ ଏକ ବାଇକ ଜବତ କରାଯାଇଛି। ଗିରଫ ୨ ଯୁବକ ହେଲେ ଭୁବନ ଅଞ୍ଚଳର ଅବିନାଶ ସାହୁ ଓ ଛେଣ୍ଡିପଦା ପାତ୍ରପଡା ଅଞ୍ଚଳର ସାଗର ସେଠି। ଖବରପାଇ ଭାପୁର ଫାଣ୍ଡି ଅଧିକାରୀ ପ୍ରଦୀପ ପାତ୍ର ଗୋଡାଇ ଗୋଡାଇ ଉଭୟଙ୍କୁ ଗିରଫ କରିବା ସହ ପିସ୍ତଲ, ଗୁଳି ଓ ବାଇକ୍ ଜବତ କରିଥିଲେ।



ଗିରଫ ଅଭିଯୁକ୍ତ ଓ ଜବତ ପିସ୍ତଲ, ଗୁଳି।


## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା 8853 IND-II-PC-୦୧ ତା.03.05.2025
No. CAD-318

### ବିଜ୍ଞାପନ

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମେସର୍ସ ରୁଙ୍ଗ୍‌ଟା ସନ୍ସ ପ୍ରାଇଭେଟ୍ ଲିମିଟେଡ, ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା କୋଇଡା ତହସିଲ ଅନ୍ତର୍ଗତ ସାନିନ୍ଦପୁର ଏବଂ ଓରାଘାଟ ଠାରେ ବିଦ୍ୟମାନ ୧୪୭.୧୦ ହେକ୍ଟର ପରିମିତ ଖଣି ଲିଜ୍ ଅଞ୍ଚଳରେ ପ୍ରସ୍ତାବିତ ତୃତୀୟ ପର୍ଯ୍ୟାୟ ସମ୍ପ୍ରସାରଣ (୧୯.୩ ମିଲିଅନ ଟିପିଏର ମୂଳ ଉତ୍ପାଦନରେ ୪୮.୯% ବୃଦ୍ଧି) ତଥା ୨୬.୮୨୭ ମିଲିଅନ ଟିପିଏ (ଆରଓଏମ:୨୦.୮୫ ମିଲିଅନ ଟିପିଏ+ପୁରୁଣା ଷ୍ଟାକ୍ ଏବଂ ଡମ୍ପରୁ ୨.୦୮୫ ମିଲିଅନ ଟିପିଏ ଡ୍ରାଏ କ୍ରସିଂ ଏବଂ ସ୍କ୍ରିନିଂ+୩.୮୯୨ ମିଲିଅନ ଟିପିଏ ବର୍ଜ୍ୟ)ରୁ ମୋଟ ୨୮.୭୩୭୫ ମିଲିଅନ ଟିପିଏ (ଆରଓଏମ:୨୨.୩୩୫ ମିଲିଅନ ଟିପିଏ+ ପୁରୁଣା ଷ୍ଟାକ୍ ଏବଂ ଡମ୍ପରୁ ୨.୨୩୩୫ ମିଲିଅନ ଟିପିଏ ଡ୍ରାଏ କ୍ରସିଂ ଏବଂ ସ୍କ୍ରିନିଂ+ ୪.୧୬୯ ମିଲିଅନ ଟିପିଏ ବର୍ଜ୍ୟ) ପର୍ଯ୍ୟନ୍ତ ଲୁହାପଥର ଉତ୍ପାଦନ ବୃଦ୍ଧି ନିମନ୍ତେ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ବିଜ୍ଞପ୍ତି, ୨୦୦୬ର ପାରା 7(ii) (a) ଏବଂ ଏହାର ପରବର୍ତ୍ତୀ ସଂଶୋଧନର ବ୍ୟବସ୍ଥା ଅନୁଯାୟୀ ଜନ ପରାମର୍ଶ ପାଇଁ ଅନୁରୋଧ କରିଅଛନ୍ତି ।

ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର କାର୍ଯ୍ୟାଳୟ ସ୍ମାରକପତ୍ର ସଂଖ୍ୟା (O.M. No.) F.No. IA3-22/10/2022-IA.III (E177258) ତାରିଖ 11/4/2022 ଅନୁଯାୟୀ, EIA ବିଜ୍ଞପ୍ତି 2006ରେ ପାରା 7(ii)(a) ଅନୁଯାୟୀ ଅତିରିକ୍ତ ଜମି ଅଧିଗ୍ରହଣ ଏବଂ ଜନଶୁଣାଣି ବିନା ବିଦ୍ୟମାନ ପରିସର/ ଖଣି ଲିଜ୍ ଅଞ୍ଚଳ ମଧ୍ୟରେ 50% ପର୍ଯ୍ୟନ୍ତ ସମ୍ପ୍ରସାରଣ ପାଇଁ ପରିବେଶଗତ ମଞ୍ଜୁରୀ ପ୍ରଦାନ ଲାଗି ନିର୍ଦ୍ଦେଶାବଳୀ ଜାରି କରିଅଛନ୍ତି ।

ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର କାର୍ଯ୍ୟାଳୟ ସ୍ମାରକପତ୍ର ସଂଖ୍ୟା (O.M No.) F.No. IA3-22/10/2022-IA.III (E177258), ତାରିଖ 11.04.2022 ରେ 40% ରୁ ଅଧିକ କିନ୍ତୁ 50%ରୁ କମ୍ ଉତ୍ପାଦନ ଥିବା ପ୍ରକଳ୍ପଗୁଡିକର ଆବେଦନ ପ୍ରକ୍ରିୟାକରଣ ପାଇଁ ଗ୍ରହଣ କରାଯିବାକୁ ଥିବା ପଦ୍ଧତିଗୁଡିକୁ ନିର୍ଦ୍ଦିଷ୍ଟ କରାଯାଇଛି, ଯାହା 40% ର ସମ୍ପ୍ରସାରଣ ଏବଂ ପ୍ରସ୍ତାବିତ ପ୍ରକଳ୍ପର ପରବର୍ତ୍ତୀ ସମ୍ପ୍ରସାରଣ ସହିତ ସମ୍ବନ୍ଧିତ ପୂର୍ବ ପରିବେଶଗତ ସୁରକ୍ଷାର ସଫଳ ଅନୁପାଳନ ଉପରେ ଆଧାରିତ, ଯାହା EIA ବିଜ୍ଞପ୍ତି ୨୦୦୬ ର ପାରା 7 (ii) (a) ଅନ୍ତର୍ଗତ ବିଦ୍ୟମାନ ପରିବେଶୀୟ ମଞ୍ଜୁରୀ (EC) ରେ ସର୍ବନିମ୍ନ ତିନୋଟି ପର୍ଯ୍ୟାୟରେ ଉଲ୍ଲେଖ କରାଯାଇଅଛି ।

ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର କାର୍ଯ୍ୟାଳୟ ସ୍ମାରକପତ୍ର ସଂଖ୍ୟା (O.M No.) F.No. IA3-22/10/2022-IA.III (E177258), ତାରିଖ 30.5.2022 ରେ ଆହୁରି ସ୍ପଷ୍ଟ କରାଯାଇଅଛି ଯେ, ମାନକ TORs ଉପରେ ଆଧାରିତ ସଂଶୋଧିତ EIA-EMP ରିପୋର୍ଟ ମୂଳ ପରିବେଶୀୟ ମଞ୍ଜୁରୀ (EC) କ୍ଷମତାର ସର୍ବାଧିକ ୫୦% ବିସ୍ତାର ପାଇଁ ପ୍ରସ୍ତୁତ କରାଯାଇପାରିବ, ଯାହା ପାଇଁ ତା. ୧୧.୦୪.୨୦୨୨ ରିଖ କାର୍ଯ୍ୟାଳୟ ସ୍ମାରକପତ୍ର (O.M.)ର ଲାଭ ପାଇବା ପାଇଁ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି । ତଥାପି, ଉପରୋକ୍ତ ସଂଶୋଧିତ EIA-EMP ରିପୋର୍ଟ ଉପରେ ଆଧାରିତ ୨୦%, ୪୦% ଏବଂ ୫୦% କ୍ଷମତା ବିସ୍ତାର ପର୍ଯ୍ୟାୟରେ ପରିବେଶୀୟ ମଂଜୁରୀ (EC) ପ୍ରଦାନ କରାଯିବ, ପ୍ରତ୍ୟେକ ପର୍ଯ୍ୟାୟରେ ମଞ୍ଜୁର ପରିବେଶୀୟ ମଞ୍ଜୁରୀ (EC) ପାଇଁ ପ୍ରମାଣିତ ଅନୁପାଳନ ରିପୋର୍ଟ ଦାଖଲ କରିବା ଉପରେ ନିର୍ଭର କରେ । ପ୍ରକଳ୍ପ ପ୍ରସ୍ତାବକଙ୍କୁ ପ୍ରତ୍ୟେକ ସମ୍ପ୍ରସାରଣ ପର୍ଯ୍ୟାୟ ପାଇଁ ସଂଶୋଧିତ EIA-EMP ରିପୋର୍ଟ ପ୍ରସ୍ତୁତ କରିବାକୁ ପଡିବ ନାହିଁ ଯଦି ପ୍ରାରମ୍ଭିକ ସଂଶୋଧିତ EIA/EMP ରିପୋର୍ଟ ପ୍ରସ୍ତାବିତ ଉଚ୍ଚ କ୍ଷମତା କିମ୍ବା ସର୍ବାଧିକ ୫୦% କ୍ଷମତା ବିସ୍ତାର ପାଇଁ ପ୍ରସ୍ତୁତ କରାଯାଇଥିଲା, ଯାହା ପ୍ରଯୁଜ୍ୟ ।

**ୟୁନିଟର ବିବରଣୀ ନିମ୍ନଲିଖିତ ଭାବରେ ପ୍ରଦାନ କରାଗଲା :**

୧.ମେସର୍ସ ରୁଙ୍ଗ୍‌ଟା ସନ୍ସ ପ୍ରାଇଭେଟ ଲିମିଟେଡ, ସାନିନ୍ଦପୁର ଏବଂ ଓରାଘାଟ, କୋଇଡା ତହସିଲ, ଜିଲ୍ଲା- ସୁନ୍ଦରଗଡ ରାଜ୍ୟସ୍ତରୀୟ ପରିବେଶଗତ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (SEIAA), ଓଡ଼ିଶାଙ୍କ ଠାରୁ ପ୍ରଥମ ପର୍ଯ୍ୟାୟ ସମ୍ପ୍ରସାରଣ, ଯାହା ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର କାର୍ଯ୍ୟାଳୟ ସ୍ମାରକପତ୍ର ସଂଖ୍ୟା (O.M.No.) F.No.IA3-22/10/2022-IA.III (E177258) ତାରିଖ 11/4/2022 ଅନୁଯାୟୀ, EIA ବିଜ୍ଞପ୍ତି ୨୦୦୬ର ପାରା 7 (ii)(a) ଅନୁଯାୟୀ ଲୌହ ଖଣିଜ ଉତ୍ପାଦନ କ୍ଷମତାରେ ୧୯.୫% ବୃଦ୍ଧି କରାଯାଇଥିଲା ଅର୍ଥାତ୍ ୧୬.୫ ଏମ୍‌ଟିପିଏ (ମୋଟ ପଦାର୍ଥ ପରିଚାଳନା ୧୯.୩ ଏମ୍‌ଟିପିଏ:୧୫ ଏମ୍‌ଟିପିଏ ଆରଓଏମ ଲୌହ ଖଣିଜ+୧.୫୦ ପୁରୁଣା ଷ୍ଟାକ୍ସ ଏବଂ ଡମ୍ପରୁ ନିମ୍ନମାନର ଖଣିଜ+୨.୮୦ ଏମଟିପିଏ ବର୍ଜ୍ୟ ପରିଚାଳନା) ରୁ ୧୯.୭ ମିଲିଅନ ଟିପିଏ (ମୋଟ ୨୩.୦୬୪ ମିଲିଅନ ଟିପିଏ ପଦାର୍ଥ ପରିଚାଳନା: ୧୭.୯୨୫ ମିଲିଅନ ଟିପିଏ ଆରଓଏମ ଲୌହ ଖଣିଜ+ପୁରୁଣା ଷ୍ଟାକ୍ସ ଏବଂ ଡମ୍ପରୁ ନିମ୍ନ ଗ୍ରେଡ ଖଣିଜ ୧.୭୯୩ ଏମଟିପିଏ+୩.୩୪୬ ମିଲିଅନ ଡଲାର ବର୍ଜ୍ୟ ପରିଚାଳନା ପାଇଁ ପରିବେଶୀୟ ମଂଜୁରୀ (EC) ପ୍ରାପ୍ତ କରିଥିଲେ ।

୨.ମେସର୍ସ ରୁଙ୍ଗ୍‌ଟା ସନ୍ସ ପ୍ରାଇଭେଟ ଲିମିଟେଡ, ସାନିନ୍ଦପୁର ଏବଂ ଓରାଘାଟ, କୋଇଡା ତହସିଲ, ଜିଲ୍ଲା-ସୁନ୍ଦରଗଡ ରାଜ୍ୟସ୍ତରୀୟ ପରିବେଶଗତ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (SEIAA), ଓଡ଼ିଶାଙ୍କଠାରୁ **ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣ**, ଯାହା ଭାରତ ସରକାରଙ୍କ ପରିବେଶ ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର କାର୍ଯ୍ୟାଳୟ ସ୍ମାରକପତ୍ର ସଂଖ୍ୟା (O.M.No.) F.No.IA3-22/10/2022-IA.III (E177258), ତାରିଖ 11/4/2022 ଅନୁଯାୟୀ, EIA ବିଜ୍ଞପ୍ତି 2006ରେ ପାରା 7(ii)(a) ଅନୁଯାୟୀ ଲୌହ ଖଣିଜ ଉତ୍ପାଦନ କ୍ଷମତାରେ ବଳକା ୧୯.୫% ବୃଦ୍ଧି ପାଇଁ ଅର୍ଥାତ୍ ୧୯.୭ ଏମପିଟିଏ (୨୩.୦୬୪ ଏମ୍‌ଟିପିଏ ମୋଟ ପଦାର୍ଥ ପରିଚାଳନା:୧୭.୯୨୫ ଏମ୍‌ଟିପିଏ ଆରଓଏମ ଲୌହ ଖଣିଜ+୧.୭୯୩ ମିଲିଅନ ଟିପିଏ ଡମ୍ପ ଏବଂ ପୁରୁଣା ଷ୍ଟାକ୍ସ ରୁ ନିମ୍ନମାନର ଖଣିଜ+ ୩.୩୪୬ ଏମ୍‌ଟିପିଏ ବର୍ଜ୍ୟ ପରିଚାଳନା) ରୁ ୨୨.୯ ମିଲିଅନ ଟିପିଏ (୨୬.୮୨୭ ମିଲିଅନ ଟିପିଏ ମୋଟ ପଦାର୍ଥ ପରିଚାଳନା:୨୦.୮୫୦ ମିଲିଅନ ଟିପିଏ ଆରଓଏମ ଲୌହ ଖଣିଜ+୨.୦୮୫ ପୁରୁଣା ଷ୍ଟାକ୍ସ ଏବଂ ଡମ୍ପରୁ ନିମ୍ନମାନର ଖଣିଜ+ ୩.୮୯୨ ମିଲିଅନ ଟିପିଏ ବର୍ଜ୍ୟ ପରିଚାଳନା) ପାଇଁ ପରିବେଶୀୟ ମଞ୍ଜୁରୀ (EC) ପ୍ରାପ୍ତ କରିଥିଲେ ।

୩. ମେସର୍ସ ରୁଙ୍ଗ୍‌ଟା ସନ୍ସ ପ୍ରାଇଭେଟ ଲିମିଟେଡ ଦ୍ୱାରା ସୁନ୍ଦରଗଡ ଜିଲ୍ଲା, କୋଇଡା ତହସିଲ ଅନ୍ତର୍ଗତ ସାନିନ୍ଦପୁର ଏବଂ ଓରାଘାଟ ଠାରେ ୧୪୭.୧୦ ହେକ୍ଟର ପରିମିତ ଖଣି ଲିଜ୍ ଅଞ୍ଚଳରେ ପ୍ରସ୍ତାବିତ ତୃତୀୟ ପର୍ଯ୍ୟାୟ ସମ୍ପ୍ରସାରଣ (୧୯.୩ ମିଲିଅନ ଟିପିଏର ମୂଳ ଉତ୍ପାଦନ/ ପରିଚାଳନା ଉପରେ ୪୮.୯% ବୃଦ୍ଧି) ଲୁହାପଥର ଉତ୍ପାଦନକୁ ୨୬.୮୨୭ ମିଲିଅନ ଟିପିଏ (ଆରଓଏମ:୨୦.୮୫ ମିଲିଅନ ଟିପିଏ+ପୁରୁଣା ଷ୍ଟାକ୍ ଏବଂ ଡମ୍ପରୁ ୨.୦୮୫ ମିଲିଅନ ଟିପିଏ ଡ୍ରାଏ କ୍ରସିଂ ଏବଂ ସ୍କ୍ରିନିଂ+୩.୮୯୨ ମିଲିଅନ ଟିପିଏ ବର୍ଜ୍ୟ) ରୁ ୨୮.୭୩୭୫ ମିଲିଅନ ଟିପିଏ ମୋଟ ପଦାର୍ଥ ପରିଚାଳନା (୨୨.୩୩୫ ମିଲିଅନ ଟିପିଏ ଆରଓଏମ+ପୁରୁଣା ଷ୍ଟାକ୍ ଏବଂ ଡମ୍ପରୁ ନିମ୍ନ ମାନର ଖଣିଜ ୨.୨୩୩୫ ମିଲିଅନ ଟିପିଏ ଡ୍ରାଏ କ୍ରସିଂ ଏବଂ ସ୍କ୍ରିନିଂ + ୪.୧୬୯ ମିଲିଅନ ଟିପିଏ ବର୍ଜ୍ୟ) ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ପରିବେଶଗତ ପ୍ରଭାବ ମୂଲ୍ୟାଙ୍କନ ବିଜ୍ଞପ୍ତି, ୨୦୦୬ ଅନ୍ତର୍ଗତ ପାରା ୭ (ii) (a)ର ବ୍ୟବସ୍ଥା ଏବଂ ପରବର୍ତ୍ତୀ ସଂଶୋଧନ ଅନୁଯାୟୀ ଜନ ପରାମର୍ଶ ପାଇଁ ଅନୁରୋଧ କରାଯାଇଛି ।

୪. ଉଲ୍ଲିଖିତ ତାରିଖ ୧୧ ଏପ୍ରିଲ ୨୦୨୨ ସ୍ମାରକପତ୍ର (O.M.) ଅନୁଯାୟୀ ପର୍ଯ୍ୟାୟକ୍ରମେ ୫୦% ପର୍ଯ୍ୟନ୍ତ ସମ୍ପ୍ରସାରଣ ପାଇଁ ଜନଶୁଣାଣି କୁ ଛାଡ କରାଯାଇଛି, ଯାହା ପ୍ରକଳ୍ପ ପ୍ରସ୍ତାବକ EIA ବିଜ୍ଞପ୍ତି ୨୦୦୬ର ପାରା ୭ (ii) (a) ଅନୁଯାୟୀ ଆବଶ୍ୟକ ଫର୍ମରେ PARIVESH ପୋର୍ଟାଲରେ ଆବେଦନ କରି ମାନକ ToRs ଉପରେ ଆଧାରିତ ସଂଶୋଧିତ EIA/ EMP ରିପୋର୍ଟ ସହିତ ଆବେଦନ କରିଥିବା ଉପରେ ନିର୍ଭର କରେ । ଉପରୋକ୍ତ ବ୍ୟତୀତ ୪୦% ରୁ ୫୦% ପର୍ଯ୍ୟନ୍ତ ସମ୍ପ୍ରସାରଣ ପାଇଁ, EIA ବିଜ୍ଞପ୍ତି ୨୦୦୬ର ପାରା ୭ III (ii) (b) ଅନୁଯାୟୀ ଜନ ପରାମର୍ଶ ରିପୋର୍ଟ ମଧ୍ୟ ଦାଖଲ କରିବାକୁ ପଡିବ ।

୫. ତଦନୁସାରେ ମେସର୍ସ ରୁଙ୍ଗ୍‌ଟା ସନ୍ସ ପ୍ରାଇଭେଟ୍ ଲିମିଟେଡ୍ ତୃତୀୟ ପର୍ଯ୍ୟାୟ ସମ୍ପ୍ରସାରଣ (୧୯.୩ ମିଲିଅନ ଟିପିଏର ମୂଳ ଉତ୍ପାଦନ /ପରିଚାଳନା ଉପରେ ୪୮.୯% ବୃଦ୍ଧି) ପାଇଁ ଏକ ସଂଶୋଧିତ ପରିବେଶ ପ୍ରଭାବ ମୂଲ୍ୟାଙ୍କନ (EIA) ଏବଂ ପରିବେଶ ପରିଚାଳନା ଯୋଜନା (EMP) ଦାଖଲ କରିଅଛନ୍ତି ।

ବର୍ତ୍ତମାନ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ନିର୍ଦ୍ଦେଶ ଅନୁଯାୟୀ, ପ୍ରସ୍ତାବିତ ପ୍ରକଳ୍ପର ପରିବେଶଗତ ଦିଗଗୁଡିକ ସମ୍ପର୍କରେ ଉପରୋକ୍ତ ବିଷୟଗୁଡିକ ଉପରେ ପୁଣିଥରେ ଜନ ପରାମର୍ଶ/ଆପତ୍ତି ଆହ୍ୱାନ କରାଯାଉଅଛି, ଯେଉଁଥିରେ ପ୍ରକୃତ ବାସିନ୍ଦା, ପରିବେଶଗତ ଗୋଷ୍ଠୀ ଏବଂ ପ୍ରସ୍ତାବିତ ସ୍ଥାନ/ବିସ୍ଥାପନ/ପ୍ରଭାବିତ ହେବାର ସମ୍ଭାବନା ଥିବା ସ୍ଥାନଗୁଡିକରେ ଅବସ୍ଥିତ ସମସ୍ତ ବ୍ୟକ୍ତି ସାମିଲ ଅଟନ୍ତି ।

ଉପରୋକ୍ତ ପ୍ରକଳ୍ପ ସହିତ ସମ୍ପର୍କିତ ସେମାନଙ୍କର ମତାମତ, ଆପତ୍ତି ଇତ୍ୟାଦି ଦାଖଲ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଉକ୍ତ ପ୍ରକଳ୍ପର ସଂଶୋଧିତ ପରିବେଶ ପ୍ରଭାବ ମୂଲ୍ୟାଙ୍କନ (EIA) / ପରିବେଶ ପରିଚାଳନା ଯୋଜନା (EMP) ଦେଖିପାରିବେ ଯାହା ନିମ୍ନଲିଖିତ କାର୍ଯ୍ୟାଳୟଗୁଡିକରେ ଉପଲବ୍ଧ ହେବା ସହିତ କାର୍ଯ୍ୟନିର୍ବାହୀ ସାରାଂଶର ଏକକିତା ନକଲ ଉଭୟ ଇଂରାଜୀ ଏବଂ ଓଡ଼ିଆ ଭାଷାରେ ମଧ୍ୟ ନିମ୍ନଲିଖିତ କାର୍ଯ୍ୟାଳୟ ଗୁଡିକରେ ଉପଲବ୍ଧ ଏବଂ ଏହାକୁ https://ospcboard.odisha.gov.in ୱେବସାଇଟ୍‌ରୁ ମଧ୍ୟ ମାଗଣାରେ ଡାଉନଲୋଡ୍ କରାଯାଇପାରିବ ।

୧.ଜିଲ୍ଲା କଲେକ୍ଟରଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ ।
୨.ଜିଲ୍ଲା ଶିଳ୍ପ କେନ୍ଦ୍ର, ସୁନ୍ଦରଗଡ ।
୩. ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ, ଜିଲ୍ଲା ପରିଷଦ, ସୁନ୍ଦରଗଡ ।
୪.ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ମୁଖ୍ୟ କାର୍ଯ୍ୟାଳୟ, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ-୮,ଭୁବନେଶ୍ୱର-୧୨ ।
୫.ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ରାଉରକେଲା ।
୬.ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଉପରୋକ୍ତ ପ୍ରକଳ୍ପ ସହ ଜଡ଼ିତ ସମସ୍ତ ବ୍ୟକ୍ତି ସେମାନଙ୍କର ମତାମତ, ଆପତ୍ତି ଅଭିଯୋଗ ଇତ୍ୟାଦି ଦାଖଲ କରିବାକୁ ଚାହୁଁଥିଲେ, ସେମାନେ ଏହି ବିଜ୍ଞପ୍ତି ପ୍ରକାଶନର ୩୦ ଦିନ ମଧ୍ୟରେ ପଞ୍ଜିକୃତ ପୋଷ୍ଟ ମାଧ୍ୟମରେ କିମ୍ବା ଇମେଲ୍-publichearing@ospcboard.org ଜରିଆରେ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଭୁବନେଶ୍ୱର, ଓଡ଼ିଶାଙ୍କୁ ଲିଖିତ ଭାବରେ ଜଣାଇପାରିବେ ।

ଏହି ବିଷୟରେ ଅଧିକ ସ୍ପଷ୍ଟୀକରଣ ପାଇଁ ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ରାଉରକେଲାର ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ସଦସ୍ୟ ସଚିବଙ୍କ ସହିତ ଯୋଗାଯୋଗ କରାଯାଇପାରିବ । ନିର୍ଦ୍ଧାରିତ ସମୟ ମଧ୍ୟରେ ଲିଖିତ ଭାବରେ ଦାଖଲ କରାଯାଇନଥିବା ମତାମତ ଗ୍ରହଣ କରାଯିବ ନାହିଁ ।

OSPCB-PH-MISC-0024-2025/2/2025 OIPR-08012/11/0248/2526 ସ୍ୱା./-ସଦସ୍ୟ ସଚିବ



No.CAD-315
idco | ODISHA NEW OPPORTUNITIES

## OFFICE OF THE DIVISIONAL HEAD(ELECTRICAL-II), IDCO, IDCO TOWER, BHUBANESWAR

Tender Call Notice No. BBSR/ELECT-II/E-286/24-25/1168 Dated : 29.04.2025

NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

1. **Name of the work** : Supply, Installation, Testing and Commissioning of 2 nos of 13 passenger lift for C and D block of Pulah Hall of Residence, VSSUT Burla along with the buyback of 2nos of 13 passenger lift existing in the same building.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect-II), IDCO, IDCO Tower, Janpath, Bhubaneswar | Bid ID. No. BBSR/ELECT-II/e-15/24-25 | 06.05.2025 at 12.00 Hrs. | 14.05.2025 at 16.00 Hrs. |

Further details can be seen from the e-procurement portal, www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.

Sd./- Divisional Head (Elect-II) IDCO, Bhubaneswar
OIPR-14003/11/0145/2526



## OFFICE OF THE PANCHAYAT SAMITI, BINKA, SUBARNAPUR
At/P.O.-Binka, Dist.-Subarnapur, Odisha
(E-Mail : ori-binka@nic.in)
TCN NO-01/2025-26

Advt. No:01/2025-26 Date : 03.05.2025

No.i-67 : Bid Documents consisiting of work, Estimated Cost, Cost of Tender Paper, EMD, Time of complition, Class of contractors and the set of terms and conditions of Contract and other necessary documents can be seen in Government website.i.e : https://subarnapur.odisha.gov.in

1. Name of the Work : Construction of GPLF office building with market complex as mentioned in DTCN
2. No. of Works : 04 Nos.
3. Estimated Cost : As per Annexure
4. Period of Completion : Four calendar months
5. Date & Time of Availability of Bid Documents in the portal : Dt.03.05.2025 to 16.05.2025 till 5 P.M.
6. Last date & Time for receipt of bids : Dt.17.05.2025 till 01.00 P.M.
7. Bids received online shall be opened on : Dt.20.05.2025 at 9.00 A.M.
8. Name and Address of the officer inviting Bid : Block Development Officer, Binka, Subarnapur

Further details can be seen from the Dist. website i.e. : https://subarnapur.odisha.gov.in

Sd./- Block Development Officer, BINKA, SUBARNAPUR
OIPR-19426/11/0003/2526



## ଜିଲ୍ଲା ଗୃହରକ୍ଷୀ କାର୍ଯ୍ୟାଳୟ, ଝାରସୁଗୁଡ଼ା
**ଝାରସୁଗୁଡ଼ା ଜିଲ୍ଲା ଗୃହରକ୍ଷୀ ସଙ୍ଗଠନରେ ଗୃହରକ୍ଷୀ ନିଯୁକ୍ତି ନିମନ୍ତେ ବିଜ୍ଞାପନ**

ବିଜ୍ଞାପନ ପତ୍ର ସଂଖ୍ୟା-୯୦/ଗୃହରକ୍ଷୀ ତା.୦୩.୦୫.୨୦୨୫

No.D-ଶ୍ରୀମାନ୍ ମହାସମାଦେଷ୍ଟା ଗୃହରକ୍ଷୀ ବାହିନୀ, ଓଡ଼ିଶା, କଟକଙ୍କ ଚିଠି ସଂଖ୍ୟା ୫୫୯/ଗୃହରକ୍ଷୀ ତା.୨୧.୦୨.୨୦୨୫ ରିଖ ଅନୁଯାୟୀ ଝାରସୁଗୁଡ଼ା ଜିଲ୍ଲା ପାଇଁ ମୋଟ ୬୨ ଗୋଟି ଗୃହରକ୍ଷୀ ପଦବୀ ପୂରଣ ନିମନ୍ତେ ପୂର୍ବରୁ ବିଜ୍ଞାପନ ପତ୍ର ସଂଖ୍ୟା ୫୧/ଗୃହରକ୍ଷୀ ତା.୨୪.୦୨.୨୦୨୫ ରିଖରେ ଆବେଦନ କରିବା ନିମନ୍ତେ ଆହ୍ୱାନ କରାଯାଇଥିଲା । ବର୍ତ୍ତମାନ ଓଡ଼ିଶା ସରକାର ଝାରସୁଗୁଡ଼ା ଜିଲ୍ଲା ପାଇଁ ୪୦ ଗୋଟି ନୂତନ ଗୃହରକ୍ଷୀ ପଦବୀ ମଞ୍ଜୁର କରିଥିବା ହେତୁ ପୁନର୍ବାର ଇଚ୍ଛୁକ ପ୍ରାର୍ଥୀ ଓ ପ୍ରାର୍ଥିନୀମାନେ ନିର୍ଦ୍ଧାରିତ ଫର୍ମ-'ଏ' (ଓଡ଼ିଶା ଗୃହରକ୍ଷୀ ନିୟମ ୧୯୬୨ର Form-'A')ରେ ଦରଖାସ୍ତ ଆବେଦନ କରିବା ପାଇଁ ଆହ୍ୱାନ କରାଯାଉଛି । ଯେଉଁ ପ୍ରାର୍ଥୀ/ପ୍ରାର୍ଥିନୀମାନେ ପୂର୍ବରୁ ହୋଇଥିବା ବିଜ୍ଞାପନ ଅନୁଯାୟୀ ଆବେଦନ କରିଛନ୍ତି, ସେମାନେ ପୁନର୍ବାର ଆବେଦନ କରିବା ଆବଶ୍ୟକ ନାହିଁ । ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀମାନେ ଆବେଦନ ପତ୍ର ସିଧାସଳଖ ସମାଦେଷ୍ଟା ଗୃହରକ୍ଷୀ ବାହିନୀ (District Police Office) ଝାରସୁଗୁଡାଙ୍କ କାର୍ଯ୍ୟାଳୟରେ ତା.୦୮.୦୫.୨୦୨୫ ରିଖ ସକାଳ ୭.୦୦ ଘଟିକା ଠାରୁ ତା.୧୭.୦୫.୨୦୨୫ ରିଖ ଅପରାହ୍ନ ୧.୦୦ ଘଟିକା ଯାଏଁ ଦାଖଲ କରିପାରିବେ । ନିଯୁକ୍ତି ପରୀକ୍ଷା କେଉଁଠାରେ ଏବଂ କେବେ ଅନୁଷ୍ଠିତ ହେବ ଏହା ଆବେଦନକାରୀମାନେ ନିକଟସ୍ଥ ଥାନା, ଫାଣ୍ଡି ଏବଂ ସମାଦେଷ୍ଟା ଗୃହରକ୍ଷୀ ବାହିନୀଙ୍କ କାର୍ଯ୍ୟାଳୟରୁ ବୁଝିପାରିବେ । କମ୍ପ୍ୟୁଟର ଜ୍ଞାନ, ଗାଡିଚାଳନା ଜ୍ଞାନ, ରୋଷେଇ ଜ୍ଞାନ, ବିଦ୍ୟୁତ ମିସ୍ତ୍ରି ଜ୍ଞାନ, ପାଇପ ମିସ୍ତ୍ରି ଜ୍ଞାନ ଓ ଅନ୍ୟାନ୍ୟ କ୍ଷେତ୍ରରେ ଦକ୍ଷତା ଥିବା ବ୍ୟକ୍ତିମାନଙ୍କୁ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବ । ମୋଟ ଖାଲିଥିବା ଗୃହରକ୍ଷୀ ପଦବୀ ସଂଖ୍ୟା-୧୦୨ (ପୁରୁଣା-୬୨ ଗୋଟି ଏବଂ ନୂତନ-୪୦ ଗୋଟି) । ଯଦି ଆବେଦନକାରୀଙ୍କ ସଂଖ୍ୟା ଉପଲବ୍ଧ ଖାଲି ପଦବୀଠାରୁ ଅଧିକ ହୁଏ, ତେବେ ଆବେଦନକାରୀଙ୍କୁ କିଛି ଚୟନ ପରୀକ୍ଷା /ସାକ୍ଷାତ୍କାରର ସମ୍ମୁଖୀନ ହେବାକୁ ପଡିବ । ଗୃହରକ୍ଷୀ ସେବା ସ୍ଥାୟୀ ଚାକିରି ନୁହେଁ । ଏହା ଏକ ସ୍ୱେଚ୍ଛାକୃତ ସେବା ଏବଂ ୩ ବର୍ଷର କାର୍ଯ୍ୟକାଳ ପାଇଁ । ନିଯୁକ୍ତି, ଶୃଙ୍ଖଳା, ବହିଷ୍କାର ଏବଂ ଅନ୍ୟାନ୍ୟ ନିୟମ ଏବଂ ସର୍ତ୍ତାବଳୀ ଓଡ଼ିଶା ଗୃହରକ୍ଷୀ ଆଇନ ୧୯୬୧ ଏବଂ ଓଡ଼ିଶା ଗୃହରକ୍ଷୀ ନିୟମ ୧୯୬୨ ଏବଂ Circular Order No.01/2025 ଦ୍ୱାରା ନିୟନ୍ତ୍ରିତ ହେବ । ଆବେଦନ ଫର୍ମଗୁଡିକ ଏହି ଜିଲ୍ଲାର ସମସ୍ତ ଥାନା, ଫାଣ୍ଡି ଓ ସମାଦେଷ୍ଟା ଗୃହରକ୍ଷୀ ବାହିନୀଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ହେବ ।
**ପୋଷାକ/ଭତ୍ତା**-ରାଜ୍ୟ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଭତ୍ତା କାର୍ଯ୍ୟ ଦିବସ ହିସାବରେ ପ୍ରଦାନ କରାଯିବ ।

**ଯୋଗ୍ୟତା**
୧. ଆବେଦନକାରୀ ଜଣେ ଭାରତୀୟ ନାଗରିକ ହୋଇଥିବେ ।
୨. ଆବେଦନକାରୀ ଅତି କମ୍‌ରେ ପଞ୍ଚମ ଶ୍ରେଣୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ।
୩. ଆବେଦନକାରୀ ଓଡ଼ିଆ ଭାଷା ପଢ଼ି,ଲେଖି ଏବଂ କହିପାରୁଥିବେ ।
୪. ଆବେଦନକାରୀ ସୁସ୍ଥ, ଉତ୍ତମ ଶରୀର ଏବଂ ଶରୀର ଦୁର୍ବଳତା ମୁକ୍ତ ହୋଇଥିବା ଆବଶ୍ୟକ ।
୫. ଆବେଦନକାରୀଙ୍କ ବୟସ ୦୧.୦୧.୨୦୨୫ ସୁଦ୍ଧା ୨୦ ବର୍ଷରୁ କମ୍ କିମ୍ବା ୬୦ ବର୍ଷରୁ ଉର୍ଦ୍ଧ୍ୱ ହୋଇନଥିବ ।
୬. ଆବେଦନକାରୀଙ୍କ ଚରିତ୍ର ଭଲ ହେବା ଉଚିତ ଏବଂ ତାଙ୍କ ବିରୁଦ୍ଧରେ କୌଣସି ଆପରାଧିକ ମାମଲା ବିଚାରାଧୀନ ନଥିବ ।
୭. ବହିଷ୍କୃତ ଗୃହରକ୍ଷୀ କିମ୍ବା ଇସ୍ତଫା ଦେଇଥିବା ଗୃହରକ୍ଷୀ ମଧ୍ୟ ଆବେଦନ କରିପାରିବେ ।

**ଆବେଦନକାରୀଙ୍କୁ ଫର୍ମ ସହିତ ଏହି ସବୁ ପ୍ରମାଣପତ୍ର ସଂଲଗ୍ନ କରିବାକୁ ପଡିବ:-**
୧.ଆବାସିକ ଓ ଜାତିଗତ ପ୍ରମାଣପତ୍ର ।
୨.ବୟସ ଏବଂ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ।
୩.ଚାରିଗୋଟି ପାସ୍‌ପୋର୍ଟ ଆକାରର ଫଟୋ ।
୪. ବୈଷୟିକ ଦକ୍ଷତା ପ୍ରମାଣପତ୍ରର ନକଲ (ଯଦି ଥାଏ) ।
୫. ପରିଚୟ ପ୍ରମାଣପତ୍ର ସ୍ୱରୂପ (ଆଧାରକାର୍ଡ/ଭୋଟର କାର୍ଡ) ।

**ଅଫିସ ଯୋଗାଯୋଗ ନଂ.- ୯୪୩୭୯୪୪୩୩୦**

ସ୍ୱା./- ସମାଦେଷ୍ଟା ଗୃହରକ୍ଷୀ ବାହିନୀ ଝାରସୁଗୁଡ଼ା
OIPR-12184/11/0002/2526



## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BARIPADA
E_Mail ID: serwcbaripada@gmail.com, Ph.No-06792-261343/261344, Gangraj, Baripada
"e" Procurement Notice for Road Work
Identification No.-Online Tender-PM-JANMAN/PMGSY Road Works N.C.B. No.374 for 2025-26
Letter No.2015/ Date 30.4.25

**No.O-107:**Name of the Work: PM-JANMAN/PMGSY Road Works. 2. Total No. of Work: 02 Nos. (Two). 3. Estimated Cost: Rs.340.13 Lakhs to Rs.616.16 Lakhs (Approximately). 4. Eligible Class of Contractor: As per Annexure. 5. Period of Completion: As per Annexure. 6. Other details:

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/O C.C.E., R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Road On-line N.C.B. No.374 | Dt.09.05.2025 at 11.00 A.M. | Dt.26.05.2025 upto 5.00 P.M. | Dt.23.05.2025 upto 1.00 P.M. | Dt.28.05.2025 at 11.00 A.M. | Will be intimated later |

• Further details can be seen from the website: www.tendersodisha.gov.in.
• Any Corrigendum / Addendum will be displayed in the above e_tender website only.

OIPR-25130/11/0031/2526 Sd./-Er.A.K. Naik, Chief Construction Engineer, R.W.Circle, Baripada



## ପୌର ପରିଷଦ କାର୍ଯ୍ୟାଳୟ: ବ୍ରଜରାଜନଗର
## OFFICE OF MUNICIPAL COUNCIL: BRAJRAJNAGAR
At/Po- Lamtibahal, Dist- Jharsuguda, Odisha, Phone No.-8457812260, Mail-eobrjnmpl@gmail.com
No.1591/ Dt.05.05.2025

### QUOTATION CALL NOTICE

**No.C-240:**Quotation in sealed covers are invited from intending Authorised Firms/ Agencies, Civil contractors having upto date GST Registration Copy, PAN Card Copy, for Supplying, fitting and fixing iron shutter at Brajarajnagar Municipality as per the specification mentioned in BOQ.

| Sl.No. | Title of Project | Security Deposit | Time for Completion of project | Paper Cost |
|---|---|---|---|---|
| 1 | 2 | 3 | 4 | 5 |
| 1 | Supplying, fitting and fixing iron shutter at Brajarajnagar Municipality | Rs.4,000/- | One Month | Rs.2000/- |

The Bid documents to be downloaded from the official website of Jharsuguda District www.jharsuguda.odisha.gov.in from dt.06.05.2024 to 15.05.2025. Last date of receipt of bid is 01.00 PM, 15.05.2025 through speed post/ registered post/ courier/by hand only. Brajrajnagar Municipality will in no way be responsible for any delay in receipt of the Bid documents. Authority reserves all right to reject any or all quotations without assigning any reason thereof.

OIPR-13099/11/0048/2526 Sd./- Executive Officer, Brajrajnagar Municipality



## NOTIFIED AREA COUNCIL BELLAGUNTHA-761119 (GANJAM)
## ବିଜ୍ଞାପିତ ଅଞ୍ଚଳ ପରିଷଦ ବେଲଗୁଣ୍ଠା-୭୬୧୧୧୯, (ଗଞ୍ଜାମ)
Phone No.06821-258244, ଦୂରଭାଷ - ୦୬୮୨୧-୨୫୮୨୪୪
Sri Banamali Satapathy, OAS, Executive Officer — ଶ୍ରୀ ବନମାଳୀ ଶତପଥୀ, (ଓ.ପ୍ର.ସେ.), କାର୍ଯ୍ୟନିର୍ବାହୀ ଅଧିକାରୀ
E-Mail ID: eonacbellaguntha@gmail.com

ପତ୍ର ସଂ:୬୦୯ ତାରିଖ:୦୩.୦୫.୨୦୨୫

### ବିଜ୍ଞାପନ

No.C-231:ଏତଦ୍ୱାରା ବେଲଗୁଣ୍ଠା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନସ୍ଥ ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏହି ପରିଷଦ ଅଧୀନସ୍ଥ ନିମ୍ନ ପ୍ରଦର୍ଶିତ ଉତ୍ସର ୨୦୨୫-୨୬ ବର୍ଷ ପାଇଁ ପରିଷଦ ସର୍ତ୍ତାବଳୀ ଅନୁଯାୟୀ (ତା୦୧.୦୬.୨୦୨୫ ଠାରୁ ୩୧.୦୫.୨୦୨୬ ପର୍ଯ୍ୟନ୍ତ) ଜଉମୁଦ ଟେଣ୍ଡର ମାଧ୍ୟମରେ ନିଲାମ ଦିଆଯିବ । ଏଥିପାଇଁ ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ଠାରେ ତା.୦୩.୦୫.୨୦୨୫ରିଖଠାରୁ ତା.୦୯.୦୫.୨୦୨୫ରିଖ (ଛୁଟିଦିନ ବ୍ୟତୀତ) କାର୍ଯ୍ୟାଳୟ ସମୟ ମଧ୍ୟରେ ନିର୍ଦ୍ଧାରିତ ଫର୍ମ ନିମ୍ନଦର୍ଶିତ ଟଙ୍କା ବିନିମୟରେ ବିକ୍ରି କରାଯିବ । ଇଚ୍ଛୁକ ବ୍ୟକ୍ତିବିଶେଷ ନିମ୍ନଦର୍ଶିତ ଫେରସ୍ତ ନ ଦିଆଯିବା ଟଙ୍କା ବିନିମୟରେ କ୍ରୟ ଲଭିବେ ଓ ତା୦୯.୦୫.୨୦୨୫ରିଖ ୧୨.୦୦ ଘଣ୍ଟା ସମୟ ମଧ୍ୟରେ ଏନ.ଏ.ସି. କାର୍ଯ୍ୟାଳୟରୁ ବକେୟା ନ ଥିବା ପ୍ରାପ୍ତ ପ୍ରମାଣପତ୍ର ସହ ଆବେଦନ କରିବେ । ପ୍ରାପ୍ତ ଜଉମୁଦଦିଆ ଟେଣ୍ଡର ଦରଖାସ୍ତଗୁଡିକ ବିଜ୍ଞାପିତ ଅଞ୍ଚଳ ପରିଷଦ, ବେଲଗୁଣ୍ଠାର ନିମ୍ନ ସ୍ୱାକ୍ଷରକାରୀଙ୍କ ଉପସ୍ଥିତିରେ ତା୦୯.୦୫.୨୦୨୫ରିଖ ଅପରାହ୍ନ ୧.୦୦ ଘ. ସମୟରେ ଖୋଲାଯାଇ ସର୍ବୋଚ୍ଚ ମୂଲ୍ୟ ଟେଣ୍ଡର ଦରଖାସ୍ତକୁ ଅଗ୍ରାଧିକାର ଦିଆଯିବ । ଚୟନ ହେବାର ୧୦ ଦିନ ମଧ୍ୟରେ ନିଲାମ ରାଶିର ସମସ୍ତ ଟଙ୍କା ପରିଷଦରେ ପୈଠ ଦେବେ । ନଚେତ୍ ଆପଣଙ୍କ ଅମାନତ ରାଶି ବାଜ୍ୟାପ୍ତ କରାଯାଇ ପରବର୍ତ୍ତୀ ସର୍ବୋଚ୍ଚ ମୂଲ୍ୟ ଟେଣ୍ଡର ଦରଖାସ୍ତକୁ ଗ୍ରହଣ କରାଯିବ । ପ୍ରକାଶିତ ବିଜ୍ଞାପନକୁ ନିମ୍ନ ସ୍ୱାକ୍ଷରକାରୀ ଚାହିଁଲେ କାରଣ ନ ଦର୍ଶାଇ ଆବଶ୍ୟକୀୟ ପରିବର୍ତ୍ତନ କିମ୍ବା ରଦ୍ଦ କରିପାରିବେ ।

| କ୍ର.ନଂ. | ନିଲାମ ଉତ୍ସଗୁଡିକର ନାମ | ଟେଣ୍ଡର ଦରଖାସ୍ତ ଫର୍ମର ମୂଲ୍ୟ (ଫେରସ୍ତ ଦିଆଯିବ ନାହିଁ) ଟଙ୍କାରେ | ଉତ୍ସର ସରକାରୀ ମୂଲ୍ୟ ଟଙ୍କାରେ (ବାର୍ଷିକ) | ଅମାନତ ରାଶି ଯାହା ବ୍ୟାଙ୍କ ଡ୍ରାଫ୍ଟ କରିଦେବେ ଟଙ୍କାରେ |
|---|---|---|---|---|
| ୦୧ | ଆହାର କେନ୍ଦ୍ର ସମ୍ମୁଖରେ ଥିବା କାଫେ ଗୃହ | ୨,୦୦୦/- | ୬୦,୦୦୦/- | ୫୦,୦୦୦/- |

OIPR-13113/11/0031/2526 ସ୍ୱା./- ନିର୍ବାହୀ ଅଧିକାରୀ, ଏନ.ଏ.ସି., ବେଲଗୁଣ୍ଠା



## NOTIFIED AREA COUNCIL BELLAGUNTHA-761119 (GANJAM)
## ବିଜ୍ଞାପିତ ଅଞ୍ଚଳ ପରିଷଦ ବେଲଗୁଣ୍ଠା-୭୬୧୧୧୯, (ଗଞ୍ଜାମ)
Phone No.06821-258244, ଦୂରଭାଷ - ୦୬୮୨୧-୨୫୮୨୪୪
Sri Banamali Satapathy, OAS, Executive Officer — ଶ୍ରୀ ବନମାଳୀ ଶତପଥୀ, (ଓ.ପ୍ର.ସେ.), କାର୍ଯ୍ୟନିର୍ବାହୀ ଅଧିକାରୀ
E-Mail ID: eonacbellaguntha@gmail.com

ପତ୍ର ସଂ:୬୧୨ ତାରିଖ:୦୩.୦୫.୨୦୨୫

### ବିଜ୍ଞାପନ

No.C-232:ଏତଦ୍ୱାରା ବେଲଗୁଣ୍ଠା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନସ୍ଥ ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏହି ପରିଷଦ ଅଧୀନସ୍ଥ ନିମ୍ନ ପ୍ରଦର୍ଶିତ ଉତ୍ସର ୨୦୨୫-୨୬ ବର୍ଷ ପାଇଁ ପରିଷଦ ସର୍ତ୍ତାବଳୀ ଅନୁଯାୟୀ (ତା.୦୧.୦୬.୨୦୨୫ ଠାରୁ ୩୧.୦୫.୨୦୨୬ ପର୍ଯ୍ୟନ୍ତ) ଜଉମୁଦ ଟେଣ୍ଡର ମାଧ୍ୟମରେ ନିଲାମ ଦିଆଯିବ । ଏଥିପାଇଁ ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟଠାରେ ତା.୦୩.୦୫.୨୦୨୫ରିଖଠାରୁ ତା.୦୯.୦୫.୨୦୨୫ ରିଖ (ଛୁଟିଦିନ ବ୍ୟତୀତ) କାର୍ଯ୍ୟାଳୟ ସମୟ ମଧ୍ୟରେ ନିର୍ଦ୍ଧାରିତ ଫର୍ମ ନିମ୍ନଦର୍ଶିତ ଟଙ୍କା ବିନିମୟରେ ବିକ୍ରି କରାଯିବ । ଇଚ୍ଛୁକ ବ୍ୟକ୍ତିବିଶେଷ ନିମ୍ନଦର୍ଶିତ ଫେରସ୍ତ ନ ଦିଆଯିବା ଟଙ୍କା ବିନିମୟରେ କ୍ରୟ ଲଭିବେ ଓ ତା.୦୯.୦୫.୨୦୨୫ ରିଖ ୧୨.୦୦ ଘଣ୍ଟା ସମୟ ମଧ୍ୟରେ ଏନ.ଏ.ସି. କାର୍ଯ୍ୟାଳୟରୁ ବକେୟା ନଥିବା ପ୍ରାପ୍ତ ପ୍ରମାଣପତ୍ର ସହ ଆବେଦନ କରିବେ । ପ୍ରାପ୍ତ ଜଉମୁଦଦିଆ ଟେଣ୍ଡର ଦରଖାସ୍ତଗୁଡିକ ବିଜ୍ଞାପିତ ଅଞ୍ଚଳ ପରିଷଦ, ବେଲଗୁଣ୍ଠାର ନିମ୍ନ ସ୍ୱାକ୍ଷରକାରୀଙ୍କ ଉପସ୍ଥିତିରେ ତା.୦୯.୦୫.୨୦୨୫ ରିଖ ଅପରାହ୍ନ ୧.୦୦ ଘ. ସମୟରେ ଖୋଲାଯାଇ ସର୍ବୋଚ୍ଚ ମୂଲ୍ୟ ଟେଣ୍ଡର ଦରଖାସ୍ତକୁ ଅଗ୍ରାଧିକାର ଦିଆଯିବ । ଚୟନ ହେବାର ୧୦ ଦିନ ମଧ୍ୟରେ ନିଲାମ ରାଶିର ସମସ୍ତ ଟଙ୍କା ପରିଷଦରେ ପୈଠ ଦେବେ । ନଚେତ୍ ଆପଣଙ୍କ ଅମାନତ ରାଶି ବାଜ୍ୟାପ୍ତ କରାଯାଇ ପରବର୍ତ୍ତୀ ସର୍ବୋଚ୍ଚ ମୂଲ୍ୟ ଟେଣ୍ଡର ଦରଖାସ୍ତକୁ ଗ୍ରହଣ କରାଯିବ । ପ୍ରକାଶିତ ବିଜ୍ଞାପନକୁ ନିମ୍ନ ସ୍ୱାକ୍ଷରକାରୀ ଚାହିଁଲେ କାରଣ ନ ଦର୍ଶାଇ ଆବଶ୍ୟକୀୟ ପରିବର୍ତ୍ତନ କିମ୍ବା ରଦ୍ଦ କରିପାରିବେ ।

| କ୍ର.ନଂ. | ନିଲାମ ଉତ୍ସଗୁଡିକର ନାମ | ଟେଣ୍ଡର ଦରଖାସ୍ତ ଫର୍ମର ମୂଲ୍ୟ (ଫେରସ୍ତ ଦିଆଯିବ ନାହିଁ) ଟଙ୍କାରେ | ଉତ୍ସର ସରକାରୀ ମୂଲ୍ୟ ଟଙ୍କାରେ (ବାର୍ଷିକ) | ଅମାନତ ରାଶି ଯାହା ବ୍ୟାଙ୍କ ଡ୍ରାଫ୍ଟ କରିଦେବେ ଟଙ୍କାରେ |
|---|---|---|---|---|
| ୦୧ | ନୂତନ ବସଷ୍ଟାଣ୍ଡରେ ଥିବା ଯାତ୍ରୀ ବିଶ୍ରାମାଗାର | ୨୦୦୦/- | ୧,୨୬,୦୦୦/- | ୧,୦୦,୦୦୦/- |

OIPR-13113/11/0029/2526 ସ୍ୱା./- ନିର୍ବାହୀ ଅଧିକାରୀ, ଏନ.ଏ.ସି., ବେଲଗୁଣ୍ଠା



## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR
No.2270/Date 02.05.2025
No.O-120:
"e" Procurement Notice for Road Works

| | | | |
|---|---|---|---|
| 1. | Name of the Work | : | Road Works under SDMF |
| 2. | Total No. of Works | : | 12 Nos. of Road Works for the year 2024-25 |
| 3. | Estimated Cost of the Work | : | Varying from Rs.83.00 Lakhs to Rs.1516.00 Lakhs |
| 4. | Class of Contractor | : | |
| | a) Estimated cost more than Rs.20.00 Lakh upto Rs.3.00 Crores | : | B Class (of Odisha PWD) or relevant class of other licensing authorities |
| | b) Estimated Cost more than Rs.1.00 Crore upto Rs.20.00 Crores | : | A Class (of Odisha PWD) or relevant class of other licensing authorities |
| | c) Estimated cost more than Rs.6.00 Crore upto Rs.50.00 Crores | : | Special Class (of Odisha PWD) or relevant class of other licensing authorities |
| 5. | Period of Completion | : | As mentioned in Column-7 of Annexure |
| 6. | Offered rates by bidder | : | The offered rate by the contractor shall be excluding GST. |
| 7. | Other details | : | |

| Procurement Officer | Bid Identification No. | Availability of Tender Online for bidding | | Date & Time of opening of Tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Engineer, Central Rural Works Circle, Bhubaneswar | Tender-Online- C.C. 12 of 2025 | 13.05.2025 at 11.00 AM | 29.05.2025 upto 5.00 P.M. | 30.05.2025 at 11.00 A.M. | To be intimated lateron |

Further details can be seen from the website www.tendersodisha.gov.in

Sd./- Chief Construction Engineer, Central Rural Works Circle, Bhubaneswar
OIPR-25194/11/0042/2526

# ନାଗରିକଙ୍କ ସୁରକ୍ଷା ପାଇଁ ମକ୍‌ଡ୍ରିଲ୍ ଆଜି

■ ସମ୍ଭାବ୍ୟ ଯୁଦ୍ଧକୁ ନେଇ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ
■ ବ୍ୟସ୍ତ ନ ହୋଇ ସତର୍କ ଓ ସଜାଗ ରହିବାକୁ ପରାମର୍ଶ

ଢେଙ୍କାନାଳ,୬।୫(ରତନ ନାୟାର)

ଢେଙ୍କାନାଳ ଜିଲା କାର୍ଯ୍ୟାଳୟର ସଦଭାବନା ଗୃହଠାରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ସମ୍ଭାବ୍ୟ ଯୁଦ୍ଧକୁ ନେଇ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅପରାହ୍ନରେ ଅନୁଷ୍ଠିତ ହେଇଯାଇଛି। ଓଡ଼ିଶାର ଯେଉଁ ୧୨ଟି ଜିଲାକୁ ସତର୍କ ସୂଚନା ଦିଆଯାଇଛି ସେମାନଙ୍କ ମଧ୍ୟରୁ ଢେଙ୍କାନାଳ ଅନ୍ୟତମ । ସମ୍ଭାବ୍ୟ ଯୁଦ୍ଧ ସମୟରେ ସାଧାରଣ ଜନତା କିଭଳି ସୁରକ୍ଷିତ ରହିବେ, ଧନଜୀବନ କିଭଳି ନଷ୍ଟ ନ ହେବ ଏବଂ ଏହାର ପରବର୍ତ୍ତୀ ସମୟରେ କିଭଳି ଉଦ୍ଧାର ଓ ଚିକିତ୍ସା କରାଯିବ ଏବଂ ଯଦି କୌଣସି ଆପାତକାଳୀନ ପରିସ୍ଥିତି ସୃଷ୍ଟି ହୁଏ ତେବେ ସେ ସମୟରେ କ'ଣ ସବୁ କାର୍ଯ୍ୟପନ୍ଥା ରହିବ ସେ ବିଷୟରେ ଜିଲାପାଳ ଆଲୋକପାତ କରିଥିଲେ। ଏହି ସମୟରେ ସ୍ୱେଚ୍ଛାସେବୀ ସଂଗଠନ, ନାଗରିକ ପ୍ରତିରକ୍ଷା ସଂସ୍ଥା, ବିଭିନ୍ନ ଏନଜିଓ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ରେଡକ୍ରସ ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ । ତେଣୁ ସମ୍ଭାବ୍ୟ ଯୁଦ୍ଧ ସ୍ଥିତିରେ ମୁକାବିଲା ପାଇଁ ସେମାନଙ୍କୁ ମଧ୍ୟ ବୁଧବାର ପ୍ରଶିକ୍ଷଣ ଦିଆଯିବ । ସମ୍ଭାବ୍ୟ ଯୁଦ୍ଧ ସମୟରେ କଚ୍ଚା ଘରେ ରହୁଥିବା ଲୋକମାନଙ୍କୁ ପକ୍କା ଘରକୁ ସ୍ଥାନନ୍ତର କରାଯିବ । ଏହି ସମୟରେ ନାଗରିକମାନଙ୍କ କ'ଣ କାର୍ଯ୍ୟ ରହିବ ସେନେଇ ଏକ ମକଡ୍ରିଲ ବୁଧବାର ଅପରାହ୍ନ ୪ ଘଟିକା ସମୟରେ ସଦର ମହକୁମାରେ କରାଯିବ । ଯୁଦ୍ଧ ସମୟରେ ଶତ୍ରୁରାଷ୍ଟ୍ର ବାୟୁ ମାଧ୍ୟମରେ ଗୋଳାଗୁଳି ବର୍ଷଣ କରିପାରେ । ତେଣୁ ଏହି ସମୟରେ ଜିଲା ପ୍ରଶାସନ ପକ୍ଷରୁ ସାଧାରଣ ଜନତା ପାଇଁ ସାଇରନ ବଜାଯିବ । ଦିବାଲୋକରେ ଯଦି ଏହି ସାଇରନ ବାଜେ ତେବେ ସେହି ସମୟରେ ଲୋକମାନେ ନିକଟସ୍ଥ କୋଠାଘରକୁ ତୁରନ୍ତ ଯିବାକୁ ହେବ ଏବଂ ରାତ୍ର କାଳରେ ଯଦି ଏହି ସାଇରନ ବାଜେ ତେବେ ନିକଟସ୍ଥ କୋଠାଘରକୁ ଯିବା ସହିତ ସେଠାକାର ବିଜୁଳି ବନ୍ଦ କରିଦେବାର ଅଛି । କାରଣ ଯେପରି ଶତ୍ରୁପକ୍ଷ ଅନ୍ଧାରରେ ସଠିକ ଆକ୍ରମଣ କରିପାରିବେନାହିଁ। ଏହାସହିତ ଏବେ ସମ୍ଭାବ୍ୟ ଯୁଦ୍ଧକୁ ନେଇ ମକଡ୍ରିଲ କରାଯାଉଛି । ତେଣୁ କୌଣସି ପ୍ରକାର ବ୍ୟତିବ୍ୟସ୍ତ ନ ହେବାକୁ ଜିଲାପାଳ କହିଛନ୍ତି । ଏହି ବୈଠକରେ ଏସ୍‌ପି ଅଭିନବ ସୋନକର, ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠି, ଅତରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ଜିଲାପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୀପ୍ତି ରଞ୍ଜନ ସେଠି, ସଦର ଉପଜିଲାପାଳ ବିବୁଧ ଗଡ଼ନାୟକ, କାମକ୍ଷାନଗର ଉପଜିଲାପାଳ ଦିନମଣୀ ନାୟକ, ସମସ୍ତ ବିଡ଼ିଓ, ତହସିଲଦାର, ପୋଲିସ ବିଭାଗର ଅଧିକାରୀଗଣ, ଅଗ୍ନିଶମ ଅଧିକାରୀ ଓ ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ଏହି ପ୍ରିପ୍ରେକ୍ଷୀରେ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା । ଜିଲାପାଳ ଉପାଧ୍ୟାୟ ଲୋକମାନଙ୍କୁ ବ୍ୟସ୍ତ ନହୋଇ ଯାହା ସରକାରଙ୍କ ତରଫରୁ ସୂଚନା ଦିଆଯାଉଛି ତାହା ପାଳନ କରିବାକୁ ନିବେଦନ କରିଛନ୍ତି । ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିରେ ସତର୍କ ଓ ସଜାଗ ରହିବାକୁ କହିଛନ୍ତି ।


ବୈଠକରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ସହ ଅନ୍ୟ ଅଧିକାରୀମାନେ।

# ଢେଙ୍କାନାଳରୁ ଦୁବାଇ ଗଲା ବେଲ, ତାଳ



ଢେଙ୍କାନାଳରୁ ଦୁବାଇ ଗଲା ବେଲ ଓ ତାଳ

ଢେଙ୍କାନାଳ,୬।୫(ରତନ ନାୟାର)

ପ୍ରକୃତିର ଅନବଦ୍ୟ ଉପହାର ତାଳ ଓ ବେଲ। ପରିବେଶ ସୁରକ୍ଷା ସହିତ ଏହି ପୁଷ୍ଟିକର ଖାଦ୍ୟର ରହିଛି ସ୍ୱତନ୍ତ୍ର ପରିଚୟ। ସୋମବାର ଢେଙ୍କାନାଳ ସଦର ବ୍ଲକସ୍ଥିତ ଏଫପିଓ ସପ୍ତଶ୍ରୀୟା ଆଗ୍ରୋ ପ୍ରଡ୍ୟୁସର କମ୍ପାନୀ ପକ୍ଷରୁ ପ୍ରଥମଥର ପାଇଁ ଦୁବାଇକୁ ୧ କୁଇଣ୍ଟାଲ ତାଳ ଓ ୬୦କେଜି ବେଲ ରପ୍ତାନୀ କରାଯାଇଛି। ଏଫପିଓ ସପ୍ତଶ୍ରୀୟା ଆଗ୍ରୋ ପ୍ରଡ୍ୟୁସର କମ୍ପାନୀ ହିନ୍ଦୋଳ ବ୍ଲକ ଜଳ ବିଭାଜିକା ମିଶନ ଅଧୀନସ୍ଥ ରିଭାର୍ଡ ପ୍ରକଳ୍ପ ଅଞ୍ଚଳରେ ତାଳ ଓ ବେଲର ସର୍ବେକ୍ଷଣ କରି ପାଲାଡିୟମ ସଂସ୍ଥା ସହଯୋଗରେ ବିଦେଶର ଆମଦାନୀକାରୀଙ୍କ ସହ ଯୋଗାଯୋଗ କରି ଏହି ପଦକ୍ଷେପ ନେଇଛି। ଉତ୍ତମ ଗୁଣବତ୍ତାକୁ ଦୃଷ୍ଟିରେ ରଖି ଓଡିଶାରେ ପ୍ରଥମଥର ପାଇଁ ୧ କୁଇଣ୍ଟାଲ ତାଳ ଓ ୬୦କେଜି ବେଲ ଦୁବାଇ ରପ୍ତାନୀ ହୋଇଛି । ଏହି କାର୍ଯ୍ୟକ୍ରମରେ ପ୍ରକଳ୍ପ ଅଧିକାରୀ ଆଶିଷ ସେନାପତି, ମାର୍କେଟିଂ ଅଧିକାରୀ ପ୍ରକାଶ ସାହୁ, ପ୍ରକଳ୍ପ ସଂଯୋଜିକା ସୁଜାତା ସାହୁ ସହଯୋଗ କରିଥିଲେ । ପାଲାଡିୟମ ସଂସ୍ଥାର ଦେବରାତି ଘଟକ ବୈଷୟିକ ସହାୟତା ପ୍ରଦାନ କରିଥିଲେ ।

# ପାଣି ସମସ୍ୟା ନେଇ ମହିଳାଙ୍କ ଅଭିଯୋଗ



ଢେଙ୍କାନାଳ,୬।୫(ରତନ ନାୟାର)

ଢେଙ୍କାନାଳ ପୌରାଞ୍ଚଳ ଅନ୍ତର୍ଗତ ୧୩ନଂ ୱାର୍ଡ କାଞ୍ଚନ ବଜାରରେ ପାଣି ସମସ୍ୟା ନେଇ ମହିଳାମାନେ ଜଳ ପରିମଳ ଓ ସ୍ୱାସ୍ଥ୍ୟ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ ନିକଟରେ ମଙ୍ଗଳବାର ଅଭିଯୋଗ କରିଛନ୍ତି । ଏହି ବସ୍ତିବାସିନ୍ଦାମାନଙ୍କ ମଧ୍ୟରୁ ଅଧା ଘର ପାଣି ପାଇଲେ ଅଧା ଘର ପାଣି ପାଉନାହାନ୍ତି । ଆଖପାଖ ବଜାର ଅଞ୍ଚଳକୁ ଠିକ୍ ସମୟରେ ପାଣି ଆସୁଥିଲେ ମଧ୍ୟ ବସ୍ତିକୁ ପାଣି ଆସୁନାହିଁ । କାର୍ଯ୍ୟାଳୟ ତରଫରୁ କହିବା ଅନୁସାରେ ମିଟର ବସାଇଲେ ମଧ୍ୟ ପାଣି ଆସୁନଥିବାରୁ କନିଷ୍ଠ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି । କନିଷ୍ଠ ଯନ୍ତ୍ରୀ ପାଣି ଯୋଗାଣ କରିବାର ପ୍ରତିଶ୍ରୁତି ଦେବା ପରେ ମହିଳାମାନେ କାର୍ଯ୍ୟାଳୟରୁ ଆସିଥିବା ଜଣାପଡିଛି ।

# ପାନୀୟ ଜଳ ସମସ୍ୟା ନେଇ ରାସ୍ତା ଅବରୋଧ

ଭୁବନ, ୬।୫
(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବ୍ଲକ ମାଧିପୁର ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ମସିଜିଦରେ ଦୀର୍ଘଦିନ ଧରି ପାନୀୟ ଜଳ ସମସ୍ୟା ନେଇ ଅଞ୍ଚଳବାସୀ ମଙ୍ଗଳବାର ରାସ୍ତା ଅବରୋଧ କରିଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମ ସମୟରେ ଦିନକୁ ଦିନ ଅଞ୍ଚଳରେ ପାନୀୟ ଜଳ କଷ୍ଟ ଦେଖାଦେଇଛି। ଏହି ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ବାରମ୍ବାର ପ୍ରଶାସନ ନିକଟକୁ ଦୌଡ଼ି ଦୌଡ଼ି ନିରାଶ ପରେ ବିରୋଧ ଆଚରଣ କରିଥିଲେ। ସରକାରଙ୍କ ଅବହେଳା ନେଇ ଗ୍ରାମର ମହିଳାମାନେ ହାଣ୍ଡି, ଗରା, ବାଲଟି ଧରି ମାଧିପୁରକୁ ସଂଯୋଗ କରୁଥିବା ଖଣ୍ଡୁଆ ରାସ୍ତା ଅବରୋଧ କରିଥିଲେ। ଫଳରେ ଦୀର୍ଘ ୫ ଘଣ୍ଟା ଧରି ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଏହି ଗ୍ରାମ ପାଇଁ ଦୀର୍ଘ ଦିନ ହେବା 'ବସୁଧା' ଯୋଜନାରେ ଏକ ପାଣି ଟାଙ୍କି ନିର୍ମାଣ ହୋଇଛି। ହେଲେ ଟାଙ୍କିଟି ଅଚଳ ହୋଇପଡ଼ିଥିବା ବେଳେ ଆରମ୍ଭରୁ ପାନୀୟ ଜଳ ଯୋଗାଣ ହୋଇପାରିନାହିଁ। ଏହି ସମସ୍ୟାକୁ ନେଇ ଗ୍ରାମବାସୀ ବାରମ୍ବାର ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ଠାରୁ ଆରମ୍ଭକରି ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କେହି ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ତେଣୁ ବାଧହୋଇ ଗ୍ରାମବାସୀ ରାସ୍ତାରୋକୋ କରିଥିବା କହିଛନ୍ତି। ଖବରପାଇ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଭୁବନ ବିଡିଓ ଆୟୁଷୀ ମହାପାତ୍ର, ଭୁବନ ତହସିଲଦାର ସୂର୍ଯ୍ୟଶଙ୍କର ଦାଶ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କ ସହ ଆଲୋଚନା କରି ଖୁବଶୀଘ୍ର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ରାସ୍ତା ଅବରୋଧରୁ ଓହରିଥିଲେ।



# ପଞ୍ଚାୟତ ଟଙ୍କା ହଡ଼ପ ଘଟଣା, ୧୭ଦିନ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

ପରଜଙ୍ଗ, ୬।୫
(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଅନ୍ତର୍ଗତ କୁମୁସି ପଞ୍ଚାୟତର ପିଇଓ ପ୍ରତାପ ସାମଲ ଚଞ୍ଚକତା କରି ଏସ୍‌ଏଫ୍‌ସି ଫଣ୍ଡରୁ ୩ ଲକ୍ଷ ୯୫ ହଜାର ଟଙ୍କା ହଡ଼ପ କରିଥିବା ଅଭିଯୋଗ ହେଇଛି। ଏ ନେଇ ସରପଞ୍ଚ ବଳରାମ ନାଏକ ଗତ ମାସ ୨୦ ତାରିଖରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରତାପ କୁମାର ସାମଲଙ୍କ ବିରୋଧରେ ପରଜଙ୍ଗ ଥାନା ଏବଂ ବିଡ଼ିଓଙ୍କୁ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ବିନା ଅଗୋଚରରେ କୌଣସି କାର୍ଯ୍ୟ ନ ହୋଇ ଟଙ୍କା ହଡ଼ପ ହୋଇଥିବା ସେ ଅଭିଯୋଗ କରିଥିଲେ। ଉଭୟଙ୍କ ବାର୍ତ୍ତାଳାପ ସମୟର ଅଡିଓ ସରପଞ୍ଚ ରେକର୍ଡିଂ କରିଛନ୍ତି। ସେଥିରେ ପିଇଓ ଟଙ୍କା ଫେରେଇ ଦେବି, ସେଇଟା ଗୋଟେ ଭୁଲ ହୋଇଯାଇଛି। ତୁମେ କିଛି ବ୍ୟସ୍ତ ହୁଅନି ବୋଲି ସରପଞ୍ଚଙ୍କୁ କହିଛନ୍ତି । ଯାହାକୁ ଆଧାର କରି ବିଡ଼ିଓ ସୌଭାଗ୍ୟ କୁମାର ବେହେରା ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଅଭିଯୋଗର ୧୭ ଦିନ ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ତେବେ ତଦନ୍ତ ରିପୋର୍ଟ ସୋମବାର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିବା ବିଡିଓ କହିଛନ୍ତି। ତେବେ କର୍ଣ୍ଣିଲି ସରପଞ୍ଚ ବେଳକୁ ତୁରନ୍ତ ପଦକ୍ଷେପ, ପିଇଓଙ୍କ ବେଳକୁ କାହିଁକି ପଛଘୁଞ୍ଚା ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

# ରାସ୍ତା ନିର୍ମାଣକୁ ବିରୋଧ ନେଇ ଅଭିଯୋଗ

ଢେଙ୍କାନାଳ,୬।୫(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ୍ ତାଳବରକୋଟ ଗ୍ରାମପଞ୍ଚାୟତର ୱାର୍ଡ ନଂ-୩ କୁ ଯିବାଆସିବା ପାଇଁ ରାସ୍ତା ନିର୍ମାଣ କରାଯାଉଥିବା ସମୟରେ ସ୍ଥାନୀୟ ଅଞ୍ଚଳର କିଛି ବ୍ୟକ୍ତି ପ୍ରତିବାଦ କରୁଥିବାକୁ ନେଇ ବସ୍ତିବାସିନ୍ଦା ଅତିରିକ୍ତ ଜିଲାପାଳ ଲଳିତ କୁମାର ବେହେରାଙ୍କ ନିକଟରେ ଅଭିଯୋଗ ଜଣାଇଛନ୍ତି। ତାଳବରକୋଟ ପଞ୍ଚାୟତ ପକ୍ଷରୁ ୱାର୍ଡ ନଂ-୩ ବସ୍ତି ପାଇଁ ଏକ ପକ୍କାରାସ୍ତା ନିର୍ମାଣ କରୁଥିବା ସମୟରେ ସ୍ଥାନୀୟ କିଛି ବ୍ୟକ୍ତି ବିରୋଧ କରି କାର୍ଯ୍ୟ ବନ୍ଦ କରିଛନ୍ତି । ଏହାର ବିଧିବଦ୍ଧ ଚିହ୍ନଟ କରାଯାଇ ରାସ୍ତା ନିର୍ମାଣ କରିବା ପାଇଁ ଆଦେଶ ଦେବା ପାଇଁ ଅତିରିକ୍ତ ଜିଲାପାଳଙ୍କ ପାଖରେ ଏକ ଲିଖିତ ଅଭିଯୋଗ ଜଣାଇଛନ୍ତି । ଏହି ଅଭିଯୋଗ ପ୍ରଦାନ ସମୟରେ ଗ୍ରାମର ଦେବାଶିଷ ଜେନା, ନଇମୁଲ୍ ହକ୍ ଖାନ୍, ପୂଜା ନାଏକ, ମଞ୍ଜୁ ନାଏକ, ଚୁଲୁବୁଲି ନାଏକ, ମମତା ନାଏକ, ବାସନ୍ତି ନାଏକ, ରିନା ନାଏକ, ବାନା ନାଏକ ଓ ସମି ନାଏକଙ୍କ ସମେତ ବହୁ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।


ରାସ୍ତା ନିର୍ମାଣକୁ ବିରୋଧ ନେଇ ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

# ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସରସ୍ୱତୀ, ଗଣେଶ ବିଗ୍ରହ ପ୍ରତିଷ୍ଠା


ବୈଠକରେ ଯୋଗଦେଇଥିବା ଅତିଥିବୃନ୍ଦ।

ଭୁବନ, ୬।୫
(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବ୍ଲକ ଭୁଷଳ ଗ୍ରାମର କିଙ୍ଗୋଳ ଅସୁରନ୍ଦ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ସରସ୍ୱତୀ ଓ ଗଣେଶ ବିଗ୍ରହ ପ୍ରତିଷ୍ଠା ଉତ୍ସବ ନୁଷ୍ଠିତ ହୋଇଯାଇଛି। କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଭୁବନ ତହସିଲଦାର ସୂର୍ଯ୍ୟଶଙ୍କର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବେଳେ ବିଡିଓ ଆୟୁଷୀ ମହାପାତ୍ର, ଭୁଷଳ ସରପଞ୍ଚ ଉତ୍ତମ କୁମାର ମିଶ୍ର, ସମିତି ସଭ୍ୟ ଉଗ୍ରସେନ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି କମଳ ପଣ୍ଡା ସଭାପତିତ୍ୱ କରିଥିବା ବେଳେ ସମସ୍ତ ଅଭିଭାବକ, ଶିକ୍ଷୟତ୍ରୀ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ପ୍ରଧାନ ଶିକ୍ଷକ ବସନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମହିଳାଙ୍କ ଆତ୍ମହତ୍ୟା

ଢେଙ୍କାନାଳ,୬।୫(ରତନ ନାୟାର): ଢେଙ୍କାନାଳ ପୌରାଞ୍ଚଳ ୪ ନଂ. ୱାର୍ଡ ଓଡ଼ିଆ ନାଳି ଅଞ୍ଚଳରେ ଭଡ଼ାଘରେ ରହୁଥିବା ମୁନିରେଖା ବେହେରା ନାମକ ଜଣେ ମହିଳାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଜବତ କରାଯାଇଛି। କିଛିଦିନ ପୂର୍ବେ ପୌରସଂସ୍ଥା ଚାକିରିରୁ ତାଙ୍କୁ ବାହାର କରିଦିଆଯାଇଥିଲା। ଟାଉନଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ଆପ୍‌ର ଜିଲା ନୂତନ କାର୍ଯ୍ୟକାରିଣୀ କମିଟି ଗଠିତ

ଢେଙ୍କାନାଳ,୬।୫(ରତନ ନାୟାର)

ଢେଙ୍କାନାଳ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଆମ୍ ଆଦମୀ ପାର୍ଟିର ସକ୍ରିୟ ସଦସ୍ୟମାନଙ୍କୁ ନେଇ ଜିଲା ସଭାପତି ରମେଶ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ସୋମବାର ଏକ ବୈଠକ ଅନୁଷ୍ଠିତ ହେଇଥିଲା। ବୈଠକରେ ମୁଖ୍ୟ ଅତିଥି ରୂପେ ରାଜ୍ୟ ସଂଗଠନ ସଂପାଦକ ଭରତ କୁମାର ଦାସ, ଅନ୍ୟତମ ରାଜ୍ୟ ସମ୍ପାଦକ ସୋସିଆଲ ମିଡିଆ ବିଷ୍ଣୁ ପ୍ରସାଦ ପଣ୍ଡା, ଢେଙ୍କାନାଳ ଲୋକସଭା କ୍ଷେତ୍ର ସଭାପତି ପଙ୍କଜ ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ନୂତନ କର୍ମକର୍ତ୍ତାମାନଙ୍କୁ ଦଳର ନୀତି ଆଦର୍ଶରେ କାମ କରିବା ପାଇଁ ପରାମର୍ଶ ଦେଇଥିଲେ। ପହଲଗାମ ଆତଙ୍କବାଦୀ ଆକ୍ରମଣ ଓ ରାଜ୍ୟରେ ମହିଳାଙ୍କ ପ୍ରତି ଅତ୍ୟାଚାର ବିରୁଦ୍ଧରେ ଭାଜପାର ନିଷ୍କ୍ରିୟତା ପାଇଁ ନିନ୍ଦା ପ୍ରସ୍ତାବ ଗୃହୀତ କରାଯାଇଥିଲା। ସର୍ବସମ୍ମତି କ୍ରମେ ସୁବୋଧ ବେହେରା ଓ ଜୟନ୍ତ କୁମାର ଦାସଙ୍କୁ ଉପସଭାପତି, ସନାତନ ନାଏକ ଜିଲା ଅନୁସୂଚିତ ଜାତି ଓ ଜନଜାତି ସାମ୍ମୁଖ୍ୟ ସଭାପତି, ରେଣୁବାଳା ଚିନାରାଙ୍କୁ ମହିଳା ସଭାନେତ୍ରୀ, ଶେଷଦେବ ବେହେରା ସାଧାରଣ ସଂପାଦକ, ପ୍ରସନ୍ନ ବରାଳ ଓ ଅନିଲ କୁମାର ସାମଲ ସଂପାଦକ, ସରୋଜ ଧଳ ପର୍ଜଙ୍ଗ ବିଧାନସଭା ସଭାପତି, ରତିରଞ୍ଜନ ଜେନାଙ୍କୁ ସଦର ନିର୍ବାଚନ ମଣ୍ଡଳୀ ସଭାପତି ରୂପେ ମନୋନୀତ କରାଯାଇଥିଲା । ଢେଙ୍କାନାଳ ପୌରାଞ୍ଚଳ ନଗର ସଭାପତି ରୂପେ ଦେବାଶିଷ ନନ୍ଦ, ରୋହିତ ବେହେରା ଗଁଦିଆ, ବିଭୁ ରଞ୍ଜନ ସାହୁ ପର୍ଜଙ୍ଗ, ଗୌରାଙ୍ଗ ସାମଲ ଭୁବନ, ରାଜକୁମାର ପ୍ରଧାନ ସଦର ଓ ଗୋବିନ୍ଦ ଚନ୍ଦ୍ର ସାହୁ ଉପସଭାପତି ଭାବେ, ଅରୁଣ କୁମାର ଦାସ କଙ୍କଡ଼ାହାଡ଼ ଓ ଲକ୍ଷ୍ମଣ ନାଏକ ଓଡ଼ାପଡ଼ା ବ୍ଲକ ସଭାପତି ରୂପେ ମନୋନୀତ କରାଯାଇଥିଲା। ଜିଲା ସାମାଜିକ ଗଣମାଧ୍ୟମ ସଂଯୋଜକ ସୁମନ୍ତ ଗୋଛାୟତ ଓ ଢେଙ୍କାନାଳ ପୌରାଞ୍ଚଳ ମହିଳା ସଭାନେତ୍ରୀ ଭାବରେ ଶ୍ରୀମତୀ ସସ୍ମିତା ନନ୍ଦଙ୍କୁ ମନୋନୀତ କରାଯାଇଥିଲା। କାର୍ଯ୍ୟାଳୟ ସଂପାଦକ ରୂପେ ରଚିତା ନାଏକ ଓ ସହ ସଂପାଦିକା ଭାବେ ମଲ୍ଲିକା ମାଝୀ ମନୋନୀତ ହୋଇଥିଲେ।


ବୈଠକରେ ଆପ୍‌ର କର୍ମକର୍ତ୍ତାମାନେ।

**BRAHMAPUR DEVELOPMENT AUTHORITY**
Near Courtpeta Junction, Brahmapur, Odisha-760004
☎ 0680 2292797(O), 0680-2292033(F)
bda.brahmapur311@gmail.com www.bdabrahmapur.in
**No.153/BeDA, Brahmapur, dated 28.04.2025**
**PUBLIC NOTICE**
**No.CAD-316** : In exercise of the power conferred under Section-14 sub section (3) of ODA Act, 1982, I am through this public notice bring attention of the general public that the modification of CDP Brahmapur is to be carried out in respect of Plot No. 1478,1477, 1475/1754, 1479, 1479/3732, 1479/3442, 1479/3747, 1479/3636 and 1479/3693, Khata No.597, 742/2376, 742/2105,742/1633, 742/2120,742/1913 and 742/3138, an area of Ac.0.572 of Mouza Gopabandhunagar, which is coming under Green Belt use zone as per CDP to be modified to residential use zone. The land owner Sri Sarat Chandra Panigrahi & others, all are at New Street, Po/Ps: Gosaninuagoan, Brahmapur appealed before the Hon'ble Appellate Court of R.D.C.(SD) Brahmapur vide ODA appeal Case No.2/2022 for change of land use zone from "Green belt" use zone to "Residential zone". After proper hearing, the Hon'ble Appellate Court passed an order on 30.6.2023 stating that "at the first instance move a proposal under Section 14(2) of ODA Act to Govt. in H&UD Department with adequate justification for necessary change in classification".
For such modification, objections and suggestions are invited from general public which shall be filed within 60 (sixty) days from the date of publication of this notice in the local news paper or in our official website www.bdabrahmapur.in. whichever is later. Any person desires to see the modification can visit the office of BEDA Brahmapur during office hours in any working days. Any objections filed beyond sixty days shall not be entertained.
By order of Vice-Chairman
Sd./- Secretary
BeDA Brahmapur
OIPR-13086/11/0005/2526

**OFFICE OF THE DIVISIONAL FOREST OFFICER, DHENKANAL DIVISION**
Tele Fax No-06762226717, e-mail Id - dfo.dhenkanal@gmail.com
**TENDER FOR SUPPLY OF ANIMAL FEED TO KAPILASH ZOO FOR THE YEAR 2025-26 OF DHENKANAL DIVISION**
**No.MM-23** : THE RE-TENDER FOR SUPPLY OF ANIMAL FEED ITEMS TO KAPILASH ZOO FOR THE YEAR 2025-26 IS INVITED FROM INTENDING PERSONS /FIRMS. THE TENDER WILL BE RECEIVED TILL **1.00 P.M. OF 15.05.2025** BY POST AND TO BE OPENED ON **DT.17.05.2025 AT 9:00A.M** IN DIVISIONAL FOREST OFFICE, DHENKANAL. FOR DETAIL PARTICULARS, THE UNDERSIGNED MAY BE CONTACTED DURING OFFICE HOURS.
Sd./- Divisional Forest Officer
Dhenkanal Division
OIPR-08037/11/0017/2526

**PANCHAYAT SAMITI,**
**RARUAN, DIST-MAYURBHANJ (Odisha) PIN-757035**
**Adv No-01/2025-26**
**Tender Call Notice**
**No.i-72** : Sealed tenders (Percentage rate) are invited for 07 no's of works from the interested "C"/"D" Class Contractors registered with the Govt. for execution of civil works under Panchayat Samiti, Raruan, Dist- Mayurbhanj. The details notification is available at official website www.mayurbhanj.odisha.gov.in Interested bidders fulfilling the eligibility criteria may submit their proposal(s) to the Panchayat Samiti, Raruan, Mayurbhanj. Proposal(s) complete in all respect should reach the undersigned on or before **1.00 P.M. of 19.05.2025** through Regd/Speed post and the same will be opened on **10.00 A.M. of 20.05.2025**. The undersigned reserves the right to reject any or all the tender(s) without assigning any reason thereof.
Sd./- Block Development Officer,
Raruan, Mayurbhanj
OIPR-19311/11/0002/2526

Forest Environment and Climate Change Department, Odisha
**OFFICE OF THE DIVISIONAL FOREST OFFICER**
**JHARSUGUDA FOREST DIVISION**
Email - dfo.jharsuguda@odisha.gov.in, Ph. - 06645-295040
No.MM-26
**Tender Notification No.99 1F(Acct)/Date 03.05.2025**

| Sl. No. | Name of the work | : | Supply and delivery tall tree seedlings of selected tree species (in 25 cm x 25 cm polybags with an average height of 10 ft or above) |
|---|---|---|---|
| 1 | Estimated Cost | : | Depending upon funds availability & requirement of seedling at site |
| 2 | Period & time of Completion | : | 15 days from the date of issue of orders or before 1st July 2025 |
| 3 | Location of Plantation | : | Across Jharsuguda Forest Division |
| 4 | Date & time of availability of the bid document in the portal | : | 05.05.2025 to 16.05.2025 |
| 5 | Last date/Time for receipt of bids in the portal | : | Up to 5.00 P.M. of 16.05.2025 |
| 6 | Date & Time of bid opening | : | 10.30 hours on Dated. 17.05.2025 |
| 7 | Name & Address of the officer inviting Bid | : | Divisional forest officer, Jharsuguda Forest Division, At-BTM, Jharsuguda, PIN-768202 |

Note : The total quantity may be based on field requirement. Final quantity will be communicated in work order.
Others can see the details from Notice inviting Tenders, available in website-https://jharsuguda.odisha.gov.in, Corrigendum if any, shall only be published in the above website
Sd./- Divisional Forest Officer,
Jharsuguda Forest Division
OIPR-08054/11/0016/2526

**OFFICE OF THE MUNICIPAL COUNCIL, SONEPUR**
**No.1135/Dt.05.05.2025**
**QUOTATION CALL NOTICE**
**No.C-243** : Sealed quotations are invited in prescribed proforma from the reputed ISI certified firms/Manufactures/Authorised Dealers having GST clearance certificate, PAN No., Sale Tax. The quotationer shall have to quote the price item of their respective company for supply and installation of **reputed brand Water Cooler 150/150 FSS** in Subarnapur Municipality for the year 2025-26. The rate quoted documents should be submitted to the undersigned on or before **19.05.2025 up to 01.00 P.M.** and the same will be opened **on dt.20.05.2025 at 10.00 A.M.** in presence of quotationers or their authorised representatives. Beyond the date no quotation shall be entertained, the quotation paper with terms and conditions is available in district website of Subarnapur i.e. www.subarnapur.nic.in w.e.f **06.05.2025 to 19.05.2025**. The quotationer shall have to deposit Rs.5000/- (Rupees Five Thousand) only towards EMD money & Rs.500/- (Rupees Five Hundred) only towards paper cost in shape of D.D in favour of Executive Officer, Subarnapur Municipality payable at Sonepur Nationalised Banks. Postal delay shall not be taken to consideration. The undersigned reserves the right to reject whole or part of quotation without assigning any reason thereof.
Sd./- Executive Officer
Sonepur Municipality
OIPR-13098/11/0034/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବାର୍ଷିକ ଭିତ୍ତିରେ ବେଦାନ୍ତର ଲାଭାଂଶ ୧୭୨% ବୃଦ୍ଧି

**ନୂଆଦିଲ୍ଲୀ,୬ା୫(ଅଭୟ ଦାଶ)**

ବେଦାନ୍ତ ଲିମିଟେଡ୍‌ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କମ୍ପାନୀର କାରବାର ଓ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲାବେଳେ ୨୦୨୪-୨୫ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକ ଏବଂ ୨୦୨୫ ମାର୍ଚ୍ଚ ୩୧ରେ ଶେଷ ହୋଇଥିବା ପୂର୍ଣ୍ଣ ବର୍ଷର ସମନ୍ୱିତ ଫଳାଫଳକୁ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି।

ସେହିଭଳି ୨୦୨୪-୨୫ ଆର୍ଥିକ ବର୍ଷରେ କମ୍ପାନୀର ରାଜସ୍ୱ ୧୦% ବାର୍ଷିକ ବୃଦ୍ଧି ସହିତ ୧,୫୦,୭୨୫କୋଟିରେ ପହଞ୍ଚିଛି, ଯାହା ଏ ପର୍ଯ୍ୟନ୍ତ ସର୍ବାଧିକ ବୋଲି କୁହାଯାଉଛି। ଏହି ଆର୍ଥିକ ବର୍ଷ ପାଇଁ କମ୍ପାନୀର ଇବିଆଇଟିଡିଏ ୪୩,୫୪୧ କୋଟିରେ ପହଞ୍ଚିଛି, ଯାହା ବାର୍ଷିକ ବୃଦ୍ଧି ୩୭% ସହ କମ୍ପାନୀ ପାଇଁ ଦ୍ୱିତୀୟ ସର୍ବାଧିକ ବୋଲି କୁହାଯାଉଛି। ୨୦୨୪-୨୫ ଆର୍ଥିକ ବର୍ଷରେ ବେଦାନ୍ତର ଟିକସ ପରବର୍ତ୍ତୀ ଲାଭ ୧୭୨% ବାର୍ଷିକ ବୃଦ୍ଧି ପାଇ ୨୦,୫୩୫ କୋଟିରେ ପହଞ୍ଚିଛି।

ସେହିପରି କମ୍ପାନୀର ତ୍ରୈମାସିକ ରାଜସ୍ୱ ୩୯,୭୮୯ କୋଟିରେ ସର୍ବକାଳୀନ ସର୍ବାଧିକ ହୋଇଥିଲାବେଳେ ବାର୍ଷିକ ବୃଦ୍ଧି ୧୪% ରେ ପହଞ୍ଚିଛି। ଏପରିକି ୪ର୍ଥ ତ୍ରୈମାସରେ କମ୍ପାନୀର ଇବିଆଇଟିଡିଏ ୩୦% ବୃଦ୍ଧି ପାଇ ୧୧,୬୧୮ କୋଟି ଏବଂ ଇବିଆଇଟିଡିଏ ମାର୍ଜିନ୍ ୩୫% ସହ ୨ୟ ସ୍ଥାନରେ ପହଞ୍ଚିଛି, ଯାହା ବାର୍ଷିକ ଭିତ୍ତିରେ ୪୬୫ ବିପି ଥିଲା, ଯାହା ଗତ ୧୨ ତ୍ରୈମାସରେ ସର୍ବାଧିକ ବୋଲି କୁହାଯାଉଛି। ଏହି ତ୍ରୈମାସରେ କମ୍ପାନୀର ଲାଭ ୧୧୮% ବୃଦ୍ଧି ପାଇ ୪,୯୬୧ କୋଟିରେ ପହଞ୍ଚିଛି। ୭,୮୧୪ କୋଟିର ମାଗଣା ନଗଦ ପ୍ରବାହ (ପ୍ରି-କ୍ୟାପେକ୍ସ) ପଛରେ ତ୍ରୈମାସ ପାଇଁ ବେଦାନ୍ତର ନଗଦ ଏବଂ ନଗଦ ସମକକ୍ଷ ୩୪% ବୃଦ୍ଧିପାଇଛି।

କମ୍ପାନୀର ମୋଟ ପୁଞ୍ଜି ଖର୍ଚ୍ଚ ୧୨,୬୨୬ କୋଟିରେ ପହଞ୍ଚିଛି, ଯାହାର ପରିମାଣ ବିସ୍ତାର ଏବଂ ଯୋଗାଣ ଶୃଙ୍ଖଳ ସମନ୍ୱୟ ଉପରେ କେନ୍ଦ୍ରିତ ରହିଛି। ଏହି ତ୍ରୈମାସରେ ବେଦାନ୍ତର ପୁଞ୍ଜି ନିଯୁକ୍ତି ଉପରେ ରିଟର୍ନ (ରୋସ୍) ୩୭୧ ବିପିଏସ୍ ବାର୍ଷିକଭିତ୍ତିରେ ବୃଦ୍ଧି ପାଇ ୨୭% ହୋଇଛି। ଏହି ତ୍ରୈମାସିକ ପାଇଁ କମ୍ପାନୀର ନେଟ୍ ଋଣ ୫୩,୨୫୧ କୋଟିକୁ ହ୍ରାସ ପାଇଛି, ନେଟ୍ ଋଣ/ ଇବିଆଇଟିଡିଏ ୧.୨ଗୁଣ (୨୦୨୪ ଡିସେମ୍ବର୨୪ ମଧ୍ୟରେ ୧.୪ଗୁଣ)। ବେଦାନ୍ତ କ୍ରିସିଲ ଏବଂ ଆଇସିଆରଏ ଉଭୟଙ୍କଠାରୁ ଏଏକୁ କ୍ରେଡିଟ୍ ରେଟିଂ ଅପ୍‌ଗ୍ରେଡ୍ ପାଇଛି।

ଏହି ସମୟ ମଧ୍ୟରେ ବେଦାନ୍ତ ଆଲୁମିନିୟମର ସର୍ବୋଚ୍ଚ ଉତ୍ପାଦନ ୨,୪୨୨ କେଟି ରେକର୍ଡ କରିଛି। ଯେତେବେଳେ ଭାରତରେ କମ୍ପାନୀର ଜିଙ୍କ୍ କାର୍ଯ୍ୟ ଯଥାକ୍ରମେ ୧,୦୯୫ କେଟି ଏବଂ ୧,୦୫୨ କେଟିରେ ସର୍ବୋଚ୍ଚ ଖଣି ଏବଂ ପରିଷ୍କୃତ ଧାତୁ ଉତ୍ପାଦନ ହାସଲ କରିଛି। ବେଦାନ୍ତର ଲୁହା ପଥର ବ୍ୟବସାୟ ୬.୨ ଏମଟି ଲୁହା ପଥର ଉତ୍ପାଦନ ସହିତ ୧୨% ଅଭିବୃଦ୍ଧି ହାସଲ କରିଛି ଏବଂ ତମ୍ବା ବ୍ୟବସାୟ ବାର୍ଷିକ ତମ୍ବା କାଥୋଡ୍ ଉତ୍ପାଦନ ୧୪୯ କେଟି ପୋଷ୍ଟ କରିଛି।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅରୁଣ ମିଶ୍ର କହିଛନ୍ତି, ଆମେ ଆମର ୪ର୍ଥ ତ୍ରୈମାସିକ ଓ ବାର୍ଷିକ ଆର୍ଥିକ ଫଳାଫଳକୁ ଘୋଷଣାକରି ବେଶ୍ ଉତ୍ସାହିତ ଅଛୁ। ଏହି ତ୍ରୈମାସିକ ଫଳାଫଳ ଏକ ଅସାଧାରଣ ସଫଳତାର ବର୍ଷ ସହ ସମାପ୍ତ କରିଛି, ଯେଉଁଠାରେ ଆମେ କେବଳ ଆଲୁମିନିୟମ ଏବଂ ଜିଙ୍କ୍ ପାଇଁ ସର୍ବାଧିକ ବାର୍ଷିକ ପରିମାଣ ପ୍ରଦାନ କରି ନାହୁଁ ବରଂ ଉତ୍ପାଦନ ଖର୍ଚ୍ଚକୁ ମଧ୍ୟ ଉଲ୍ଲେଖନୀୟ ଭାବେ ହ୍ରାସ କରିଛୁ।

# ବଜାରରେ ଫୋନ୍‌ପେର ନୂତନ ଉତ୍ପାଦ

**ନୂଆଦିଲ୍ଲୀ,୬ା୫**

ଫୋନ୍‌ପେ'ର ନୂତନ ଉତ୍ପାଦ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ନେକ୍ସଟ-ଜେନ୍ ସ୍ମାର୍ଟ ସ୍ପିକର'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ବ୍ୟବସାୟୀମାନଙ୍କର କ୍ରମବର୍ଦ୍ଧଶୀଳ ବ୍ୟବସାୟିକ ଆବଶ୍ୟକତା ପୂରଣକରିବା ପାଇଁ ଡିଜାଇନ କରାଯାଇଥିବା ଏକ ଅପ୍‌ଗ୍ରେଡ୍ ଭର୍ସନ ବୋଲି କୁହାଯାଉଛି। ଅରିଜିନାଲ ସ୍ମାର୍ଟ ସ୍ପିକରର ମୂଳଦୁଆ ଉପରେ ଆଧାରିତ ଏହି ନେକ୍ସଟ-ଜେନ୍ ଭର୍ସନଟି ଭାରତରେ ନିର୍ମିତ ହୋଇଛି। ଏହି ନବୀନତମ ଅପ୍‌ଗ୍ରେଡ୍ ଭର୍ସନ ପ୍ଲାଟ୍‌ଫର୍ମର ପୂର୍ବବର୍ତ୍ତୀ ଭର୍ସନଗୁଡ଼ିକର ଲୋକପ୍ରିୟ ବୈଶିଷ୍ଟ୍ୟଗୁଡ଼ିକୁ ବଜାୟ ରଖିବା ସହ ସେଥିରେ ବହୁ ଗୁରୁତ୍ୱପୂର୍ଣ୍ଣ ଉନ୍ନତି ମଧ୍ୟ ଆଣିଛି।

ଏ ସମ୍ପର୍କରେ ଫୋନ୍‌ପେ ମର୍ଚ୍ଚାଣ୍ଟ ବିଜ୍‌ନେସ୍‌ର ସିବିଓ ଯୁବରାଜ ସିଂହ ଶେଖାୱତ କହିଛନ୍ତି, ଭାରତରେ ନିର୍ମିତ ଆମର ଏହି ନେକ୍ସଟ-ଜେନ୍ ସ୍ମାର୍ଟ ସ୍ପିକରଗୁଡ଼ିକୁ ଶୁଭାରମ୍ଭ ସହ ବଜାର ପ୍ରବେଶ କରାଇ ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହି ଡିଭାଇସ୍‌ଗୁଡ଼ିକୁ ସ୍ଥାନୀୟ ଭାବେ ଉତ୍ପାଦନ କରିବା ଦ୍ୱାରା ଆମ ବ୍ୟବସାୟୀମାନଙ୍କ ନିର୍ଦ୍ଦିଷ୍ଟ ଆବଶ୍ୟକତା ଏବଂ ପସନ୍ଦ ଅନୁଯାୟୀ ପ୍ରଡକ୍ଟଗୁଡ଼ିକୁ ଗ୍ରହଣୀୟ କରାଇବାରେ ଅଧିକ ସୁବିଧା ମିଳିଥାଏ। ଏହି ସ୍ମାର୍ଟସ୍ପିକରଗୁଡ଼ିକ ମାଧ୍ୟମରେ ଆମେ କେବଳ ଦେଶବ୍ୟାପୀ ବ୍ୟବସାୟୀମାନଙ୍କ ପାଇଁ ବିଶେଷ କରି ଅନୁନ୍ନତ ଅଞ୍ଚଳରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରୁନାହୁଁ, ବରଂ ସ୍ୱଦେଶୀ ଉଦ୍ଭାବନକୁ ମଧ୍ୟ ପ୍ରୋତ୍ସାହିତ କରୁଛୁ। ଭାରତୀୟ ନିର୍ମାତାମାନଙ୍କୁ ଦେଶର ଡିଜିଟାଲ ରୂପାନ୍ତରୀକରଣରେ ଅବିଚ୍ଛେଦ୍ୟ ଅଂଶଗ୍ରହଣକାରୀ ହେବା ବିଷୟକୁ ସୁନିଶ୍ଚିତ କରୁଛୁ।

# ଶେୟାର ବଜାର କାରବାରରେ ହ୍ରାସ

**ମୁମ୍ବାଇ,୬ା୫**

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୫୬ (୧୫୫.୭୭) ପଏଣ୍ଟ ହ୍ରାସ ଘଟି ୮୦,୬୪୧ (୮୦,୬୪୧.୦୭) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୮୧ (୮୧.୫୫) ପଏଣ୍ଟ କମି ୨୪,୩୮୦ (୨୪,୩୭୯.୬୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ଦକ୍ଷତା ବୃଦ୍ଧି କରୁଛି ଟିପିଏନ୍‌ଓଡିଏଲ୍ ଏଚ୍‌ଓଟିଟି ସେଣ୍ଟର



ବାଲେଶ୍ୱର କୌଶଳ ବିକାଶ କେନ୍ଦ୍ର ସମ୍ମୁଖରେ ଅଧିକାରୀଙ୍କ ସହ କର୍ମଚାରୀ।

### ୫ ଅତ୍ୟାଧୁନିକ ତାଲିମ କେନ୍ଦ୍ରରେ କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କୁ ଦକ୍ଷତା ପ୍ରଦାନ

**ବାଲେଶ୍ୱର, ୬ା୫(ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲା ରେମୁଣା ଗୋଲେଇସ୍ଥିତ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ(ଟିପିଏନଓଡିଏଲ) ଏହାର ୫ଟି ପୂର୍ଣ୍ଣ କାର୍ଯ୍ୟକ୍ଷମ ଥିବା ହାଣ୍ଡସ-ଅନ୍ ଟେକ୍ନିକାଲ୍ ଟ୍ରେନିଂ (ଏଚ୍‌ଓଟିଟି) କେନ୍ଦ୍ରର ନେଟ୍‌ୱର୍କ ଜରିଆରେ କର୍ମଚାରୀଙ୍କ ବିକାଶ ଓ ଗୋଷ୍ଠୀ ସଶକ୍ତୀକରଣ ଦିଗରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି। ଏହି କେନ୍ଦ୍ରଗୁଡ଼ିକ ବାଲେଶ୍ୱର, ମୟୂରଭଞ୍ଜ ଜିଲାର ବେତନଟୀ, କେନ୍ଦୁଝରର ଯୋଡ଼ା, ଭଦ୍ରକର ରାହାଞ୍ଜି ଓ ଯାଜପୁରର ପାଣିକୋଇଲିରେ ରହିଛି। ସମଗ୍ର ଉତ୍ତର ଓଡ଼ିଶାରେ ବୈଷୟିକ ଦକ୍ଷତାକୁ ସୁଦୃଢ଼ କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି।

ଟିପିଏନ୍‌ଓଡିଏଲ୍‌ର ପ୍ରତିଟି ପରିଚାଳନା ସର୍କଲ୍‌ରେ ସ୍ଥାପନ କରାଯାଇଥିବା ଏହି କେନ୍ଦ୍ରଗୁଡ଼ିକ ବାସ୍ତବ ବିଦ୍ୟୁତ ଶକ୍ତି ବ୍ୟବସ୍ଥାରେ ପ୍ରତ୍ୟକ୍ଷ ତାଲିମ ସହିତ ଥିଓରିକୁ ମିଶାଇ ଏକ ଚମତ୍କାର ଶିକ୍ଷଣୀୟ ପରିବେଶ ପ୍ରଦାନ କରୁଛନ୍ତି। କେନ୍ଦ୍ରଗୁଡ଼ିକରେ ସ୍ୱିଚ୍‌ଗିୟର ୱାର୍କଶପ୍, ଟ୍ରାନ୍ସଫର୍ମର ୟୁନିଟ୍, ଆର୍‌ଏମ୍‌ୟୁ, ସିଟି, ପିଟି, ଏଲ୍‌ଏ, ସ୍କାଡ଼ା ବ୍ୟବସ୍ଥା ଏବଂ ସିମୁଲେଟରର ନେଟୱର୍କ ଭଳି ଅତ୍ୟାଧୁନିକ ଭିତ୍ତିଭୂମି ରହିଛି। ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ପରଠାରୁ କେନ୍ଦ୍ରଗୁଡ଼ିକ ସଫଳତାର ସହିତ ଟିପିଏନ୍‌ଓଡିଏଲ୍ ଓ ବିଜନେସ୍ ଆସୋସିଏଟ୍ (ବିଏ) ମାନଙ୍କ ୪,୧୯୦ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରି ସେମାନଙ୍କ ପରିଚାଳନା, ରକ୍ଷଣାବେକ୍ଷଣ ଓ ସୁରକ୍ଷା ଦକ୍ଷତାରେ ଉନ୍ନତି ଆଣିପାରିଛନ୍ତି। କେବଳ ବାଲେଶ୍ୱରରେ ୩୩୧୬ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରାଯାଇଛି। ବେତନଟୀର ୫୬୧ ଓ ଯୋଡ଼ାର ୨୩୩ କର୍ମଚାରୀଙ୍କୁ ମଧ୍ୟ ତାଲିମ ପ୍ରଦାନ କରାଯାଇଛି। ଆର୍ଥିକବର୍ଷ ଶେଷ ଆଡ଼କୁ ଭଦ୍ରକ ଓ ଯାଜପୁର କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ସହିତ ଏମ୍‌ଓୟୁ ଅଧୀନରେ ସେଗୁଡ଼ିକ ସରକାରୀ ଆଇଟିଆଇ ଛାତ୍ରୀଛାତ୍ରଙ୍କୁ ତାଲିମ ପ୍ରଦାନ ଆରମ୍ଭ କରିଛନ୍ତି। ଏହି କେନ୍ଦ୍ରଗୁଡିକର ପ୍ରଭାବ ଦକ୍ଷତା ବିକାଶଠାରୁ ଅଧିକ କିଛି ରହିଛି। ସୁରକ୍ଷିତ କର୍ମ ସଂସ୍କୃତି, ନବସୃଜନକୁ ଗ୍ରହଣ କରିବା ଏବଂ କର୍ମଚାରୀଙ୍କୁ ଯୋଡ଼ିବାରେ ଇନ୍‌କୁବେଟର୍ ଭାବେ ଦକ୍ଷତା ବିକାଶ କେନ୍ଦ୍ରଗୁଡ଼ିକ କାର୍ଯ୍ୟ କରୁଛି।


## ମନେ ପଡ଼ନ୍ତି

୧୩ତମ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ଡଃ ପଦ୍ମିନୀ ମିଶ୍ର
ଆବିର୍ଭାବ - ୦୧.୦୨.୧୯୪୫
ତିରୋଧାନ - ୦୨.୦୫.୨୦୧୨

ତୁମର ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

ଧ-୭୬୮୨୦



# Classified Everyday

0674-2580101, 9692975378



## MATRIMONIAL


### BRIDE WANTED

୩୪ବର୍ଷ ସୁନ୍ଦର ବିନମ୍ର (MBA ଦିଲ୍ଲୀ) ଲ ଲ ବି କ୍ୱାଲିଫାଏଡ ପୁରୀରେ ଆଇନଜୀବୀ ବ୍ରାହ୍ମଣ ପୁଅ ପାଇଁ ଘରୋଇ ଶିକ୍ଷିତ ବ୍ରାହ୍ମଣ ପାତ୍ରୀ ଦରକାର। ଯୋଗାଯୋଗ- 7978626462. D-377

### GROOM WANTED

Retd Govt. ଏକାକୀ ରହୁଥିବା ଶିକ୍ଷୟିତ୍ରୀ ବ୍ରାହ୍ମଣ ଝିଅଙ୍କୁ ଯେକୌଣସି ଜାତିର ପୁଅ ଦରକାର। ଘରଜ୍ୱାଇଁ ପ୍ରାଥମିକତା। 8327715036. D-379

47 ବର୍ଷ, Govt. High School Teacher, ଉପଯୁକ୍ତ ବୟସର ବ୍ୟକ୍ତି ବିବାହ ପାଇଁ ଯୋଗାଯୋଗ କରନ୍ତୁ। 8455853154. D-378



## AUTOMOBILE SALE

Hywa Model 2018, 2017 & 2016, Creata 2023, Audi sale with Refinance. 7008612835. D-419



## REAL ESTATE SALE

**Ready to move 1/2 BHK flat for sale @13/24 Lakh at Sundarpada and Gudiapokhari, Bhubaneswar. Call- 9861642492.** D-200


CV Raman କଲେଜ ପାଖରେ 3132sqft. Gharabari plot sale ହେବ। Phone No.- 9778928492 and 9937910363. D-74728



## CONSTRUCTION

Do you want to construct a building on your own plot please contact K.K. Construction. 7008268129, 9439143273. D-71397

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



## FOR RENT

Medical coworking space strategic location Chandrasekharpur, Bhubaneswar Ground Floor. 9437008388. D-74729





**Relax, Refresh your body, mind at Saikrupa SPA with best therapies. 7848011468.** D-363

Newly open Jyoti SPA positively health benefits (Expert therapist). 8458067955. D-76912

## LOST

I, Manish Kumar have lost my Original B.Tech. Final Degree Certificate affiliated to BPUT, Reg. No.- 1101314161. If found, please contact 7280888813. D-418

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Notice is hereby given to all concerned that Smt. Lopinti Janaki, W/o- Lopinti Simanchal resident of At- Nimasahi, Buxibazar, Cuttack has sworn an affidavit on dated 03.05.2025 regarding the Loss of Original RSD No.- 11832102562, dated 11.10.2021, ROR No.- 239/494, Mouza- Madhupur, Baranga, Cuttack, Smt. Lopinti Janaki has applied to the loan LIC Housing Finance Ltd. to avail Housing Loan by mortgaging Loan the said document. All concerned therefore having any claim over the property purchased under the said document RSD No.- 11832102562, ROR No.- 239/494 are required to file their claim with the undersigned within 15 (Fifteen) days from the date of publication of this notice failing which it will be presumed that the property having link with the said documents is/are free from encumbrances and any claim in respect there of against the applicant as a mortgagor & the compart as the mortgagee shall be void and in effective after the lapse of 15 (Fifteen) days of publication of this Notice. Sanjib Kumar Sharma, Advocate, LIC Housing Finance Ltd. Plot No.-M16, Phase-1, Chhend, Rourkela-15, Dist.-Sundargarh, Odisha. Mob- 7978747882. D-421

## AFFIDAVIT

By virtue of an affidavit sworn before Executive Magistrate, Erasama, dated 03.05.2025, I, Raj Kumar Samanta, Address: At- Khurantutha, P.O.- Kunjakothi, P.S.- Erasama, Dist.- Jagatsinghpur, PIN-754139 declare that I have changed my son's name from R.RAGUL (Old name) to RAHUL SAMANTA (New name). Henceforth, he shall be known as RAHUL SAMANTA (New name) for all purposes. Raj Kumar Samanta D-425

By virtue of an affidavit sworn before the Executive Magistrate, Nayagarh on dated 5th May 2025, I, Mrs. Sasmita Mishra, behind Nayagarh Women's College, Dist.- Nayagarh, Odisha, PIN-752069 have changed my name from Sashmita Padhiary to Sasmita Mishra. Henceforth, I shall be known as "Sasmita Mishra" for all purposes. D-424

### ପାଠକଙ୍କ ପାଇଁ ସୂଚନା

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Executive Magistrate, Bhubaneswar, dated 19.04.2025, I, Megha Swikruti Behera, D/o- Ranjan Kumar Behera, resident At- Andilo, P.O./P.S.- Balianta, Dist.- Khurda, Odisha, PIN-752101 declare that I have changed my name from Megha Sikruti Behera (Old name) to Megha Swikruti Behera (New name). Henceforth, I shall be known as Megha Swikruti Behera for all purposes. D-71238

By virtue of an affidavit sworn before the Executive Magistrate, Bhubaneswar, dated 05.5.25, I, Khushboo Sao, Address: At- Narsingarh, P.O./P.S.- Dhalbhumgarh, Dist.- East Singhbhum 832302 declare that I have changed my name from Khushboo Rani to Khushboo Sao. Henceforth, I shall be known as Khushboo Sao for all purposes. Khushboo Sao. D-422

I, Kailas Chandra Suabi, aged about 24 years, Son of Bhagaban Suabi, resident of At/P.O.- Bilaput, P.S.- Padwa, Dist.- Koraput, Odisha, have changed my name to KAILASH CHANDRA SUABI vide affidavit sworn before the Notary Public, Sunabeda on dated 02.05.2025 vide Sl. No.- 742. Henceforth, I shall be known as KAILASH CHANDRA SUABI for all purposes. D-426

I, Pan Khilla, aged about 46 years, Wife of Khilo Saniya, resident of Village- Chikapar, P.O.- Sunabeda-01, P.S.- Sunabeda, Dist.- Koraput, Odisha have changed my name to PANA KHILO and Husband's name is KHILO SANIYA vide affidavit sworn before the Notary Public, Sunabeda on dated 01-05-2025 vide Sl. No.- 736. Henceforth, I shall be known as PANA KHILO for all purposes. D-427

By virtue of affidavit No.- 954, dtd. 05.05.2025, I, Susanta Sahu, S/o- Gopal Sahu, P.O.- Balimela (Aurobinda Line), P.S.- ORKEL, Dist.- Malkangiri my daughter's actual name is "Hansika Sahu" mentioned in her School Register. But her Aadhaar Card No.- xxxx xxxx 1519 her name wrongly mentioned as "Sanjana Sahu" instead of "Hansika Sahu". Both are same & one person. D-428

By virtue of affidavit No.-953, dtd. 05.05.2025, I, Susanta Sahu, S/o- Gopal Sahu, P.O.- Balimela (Aurobinda Line), P.S.- ORKEL, Dist.- Malkangiri my son's actual name is "Ansuman Sahu" mentioned in his School Register. But his Aadhaar Card No.- xxxx xxxx 0120 his name wrongly mentioned as "Sameer Sahu" instead of "Ansuman Sahu". Both are same and one person. D-429

## ରଜନୀଗନ୍ଧାରେ ସାର ପ୍ରୟୋଗ



**ଆ**ଗରୁ ଲଗାଯାଇଥିବା ରଜନୀଗନ୍ଧା ୩୦ଦିନର ହୋଇଯାଇଥିଲେ ଏକର ପ୍ରତି ୮୫କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ରଜନୀଗନ୍ଧା ନ ଲଗାଇଥିଲେ ଏହା ମେ ମାସ ପର୍ଯ୍ୟନ୍ତ ଲଗାଇପାରିବେ। କୋଲକାତା ସିଙ୍ଗଲ,ଶ୍ରୀଙ୍ଗାର,କୋଏମ୍ବାଟୁର ସିଙ୍ଗଲ୍ ଓ ସୁହାସିନୀ(ଡବଲ) ଆଦି କିସମ ଲଗାନ୍ତୁ। ବୁଣିବା ପୂର୍ବରୁ ଅନୁମୋଦିତ ସାରର (ଏକର ପ୍ରତି ୧୭୦କି.ଗ୍ରା. ଯବକ୍ଷାରଜାନ,୮୦କି.ଗ୍ରା. ଫସ୍‌ଫରସ୍ ଓ ୮୦କି.ଗ୍ରା. ପଟାସ ସାର)ର ସବୁତକ ଫସ୍‌ଫରସ୍ ଓ ପଟାସ ସାର ପ୍ରୟୋଗ କରନ୍ତୁ। ଏକର ପ୍ରତି ପ୍ରାୟ ୪୦,୦୦୦କନ୍ଦା ଆବଶ୍ୟକ। କନ୍ଦାଗୁଡ଼ିକ ୨.୫ସେ.ମି. ବ୍ୟାସ ବିଶିଷ୍ଟ ହୋଇଥିବା ଦରକାର। ଶୀତଳ ଭଣ୍ଡାରରେ ୪-୫ ଡିଗ୍ରୀ ସେଲ୍‌ସିଅସ୍‌ରେ ରହିଥିବା କନ୍ଦାଗୁଡିକ ଭଲ ଗଜା ହୋଇଥାଏ। ସୂତ୍ରଜୀବପ୍ରବଣ ଅଞ୍ଚଳରେ ଲଗାଇବା ପୂର୍ବରୁ ଏକର ପ୍ରତି ୧୬୦କି.ଗ୍ରା. ନିମ୍ବ ପିଡ଼ିଆ ପ୍ରୟୋଗ କରନ୍ତୁ।

## ଆଖୁରେ ପିଲ ବାହାରୁଥିଲେ...



**ଆଖୁ** ଫସଲ ଲଗାଇବାର ୧୦୫ଦିନର ହୋଇଯାଇଥିଲେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ। ଏକର ପ୍ରତି ୩୩କି.ଗ୍ରା ଯବକ୍ଷାରଜାନ ଓ ୧୨କି.ଗ୍ରା. ପଟାସ ସାର ପ୍ରୟୋଗକରି ହୁଡ଼ା ଟେକିଦିଅନ୍ତୁ। ବର୍ତ୍ତମାନ ଆଖୁରେ ପିଲ ବାହାରିବା ସମୟ। ତେଣୁ ପ୍ରତି ୧୦ଦିନ ଅନ୍ତରରେ ଜଳସେଚନ କରନ୍ତୁ। ଗଛମୂଳ ଓଦା ରହିବା ଲାଗି ଶୁଖିଲା ପତ୍ରଦ୍ୱାରା ନାଳୀଗୁଡିକୁ ଆଚ୍ଛାଦ କରନ୍ତୁ। ଗ୍ରୀଷ୍ମଋତୁରେ ଜଳାଭାବରୁ ଫସଲକୁ ରକ୍ଷାକରିବା ସକାଶେ ଶତକଡ଼ା ୪ ଭାଗ (୧ ଲିଟର ପାଣିରେ ୪୦ଗ୍ରାମ ହିସାବରେ ) ପଟାସ ସାର ପତ୍ରସିଞ୍ଚା କରନ୍ତୁ। ଶୁଖିଲା ଆଖୁପତ୍ରକୁ ଗଛରୁ ଛଡାଇ ଦେଇ ଆଖୁ ଲଗାଇବାର ୫ ମାସ ହୋଇଥିଲେ ଭେଳା ବାନ୍ଧନ୍ତୁ। ୨ଧାଡ଼ିର ଆଖୁ ଗଛକୁ ଏକାଠି ଟାଣି ଭେଳା ବାନ୍ଧିଲେ ଆଖୁଗଛ ପବନରେ ପଡ଼ିଯାଏ ନାହିଁ।

# ଖରାଦିନେ ପ୍ରାଣୀଙ୍କ ଯତ୍ନ



ଡା. ବୀର କିଶୋର ପରିଡ଼ା

"ଖରାଦିନେ ପ୍ରଚଣ୍ଡ ଖରା ବା ଗରମରୁ ରକ୍ଷାପାଇବା ପାଇଁ ଗୋରୁଙ୍କ ଗୁହାଳ ବା ଫାର୍ମ ନିକଟରେ ବିଭିନ୍ନ କିସମର ଗଛ ଯଥା - ସୁବାବୁଲ୍, ନିମ୍ବ, କୃଷ୍ଣଚୂଡ଼ା, ଅଗସ୍ତି ପ୍ରଭୃତି ଗଛ ଲଗାଇ ଛାଇ ସୃଷ୍ଟି କରିବା ପାଇଁ ପଦକ୍ଷେପ ନେବା ଉଚିତ। ଗୁହାଳେ ମୁକ୍ତ ବାୟୁ ଚଳାଚଳ ପାଇଁ ପ୍ରଶସ୍ତ ଝରକା ବିପରୀତମୁଖୀ ଦିଗରେ ହେବା ଆବଶ୍ୟକ।"

**କୃ**ଷି ସହ ପଶୁପାଳନ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ତେଣୁ ଜନ ସଂଖ୍ୟାକୁ ଦୃଷ୍ଟିରେ ରଖି ସେହି ସୀମିତ ଜମି ମଧ୍ୟରେ ଉନ୍ନତ ଧରଣର ଅଧିକ ଉତ୍ପାଦନଭିତ୍ତିକ ଚାଷ ସହ ଅଧିକ ଉତ୍ପାଦନକ୍ଷମ ପଶୁପାଳନର ଆବଶ୍ୟକତା ରହିଛି । ବର୍ତ୍ତମାନ ସରକାରଙ୍କ ତରଫରୁ ପ୍ରାଣୀସମ୍ପଦ କୃତ୍ରିମ ପ୍ରଜନନ ଦ୍ୱାରା ଆମେ ଦେଶୀଗାଈଠାରୁ ସଙ୍କର ଜାତୀୟ ଅଧିକ ଉତ୍ପାଦନକ୍ଷମ ଜର୍ସି, ରେଡ୍ ସିନ୍ଧି, ହରିଆନା ପ୍ରଭୃତି ଦୁଧିଆଳୀ ଗାଈ ଉତ୍ପନ୍ନ କରାଯିବା ସହ ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ଉନ୍ନତ ସଙ୍କର ଜାତୀୟ ଦୁଧିଆଳୀ ଗାଈ ଋଣ ମାଧ୍ୟମରେ ଯୋଗାଇ ଦିଆଯାଉଛି। ଖରାଦିନେ ପ୍ରଜନନ ଶକ୍ତିହୀନତା ସୃଷ୍ଟି ହୋଇଥାଏ । ଖରାଦିନେ ସୂର୍ଯ୍ୟତାପର ପ୍ରଭାବରେ ସମସ୍ତ ସବୁଜଘାସ ବା ପତ୍ର ତନ୍ତୁଯୁକ୍ତ ଓ ଟାଣୁଆ ହୋଇଥାଏ ଏବଂ ଖାଦ୍ୟସାର ବା ଧାତବଲବଣ କମ୍ ପରିମାଣରେ ଥାଏ । ତେଣୁ ଖାଦ୍ୟସାର ଅଭାବ ଯୋଗୁ ଗାଈ ବା ଛଡ଼ାର ଋତୁଚକ୍ର ବନ୍ଦ ହୋଇ ଅସ୍ଥାୟୀ ବନ୍ଧ୍ୟାଦୋଷ ସୃଷ୍ଟି କରାଇଥାଏ।

**ଉତ୍ତାପର ପ୍ରଜନନ ଶକ୍ତି ଉପରେ ପ୍ରତ୍ୟକ୍ଷ ପ୍ରଭାବ :** ଉତ୍ତାପ ଥାଇରଏଡ୍ ହର୍‌ମୋନ୍ ଉପରେ ସିଧା ପ୍ରଭାବ ପକାଇଥାଏ । ଫଳରେ ଥାଇରଏଡ୍ ନିର୍ଗତ ହରମୋନ୍ ମସ୍ତିଷ୍କରେ ଥିବା ଆଣ୍ଟେରିଅର ପିଟୁ୍ୟଟାରି ଉପରେ ପ୍ରଭାବ ପଡ଼େ ଏବଂ ଏହା ଲିଙ୍ଗର କାର୍ଯ୍ୟଦକ୍ଷତା ନିୟନ୍ତ୍ରଣ କରିଥାଏ । ଗ୍ରୀଷ୍ମଋତୁରେ ଏଫ୍ଏସ୍ଏଚ୍ ଓ ଏଲ୍ଏଚ୍ ହର୍‌ମୋନର ଅଭାବ ଦେଖାଦେଇଥାଏ। ଏଥିପାଇଁ ଡିମ୍ବାଣୁ ଡିମ୍ବକୋଷରୁ ଖସେ ନାହିଁ । ଗରମଦିନରେ ରକ୍ତରେ ପ୍ରୋଲାକ୍ଟିନ୍ ହର୍‌ମୋନ୍ ଅଧିକ ଥାଏ, ଯାହାକି ହାଇପୋଥାଲାମସ୍‌ରୁ ବାହାରୁଥିବା ଗୋନାଡୋଟ୍ରଫିନ୍ ହର୍‌ମୋନ୍ ଝରଣରେ ବାଧା ସୃଷ୍ଟିକରେ । ଫଳରେ ଗାଈ ପ୍ରଜନନ ଶକ୍ତି ଅସ୍ଥାୟୀ ଭାବେ ହରାଇ ବସନ୍ତି।

**ରୌଦ୍ରତାପରୁ ସୁରକ୍ଷା ପ୍ରଦାନ**

ଖରାଦିନେ ପ୍ରଚଣ୍ଡ ଖରା ବା ଗରମରୁ ରକ୍ଷାପାଇବା ପାଇଁ ଗୋରୁଙ୍କ ଗୁହାଳ ବା ଫାର୍ମ ନିକଟରେ ବିଭିନ୍ନ କିସମର ଗଛ ଯଥା – ସୁବାବୁଲ୍, ନିମ୍ବ, କୃଷ୍ଣଚୂଡ଼ା, ଅଗସ୍ତି ପ୍ରଭୃତି ଗଛ ଲଗାଇ ଛାଇ ସୃଷ୍ଟି କରିବା ପାଇଁ ପଦକ୍ଷେପ ନେବା ଉଚିତ । ଗୁହାଳେ ମୁକ୍ତ ବାୟୁ ଚଳାଚଳ ପାଇଁ ପ୍ରଶସ୍ତ ଝରକା ବିପରୀତମୁଖୀ ଦିଗରେ ହେବା ଆବଶ୍ୟକ । ଗୁହାଳେ ଉତ୍ତାପ ଓ ଆର୍ଦ୍ରତା କମାଇବା ପାଇଁ ପଦକ୍ଷେପ ନେବା ଉଚିତ । ଖରାଦିନେ ଦେଶୀ ଗାଈଙ୍କୁ ନ ବାନ୍ଧି ଖୋଲା ହିସାବରେ ଗୁହାଳେ ଛାଡ଼ି ଦିଆଯାଇଥାଏ । ସଙ୍କର ଜାତୀୟ ଗାଈ ଜଳବାୟୁର ଉତ୍ତାପ ବୃଦ୍ଧି ଯୋଗୁ ଧଇଁସଇଁ ହୋଇଥାଏ। ଦେହରୁ ଜଳୀୟଅଂଶ କମିଯାଏ । କ୍ଷୀର ଉତ୍ପାଦନରେ ବାଧା ସୃଷ୍ଟି ହୁଏ । ତେଣୁ ପ୍ରତ୍ୟେକ ଦିନ ଗାଈଙ୍କୁ ଗାଧୋଇଦେବା ଉଚିତ । ଆବଶ୍ୟକସ୍ଥଳେ ଦିନକୁ ଦୁଇଥର ମଧ୍ୟ ଗାଧୋଇ ଦିଆଯାଏ । ପରିଷ୍କାର ଥଣ୍ଡା ପିଇବା ପାଣି ଯଥେଷ୍ଟ ପରିମାଣରେ ବ୍ୟବସ୍ଥା କରିବା ଉଚିତ । ଗୋଟିଏ ଗୋରୁ ପାଇଁ ଦିନକୁ ୩୫ଲିଟର ପାଣି ଦରକାର ଏବଂ ୨ ଲିଟର ପାଣି



ପ୍ରତି ୧ ଲିଟର କ୍ଷୀର ଉତ୍ପାଦନ ହିସାବରେ ଆବଶ୍ୟକ କରିଥାନ୍ତି। ମୋଟ ଉପରେ ଦିନକୁ ୧୦୦ଲିଟର ପାଣି ଗୋଟିଏ ଗୋରୁ ପିଛା ପିଇବା ଏବଂ ଅନ୍ୟାନ୍ୟ ବାବଦରେ ଖର୍ଚ୍ଚ ହୋଇଥାଏ। ବାହାରେ ମଇଳା, ନାଳନର୍ଦ୍ଦମା ପାଣି ପିଇଲେ ନାଳରକ୍ତ ଝାଡ଼ା ଆଶଙ୍କା ଥାଏ।

**ଗୁହାଳକୁ ଥଣ୍ଡା ରଖିବା ଉପାୟ**

ବେଣାମୁଠା ଚେରର ପରଦା, ଛଣର ପରଦା, ବାଉଁଶ ପାଦ ପରଦା କିମ୍ବା ଅଖା ଓଦାକରି ସମସ୍ତ ଝରକା ବା ଦ୍ୱାରରେ ଟାଙ୍ଗିବା ଆବଶ୍ୟକ । ଆଜିକାଲି ଏୟାରକୁଲର, ପଙ୍ଖାର ବ୍ୟବହାର ସହରରେ ହେଲାଣି । ଗୁହାଳର ଛପର ଉପରେ ଛଣ, ଜାମୁଡ଼ାଳ ଇତ୍ୟାଦି ପକାଇବାର ବ୍ୟବସ୍ଥା କଲେ ସୁଫଳ ମିଳେ।

**ଉତ୍ତମ ପୁଷ୍ଟିକର ଖାଦ୍ୟର ବ୍ୟବସ୍ଥା :** ଯଦି ସବୁଜ ଗୋଚର ବା ଘାସର ସୁବିଧା ଥାଏ, ତା'ହେଲେ ପ୍ରାତଃ ସକାଳେ ଚରାଇବା ଦରକାର। ଦିନବେଳା ଗୋରୁଙ୍କ ଖାଦ୍ୟ କମାଇ ରାତ୍ରର ଥଣ୍ଡା ସମୟରେ ସୁଷମ ଦାନାଯୁକ୍ତ ଖାଦ୍ୟ ଖୁଆଇବା ଆବଶ୍ୟକ। ଖରାଦିନେ ଗୋରୁମାନେ ସବୁଜଘାସ ପାଇବାରୁ ବଞ୍ଚିତ ହୋଇଥାନ୍ତି । ଫଳରେ ଶରୀରରେ ଧାତବଲବଣ ବା ଭିଟାମିନ୍‌ର ଅଭାବ ପରିଲକ୍ଷିତ ହୁଏ । ତେଣୁ ଧାତବ ଲବଣ ବା ମିନେରାଲ ମିକ୍ସଚର ୪ରୁ ୬ ଚାମଚ ଗୋରୁଙ୍କ ଖୁଆଇବା ଆବଶ୍ୟକ । ଖାଇବା ଲୁଣ ଦିନକୁ ୫୦ ଗ୍ରାମ ଦେଲେ ଭଲ । ସବୁଜ ଘାସ ୬-୮କେ.ଜି. ଏବଂ ନଡ଼ା ବା କୁଟା ୨କେ.ଜି. ପ୍ରତି ୧୦୦କେ.ଜି. ଶରୀରର ଓଜନ ହିସାବରେ ଖୁଆଯିବା ଉଚିତ । ଫାର୍ମମାନଙ୍କରେ ଖଣିରେ ସାଇତା ହୋଇଥିବା ସାଇଲେଜ୍ ମଧ୍ୟ ଖାଇବାକୁ ଦିଆଯାଇଥାଏ।

**ପ୍ରଜନନ ଶକ୍ତିହୀନତା ଏବଂ ବନ୍ଧ୍ୟାତ୍ୱ ଦୂରୀକରଣ ପାଇଁ ବ୍ୟବସ୍ଥା :** ରୌଦ୍ରତାପ ପ୍ରଭାବରୁ ରକ୍ଷାପାଇବା ପାଇଁ ଛଡ଼ା, ଦୁଗ୍ଧ ଦେଉଥିବା ଗାଈ, ପଡ଼ିଆ ଗାଈ, ପ୍ରଜନନକ୍ଷମ ଷଣ୍ଢମାନଙ୍କୁ ଉପଯୁକ୍ତ ସୁରକ୍ଷା ପ୍ରଦାନ କରିବା ଉଚିତ । ନିକଟରୁ ପର୍ଯ୍ୟବେକ୍ଷଣକରି ଗରମ ଗାଈର ଲକ୍ଷଣ ଜାଣି ଚିହ୍ନଟ କରିବା ସହ ଏହାର ନିର୍ଗତ ଲାଳ ପରୀକ୍ଷା ଏବଂ ଆବଶ୍ୟକ କୃତ୍ରିମ ପ୍ରଜନନ ବ୍ୟବସ୍ଥା କରନ୍ତୁ। ନିୟମିତ ଗରମ ଚିହ୍ନଟର ପଦ୍ଧତି ଏବଂ କୃତ୍ରିମ ପ୍ରଜନନ ଦିନ ଓ ରାତିର ଥଣ୍ଡା ପ୍ରହରରେ କିମ୍ବା ପ୍ରାତଃକାଳ ବା ବିଳମ୍ବ ଅପରାହ୍ନରେ ଅଭ୍ୟାସ କରିବା ଉଚିତ। ଗରମ ହେବାର ଠିକ୍ ସମୟରେ କୃତ୍ରିମ ପ୍ରଜନନ ବା ଗରମ ଲକ୍ଷଣ ଆରମ୍ଭ ହେବାର ୧୨ ରୁ ୧୮ଘଣ୍ଟା ମଧ୍ୟରେ ଭଲ ଗୁଣ ଶୁକ୍ରାଣୁ ଦ୍ୱାରା କୃତ୍ରିମ ପ୍ରଜନନ କରାଇନେବା ଆବଶ୍ୟକ । ପ୍ରଜନନ ପରେ ଗାଈକୁ ଧୀରେ ସୁସ୍ଥେ ଘରକୁ ନେବା ଏବଂ ଗାଈକୁ ଥଣ୍ଡା ପାଣିରେ ଗାଧୋଇ ଦେବା ଆବଶ୍ୟକ । ବୁଲା ଷଣ୍ଢଠାରୁ ସର୍ବଦା ଦୂରେଇ ରଖିବା ଆବଶ୍ୟକ।

**ଗୋରୁଙ୍କ ଖାଦ୍ୟର ବିକଳ୍ପ ବ୍ୟବସ୍ଥା**

ସାଧାରଣତଃ ଖରାଦିନେ ସବୁଜ ଘାସର ଘୋର ଅଭାବ ଦେଖାଦେଇଥାଏ । ତେଣୁ ଖରାଦିନେ ସବୁଜ ଘାସ ବଦଳରେ ଗଛପତ୍ର ଯଥା – ସୁବାବୁଲ ପତ୍ର, ଅଶ୍ୱତ୍ଥ ପତ୍ର, ବରପତ୍ର, ଆମ୍ବପତ୍ର, ଶାଳପତ୍ର, ଅଗସ୍ତି ପତ୍ର ଆଦି ଖୁଆଇବା ଦରକାର । ଗାଁ ଗହଳିରେ ମୁଖ୍ୟତଃ ନଡ଼ା ବା କୁଟା ବେଶି ପରିମାଣରେ ଗୋରୁଙ୍କୁ ଖାଇବାକୁ ଦେଇଥାନ୍ତି । ଏହି ନଡ଼ାରେ ଖାଦ୍ୟସାର ପ୍ରାୟ ନାହିଁ କହିଲେ ଚଳେ। ଏହା ଗୋରୁଙ୍କ ପେଟ ଭରିବାରେ ଏବଂ ଝାଡ଼ା କରିବାରେ ସହାୟକ ହୋଇଥାଏ। ପେଟ ଭରିବା ଯୋଗୁ ଗୋରୁ ସନ୍ତୋଷ ଲାଭ କରନ୍ତି । ନଡ଼ାରେ ଅକ୍‌ଜାଲିକ୍ ଏସିଡ୍ ନାମକ ଏକ ଅମ୍ଳ ନିହିତ ଥାଏ । ଏହି ନଡ଼ା ଗୋରୁ ଖାଇଲେ ଅକ୍‌ଜାଲିକ୍ ଅମ୍ଳ ଶରୀରର କ୍ୟାଲ୍‌ସିୟମ୍ ସହ ମିଶି କ୍ୟାଲ୍‌ସିୟମ୍ ଅକ୍‌ଜାଲେଟ୍‌ରେ ପରିଣତ ହୋଇ ଝାଡ଼ାରେ ମିଶି ବାହାରି ଆସେ। (କ୍ରମଶଃ...)

-ସହକାରୀ ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ, ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୭୬୦୭୩୧୨

## ଚାଷୀଙ୍କ ପାଇଁ



➤ସୂର୍ଯ୍ୟମୁଖୀ ଚାଷରେ ରୋଗ ଓ ପୋକ ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ । ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସମୁକ୍ତ ରଖନ୍ତୁ । ମାଟିର ବତର ଦେଖି ଜଳସେଚନ କରନ୍ତୁ ।

➤ମୁଗ, ବିରି ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ମଟର ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଜଉପୋକ ଲାଗିଲେ ହେକ୍ଟର ପିଛା ରୋଗର ୧ ଲିଟର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୦ ମି.ଲି.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ ଦେଖାଦେଲେ ହେକ୍ଟର ପିଛା ୨ କି.ଗ୍ରା. ସେଚିତ ଗନ୍ଧକ ବା ସଲ୍‌ଫେକ୍ସ ସିଞ୍ଚନ କରନ୍ତୁ ।

➤ଚିନାବାଦମ ବୁଣିବାର ୨/୩ ସପ୍ତାହ ବେଳକୁ ଖୁସାଇ ଘାସ ବାଛି ଦିଅନ୍ତୁ । ଯଦି ଜିପ୍‌ସମ୍ ବୁଣିବା ସମୟରେ ଦିଆଯାଇ ନ ଥାଏ ତେବେ ଏହି ସମୟରେ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍‌କୁ ୨ପାଖରେ ଦେଇ ମାଟିରେ ମିଶାଇ ଦିଅନ୍ତୁ । ୧୨ ରୁ ୧୫ ଦିନ ବ୍ୟବଧାନରେ ବତର ଦେଖି ପାଣି ମଡ଼ାନ୍ତୁ । ଲାଲ୍ ଶୁଁବାଳୁଆ ପାଇଁ ହେକ୍ଟର ପିଛା ୧ ଲିଟର ଇକାଲକ୍ସ ବା ପ୍ରୋଫେନୋଫସ୍ ସିଞ୍ଚନ କରନ୍ତୁ ।

➤ସୋରିଷ ଚାଷ କରୁଥିଲେ ଆବଶ୍ୟକତା ନେଇ ଜଳସେଚନ କରନ୍ତୁ । ଜଉପୋକ



ପ୍ରତିକାର ପାଇଁ ହେକ୍ଟର ପିଛା ୧ ଲିଟର ରୋଗର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍ଏଲ୍ ୧୨୦ ମି.ଲି. ସିଞ୍ଚନ କରନ୍ତୁ । କରଡିଆ ମାଛି ଲାଗିଲେ ହେକ୍ଟର ପିଛା ୧୦୦୦ ମି.ଲି. ଇକାଲକ୍ସ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

➤ଲିଚୁ ଓ ସପେଟା ଗଛରେ ଫଳ ଧରି ଆସିବାର ଦେଖିଲେ ଜଳସେଚନ କରନ୍ତୁ



ଓ ୧ ଲିଟର ପାଣିରେ ୨ ମି.ଲି. କ୍ଲୋରୋପାଇରିଫସ୍ ସିଞ୍ଚନ କରନ୍ତୁ । ଫୁଲ ବା ବଉଳ ଆସିବା ପୂର୍ବରୁ ଗଛରେ ପାଣି ଦିଅନ୍ତୁ ନାହିଁ ।

## ଖରାଟିଆ ମୁଗ ଫସଲରେ ଜଳସେଚନ

**ଖ**ରାଟିଆ ମୁଗ ଫସଲରେ ଜଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସଙ୍କଟ କାଳରେ ଅର୍ଥାତ୍ ଫୁଲ, ଫଳ ବା ଛୁଇଁ ଧରିବା ଅବସ୍ଥା, ଦାନା ଗଠନ ଓ ଛୁଇଁର ଦାନା ପୂରଣ ଅବସ୍ଥାରେ ଜଳସେଚନ କରନ୍ତୁ । ଡାଲି ଫସଲରେ ପତ୍ରଖିଆ ପୋକ, ଧଳାମାଛି, ଜଉପୋକ, ପତ୍ର ଉଙ୍କୁଣି, ଝାଉଁଳା ରୋଗ, ପତ୍ରଦାଗ ରୋଗ, ସାହେବୀ ରୋଗ ଆଦି ଲାଗିବା ସମ୍ଭାବନା ରହିଛି । ପୋକ ଓ ସାହେବୀ ରୋଗ ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ବା ୫୦୦ ମି.ଲି. ପାଇରିପ୍ରୋକ୍ସିଫେନ୍ (୧୦ ଇ.ସି.) ୫୦୦ ଲିଟର ପାଣିରେ ସିଞ୍ଚନ କରନ୍ତୁ । ରୋଗ ନିୟନ୍ତ୍ରଣ କରିବାକୁ ହେକ୍ଟର ପ୍ରତି ୧୨୫୦ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫୁଲ ଆସିବା ସମୟରେ ହେକ୍ଟର ପ୍ରତି ୨୫୦ ମି.ଲି. ଟ୍ରାଇକୋଣ୍ଟାନାଲ ବା ୧୨୫ ମି.ଲି. ଫାଣ୍ଟାକ୍‌କୁ ୨୫୦ ଲିଟର ପାଣିରେ ମିଶାଇ ସିଞ୍ଚନକଲେ ଅଧିକ ସଂଖ୍ୟାରେ ଫୁଲ ହେବା ସଙ୍ଗେ ସଙ୍ଗେ ଛୁଇଁଗୁଡ଼ିକ ଲମ୍ବା ଓ ହୃଷ୍ଟପୁଷ୍ଟ ହୁଏ ।



## ମସଲା ଚାଷ: କୁଜି ସାରୁ



**ଜ**ଳସେଚନର ସୁବିଧା ଥିଲେ ମେ'ରୁ ଜୁନ୍ ମାସରେ ସାରୁ ଲଗାନ୍ତୁ। ତେଲିଆ, ମୁକ୍ତାକେଶୀ, ଟୋପି, ସାତମୁଖ ଓ ଝାଙ୍କଡ଼ି ଆଦି କିସମ ଲଗାନ୍ତୁ। ସାଧାରଣତଃ ସାରୁ ପୁଆ ବିହନ ଆକାରରେ ବ୍ୟବହାର କରାଯାଏ। ପୁଆଗୁଡ଼ିକ ୧୫ରୁ ୨୦ଗ୍ରାମ୍ ଓଜନର ସୁସ୍ଥ ନୀରୋଗ ସାରୁ ଲଗାନ୍ତୁ। ଏକ ଏକର ଫସଲ ପାଇଁ ୪କ୍ୱିଣ୍ଟାଲ ବିହନ ବ୍ୟବହାର କରନ୍ତୁ। ପ୍ରତି କି.ଗ୍ରା. ସାରୁ ବିହନକୁ ୨ଗ୍ରାମ୍ ମେଟାଲାକ୍ସିଲ୍ ଓ ମାଙ୍କୋଜେବ୍ ମିଶ୍ରଣରେ ବିଶୋଧନକରି ଲଗାନ୍ତୁ। ଜମିର ପ୍ରକାର ଅନୁସାରେ ୨-୩ ଓଡ଼ ଗଭୀର ଚାଷକରି ମଇଦେଇ ମାଟି ଭଲ ଭାବରେ ଗୁଣ୍ଡକରି ସମତୁଲ କରନ୍ତୁ। ଶେଷ ଓଡ଼ ଚାଷ ପୂର୍ବରୁ ଏକର ପ୍ରତି ୪ରୁ ୫ଟନ୍ ସଢ଼ା ଗୋବର ଖତ ମାଟି ସହ ଭଲ ଭାବରେ ମିଶାଇ ଦିଅନ୍ତୁ। ବିହନ ଲଗାଇବା ପୂର୍ବରୁ ଏକର ପ୍ରତି ୧୬କି.ଗ୍ରା. ଯବକ୍ଷାରଜାନ, ୨୪କି.ଗ୍ରା. ଫସ୍‌ଫରସ୍,୧୬କି.ଗ୍ରା. ପଟାସ ପ୍ରୟୋଗ କରନ୍ତୁ। ପରେ ଗଜା ବାହାରିବାର ୭ରୁ ୧୦ଦିନ ପରେ ୨୦କି.ଗ୍ରା. ଯବକ୍ଷାରଜାନ ,୨୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ।

## ସବୁଜ ଗୋଖାଦ୍ୟ ଫସଲ



**ବ**ର୍ତ୍ତମାନ ସମୟରେ ମକା ଓ ବରଗୁଡ଼ିର ମିଶ୍ରିତ ଫସଲ ସବୁଜ ଗୋଖାଦ୍ୟ ଲାଗି ଉପଯୁକ୍ତ । ଶେଷଓଡ଼ ଚାଷରେ ଏକର ପ୍ରତି ୫ଗାଡ଼ି ସଢ଼ା ଗୋବର ଖତ,୪୦କି.ଗ୍ରା. ଯବକ୍ଷାରଜାନ ,୪୦କି.ଗ୍ରା. ଫସ୍‌ଫରସ୍ ଓ ୪୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ। ଉଇ ଲାଗିବା ସମ୍ଭବନା ଥିଲେ ଶେଷ ଓଡ଼ ଚାଷରେ ଏକର ପ୍ରତି ୧୦କି.ଗ୍ରା. ଶତକଡା ୧.୫ଭାଗ କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗକରି ଭଲଭାବେ ମିଶାଇ ଦିଅନ୍ତୁ। ମକାର ଉପଯୁକ୍ତ ବିହନ କିସମ ହେଲା ଆଫ୍ରିକାନ୍ ଟଲ୍ ଓ ବରଗୁଡ଼ିର ଇସି ୪୨୧୬। ମିଶ୍ରିତ ଫସଲ ପାଇଁ ଏକର ପିଛା ୪୦କି.ଗ୍ରା . ମକା ବିହନ ଓ ୨୦କି.ଗ୍ରା. ବରଗୁଡ଼ି ବିହନ ଦରକାର ହୋଇଥାଏ। ଜମି ପ୍ରସ୍ତୁତ ହେଲା ପରେ ସିଆର ପଛରେ ପ୍ରତି ୨ଧାଡ଼ି ମକା ପରେ ୨ଧାଡ଼ି ବରଗୁଡ଼ି ବୁଣନ୍ତୁ। ବୁଣିବା ପରେ ଜମିରେ ହାଲୁକା ଜଳସେଚନ କରନ୍ତୁ।

## ଡାଲୁଅଧାନରେ କାଣ୍ଡବିନ୍ଧା ପୋକ ଦମନ

**ଡା**ଲୁଅଧାନରେ କାଣ୍ଡବିନ୍ଧା ପୋକ ଆକ୍ରମଣ କରିଥିଲେ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ଫିପ୍ରୋନିଲ୍, ୦.୩ ଦାନାଦାର ବିଷ ଅଳ୍ପ ପାଣି ରଖି ପ୍ରୟୋଗ କରନ୍ତୁ ଅଥବା ୧ ଲି. କ୍ଲୋରୋପାଇରିଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୫୦ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଓ ୧୨୫୦ ଗ୍ରାମ୍ ବ୍ଲାଇଟକ୍ସ-୫୦ ସେଚିତ ଗୁଣ୍ଡକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ଓ ମହିଷା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୩୦୦ ଗ୍ରାମ୍ ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍‌କୁ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଡାଲୁଅ ଧାନରେ ମାଟିଆଗୁଣ୍ଡି ପୋକ ଆକ୍ରମଣ ଆରମ୍ଭ ହେବା ସମ୍ଭାବନା ଅଛି। ଏହି ପୋକ ଲାଗିଲେ ଜଳସେଚନର ସୁବିଧା ଥିଲେ ପ୍ରଥମେ ଜମିରୁ ପାଣି ନିଷ୍କାସନ କରନ୍ତୁ। ୧/୨ ଦିନ ଶୁଖିଲା ରଖି ପୁଣି ବିଲରେ ପାଣି ମଡ଼ାନ୍ତୁ। ବୁଦା ପ୍ରତି ୮-୧୦ଟି ପୋକ ଲାଗିଲେ ଫେନୋବୁକାର୍ବ ୧ ଲିଟର ପାଣିରେ ୧ ମି.ଲି. ବା ଇଥୋଫେନ୍‌ପ୍ରକ୍ସ ୧ ଲିଟର ପାଣିରେ ୧ ମି.ଲି. ହିସାବରେ ଗୋଳାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ। ପ୍ରତି ବୁଦାରେ ୨/୩ ଟି ବୁଢ଼ିଆଣୀ ଥିଲେ ପୋକ ସଂଖ୍ୟା ବଢ଼ିବ ନାହିଁ।



ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ମେ ୭/୨୦୨୫ Bhubaneswar, Wednesday, May 7/ 2025

# ଗୁଜରାଟ ବୋଲର ପ୍ରଭାବୀ



ଉଇକେଟ ନେବା ପରେ ସାଇ କିଶୋରଙ୍କୁ ଶୁବମନ ଗିଲ୍ ବଧେଇ ଜଣାଉଛନ୍ତି।

**ମୁମ୍ବାଇ,୬।୫**

ଚଳିତ ଆଇପିଏଲ୍‌ରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍‌ଆଇ) ଓ ଗୁଜରାଟ ଟାଇଟନ୍ସ (ଜିଟି) ପରସ୍ପରକୁ ଭେଟିଛନ୍ତି। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ପ୍ରତିପକ୍ଷ ଗୁଜରାଟ ଆଗରେ ୧୫୬ ରନର ଟାର୍ଗେଟ ଧାର୍ଯ୍ୟ କରିଛି।

ଟସ୍ ଜିତି ଗୁଜରାଟ ଅଧିନାୟକ ଶୁବମନ ଗିଲ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ମୁମ୍ବାଇ ଖୁବ ଶସ୍ତାରେ ଦୁଇ ଓପନରଙ୍କ ଉଇକେଟ ହରାଇଥିଲା। ରିୟାନ ରିକଲଟନ ୨ ଓ ରୋହିତ ଶର୍ମା ୭ ରନ କରି ଆଉଟ୍ ହୋଇଥିଲେ। ଏହାପରେ ୱିଲ ଜ୍ୟାକ୍ସ ଓ ସୂର୍ଯ୍ୟକୁମାର ଯାଦବ ତୃତୀୟ ଉଇକେଟରେ ୭୧ ରନ ଯୋଡ଼ି ଦଳୀୟ ସ୍କୋରକୁ ୧୦୦ ପାଖାପାଖି ପହଞ୍ଚାଇଥିଲେ। ଏହିଠାରୁ ଦଳ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲା। ଜ୍ୟାକ୍ସ ୩୫ ବଲରେ ୫ ଚୌକା ଓ ୩ ଛକା ସହିତ ୫୩ ଏବଂ ସୂର୍ଯ୍ୟକୁମାର ୨୪ ବଲରେ ୫ ଚୌକା ସହ ୩୫ ରନ କରି ପାଭିଲିଅନ ଫେରିଥିଲେ। ତିଲକ ବର୍ମା (୭), ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା (୧) ଓ ନମନ ଧିର (୭) ବିଫଳ ହୋଇଥିଲେ। ଏଥିଯୋଗୁ ୧୦.୩ ଓଭର ସୁଦ୍ଧା ୯୭/୨ ସ୍କୋର କରିଥିବା ମୁମ୍ବାଇ ୧୬.୨ ଓଭର ସୁଦ୍ଧା ୧୨୩ ରନରେ ୭ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ପରିସ୍ଥିତିରେ କର୍ବିନ ବୋଶ୍ଚ ୨୨ ବଲରେ ୧ ଚୌକା ଓ ୨ ଛକା ସହିତ ୨୭ ରନ କରି ଦଳୀୟ ସ୍କୋରକୁ ୧୫୦ ଅତିକ୍ରମ କରାଇଥିଲେ। ଫଳରେ ମୁମ୍ବାଇ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୫୫ ରନ କରିବାକୁ ସକ୍ଷମ ହୋଇଥିଲା। ଗୁଜରାଟ ପକ୍ଷରୁ ଆର୍ ସାଇ କିଶୋର ୨ ଉଇକେଟ ନେଇଥିବା ବେଳେ ରଶିଦ ଖାନ, ମହମ୍ମଦ ସିରାଜ, ପ୍ରସିଦ୍ଧା କ୍ରୀଷ୍ଣା ଓ ଜେରାଲ୍ଡ କୋଜି ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ: ୨୦ ଓଭରରେ ୧୫୫/୮ (ୱିଲ ଜ୍ୟାକ୍ସ-୫୩, ସୂର୍ଯ୍ୟକୁମାର ଯାଦବ-୩୫, କର୍ବିନ ବୋଶ୍ଚ-୨୭, ଆର୍ ସାଇ କିଶୋର-୨/୩୪, ଜେରାଲ୍ଡ କୋଜି-୧/୧୦, ରଶିଦ ଖାନ-୧/୨୧)।

**ଆଇପିଏଲ୍ କାର୍ଯ୍ୟସୂଚୀ**

**(ଆଜିର ମ୍ୟାଚ)**

**କୋଲକାତା**

**ବନାମ ଚେନ୍ନାଇ**

**ସ୍ଥାନ: କୋଲକାତା**

**ସମୟ: ସନ୍ଧ୍ୟା ୭.୩୦**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୧ | ୮ | ୩ | ୦ | ୧୬ | +୦.୪୮୨ |
| ପଞ୍ଜାବ କିଙ୍ଗ୍ସ | ୧୧ | ୭ | ୩ | ୧ | ୧୫ | +୦.୩୭୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୧ | ୭ | ୪ | ୦ | ୧୪ | +୧.୨୭୪ |
| ଗୁଜରାଟ ଟାଇଟନ୍ସ | ୧୦ | ୭ | ୩ | ୦ | ୧୪ | +୦.୮୬୭ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୧ | ୬ | ୪ | ୧ | ୧୩ | +୦.୩୬୨ |
| କୋଲକାତା ନାଇଟ ରାଇଡର୍ସ | ୧୧ | ୫ | ୫ | ୧ | ୧୧ | +୦.୨୪୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୧ | ୫ | ୬ | ୦ | ୧୦ | -୦.୪୬୯ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୧ | ୩ | ୭ | ୧ | ୭ | -୧.୧୯୨ |
| ରାଜସ୍ଥାନ ରୟାଲ୍ସ | ୧୨ | ୩ | ୯ | ୦ | ୬ | -୦.୭୧୮ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୧ | ୨ | ୯ | ୦ | ୪ | -୧.୧୧୭ |

# ଜାତୀୟ ଦଳରେ ଆର୍ଯ୍ୟନ, ରଞ୍ଜିତ

**ଭୁବନେଶ୍ୱର, ୬।୫ (ତପନ ସ୍ୱାଇଁ)**

**ଏସିଆନ ପୁରୁଷ ବିଚ୍ ହ୍ୟାଣ୍ଡବଲ**

ଚଳିତ ମାସ ୬ରୁ ୧୫ ପର୍ଯ୍ୟନ୍ତ ଓମାନର ମସ୍କଟଠାରେ ୧୦ମ ଏସିଆ ପୁରୁଷ ବିଚ୍ ହ୍ୟାଣ୍ଡବାଲ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ମଙ୍ଗଳବାର ଭାରତୀୟ ଦଳ ଘୋଷିତ ହୋଇଛି। ଏଥିରେ ଓଡ଼ିଶାର ଯୁବ ଅନ୍ତର୍ଜାତୀୟ ଖେଳାଳି ଆର୍ଯ୍ୟନ ବ୍ରାହ୍ମୀନ ଓ ବରିଷ୍ଠ ଖେଳାଳି ରଞ୍ଜିତ ମହାନ୍ତି ସ୍ଥାନ ପାଇ ଇତିହାସ ରଚିଛନ୍ତି। ପ୍ରତିଯୋଗିତାରେ ଏସୀୟ ମହାଦେଶର ୯ଟି ଦେଶ ଭାଗ ନେଉଛନ୍ତି। ଓଡ଼ିଶା ହ୍ୟାଣ୍ଡବଲ ସଂଘ ସଭାପତି ବିପ୍ଲବ ଚୌଧୁରୀ, ସମ୍ପାଦକ ମାନସ କୁମାର ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ର ନାଥ ଦାସ ଓ ଭୁବନେଶ୍ୱର ହ୍ୟାଣ୍ଡବଲ ସଂଘ ସମ୍ପାଦକ ପ୍ରଶାନ୍ତ ନାୟକ, କୋଚ ଗୌରୀଶଙ୍କର ମିଶ୍ର ଆର୍ଯ୍ୟନ ଓ ରଞ୍ଜିତଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।



ଆର୍ଯ୍ୟନ ବ୍ରାହ୍ମିନ ଓ ରଞ୍ଜିତ ମହାନ୍ତି।

# ମୁହଁ ଖୋଲିଲେ କୋହଲି

**ଭାରତ, ଆର୍‌ସିବି ନେତୃତ୍ୱ ଛାଡ଼ିବା ପ୍ରସଙ୍ଗ**



ବିରାଟ କୋହଲି

ବେଙ୍ଗାଲୁରୁ,୬।୫: ପ୍ରତ୍ୟେକ ଆଥଲେଟ୍‌ଙ୍କ ଜୀବନରେ ଏମିତି ସମୟ ଆସେ, ଯେତେବେଳେ ସମର୍ଥକଙ୍କ ଆଶା ଆହୁରି ଭଲ ପ୍ରଦର୍ଶନ କରିବାକୁ ମୋଟିଭେଶନ ଯୋଗାଇବା ବଦଳରେ ଏକ ବୋଝ ପାଲଟିଯାଏ। ଭାରତୀୟ ଦଳର ଷ୍ଟାର ବ୍ୟାଟର ବିରାଟ କୋହଲିଙ୍କ କ୍ୟାରିୟରରେ ୨୦୧୬ରୁ ୨୦୧୯ ମଧ୍ୟରେ ସେଭଳି ସମୟ ଆସିଥିଲା। ଏହି ବୋଝ ଅତ୍ୟଧିକ ହେବାରୁ କୋହଲି ଭାରତୀୟ ଦଳ ଓ ଆଇପିଏଲରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ର ନେତୃତ୍ୱ ଛାଡ଼ିଥିଲେ। ଏ ନେଇ କୋହଲି ମଙ୍ଗଳବାର ଆର୍‌ସିବି ପଡକାଷ୍ଟରେ ପ୍ରକାଶ କରିଛନ୍ତି।

'ମୁଁ ୮ରୁ ୯ ବର୍ଷ ହେଲା ଭାରତୀୟ ଦଳ ଓ ୯ ବର୍ଷ ଧରି ଆର୍‌ସିବି ଦଳର ନେତୃତ୍ୱ ନେଉଥିଲି। ଏଥିସହିତ ପ୍ରତ୍ୟେକ ମ୍ୟାଚ୍‌ରେ ମୁଁ ବ୍ୟାଟରେ ପ୍ରଦର୍ଶନ କରିବି ବୋଲି ସମର୍ଥକଙ୍କ ଆଶା ମଧ୍ୟ ରହିଥିଲା। ଏହା ଅତ୍ୟଧିକ ହୋଇଯାଇଥିଲା। ଏହାକୁ ନେଇ ଅତ୍ୟଧିକ ଚର୍ଚ୍ଚା ଓ ତୀବ୍ରତା ଯୋଗୁ ମୋ ପାଖରେ ନିଃଶ୍ୱାସ ନେବାକୁ ସ୍ଥାନ ନ ଥିଲା। ମୁଁ କଦାପି ଚର୍ଚ୍ଚାରେ ନ ଥିବା ଭଳି ଅନୁଭବ କରିନାହିଁ। ଲଗାତର ମୋ ନେତୃତ୍ୱ ଓ ପ୍ରଦର୍ଶନକୁ ସମୀକ୍ଷା କରାଯାଉଥିଲା। ଶେଷରେ ମୋତେ ନିଜକୁ ପଚାରିବାକୁ ପଡ଼ିଥିଲା ଯେ, ମୁଁ ଏବେ ବି ଖୁସି ଅଛି କି। ମୁଁ ଏହାକୁ ଜାରି ରଖିବାକୁ ଚାହୁଁଛି କି' ବୋଲି କୋହଲି କହିଛନ୍ତି। ୨୦୨୧ ଆଇପିଏଲ୍ ଶେଷ ହେବା ପରେ କୋହଲି ଆର୍‌ସିବି ନେତୃତ୍ୱରୁ ଓହରି ଯାଇଥିଲେ। ଏହାପରେ ସେ ଭାରତୀୟ ଟି୨୦ ଦଳର ନେତୃତ୍ୱ ମଧ୍ୟ ଛାଡ଼ିବା ପରେ ତାଙ୍କୁ ଦିନିକିଆ ଦଳର ନେତୃତ୍ୱରୁ ବିସିସିଆଇ ହଟାଇଥିଲା। ୨୦୨୨ ଆରମ୍ଭରେ କୋହଲି ଟେଷ୍ଟ ଦଳର ନେତୃତ୍ୱ ମଧ୍ୟ ଛାଡ଼ିଥିଲେ।

### ଏକଦା ଆର୍‌ସିବି ଛାଡ଼ିବାକୁ ଚିନ୍ତା କରିଥିଲି

କୋହଲି ଆଇପିଏଲ୍ ଆରମ୍ଭରୁ ଆର୍‌ସିବି ସହ ଯୋଡ଼ି ହୋଇରହିଛନ୍ତି। ହେଲେ ଏକଦା ସେ ଆର୍‌ସିବି ଛାଡ଼ି ଅନ୍ୟ ଦଳରେ ସାମିଲ ହେବାକୁ ଚିନ୍ତା କରିଥିଲେ ବୋଲି ସେ ପ୍ରକାଶ କରିଛନ୍ତି।

ମୁଁ ଆର୍‌ସିବି ଛାଡ଼ିବା ଲାଗି ବ୍ୟଗ୍ର ନ ଥିଲି। କିନ୍ତୁ ମୁଁ ଏ ସମ୍ପର୍କରେ ଚିନ୍ତା କରିଥିଲି। ମୋତେ ଦଳ ପରିବର୍ତ୍ତନ କରିବାକୁ ପରାମର୍ଶ ମିଳୁଥିଲା। ମୁଖ୍ୟତଃ, ମୁଁ ମୋ କ୍ୟାରିୟରର ଶୀର୍ଷରେ ଥିଲା ବେଳେ ମୋତେ ସୁଯୋଗ ମିଳିଥିଲା। କିନ୍ତୁ ଶେଷରେ ମୁଁ ନିଜକୁ ପଚାରିଥିଲି ଯେ, ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ କ'ଣ। ମୋ ପାଇଁ ବିଶ୍ୱସ୍ତତା ଓ ଦୀର୍ଘ ବର୍ଷ ଧରି ଗଢ଼ିଉଠିଥିବା ସମ୍ପର୍କ ଗୁରୁତ୍ୱପୂର୍ଣ୍ଣ। ଏହା ମୋ ଘର। ଆମେ ହାରୁ କି ଜିତୁ, ତାହା ଚଳିବ। ମୁଁ ଭାରତ ଲାଗି ଅନେକ କିଛି ଜିତିଛି। ମୋତେ କିଛି ନୂଆ ଉପଲବ୍ଧି ପଛରେ ଦୌଡ଼ିବାର ଆବଶ୍ୟକତା ନାହିଁ। ମୋତେ ଯେଉଁ ସ୍ଥାନ ସର୍ବଦା ସମର୍ଥନ କରିଆସିଛି, ସେଥିଲାଗି ମୁଁ ସଚ୍ଚୋଟ ରହିବାକୁ ଚାହେଁ ବୋଲି କୋହଲି କହିଛନ୍ତି।

# ଅକ୍ଟୋବର ୨ରୁ କଳିଙ୍ଗ କପ୍

**ଭୁବନେଶ୍ୱର, ୬।୫ (ତପନ ସ୍ୱାଇଁ)**

ଗୋପବନ୍ଧୁ କ୍ଲବ ଆନୁକୂଲ୍ୟରେ କଳିଙ୍ଗ କପ୍ ୨୦୨୫ର ୪ର୍ଥ ସଂସ୍କରଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରତିଯୋଗିତା ଅକ୍ଟୋବର ୨ରୁ ୫ ପର୍ଯ୍ୟନ୍ତ ହେବ। ସ୍ଥାନୀୟ ଗୋପବନ୍ଧୁ ପଡ଼ିଆରେ ମ୍ୟାଚ ଗୁଡ଼ିକ ଖେଳାଯିବ। ଚଳିତ ବର୍ଷ ଏହି ଟୁର୍ନାମେଣ୍ଟ ପାଇଁ କୌଣସି ଏଣ୍ଟ୍ରି ଫି ରଖା ଯାଇନାହିଁ ବୋଲି ଆୟୋଜକଙ୍କ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଚାମ୍ପିୟନ ଦଳକୁ ୧.୫ ଲକ୍ଷ, ରନରଅପ୍‌କୁ ୧ ଲକ୍ଷ, ୩ୟ, ୪ର୍ଥ, ୫ମ, ୬ଷ୍ଠ ଓ ଶୃଙ୍ଖଳିତ ଦଳକୁ ୫୦ ହଜାର ଟଙ୍କା ଲେଖାଏ ପୁରସ୍କାର ପ୍ରଦାନ କରାଯିବ। ଟୁର୍ନାମେଣ୍ଟ ଟେନିସ୍ ବଲରେ ଖେଳାଯିବାକୁ ଥିବା ବେଳେ ଲିଗ୍ ପର୍ଯ୍ୟାୟ ମ୍ୟାଚଗୁଡ଼ିକ ୧୦ ଓଭର ଏବଂ ସେମିଫାଇନାଲ ଓ ଫାଇନାଲ ୧୫ ଓଭର ବିଶିଷ୍ଟ ହେବ। ସମ୍ମିଳନୀରେ କ୍ଲବ କର୍ମକର୍ତ୍ତାଙ୍କ ମଧ୍ୟରେ ମହମ୍ମଦ ମୋସିନ, ସତ୍ୟ ନାରାୟଣ ସେଠୀ, ସମୀର ଦାସ, ନବଘନ ମିଶ୍ର, ଦେବାଶିଷ ପଟ୍ଟନାୟକ, ସୋମନାଥ ଦାସ, ଦେବ ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଆୟୋଜକମାନେ ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦେଉଛନ୍ତି।

# ସୋହିନୀ, ଆହାନଙ୍କ ଅଭିଯାନ

**ଭୁବନେଶ୍ୱର, ୬।୫ (ତପନ ସ୍ୱାଇଁ):** କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଆଇଟିଏଫ୍ ୱାର୍ଲ୍ଡ ଜୁନିୟର ର୍‍ୟାଙ୍କିଙ୍ଗ୍ ଟେନିସ୍ ଟୁର୍ନାମେଣ୍ଟର ଉଭୟ ବାଳିକା ଓ ବାଳକ ସିଙ୍ଗଲ୍ସ ଏବଂ ଡବଲ୍ସରେ ଅଧିକାଂଶ ସିଡେଡ୍ ଖେଳାଳି ବିଜୟୀ ହୋଇ ଆଗକୁ ବଢ଼ିଛନ୍ତି। ୧୮ ବର୍ଷରୁ କମ୍ ବର୍ଗ ସିଙ୍ଗଲ୍ସର ଦ୍ୱିତୀୟ ରାଉଣ୍ଡ ଏବଂ ଡବଲ୍ସର ପ୍ରି-କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବାଳିକା ସିଙ୍ଗଲ୍ସରେ ଟପ୍ ସିଡ୍ ଓଡ଼ିଶାର ସୋହିନୀ ସଞ୍ଜୟ ମହାନ୍ତି ୬-୪, ୬-୩ ସେଟ୍‌ରେ ମିରାୟା ଅଗ୍ରୱାଲଙ୍କୁ ହରାଇ ଅଭିଯାନ ଆରମ୍ଭ କରିଛନ୍ତି। ଅନ୍ୟତମ ଓଡ଼ିଶା ଖେଳାଳି ତଥା ଦ୍ୱିତୀୟ ସିଡ୍ ଆହାନ ୬-୨, ୬-୨ ସେଟ୍‌ରେ ଶ୍ରୀନିତି ଚୌଧୁରୀଙ୍କୁ ପରାସ୍ତ କରିଛନ୍ତି। ବୁଧବାର ସିଙ୍ଗଲ୍ସରେ ରାଉଣ୍ଡ ଅଫ୍ ୧୬ ଏବଂ ଡବଲ୍ସରେ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଖେଳାଯିବ।

# ବିଶ୍ୱ ଆଥ୍‌ଲେଟିକ୍ସ ଦିବସ

**ନୂଆଦିଲ୍ଲୀ,୬।୫**

ଆଜି ବିଶ୍ୱ ଆଥ୍‌ଲେଟିକ୍ସ ଦିବସ। ଶାରୀରିକ ଫିଟନେସର ପ୍ରଚାର, ଆଥ୍‌ଲେଟିକ୍ସରେ ଯୁବପିଢ଼ିକୁ ଉତ୍ସାହିତ କରିବା ଏବଂ କ୍ରୀଡ଼ା ମାଧ୍ୟମରେ ସୁସ୍ଥ ଜୀବନ ଯାପନର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ପ୍ରତ୍ୟେକ ବର୍ଷ ମେ ୭ ତାରିଖରେ ବିଶ୍ୱ ଆଥ୍‌ଲେଟିକ୍ସ ଦିବସ ପାଳନ କରାଯାଏ। ୱାର୍ଲ୍ଡ ଆଥଲେଟିକ୍ସ ଭାବେ ଏବେ ପରିଚିତ ଅନ୍ତର୍ଜାତୀୟ ଆମେଚର ଆଥଲେଟିକ୍ସ ଫେଡେରେଶନ (ଆଇଏଏଏଫ୍) ପକ୍ଷରୁ ଟ୍ରାକ ଓ ଫିଲ୍ଡ ଇଭେଣ୍ଟ ମାଧ୍ୟମରେ ଯବପିଢ଼ି ମଧ୍ୟରେ ଏକ ସଶକ୍ତ କ୍ରୀଡ଼ା ପରମ୍ପରା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜିର ଦିନକୁ ଉତ୍ସର୍ଗ କରାଯାଇଛି। ଏହାକୁ ପୂରା ବିଶ୍ୱରେ ପାଳନ କରାଯାଏ। ଏହା ଖେଳୁଆଡ଼ ମନୋଭାବ, ଶୃଙ୍ଖଳା ଓ ସକ୍ରିୟ ଜୀବନଶୈଳୀର ଗୁରୁତ୍ୱକୁ ଦର୍ଶାଏ। ଚଳିତ ବର୍ଷର ବିଶ୍ୱ ଆଥଲେଟିକ୍ସ ଦିବସ ଲାଗି ୱାର୍ଲ୍ଡ ଆଥଲେଟିକ୍ସ ପକ୍ଷରୁ ଏ ପର୍ଯ୍ୟନ୍ତ କୌଣସି ଥିମ ଘୋଷଣା କରାଯାଇ ନାହିଁ। ପ୍ରତ୍ୟେକ ବର୍ଷ ଥିମ କ୍ରୀଡ଼ା ବିକାଶର ବିଭିନ୍ନ ଦିଗକୁ ପ୍ରଦର୍ଶିତ କରେ।

ବିଶ୍ୱ ଆଥଲେଟିକ୍ସ ଦିବସ ପ୍ରଥମେ ୧୯୯୬ରେ ପାଳିତ ହୋଇଥିଲା। ପ୍ରିମୋ ନେବିଓଲୋଙ୍କ ନେତୃତ୍ୱାଧୀନ ଆଇଏଏଏଫ୍ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଥ୍‌ଲେଟିକ୍ସ ପ୍ରତି ଇଚ୍ଛା ସୃଷ୍ଟି କରିବା ପାଇଁ ଏହାକୁ ଆରମ୍ଭ କରାଯାଇଥିଲା।



# ଦିବ୍ୟଦର୍ଶିନୀ, କାଜଲଙ୍କ ଶତକ

**ଭୁବନେଶ୍ୱର, ୬।୫ (ବିଜୟ ରଣା)**

**ଆନ୍ତଃ ଜିଲା ମହିଳା କ୍ରିକେଟ**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ଜିଲା ମହିଳା ଟି୨୦ କ୍ରିକେଟ ସୁପର ଲିଗ୍ ପର୍ଯ୍ୟାୟରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ଗୁଡ଼ିକରେ କଟକ, ଯାଜପୁର ବଲାଙ୍ଗୀର, ଭୁବନେଶ୍ୱରର ସହଜ ବିଜୟ ହାସଲ କରିଛନ୍ତି। କଟକସ୍ଥିତ ରେଭେନ୍ସା ଗ୍ରାଉଣ୍ଡ-୧ରେ ଖେଳାଯାଇଥିବା ମ୍ୟାଚରେ କଟକ ୧୦୧ରନରେ ଭଦ୍ରକକୁ ହରାଇ ଦେଇଛି। ଏଥିରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା କଟକ ମୋନାଲିସା ରାଉତଙ୍କ ଅପରାଜିତ ୮୧ରନ (୫୨ ବଲ୍) ବଳରେ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ବିନିମୟରେ ୧୭୩ ରନ କରିଥିଲା। ଜବାବରେ ଭଦ୍ରକ ନିର୍ଦ୍ଧାରିତ ଓଭରରେ ୯ଉଇକେଟ ହରାଇ ୭୨ ରନ କରିପାରିଥିଲା। ବିପକ୍ଷ ଦଳର ଜାହ୍ନବୀ ଷଡ଼ଙ୍ଗୀ ୩ ଓ ଶୁଭ୍ରା ସ୍ୱାଇଁ ୨ ଉଇକେଟ ନେଇଥିଲେ। ବିଜୟୀ ଦଳର ମୋନାଲିସା ରାଉତ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେହିପରି ରେଭେନ୍ସା ଗ୍ରାଉଣ୍ଡ-୨ରେ ସମ୍ବଲପୁରକୁ ୯୭ ରନରେ ପରାସ୍ତ କରିଛି ଯାଜପୁର। ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ଯାଜପୁର ନିର୍ଦ୍ଧାରିତ କାଜଲ ଜେନା (୧୦୧, ୬୬ ବଲ୍)ଙ୍କ ଅପରାଜିତ ଶତକ ଓ ଆଲିପ୍ସା ବିଶ୍ୱାଳ (୫୦ରନ, ୩୬ ବଲ୍)ଙ୍କ ଅର୍ଦ୍ଧଶତକ ସହାୟତାରେ ସହାୟତାରେ ୨ ଉଇକେଟରେ ୧୮୮ ରନ କରିଥିଲା। ଜବାବରେ ସମ୍ବଲପୁର ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ହରାଇ ୯୧ରନ କରିବାରେ ସମର୍ଥ ହୋଇଥିଲା। ଯାଜପୁର ଦଳର କାଜଲ ଜେନା ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ଡ୍ରିମ୍ସ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚରେ ବଲାଙ୍ଗୀର ୮ଉଇକେଟରେ କିଟ୍‌କୁ ହରାଇ ଦେଇଛି। ପ୍ରଥମେ ବ୍ୟାଟିଂ କରିଥିବା କିଟ୍ ୧୪.୪ ଓଭରରେ ମାତ୍ର ୩୮ରନ କରି ଅଲ୍‌ଆଉଟ ହୋଇ ଯାଇଥିଲା। ବିପକ୍ଷ ଦଳର ଶାରଦା ମହାନନ୍ଦ(୩-୨-୧-୩) ଓ ରସନାରା ପରବିନ(୨.୪-୦-୬-୩) ତିନୋଟି ଲେଖାଏଁ ଉଇକେଟ ହାସଲ କରିଥିଲେ। ବଲାଙ୍ଗୀର ୬.୧ ଓଭରରେ ୨ ଉଇକେଟରେ ୪୧ ରନ କରି ମ୍ୟାଚ ଜିତି ନେଇଥିଲା। ସେହିପରି ବିଡ଼ାନାସୀ ଗ୍ରାଉଣ୍ଡରେ ବରଗଡ଼ ବିପକ୍ଷରେ ଭୁବନେଶ୍ୱର ୧୨୧ରନରେ ବୃହତ୍ ବିଜୟ ହାସଲ କରିଛି। ଏଥିରେ ସୁଶ୍ରୀ ଦିବ୍ୟଦର୍ଶିନୀ (୧୧୧ ରନ*, ୬୭ବଲ୍)ଙ୍କ ଅପରାଜିତ ଶତକ ସହାୟତାରେ ୨ଉଇକେଟ ବିନିମୟରେ ୧୮୦ରନ କରିଥିଲା। ଜବାବରେ ବଲାଙ୍ଗୀର ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ବିନିମୟରେ ୫୯ରନ କରିବାରେ ସକ୍ଷମ ହୋଇଥିଲା। ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅପରାଜିତ ଶତକ ବ୍ୟତୀତ ସେ ୧୫ ରନ ବିନିମୟରେ ୨ଟି ଉଇକେଟ ଅକ୍ତିଆର କରିଥିଲେ।



ସୁଶ୍ରୀ ଦିବ୍ୟଦର୍ଶିନୀ



କାଜଲ ଜେନା

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ